# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୧୫/୨୦୨୨ (୧୬ ପୃଷ୍ଠା) Bhubaneswar, Wednesday, June 15/2022 Page 16 ₹ 7.00 ★★★★

୪୮ଶ ଭାଗ ୨୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP Quality Since 1965
MADHUBAN
Safal TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

DHARITRI
ଭୁବନେଶ୍ୱର, ବୁଧବାର, ଜୁନ୍ ୧୫/୨୦୨୨ (୧୬ ପୃଷ୍ଠା) Bhubaneswar, Wednesday, June 15/2022 Page 16 | ପୃଷ୍ଠା-୧



ମଙ୍ଗଳବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପୁରୀ ଶ୍ରୀମନ୍ଦିର ସ୍ନାନବେଦୀରେ ଦାରୁଦିଅଁଙ୍କ ଦିବ୍ୟସ୍ନାନ। (ରିପୋର୍ଟ: ପୃଷ୍ଠା-୩)

# ଗ୍ରାମାଞ୍ଚଳ ବେଆଇନ ନିର୍ମାଣ ଉପରେ ଅଙ୍କୁଶ

ଭୁବନେଶ୍ୱର,୧୪।୬(ବ୍ୟୁରୋ)

- ୫୦୦ ବର୍ଗମିଟରରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ଓରେରା ପଞ୍ଜୀକରଣ ବାଧ୍ୟତାମୂଳକ
- ଅଣପଞ୍ଜୀକୃତ ପ୍ରକଳ୍ପକୁ ଅକୁପାନ୍ସି ମନା

ଗ୍ରାମାଞ୍ଚଳରେ ୫୦୦ ବର୍ଗମିଟରରୁ ଅଧିକ ଅଞ୍ଚଳରେ ବାସଗୃହ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରୁଥିବା ବିଲ୍ଡର୍ସ/ଡେଭେଲପର୍ସମାନଙ୍କୁ ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା)ରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ କରାଯାଇଛି। ମନଇଚ୍ଛା ବେଆଇନ ପ୍ରକଳ୍ପ ନିର୍ମାଣ ଉପରେ ଅଙ୍କୁଶ ଲଗାଇବାକୁ ଏଭଳି ପଦକ୍ଷେପ ନିଆଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସହରତଳି ଅଞ୍ଚଳ ଅଥବା ଉନ୍ନୟନ କର୍ତ୍ତୃପକ୍ଷ(ଡେଭେଲପ୍‌ମେଣ୍ଟ ଅଥରିଟି)ଙ୍କ ବାହାରେ ବେଆଇନ ଭାବେ ବହୁ ଅଟ୍ଟାଳିକା ନିର୍ମାଣ କରାଯାଉଛି। ସେ ସବୁ ଘର କ୍ରୟକରି ଲୋକମାନେ ନିଜ ନାମରେ ସେଗୁଡ଼ିକୁ ପଞ୍ଜୀକରଣ କରିପାରୁ ନାହାନ୍ତି। ଓରେରାରୁ ଅକୁପାନ୍ସି ସାର୍ଟିଫିକେଟ ବାଧ୍ୟତାମୂଳକ କରାଯାଇଥିବାରୁ ରେଜିଷ୍ଟ୍ରେଶନ କରିବା ସମ୍ଭବ ହୋଇପାରୁନାହିଁ। ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଗୋରୁ, ଆଇଏଏସ୍

ଆଖି ବୁଜିଲା ଗୁଳିବିଦ୍ଧ ହାତୀ

ପୃଷ୍ଠା-୩










STORES ONLY AT
BHUBANESWAR 621, Saheed Nagar, Janpath
BHUBANESWAR 309 District Centre, Chandrasekharpur
BERHAMPUR Venkatraju Arcade, Sano Bazar
CUTTACK 558/834, Cantonment Road
JHARSUGUDA Sarbahal Road, Jharsuguda
ROURKELA Kesar Bhawan, Main Road
NOWHERE ELSE
Toll Free: 1800 3131 777 | Follow us:

5% EXTRA CASHBACK# SBI card
#Min. Trxn.: ₹20,000; Max. Cashback: ₹2,500 per card account. Validity: 06 Jun - 15 Jun 2022. T&C Apply.

**ଆଜିର ମନ୍ତବ୍ୟ**

"ଭାଜପା ମହାରାଷ୍ଟ୍ରରେ ରାଜ୍ୟ ସଭା ଆସନ ଜିତିବାର ଉତ୍ସବ ପାଳୁଛି। କିନ୍ତୁ ଲଦାଖରେ କେବେ ବିଜୟ୍ ହାସଲ କରିବ? ଚାଇନାର ବେଆଇନ ନିର୍ମାଣ ଉପରେ କେବେ ବୁଲ୍‌ଡୋଜର ଚାଲିବ?

– ସଞ୍ଜୟ ରାଉତ, ଶିବସେନା ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:...................................

ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବ ସଅଳ ଶୋଇବ ଆଗେ**
**ଉଠିବ ସକାଳେ ଚାଲିବ ବେଗେ।**

ରାତ୍ରିର ଖାଦ୍ୟ ଶୀଘ୍ର ଖାଇ ଶୀଘ୍ର ବିଛଣାକୁ ଯିବା ଉଚିତ। ଶୀଘ୍ର ଶୋଇଲେ ବଡି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲା ବୁଲା କଲେ ଦେହ ସୁସ୍ଥ ରହିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଖରା ନାହିଁ ତରା ନାହିଁ**
**ବୁଲୁଥାଇ କାହିଁ ପାଇଁ।**

ଉଦ୍ଦେଶ୍ୟ ନ ଥାଇ ଖରା ତରାରେ ଏଣେତେଣେ ବୁଲିଲେ ଲାଭ କିଛି ମିଳି ନ ଥାଏ। ଓଲଟି ବୃଥା ଭ୍ରମିବା ଦ୍ୱାରା ସ୍ୱାସ୍ଥ୍ୟହାନି ଘଟିବାର ଆଶଙ୍କା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଖଣି ଜଗିବ ଡ୍ରୋନ୍

## ଟେଣ୍ଡର ଆହ୍ୱାନ କଲା ଖଣି ବିଭାଗ

**ଭୁବନେଶ୍ୱର,୧୪ା୬(ବ୍ୟୁରୋ)**

ବେଆଇନ ଖଣି କାରବାର ଉପରେ ନଜର ରଖିବ ଡ୍ରୋନ୍। ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରି ଖଣି ଚୋରିକୁ ରୋକାଯିବ। ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ରିମୋଟ୍ ସେନ୍ସିଂ ଭଳି ଜ୍ଞାନକୌଶଳକୁ ଏଥିରେ ବ୍ୟବହାର ପାଇଁ ନିଷ୍ପତ୍ତି ହୋଇଛି।

ଏଥିପାଇଁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସଂସ୍ଥାକୁ ନିୟୋଜିତ ଲାଗି ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଆହ୍ୱାନ କରାଯାଇଛି। ଏଥିପାଇଁ ଆସନ୍ତା ୧୭ ତାରିଖ ସୁଦ୍ଧା ବିଡରମାନେ ଆବେଦନ କରିବାକୁ କୁହାଯାଇଛି। ଜୁଲାଇ ୪ରେ ଇଓଆଇ ଖୋଲାଯିବ ଏବଂ ସେହିମାସ ୧୧ ତାରିଖରେ ଟେଣ୍ଡର ଚୂଡ଼ାନ୍ତ ହେବ।

ଡ୍ରୋନ୍ ଦ୍ୱାରା ସଂଗୃହୀତ ତଥ୍ୟ, ଫଟୋ ଓ ଭିଡିଓକୁ ଏହି ସଂସ୍ଥା ଏକ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ଲାଟ୍‌ଫର୍ମରେ ଉପଲବ୍ଧ କରାଇବ। ଲିଜ୍ ଦିଆଯାଇଥିବା କୌଣସି ଖଣିରେ ବେଆଇନ ଭାବେ ଖନନ ହେଲେ ତାହାକୁ ବିଭାଗୀୟ ଅଧିକାରୀଙ୍କ ନଜରକୁ ଆଣିବ। ଖଣି ଲିଜ୍ ଓ ଏଠାରୁ ଉତ୍ତୋଳନ ସଂକ୍ରାନ୍ତୀୟ ସମସ୍ତ ତଥ୍ୟକୁ ଏହି ପ୍ଲାଟ୍‌ଫର୍ମ ଅନୁଶୀଳନ କରିବା ସହିତ ତାହାର ରିପୋର୍ଟ ଭିଡିଓ ଆକାରରେ ପ୍ରଦାନ କରିବ। ଏହି ପ୍ଲାଟ୍‌ଫର୍ମ ବର୍ତ୍ତମାନର ଆଇ ୩ ଏମ୍‌ଏସ୍ ଜ୍ଞାନକୌଶଳ ସଂଶ୍ଳିଷ୍ଟ ହେବା ସହିତ ବର୍ତ୍ତମାନର ପ୍ରଯୁକ୍ତି ବିଦ୍ୟାର ଏକ ଅଂଶବିଶେଷ ହେବ।

ଡ୍ରୋନ୍ ଜରିଆରେ ବିଭାଗ ଲିଜ୍ ଦିଆଯାଇଥିବା ଖଣିର ସୀମା, ବ୍ୟବହାର ହେଉଥିବା ଜମି, ଉତ୍ତୋଳନ ସ୍ଥିତି, ମହଜୁଦ ଆଦି ସମ୍ପର୍କରେ ସୂଚନା ପାଇପାରିବ। ଏହି ଡ୍ରୋନ୍ ଦ୍ୱାରା ମଧ୍ୟ ଖଣି ଉତ୍ତୋଳନ, ସର୍ଭେ ଏବଂ ଗ୍ରହଣ କରାଯାଉଥିବା ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଜଣାପଡ଼ିବ। ଅଷ୍ଟ୍ରେଲିଆ ଓ ଆଫ୍ରିକୀୟ ଦେଶଗୁଡ଼ିକରେ ଖଣି କାରବାର ନେଇ ଡ୍ରୋନ୍‌ର ବ୍ୟବହାର କରାଯାଉଛି। ଏହାଦ୍ୱାରା ବେଆଇନ ଖଣି କାରବାର ଉପରେ ନଜର ରଖାଯିବା ସହ ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ।

ଭାରତରେ ବର୍ତ୍ତମାନ ସୁଦ୍ଧା ଡ୍ରୋନ୍ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ନିକଟରେ କେନ୍ଦ୍ର ସରକାର ଡ୍ରୋନ୍ ନୀତି ଆଣିଛନ୍ତି। ଏହାଦ୍ୱାରା ଖଣି ଅଞ୍ଚଳରେ ଡ୍ରୋନ୍ ବ୍ୟବହାର ପାଇଁ ଏକପ୍ରକାର ପଥ ପରିଷ୍କାର ହୋଇଛି। ଡ୍ରୋନ୍‌କୁ ଅତି ସହଜରେ ମୋବାଇଲ୍ ଆପ୍ ଦ୍ୱାରା ପରିଚାଳନା କରାଯାଇପାରୁଛି। ମାନବରହିତ ଏହି ଯାନ ସମୟ, ଶକ୍ତି ବଞ୍ଚାଇବା ସହିତ ଦୁର୍ଗମ ଅଞ୍ଚଳରେ ସହଜରେ ପହଞ୍ଚି ପାରୁଛି। ଏହାକୁ ଚଳାଇବା ପାଇଁ ଜଣେ ମାତ୍ର ବ୍ୟକ୍ତି ଆବଶ୍ୟକ।

ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ, ଯିଏ କି ଖଣି କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ବ୍ୟବହାର କରୁଛି। ରାଜ୍ୟ ସରକାର ବୈପ୍ଳବିକ ସମନ୍ୱିତ ଖଣି ଓ ଖଣିଜ ପରିଚାଳନା ବ୍ୟବସ୍ଥା ଏବଂ ଆଇ ୩ ଏମ୍‌ଏସ୍ କାର୍ଯ୍ୟକାରୀ କରିଛନ୍ତି। ଏହାଛଡ଼ା ଖଣି କ୍ଷେତ୍ରରେ ପରମିଟ ପରିଚାଳନା, ଇ-ପାସ୍ ପରିଚାଳନା, ରୟାଲଟି ମ୍ୟାନେଜ୍‌ମେଣ୍ଟ, ଭିଟିଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଏହାକୁ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଅନୁସରଣ କରୁଛନ୍ତି। ଗତ ଦଶନ୍ଧି ମଧ୍ୟରେ ଖଣିଜ କ୍ଷେତ୍ରରେ ବ୍ୟାପକ ସଂସ୍କାର କାର୍ଯ୍ୟକାରୀ ହୋଇଛି। ଖଣି କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ଜ୍ଞାନକୌଶଳ ବ୍ୟବହାର ସହିତ ରାଜ୍ୟ ସରକାର ଖଣି ଏବଂ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ଅଧିନିୟମ ଆଣିଛନ୍ତି। ଏହାଦ୍ୱାରା ସମଗ୍ର ଦେଶରେ ଓଡ଼ିଶାରେ ସର୍ବାଧିକ ଖଣି ନିଲାମ ହୋଇପାରିଛି। ରାଜ୍ୟ ସରକାର ଖଣି କ୍ଷେତ୍ରରୁ ରାଜସ୍ୱର ସିଂହଭାଗ ପାଉଛନ୍ତି। ଡ୍ରୋନ୍ ଦ୍ୱାରା ଖଣି ଚୋରିକୁ ରୋକାଯାଇପାରିବ ଓ ରାଜ୍ୟର ରାଜସ୍ୱ ବୃଦ୍ଧିରେ ଏହା ସହାୟକ ହୋଇପାରିବ ବୋଲି ଖଣି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଦକ୍ଷିଣପୁର ଘାଇରେ ହାତୀପଲ

**ବ୍ରହ୍ମପୁର ଅଫିସ,୧୪ା୬**

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଦକ୍ଷିଣପୁର ଘାଇ ନିକଟକୁ ମଙ୍ଗଳବାର ପୂର୍ବାହ୍ନରେ ୮ ହାତୀ ଆସିଯାଇ ଥିଲେ। ଉକ୍ତ ପଲରେ ମାଇ ହାତୀ ଓ ଛୁଆ ହାତୀ ରହିଥିବା ଏସିଏଫ ଅଶୋକ କୁମାର ବେହେରା ସୂଚନା ଦେଇଛନ୍ତି। ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରହିଛି।

ବ୍ରହ୍ମପୁର ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦକ୍ଷିଣପୁର ନିକଟସ୍ଥ କୁମ୍ଭଝରୀ ଅଞ୍ଚଳରୁ ହାତୀପଲ ଦକ୍ଷିଣପୁର ଘାଇକୁ ଆସିଥିବା ଖବର ମିଳିଥିଲା। ପରେ ବନ ବିଭାଗ ଓ ରେସ୍କ୍ୟୁ ଟିମ୍ ମିଳିତ ଭାବେ ହାତୀପଲକୁ କିଭଳି ପୁଣି କୁମ୍ଭଝରୀ ଅଞ୍ଚଳକୁ ଫେରିଯିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଉଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ କହିଛନ୍ତି। ତେବେ କେଉଁ କାରଣରୁ ହାତୀପଲ ଉକ୍ତ ଅଞ୍ଚଳକୁ ଆସିଲେ ତାହାର କାରଣ ଜଣାପଡିନାହିଁ। ବର୍ତ୍ତମାନ ହାତୀଙ୍କୁ ସେମାନଙ୍କ ସ୍ଥାନକୁ ଫେରାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଟାମଣା ଜଙ୍ଗଲ ସ୍ଥିତ ରାମଗୁଡା ସଂରକ୍ଷିତ ଜଙ୍ଗଲରେ ଗୋଟିଏ ପଲରେ ୪ଟି ହାତୀ ଓ ଅନ୍ୟ ଏକ ପଲରେ ୬ଟି ହାତୀ ଅଛନ୍ତି। ପ୍ରତିବର୍ଷ ହାତୀପଲ ଦକ୍ଷିଣପୁର ଘାଇକୁ ଆସି ପୁଣି ଥରେ ଜଙ୍ଗଲକୁ ଫେରିଯାଉଥିଲେ ବୋଲି ଅଞ୍ଚଳବାସୀ କହିଛନ୍ତି। କିନ୍ତୁ ଚଳିତଥର ହାତୀପଲ କୌଣସି କାରଣରୁ ଫେରିପାରି ନାହାନ୍ତି।



ଦକ୍ଷିଣପୁର ଘାଇକୁ ଆସିଥିବା ହାତୀ ପଲ।

# ପୁରୀ-ରଙ୍ଗପଡ଼ା ନର୍ଥ-ପୁରୀ ବିଶେଷ ଟ୍ରେନ୍ ସେବା ଜୁଲାଇ ୨୫ ପର୍ଯ୍ୟନ୍ତ ବୃଦ୍ଧି

**ଭୁବନେଶ୍ୱର,୧୪ା୬(ବ୍ୟୁରୋ)**

ଯାତ୍ରୀଙ୍କ ସୁବିଧା ପାଇଁ ୦୫୮୭୦-୦୫୮୬୯ ରଙ୍ଗପଡ଼ା ନର୍ଥ-ପୁରୀ-ରଙ୍ଗପଡ଼ା ନର୍ଥ (ଆସାମ) ବିଶେଷ ଟ୍ରେନ୍ ସେବାକୁ ରଙ୍ଗପଡ଼ା ନର୍ଥଠାରୁ ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିସହ ପୁରୀଠାରୁ ଏହାର ସେବାକୁ ଜୁଲାଇ ୨୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ରଙ୍ଗପଡ଼ା ନର୍ଥ ଠାରୁ ଜୁଲାଇ ୧୩ ଓ ପୁରୀଠାରୁ ଜୁଲାଇ ୧୫ ପର୍ଯ୍ୟନ୍ତ ଏହି ବିଶେଷ ଟ୍ରେନ ସେବା ରହିଥିଲା। ଏନେଇ ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ତେବେ ଏହି ଟ୍ରେନ ପାଇଁ ସ୍ଥିରୀକୃତ ଷ୍ଟେଶନ ଏବଂ ସମୟ ସାରଣୀରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଅନ୍ୟପକ୍ଷରେ ଟ୍ରେନଗୁଡ଼ିକର ଉନ୍ନତ ଗତି ଏବଂ ଯାତ୍ରୀ ଓ ଟ୍ରେନ ନିରାପତ୍ତା ପାଇଁ ସମ୍ପୃକ୍ତ କେତେକ ରେଳ ସେକ୍ସନ ମଧ୍ୟରେ ଜରୁରି ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ହେବାର ଯୋଜନା ରହିଛି।

### ଜରୁରୀ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ୨ ଦିନ ୬ ଟ୍ରେନ ବାତିଲ

ତେଣୁ ଉଭୟ ପାର୍ଶ୍ୱରୁ ଜୁନ ୧୮ ଓ ୧୯ରେ ୬ଟି ଟ୍ରେନ୍‌କୁ ବାତିଲ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଟ୍ରେନ୍‌ଗୁଡ଼ିକ ହେଲା ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍,୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍, ୨୨୮୨୦/୨୨୮୧୯ ବିଶାଖାପଟନମ୍-ଭୁବନେଶ୍ୱର-ବିଶାଖାପଟନମ୍ ଇଣ୍ଟରସିଟି ଏକ୍ସପ୍ରେସ୍, ୧୮୫୩୨/୧୮୫୩୧ ବିଶାଖାପଟନମ୍-ପଲାସା-ବିଶାଖାପଟନମ୍ ଏକ୍ସପ୍ରେସ୍, ୦୮୫୪୬/୦୮୫୪୫ ବିଶାଖାପଟନମ୍-କୋରାପୁଟ-ବିଶାଖାପଟନମ୍ ପାସେଞ୍ଜର ସ୍ପେଶାଲ ଏବଂ ୧୮୪୧୭/୧୮୪୧୮ ପୁରୀ-ଗୁଣୁପୁର-ପୁରୀ ଏକ୍ସପ୍ରେସ୍।

**ପ୍ରଥମ ପୃଷ୍ଠାରୁ...**

## ଗ୍ରାମାଞ୍ଚଳ ବେଆଇନ...

୨୦୨୨ ଜୁନ୍ ପହିଲା ପରଠାରୁ ବିନା ପଞ୍ଜୀକରଣରେ ନିର୍ମାଣ ହେଉଥିବା କୌଣସି ଆପାର୍ଟମେଣ୍ଟ କିମ୍ବା ବ୍ୟବସାୟ ପ୍ରତିଷ୍ଠାନକୁ ଅକୁପାନ୍ସି ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ। ଏଥିପାଇଁ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏକ ଗାଇଡ୍‌ଲାଇନ ଜାରି କରାଯାଇଛି। ନୂଆ ଗାଇଡ୍‌ଲାଇନ ଅନୁଯାୟୀ ୫୦୦ ବର୍ଗମିଟରରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ଓରେରାରେ ରିୟଲ ଇଷ୍ଟେଟ୍ (ରେଗୁଲେଶନ ଆଣ୍ଡ ଡେଭେଲପମେଣ୍ଟ) ଆଇନ-୨୦୧୬ର ସେକ୍ସନ -୩(୨) ଅଧୀନରେ ପଞ୍ଜୀକରଣ ବାଧ୍ୟତାମୂଳକ। ଗ୍ରାମାଞ୍ଚଳରେ ବିଡିଓମାନେ ଅଣପଞ୍ଜୀକୃତ କୌଣସି ପ୍ରକଳ୍ପକୁ ଅକୁପାନ୍ସି ସାର୍ଟିଫିକେଟ ଦେଇପାରିବେନାହିଁ। ଏହାପୂର୍ବରୁ ଉକ୍ତ ଗାଇଡ୍‌ଲାଇନ ଅନୁସରଣ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ ଗଢ଼ିଉଠିଥିବା ତଥା ବିଡିଓ ଏବଂ ସରପଞ୍ଚଙ୍କ ଦ୍ୱାରା ଅନୁମୋଦିତ ୧୪୬ଟି ଆବାସିକ, ବ୍ୟବସାୟିକ ପ୍ରକଳ୍ପ ପାଇଁ କୌଣସି ଗାଇଡ୍‌ଲାଇନ ନ ଥିବାରୁ ସେଗୁଡ଼ିକ ତ୍ରିଶଙ୍କୁ ଅବସ୍ଥାରେ ରହିଛି। ଏହି ପ୍ରକଳ୍ପଗୁଡ଼ିକରେ ନିର୍ମିତ ୨୨,୩୩୩ ଆବାସିକ ଗୃହ ଗ୍ରାହକଙ୍କ ନାମରେ ପଞ୍ଜୀକୃତ ହୋଇପାରୁନାହିଁ। କୋଟି କୋଟି ଟଙ୍କାର ପୁଞ୍ଜି ନିବେଶ କରିଥିବା ଡେଭେଲପରମାନେ ସେମାନଙ୍କ ଆପାର୍ଟମେଣ୍ଟକୁ ବିକ୍ରି କରିପାରୁନାହାନ୍ତି। ଅନ୍ୟପକ୍ଷରେ ସେମାନଙ୍କୁ ଜିଲା ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ(ଡିୟୁଡିଏ) ନିକଟରୁ ଅକୁପାନ୍ସି ସାର୍ଟିଫିକେଟ ଆଣିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ଡିୟୁଡିଏରେ କର୍ମଚାରୀ ଅଭାବ ଏବଂ ଅନ୍ୟାନ୍ୟ ସମସ୍ୟା ଯୋଗୁ ଦୀର୍ଘବର୍ଷ ଧରି ଅକୁପାନ୍ସି ସାର୍ଟିଫିକେଟ ମିଳିପାରୁ ନ ଥିବା ଅଭିଯୋଗ ହେଉଛି।

ଓରେରାରେ ଆବାସିକ ପ୍ରକଳ୍ପ ପାଇଁ ପ୍ରତି ବର୍ଗମିଟରକୁ ୫ ଟଙ୍କା ହିସାବରେ ସର୍ବାଧିକ ୨ଲକ୍ଷ ୫୦ ହଜାର ଟଙ୍କା, ବାଣିଜ୍ୟିକ ପ୍ରକଳ୍ପ ପାଇଁ ପ୍ରତି ବର୍ଗମିଟରକୁ ୧୦ ଟଙ୍କା ହିସାବରେ ସର୍ବାଧିକ ୫ ଲକ୍ଷ ଏବଂ ଉଭୟ ଆବାସିକ ଓ ବ୍ୟବସାୟିକ ପ୍ରକଳ୍ପ ପାଇଁ ପ୍ରତି ବର୍ଗମିଟରକୁ ୭ ଟଙ୍କା ହିସାବରେ ସର୍ବାଧିକ ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ତେବେ ବେଆଇନ ଜମି କାରବାର ଯୋଗୁ ପ୍ରକଳ୍ପ ଆୟରୁ ଓରେରା ନିଜ ଖର୍ଚ୍ଚ ତୁଲାଇବା ନେଇ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ମଧ୍ୟ ଧୂଳିସାତ୍ ହେଉଛି। ଅନ୍ୟପକ୍ଷରେ ରିୟଲ ଇଷ୍ଟେଟ ଆଇନ ଭିତରେ ରହି ସରକାରଙ୍କୁ ଟିକସ ଦେଉଥିବା ବିଲ୍‌ଡରମାନେ ମଧ୍ୟ ଏହି ବ୍ୟବସାୟରୁ ମୁହଁ ଫେରାଇବା ଆରମ୍ଭ କଲେଣି। ଯେଉଁ କେତେଜଣ ତିଷ୍ଠି ରହିଛନ୍ତି, ସେମାନେ ପ୍ରକଳ୍ପ ଅନୁମୋଦନରେ ବିଳମ୍ବ ହେଉଥିବାରୁ ସାଂଘାତିକ ଆର୍ଥିକ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ସରକାର ଏ ଦିଗରେ ତୁରନ୍ତ ଧ୍ୟାନ ନ ଦେଲେ ରିୟଲ ଇଷ୍ଟେଟ୍ ବ୍ୟବସାୟ ଅନ୍ଧକାରମୟ ହେବ ବୋଲି ରିୟଲ ଇଷ୍ଟେଟ ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ବେଆଇନ ଜମି ବିକ୍ରି ଉପରେ କଟକଣା ନ ଲଗାଇଲେ ଅସାଧୁ ବିଲ୍‌ଡରଙ୍କ କଳା କାରବାରକୁ ରୋକାଯାଇ ପାରିବନାହିଁ ବୋଲି ଓରେରାର ଜଣେ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ମାନସିକ ସ୍ତରରେ ସୌନ୍ଦର୍ଯ୍ୟବୋଧର ନୂତନ ଅନୁଭବକୁ ଉପଲବ୍ଧି କରିବେ। ଚେଷ୍ଟିତ କାମରେ ସଫଳତା ସଙ୍ଗକୁ ଆଶା କରୁଥିବା ଦିଗରୁ ଅଧିକ ଧନ ପାଇ ଖୁସି ହେବେ। ଅଫିସରେ ନୂତନ ଯୋଜନା କ୍ଷେତ୍ରରେ ଉଚ୍ଚ ଆଶା ଧରି ଆଗେଇବେ। ପରିବାରରେ ଅଶାନ୍ତି ଦୂର କରିବାରେ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡ଼ିପାରେ।

**ବୃଷ** – ଆଜି କୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ କିନ୍ତୁ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯାଇପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ଅସୁବିଧା ହେବନାହିଁ। ପିଲାଙ୍କ ବିଷୟରେ, ସମ୍ପର୍କ ହାନି ଯୋଗୁ ମାନସିକ ଅସ୍ଥିରତା ଦେଖାଦେବ।

**ମିଥୁନ** – ପ୍ରତିବନ୍ଧକ ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ସଫଳତା ପାଇବେ ନାହିଁ। ପରିବାର ଭିତରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କର୍କଟ** – ଯାହା ବହୁତ ଦିନ ହେଲା ମନେ ମନେ ଭାବୁଥିଲେ ଆଜି ତାହା ବାସ୍ତବରେ ପରିଣତ ହେବ। ଅନ୍ୟାୟ ବିରୋଧରେ ନିଜ ବନ୍ଧୁମାନଙ୍କଠାରୁ ସହଯୋଗ ପାଇବେନି। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ରହିଆସୁଥିବା ବିବାଦର ଅନ୍ତ ଘଟିବ। ସରକାରୀ ସ୍ତରରୁ କିମ୍ବା ଆଇନର ସାହାଯ୍ୟରୁ ଉପକୃତ ହେବେ।

**ସିଂହ** – ଆଜି ଦିନଟି କିଛି ସୁଖ ସଙ୍ଗକୁ କିଛି ଦୁଃଖର ମିଶ୍ରିତ ଅନୁଭୂତି ପାଇବେ। ପାରିବାରିକ ଅସ୍ଥିରତା କେତେକାଂଶରେ ଦୂରୀଭୂତ ହେବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ ଓ ଅଟକି ରହିଥିବା କାମଟିକୁ ସାକାର କରିପାରିବେ। ନିକଟସ୍ଥ କୌଣସି ବ୍ୟକ୍ତି ବିଶେଷଙ୍କ ଭୁଲ୍ ବୁଝାମଣା ଆକସ୍ମିକ ବିବାଦ ସୃଷ୍ଟିର କାରଣ ହୋଇପାରେ।

**କନ୍ୟା** – ଅଟକି ରହିଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବେ। ଚାକିରି କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପାରିବାରିକ ଦିଗରୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ ଏବଂ ପ୍ରଚେଷ୍ଟା ମଧ୍ୟ କାମକୁ ଆସିବ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ କିମ୍ବା ମରାମତିରେ, ଜିନିଷପତ୍ର ସଂଗ୍ରହରେ ବ୍ୟସ୍ତ ରହିପାରନ୍ତି।

**ତୁଳା** – ଶାରୀରିକ ଅସୁସ୍ଥତା ରହିଥିଲେ ମଧ୍ୟ କେତେକ କାମ କରିବାକୁ ପଡ଼ିବ। ଆଶା କରୁଥିବା ଦିଗରୁ ସହକର୍ମୀମାନଙ୍କ ସାହାଯ୍ୟରେ ଅର୍ଥ ପାଇବେ। ସାଂସ୍କୃତିକ କାର୍ଯ୍ୟକ୍ରମରୁ କିମ୍ବା ଉଚ୍ଚସ୍ତରରୁ ଏପରି କି ସଭାସମିତିରୁ ସମ୍ମାନିତ ହେବେ। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ କିନ୍ତୁ ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ମନ୍ଦ ନୁହେଁ।

**ବିଛା** – ସମସ୍ୟା ଆସିଲେ ମଧ୍ୟ ତାହାର ସରଳ ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଚେଷ୍ଟା କରୁଥିବା କାମରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସହାୟତା ପାଇବେ।

**ଧନୁ** – ଅନ୍ୟମାନଙ୍କ ଉପରେ ଅଭିମାନ କରି ସ୍ୱାସ୍ଥ୍ୟପ୍ରତି ଅବହେଳା କରିବା ହେତୁ ଅନୁତାପ କରିବାକୁ ପଡିପାରେ। ସଂଗଠନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାର ଭିତରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡିପାରେ।

**ମକର** – ଆଜି ଲୋକସମ୍ପର୍କ ବୃଦ୍ଧି ପାଇବ କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିଙ୍କ ସକାଶେ ଟେନସନ ବଢିଯିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଭାସମିତି, ଲେଖାପଢା ଓ ଚୁକ୍ତିପତ୍ରରୁ ଶୁଭଫଳ ପାଇବେ। ବନ୍ଧୁଙ୍କଠାରୁ କୌଣସି ଖବର ପାଇ ଖୁସି ହେବେ। କର୍ମକ୍ଷେତ୍ରରେ କୁଟନୀତି ପ୍ରୟୋଗ କରି ପ୍ରାଧାନ୍ୟ ବିସ୍ତାର କରି ପାରନ୍ତି।

**କୁମ୍ଭ** – କର୍ମକ୍ଷେତ୍ରରେ ସଫଳତା ହାସଲରେ କୌଣସି ଅସୁବିଧା ରହିବ ନାହିଁ। ରୋଗ, ଋଣ ଓ ଶତ୍ରୁତା ଚିନ୍ତାର ମୁଖ୍ୟ କାରଣ ହୋଇପାରେ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ ଏବଂ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ** – ଆଜି ଯାତ୍ରା ଓ ବାଣିଜ୍ୟ ସକାଶେ ଦିନଟି ବହୁତ ଭଲ ଏବଂ ବନ୍ଧୁ ମିଳନରୁ ଖୁସି ମଧ୍ୟ ରହିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ଏବଂ ବିଜୟ ଲାଭର ସମ୍ଭାବନା ମଧ୍ୟ ରହିଛି। ଡାଇବେଟିସ୍ କିମ୍ବା ଗ୍ୟାଷ୍ଟ୍ରିକ୍ ରୋଗୀମାନଙ୍କ ସକାଶେ ଆଜିର ଦିନଟି ଅନୁକୂଳ ନୁହେଁ।

**classifieds** Everyday 0674-2580101, 2549302



MATRIMONIAL

**BRIDE WANTED**

Fair female without child 40-45 for a handsome hr consultant age 54. ctcpkb@gmail.com/ 8999257106. D-721

**GROOM WANTED**

48 ବୟସ୍କା ଏକାକି ରହୁଥିବା Divorce Govt. ଚାକିରିଆ ବଣିଆ ଝିଅଙ୍କୁ ସନ୍ତାନ/ନିଃସନ୍ତାନ ପୁଅ ଦରକାର। 7749076723. D-726

Govt. Teacher ଭାବେ କାର୍ଯ୍ୟରତ ଦରମା-୭୫୦୦୦/- ୪୨ବୟସ୍କା ଅବିବାହିତା ଖଣ୍ଡାୟତ ସୁନ୍ଦର ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7326057574. D-730

Age-58, ଗୋପାଳ, Govt. ଚାକିରିଆ unmarried ଝିଅଙ୍କୁ anycaste married/ unmarried ପୁଅ ଦରକାର। 8327715036. D-727

44 ବର୍ଷର ମହିଳା Govt. Officeରେ Clerk postରେ କାର୍ଯ୍ୟରତ। ଘର-ନୟାଗଡ଼। ଘରଜ୍ୱାଇଁ ପ୍ରାଥମିକତା। 8763284487. D-743

real estate

**SALE**

Land for Sale near Adani Dhamra Port, Bhadrak. Area - 4 Acre 10 Decimal, Non Agri. Land (Converted to Gharabari), Clear Title of Land, Single Owner. Rate per Decimal - 2Lakhs, Connected to State Highway. Contact- 9738021978, 8917251410. D-73824

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73821

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368.** D-73261

200 ଫୁଟ ରାସ୍ତାକୁ ଲାଗି ନାଇକର ବର୍ଗଫୁଟ ୨୫୦/- ଟଙ୍କାରେ ଜାଗାବିକ୍ରି ହେଉଛି। 7609803855. D-73614

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଲକାଟିରେ sqft.1000/-. 8114929186.** D-73920

ଭୁବନେଶ୍ୱର ସୁନ୍ଦରପଦା ବେଣାବିଲ ମୌଜାରେ ରାସ୍ତାଥାଇ 5000 ବର୍ଗଫୁଟକୁ 20 ଲକ୍ଷରେ ବିକ୍ରି କରିବି। 9938016295. D-73262

**ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952.** D-73255

Sthitiban gharabari plot for sale in 1.5k.m. distance from Patia Railway Station with boundarywall, electricity, water supply available. 7978159231. D-73263

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

to-let

1BHK apartment first floor at NB Heights, Vaishnomata Vihar, Sudarpada. M: 9178472799. D-708

**2BHK with Garage near Tankapani Road, Siridisai Temple. Contact: 7008860369.** D-71644

Residential house in lane opposite HDFC Bank, Lewis Road, Bhubaneswar having two Bedrooms, Dining, Drawing, Pujaroom, Two Toilet Kitchen, Balcony for Govt./ PSU Service holders. Contact: 9619530420. D-73509

healthcare

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73822

Newly open SPA positively health benefit with expert. Contact: 7749976301. D-73819

**Relax, Refresh your body, Mind at Saikrupa Spa with best therapies. 8984068077.** D-668

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୧୨,୨୨,୬୪୪ | ୬୩,୩୨,୮୧୬ | ୫୧,୬୪,୮୨,୪୨୧ |
| ଭାରତ | ୪,୩୨,୩୬,୬୯୫ | ୫,୨୪,୭୭୭ | ୪,୨୬,୬୧,୩୭୦ |
| ଓଡ଼ିଶା | ୧୨,୮୮,୬୭୪ | ୯୧୨୬(+୫୩) | ୧୨,୭୯,୩୫୧ |

ମଙ୍ଗଳବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଗଜାନନ ବେଶରେ ମହାପ୍ରଭୁ

- **ନୀତିକାନ୍ତିରେ ଦେଢ଼ ଘଣ୍ଟା ବିଳମ୍ବ**
- **୭ଟା ୪୦ରେ ସ୍ନାନବେଦୀରେ ପହଞ୍ଚିଲେ**

**ପୁରୀ ଅଫିସ,୧୪।୬**

ଜ୍ୟେଷ୍ଠ ପୂର୍ଣ୍ଣିମା ଶୁକ୍ଳପକ୍ଷ ଅବସରରେ ମଙ୍ଗଳବାର ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଭକ୍ତଙ୍କ ଗହଣରେ ସ୍ନାନଯାତ୍ରା ହୋଇଥିବାରୁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କରୋନାର କଷଣରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଦୂରତାର ଅନ୍ତ ଘଟିଛି। ସ୍ନାନବେଦୀରେ ଦୁର୍ଲଭ ଗଜାନନ ବେଶରେ ଦାରୁଦିଅଁଙ୍କୁ ଦର୍ଶନ କରି ଭକ୍ତ ଭାବବିହ୍ୱଳ ହୋଇପଡ଼ିଛନ୍ତି। ତେବେ ସ୍ନାନପୂର୍ଣ୍ଣିମା ନୀତିକାନ୍ତି ନିର୍ଦ୍ଧାରିତ ସମୟର ଦେଢ଼ ଘଣ୍ଟା ବିଳମ୍ବରେ ହୋଇଛି। ମହାପ୍ରଭୁଙ୍କୁ ପହଣ୍ଡି କରି ସକାଳ ୬ଟା ସୁଦ୍ଧା ସ୍ନାନ ମଣ୍ଡପକୁ ଅଣାଯିବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ସ୍ନାନବେଦୀରେ ମହାପ୍ରଭୁ ଅଧିଷ୍ଠିତ ହେଲା ବେଳକୁ ସମୟ ୭ଟା ୪୦ ହୋଇଥିଲା। ଏହାପରେ ନୀତିକାନ୍ତି କ୍ରମାନ୍ୱୟରେ କରାଯାଇଥିଲା। ମଙ୍ଗଳଆଳତି, ମଇଲମ, ତଡ଼ପ ଲାଗି, ଅଧରପୋଛା ଓ ଅବକାଶ ଭଳି ନୀତି ଦିନ ୧୦ଟା ସୁଦ୍ଧା ଶେଷ ହୋଇଥିଲା। ପରେ ବେଶ ଶେଷ ହୋଇ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଜଳବିଜେ, ପୂଜା ଓ ସ୍ନାନ ଇତ୍ୟାଦି କରାଯାଇଥିଲା। ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ଦେଖିବା ପାଇଁ ଶ୍ରୀମନ୍ଦିର ସମ୍ମୁଖ ଲୋକାରଣ୍ୟ ହୋଇଉଠିଥିଲା। ଶୀତଳା ମନ୍ଦିର ନିକଟରେ ସୁନା କୂଅରୁ ମହାସୁଆର ସେବକମାନେ ଜଳ ସଂଗ୍ରହ କରି ଭୋଗମଣ୍ଡପରେ ରଖିଥିଲେ। ସମ୍ପୃକ୍ତ ୧୦୮ ଗରା ଶୀତଳ ଜଳରେ ମହାପ୍ରଭୁ ସ୍ନାନ କରିଥିଲେ। ଗରାବଡ଼ୁ ସେବକ ତମ୍ବା, ସୁନା ଓ ରୂପା ଗରାରେ ଏହି ସୁବାସିତ ଜଳ ମହାପ୍ରଭୁଙ୍କୁ ଲାଗି କରାଇଥିଲେ। ମଇଲମ, ମେକାପ ସର୍ବାଙ୍ଗ, ନୂଆ ଲୁଗା ଲାଗି ବେଶ, ଛେରାପହଁରା ହୋଇଥିଲା। ମହାରାଜା ଗଜପତି ଦିବ୍ୟସିଂହ ଦେବ ଉପସ୍ଥିତ ରହି ମହାପ୍ରଭୁଙ୍କ ନିକଟରେ ନୀତି ଓ ଛେରାପହଁରା ନୀତି ସମ୍ପାଦନ କରିଥିଲେ।

ରୀତିନୀତି ଅନୁଯାୟୀ, ପ୍ରଥମେ ସ୍ନାନମଣ୍ଡପର ମାର୍ଜନ କରି ଚନ୍ଦନ ପାଣିରେ ସଂସ୍କାର କରାଯାଇଥିଲା। ପବିତ୍ର ପୁଷ୍ପରେ ପହଁରା ମରାଯାଇଥିଲା। ଶେଷରେ ତିନି ବାଡ଼ରେ ଆଲଟ, ଚାମର, ମାଳଚୂଳ ଓ ପୁଷ୍ପାଞ୍ଜଳି ସମର୍ପଣ କରିଥିଲେ। ମହାପ୍ରଭୁଙ୍କ ସାନ୍ନିଧ ଲାଭ କରି ଗଜପତି ସ୍ନାନବେଦୀ ତ୍ୟାଗ କରିଥିଲେ। ଏହାପରେ ଗଜାନନ ବେଶ ସାରି ମହନ୍ତ ଶାଢି ଲଗାଇବା ବେଳକୁ ସମୟ ଅପରାହ୍ନ ୫ଟା ହୋଇସାରିଥିଲା। ସାହାଣ ମେଳା ଦର୍ଶନ ପାଇଁ ଭକ୍ତଙ୍କ ଆବେଗକୁ ଦୃଷ୍ଟି ଦେଇ ସେବାୟତମାନେ ନୀତିକାନ୍ତି ସଅଳ ସାରିବାର ପ୍ରୟାସ କରୁଥିବା ଦେଖିବାକୁ ମିଳିଥିଲା।



ଘଣ୍ଟଛତା ସକାଳ ଧୂପ ଓ ଦକ୍ଷିଣଘର ଭୋଗ ସାରିବା ପରେ ସାହାଣ ମେଳା ଦର୍ଶନ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ ପାଇଁ ଆସିଥିବା ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କମ୍ପି ଉଠିଥିଲା। ଭକ୍ତମାନେ ଗୋଟିଏ ବ୍ୟାରିକେଡ୍‌ରେ ତଳୁ ରହି ଓ ଅନ୍ୟ ବ୍ୟାରିକେଡ୍‌ରେ ସ୍ନାନବେଦୀ ନିକଟକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ସାହାଣମେଳା ଦର୍ଶନ ସରିବା ପରେ ପୁଷ୍ପାଞ୍ଜଳି ଡୋର ଲାଗି ନୀତି ସାରି ବାହୁଡ଼ା ପହଣ୍ଡି କରାଯାଇଥିଲା। ବାହୁଡ଼ା ପହଣ୍ଡି ସରି ବିଳମ୍ବିତ ରାତିରେ ମହାପ୍ରଭୁଙ୍କର ସୁନାଚିତା ଓ ରାହୁରେଖା ମଇଲମ କରାଯାଇଛି। ପୁରୀ ଜିଲାପାଳ ସମର୍ଥ ବର୍ମା ସ୍ନାନପୂର୍ଣ୍ଣିମା ନୀତିକାନ୍ତି କଣ୍ଟୃଙ୍ଖଳିତ ହୋଇଥିବା ଦର୍ଶାଇ କହିଛନ୍ତି, ପ୍ରଶାସନ ତରଫରୁ କରାଯାଇଥିବା ବ୍ୟବସ୍ଥା ସଫଳ ହୋଇଛି। ଶାନ୍ତିଶୃଙ୍ଖଳାରେ ଭକ୍ତମାନେ ପ୍ରସନ୍ନ ଚିତ୍ତରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେବାୟତ, ଭକ୍ତ ଓ ଅନ୍ୟ ସମସ୍ତ ଅଂଶୀଦାରମାନେ ନିଜ ଦାୟିତ୍ୱ ଠିକ୍ ରୂପେ ସମ୍ପାଦନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ସେହିଭଳି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଆଇନ ଶୃଙ୍ଖଳା ଦିଗରେ ପୋଲିସର ଏହା ଏକ ବଡ଼ ସଫଳତା। ଟ୍ରାଫିକ୍ ନିୟନ୍ତ୍ରଣଠାରୁ ଆରମ୍ଭ କରି ଶ୍ରୀମନ୍ଦିର ଚାରିପାଖରେ ସୁରକ୍ଷା ବ୍ୟବସ୍ଥା ଭଳି ସବୁ ଦିଗରେ ପୋଲିସ ଠିକ୍ କାର୍ଯ୍ୟ କରିଛି। ଗହଳି ଥିବା ସତ୍ତ୍ୱେ ମଧ୍ୟ କୌଣସି ବ୍ୟତିକ୍ରମ ଦେଖିବାକୁ ମିଳିନାହିଁ ବୋଲି ଏସ୍‌ପି କହିଛନ୍ତି।

# ବିଲରୁ ମିଳିଲା ମା, ପୁଅଙ୍କ ମୃତଦେହ

**ହାଟଡିହୀ/କେନ୍ଦୁଝର, ୧୪।୬(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ନନ୍ଦିପଦା ଥାନା ହାବଳେଶ୍ୱର ପଞ୍ଚାୟତ ମଙ୍ଗରାଜପୁର ଆଦିବାସୀ ସାହି ନିକଟ ଚାଷ ଜମିରୁ ମଙ୍ଗଳବାର ମା, ପୁଅଙ୍କ ମୃତଦେହ ଜବତ ହୋଇଛି। ଉଭୟଙ୍କର ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନି। ଏହା ଅଂଶୁଘାତଜନିତ ମୃତ୍ୟୁ ହୋଇପାରେ ବୋଲି ସନ୍ଦେହ କରାଯାଉଛି।

ମା' ଜେମା ଦାସ (୫୫) ଏବଂ ପୁଅ ସନ୍ତା ଦାସ (୩୫) ଶାଳନିଆ ପଞ୍ଚାୟତ ମନୋହରପୁର ଗ୍ରାମରେ ସରକାରୀ ସ୍ଥାନରେ ଘର କରି ବସବାସ କରନ୍ତି। ଏମାନେ ମୂଲ ମଜୁରି ଲାଗି ପେଟ ପୋଷିଥାନ୍ତି। ମଙ୍ଗଳବାର ସେମାନଙ୍କ ମୃତଦେହ ଚାଷ ଜମିରେ ପଡିଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ନନ୍ଦିପଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।



# ଆଖି ବୁଜିଲା ଗୁଳିବିଦ୍ଧ ହାତୀ

**ଆଠଗଡ଼ ଡିଏଫ୍‌ଓଙ୍କୁ ବହିଷ୍କାର ଦାବି**

**ଭୁବନେଶ୍ୱର,(ବ୍ୟୁରୋ)/ନରସିଂହପୁର,(ସ୍ୱ.ପ୍ର.), ୧୪।୬**

ଆଠଗଡ଼ ବନଖଣ୍ଡ ନରସିଂହପୁର ପଶ୍ଚିମାଞ୍ଚଳରୁ ଉଦ୍ଧାର ହୋଇଥିବା ଗୁଳିବିଦ୍ଧ ଦନ୍ତା ହାତୀ ୮ଦିନ ଧରି ଚିକିତ୍ସିତ ହେବା ପରେ ମଙ୍ଗଳବାର ଆଖି ବୁଜିଛି। ହାତୀର ବ୍ୟବଚ୍ଛେଦ କରି ତାକୁ ପୋତି ଦିଆଯାଇଥିବା ଆଠଗଡ଼ ପଶ୍ଚିମାଞ୍ଚଳ ରେଞ୍ଜର ପ୍ରଫୁଲ୍ଲ ଦେହୁରୀ ସୂଚନା ଦେଇଛନ୍ତି। ଶିକାରୀ ଗୁଳିରେ ଗୁରୁତର ଆହତ ଦନ୍ତା ହାତୀଟି କଟକ-ନରସିଂହପୁର ବନାଞ୍ଚଳ ଅନ୍ତର୍ଗତ ଜୟପୁର ସଂରକ୍ଷିତ ଜଙ୍ଗଲ ଭିତରେ ନାଳରେ ପଡ଼ିଯାଇଥିଲା। ନାଳରୁ ଉଠି ନ ପାରି ହାତୀଟି ଗର୍ଜନ କରି ଛାଟିପିଟି ହେଉଥିଲା। ଏହା ଜଣାପଡ଼ିବା ପରେ ତାକୁ ଉଦ୍ଧାର କରାଯାଇଥିଲା। ତେବେ ଗୁଳିବିଦ୍ଧ ହାତୀ ସମ୍ପର୍କରେ ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ର ଟୁଇଟ କରିବା ପରେ ଗଣମାଧ୍ୟମ ନଜରକୁ ଆସିଥିଲା। ଏହା ପରେ ନନ୍ଦନକାନନ ଏବଂ ସାତକୋଶିଆର ଡାକ୍ତରୀ ଦଳ ପହଞ୍ଚି ହାତୀର ଚିକିତ୍ସା କରିଥିଲେ। ହାତୀର ଶରୀରରେ ୬ଟି ଗୁଳି ବା ଛର୍‌ରା ବାଜିଥିଲା। ହାତୀ ଦେହରେ ସୃଷ୍ଟ କ୍ଷତ ୧୫ ଦିନ ତଳର ହୋଇଥିବାରୁ ହାତୀଟି ଅତ୍ୟନ୍ତ ଦୁର୍ବଳ ଏବଂ କ୍ଷତଗୁଡ଼ିକ ସେପ୍ଟିସେମିଆ ହୋଇଯାଇଥିଲା। ପ୍ରାୟ ସପ୍ତାହ ଧରି ଚିକିତ୍ସିତ ହେବା ପରେ ହାତୀଟି ଶେଷରେ ଆଖି ବୁଜିଛି।

ଅଠଗଡ଼ ବନଖଣ୍ଡରେ ବିଭିନ୍ନ ସମୟରେ ହାତୀ ମୃତ୍ୟୁ ଘଟିବା ଏବଂ ଏହାକୁ ଲୁଚାଇବାରେ ବିଭାଗୀୟ ଅଧିକାରୀମାନେ ଭରପୂର ପ୍ରୟାସ କରୁଥିବା ନଜିର ରହିଛି। ନିକଟ ଅତୀତରେ ତିନୋଟି ହାତୀର କଙ୍କାଳ ମାଟିତଳୁ ଉଦ୍ଧାର ହେବା, ଆଉ ଏକ ହାତୀକୁ ବ୍ୟବଚ୍ଛେଦ ନ କରି ଲୁଣ ପକେଇ ପୋତା ହେଉଥିବା ଭିଡିଓ ଭାଇରାଲ ହେବା ଘଟଣା ଆଠଗଡ଼ ବନଖଣ୍ଡର କାର୍ଯ୍ୟକଳାପକୁ ପଦାରେ ପକାଇଛି। ଗୁଳିବିଦ୍ଧ ଦନ୍ତା ହାତୀ ସମ୍ପର୍କରେ ମଧ୍ୟ ବିଭାଗ ଲୁଚାଇ ଦେଇଥାନ୍ତା। ଯଦି ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଗୁଳିବିଦ୍ଧ ହାତୀ ସମ୍ପର୍କରେ ପୋଷ୍ଟ କରି ନ ଥାନ୍ତେ, ତେବେ ଏ ହାତୀ ମରିଯାଇଥିଲେ ମଧ୍ୟ କୌଣସି ଖବର ବାହାରକୁ ଆସି ପାରି ନ ଥାନ୍ତା ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରିବା ସହ ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରୁଛନ୍ତି। ଏ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ନରସିଂହପୁରରୁ ତିନି ତିନୋଟି ହାତୀ କଙ୍କାଳ ଉଦ୍ଧାର ଘଟଣା ଏବଂ ଅନ୍ୟାନ୍ୟ ଘଟଣାରେ ଆଠଗଡ଼ ଡିଏଫ୍‌ଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ବନ ବିଭାଗ କହିଥିଲା। କିନ୍ତୁ ଏବେ ସମୟ ଆସିଛି ତାଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରାଯାଉ। ଏତେଦିନ ଗୁଳିବିଦ୍ଧ ହାତୀ ଜଙ୍ଗଲରେ ବୁଲୁଥିଲା ବନ ବିଭାଗ କିପରି ଜାଣି ପାରିଲାନାହିଁ। ପାଟ୍ରୋଲିଂ ପାଇଁ ଏତେ କର୍ମଚାରୀ ଥାଇ ମଧ୍ୟ ଦନ୍ତାଟି କଷ୍ଟ ପାଇ ଛଟପଟ ହୋଇ ଦୀର୍ଘଦିନ ରହିଲା। ଏସବୁ ଘଟଣାକୁ ଦେଖିଲେ ଏଥିରେ ଡିଏଫ୍‌ଓ ଏବଂ ରେଞ୍ଜରଙ୍କ ଅପାରଗତା ସ୍ପଷ୍ଟ ବାରି ହୋଇପଡୁଛି। ଏ ନେଇ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଯେଉଁ ଡିଏଫ୍‌ଓ ନିଜ କର୍ମଚାରୀଙ୍କୁ ଖୋଜି ପାଉନାହାନ୍ତି, ସିଏ କେମିତି ହାତୀକୁ ଗୁଳି କରିଥିବା ଶିକାରୀଙ୍କୁ ଖୋଜିବେ। ଅଙ୍ଗୀକାରବଦ୍ଧତା ଥିଲେ ଗତ ୨ ତାରିଖରେ ଯେତେବେଳେ ଖାରୋଡ ଗ୍ରାମରେ ଗୋଟିଏ ହାତୀ କଙ୍କାଳ ଖୋଳୁ ଖୋଳୁ ସନ୍ଧ୍ୟା ହୋଇଗଲା ଏବଂ ଆର କଙ୍କାଳ ତା' ପରଦିନ ଖୋଳିବ ବୋଲି ଏସ୍‌ଟିଏଫ୍ ଟିମ କହିଥିଲେ, ଡିଏଫ୍‌ଓ ନିଜ ଆଡୁ ଲାଇଟ ବ୍ୟବସ୍ଥା କରି ରାତାରାତି ଅନ୍ୟ ଜାଗାକୁ ଖୋଳିବା ପାଇଁ କହିଥାନ୍ତେ। ଏସମ୍ପର୍କରେ ଆଠଗଡ଼ ଡିଏଫ୍‌ଓ ସୁଦର୍ଶନ ପାଲ୍ ଯାଦବଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୧୦୨୯୮୨ରେ ବୁଧବାର ରାତି ୮ଟା୪୯ରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।

# ଚିଲିକାରୁ ୫ ଫୁଟର ମୃତ ଡଲଫିନ୍ ଜବତ



**ବାଲୁଗାଁ,୧୪।୬(ଡି.ଏନ୍.ଏ.)**

ଚିଲିକାରେ 'ଇରାୱାଡ଼ି' ପ୍ରଜାତିର ଡଲଫିନ୍ ଏବେ ଅସୁରକ୍ଷିତ। ଗତ କିଛି ବର୍ଷ ହେବ ବିଭିନ୍ନ କାରଣ ଯୋଗୁ ଏହି ଡଲଫିନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ଚିଲିକାର କଳିଯୁଗେଶ୍ୱର ପାହାଡ଼ ନିକଟରୁ ମଙ୍ଗଳବାର ଏକ ୫ଫୁଟ ଲମ୍ବର ମୃତ ଡଲଫିନକୁ ଜବତ କରାଯାଇଛି । ସୂଚନା ମୁତାବକ, ପହିଲି ରଜ ପାଇଁ ସ୍ଥାନୀୟ ଲୋକେ ଏବଂ ପର୍ଯ୍ୟଟକ ଚିଲିକା ସଂଲଗ୍ନ ଉକ୍ତ କଳିଯୁଗେଶ୍ୱର ପାହାଡ଼କୁ ବୁଲିବା ପାଇଁ ଯାଇଥିଲେ। ମଧ୍ୟାହ୍ନରେ ଉକ୍ତ ପାହାଡ଼ ତଟ ଚିଲିକା ଜଳରେ ଏକ ଡଲଫିନ୍ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ପହଞ୍ଚି ଉକ୍ତ ମୃତ ଡଲଫିନକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ବିଭାଗୀୟ ଡିଏଫ୍‌ଓ କହିଛନ୍ତି। ସୂଚନାଥାଉ କି, ପୁରୀ ଜିଲା ସାତପଡ଼ା ଅଞ୍ଚଳକୁ ଡଲଫିନ୍ ଅଭୟାରଣ୍ୟଭାବେ ଚିହ୍ନଟ କରାଯାଇଛି। ବାଲୁଗାଁ ଠାରୁ ନଳବଣ ଏବଂ କାଳିଜାଈ ମଧ୍ୟରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଡଲଫିନ୍ ଜଳକ୍ରୀଡ଼ା କରୁଥିବା ବେଳେ ପର୍ଯ୍ୟଟକଙ୍କୁ ଏହା ମନୋରଞ୍ଜନ ଦେଇଥାଏ। ଏହି ଡଲଫିନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

# ୧୯ ଯାଏ ଝଡ଼ବର୍ଷା

**ଭୁବନେଶ୍ୱର,୧୪।୬(ବ୍ୟୁରୋ)**

ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ଓଡ଼ିଶାକୁ କେବେ ପ୍ରବେଶ କରିବ ସେନେଇ ଅନିଶ୍ଚିତତା ଦେଖାଦେଇଛି। ତେବେ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୧୬ କିମ୍ବା ୧୭ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ଭାଗକୁ ମୌସୁମୀ ଛୁଇଁବା ସମ୍ଭାବନା ରହିଛି। ସେଥିପାଇଁ ପାଗ ଅନୁକୂଳ ରହିଛି। ମୌସୁମୀ ପ୍ରବେଶ କଲେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ପୁଣି ମୌସୁମୀ ଉଭାନ୍ ହୋଇଯିବ। ପାଣିପାଗ ବିଭାଗ ମୌସୁମୀ ପ୍ରବେଶ ନେଇ ଘୋଷଣା କଲେ ମଧ୍ୟ ଚାଷ ପାଇଁ ଆଶାନୁରୂପ ବର୍ଷା ଆଶା କ୍ଷୀଣ ରହିଛି। ସ୍ଥଳଭାଗରୁ ୧୨ କିମି ଉପରି ଭାଗରେ ଦକ୍ଷିଣ ପୂର୍ବ ଦିଗରୁ ବହୁଥିବା ପବନ ଗତ ଦୁଇଦିନ ହେବ ଉତ୍ତର ପୂର୍ବ ଦିଗରୁ ବହୁଛି। ଏଥିଯୋଗୁ ବାୟୁମଣ୍ଡଳରେ ଥିବା ଜଳୀୟ କଣାକୁ ଶୁଷ୍କ କରିଦେଇଛି। ଏଥିଯୋଗୁ ମୌସୁମୀ ସକ୍ରିୟ ହେବା ସମ୍ଭାବନା କମ୍ ରହିଛି। ଏହାଛଡ଼ା ଆସନ୍ତା ୨୩ ତାରିଖ ଯାଏ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ଅଖିମୁଠି ଅନୁକୂଳ କରି ଚାଷୀମାନେ ମୌସୁମୀକୁ ଚାହିଁ ରହିଛନ୍ତି। ବର୍ଷା ହେଲେ ଚାଷକାର୍ଯ୍ୟ ଆରମ୍ଭ ହେବ। ଦୁର୍ବଳ ମୌସୁମୀ ଚାଷକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି ହୋଇଛି। ମୌସୁମୀ ଋତୁରେ ରାଜ୍ୟର କିଛି ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। କିଛି ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେବ। କିନ୍ତୁ ଆଉ କିଛି ସ୍ଥାନରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ। ଆଭ୍ୟନ୍ତରୀଣ ଓ ଉତ୍ତର ଓଡ଼ିଶାର କିଛି ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଦୁର୍ବଳ ମୌସୁମୀକୁ ଦେଖିଲେ ଏହି ଆକଳନ କେତେ ସତ, ତାହା ଆଗାମୀ ଦିନରେ ଜଣାପଡ଼ିବ। କେରଳରେ ମେ' ୨୯ରେ ମୌସୁମୀ ପ୍ରବେଶ କରିଥିବା ପାଣିପାଗ ବିଭାଗ ଘୋଷଣା କରିଥିଲା। ତେବେ କେରଳରେ ଏହା ଦୁର୍ବଳ ସ୍ଥିତିରେ ରହିଛି। ପାଗ ଅନୁକୂଳ ହେଉ ନ ଥିବାରୁ ମୌସୁମୀ ଆଗକୁ ବଢ଼ି ପାରୁନାହିଁ।ଅନ୍ୟପକ୍ଷରେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳି ଲାଗିରହିଛି। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ୧୯ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ଆସନ୍ତା ୧୯ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।


ଓଡ଼ିଶାର ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟର ଉନ୍ନତିକରଣ ପାଇଁ ଏକ ନୂତନ ଯୁଗର ଆରମ୍ଭ

୧୦୦ ଶଯ୍ୟା ବିଶିଷ୍ଟ ଇଏସଆଇସି ଡାକ୍ତରଖାନା, ଅନୁଗୁଳ ଏବଂ ଉପ-କ୍ଷେତ୍ରୀୟ କାର୍ଯ୍ୟାଳୟ, ଝାରସୁଗୁଡା, ଓଡିଶାର ଉଦ୍‌ଘାଟନ

"ସ୍ୱାସ୍ଥ୍ୟସେବା ଆମର ମୁଖ୍ୟ ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ କ୍ଷେତ୍ର । ବିଗତ ୮ ବର୍ଷ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଏବଂ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସୁଲଭ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିଅଛି.."



ନରେନ୍ଦ୍ର ମୋଦି
ପ୍ରଧାନ ମନ୍ତ୍ରୀ

ଅଧିକ ଆକର୍ଷଣୀୟ

ଇଏସଆଇସି ଡାକ୍ତରଖାନା, ଅନୁଗୁଳ
- ୩ ଲକ୍ଷରୁ ଅଧିକ ହିତାଧୀକାରୀ ଲାଭାନ୍ୱିତ
- ଅନୁଗୁଳ ଏବଂ ଢେଙ୍କାନାଳ ଜିଲାର ଶ୍ରମିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ସହଜ ଏବଂ ନିକଟତର
- ହିତାଧୀକାରୀ ମାନଙ୍କୁ ମିଳିବ ଆଧୁନିକ ସ୍ୱାସ୍ଥ୍ୟ ସୁବିଧା ଯଥା
- ଓପିଡ଼ି • କାଜୁୟାଲ୍‌ଟୀ • ଓଟି • ମେଡିସିନ • ସର୍ଜରୀ • ମହିଳା ଏବଂ ପ୍ରସୁତି
- ହାଡ଼ • ଅଲଟ୍ରାସାଉଣ୍ଡ • ଏକ୍ସ-ରେ • ଲାବରୋଟୋରୀ ଏବଂ ଫାର୍ମାସି
- ୫ ଏକର ବିଶିଷ୍ଟ ଏରିଆ • ୬୫ କୋଟିର ନିର୍ମାଣ

ଉପ-କ୍ଷେତ୍ରୀୟ କାର୍ଯ୍ୟାଳୟ, ଝାରସୁଗୁଡା,
- ପଶ୍ଚିମ ଓଡ଼ିଶାର ୧୩ଟି ଜିଲାରେ ୨ ଲକ୍ଷରୁ ଅଧିକ ଶ୍ରମିକ ଲାଭାନ୍ୱିତ
- କ୍ଲେମ ସେଟେଲମେଣ୍ଟ ଏବଂ ପେମେଣ୍ଟ ଶ୍ରମିକ ମାନଙ୍କର ନିକଟତର
- ନିଯୁକ୍ତିଦାତାଙ୍କ ପାଇଁ ବ୍ୟବସାୟ କରିବା ସହଜ

ଶ୍ରୀ ଭୁପେନ୍ଦର ୟାଦବ
ଶ୍ରମ ଏବଂ ରୋଜଗାର, ପରିବେଶ
ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ
ଭାରତ ସରକାରଙ୍କ
ଦ୍ୱାରା

ଧର୍ମେନ୍ଦ୍ର ପ୍ରଧାନ
ମୁଖ୍ୟ ଅତିଥି
ଶିକ୍ଷା ଏବଂ ଦକ୍ଷତା ବିକାଶ ଓ
ଉଦ୍ୟୋଗୀ କରଣ, ମନ୍ତ୍ରୀ
ଭାରତ ସରକାର

ବୁଧବାର, ୧୫ ଜୁନ, ୨୦୨୨ ସମୟ ସକାଳ ୧୧ଟା • ସ୍ଥାନ: ଇଏସଆଇସି ଡାକ୍ତରଖାନା, ବଳରାମପ୍ରସାଦ, ଅନୁଗୁଳ, ଓଡିଶା

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ
ଭାରତ ସରକାର
କର୍ମଚାରୀ ରାଜ୍ୟ ବୀମା ନିଗମ



ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ । ତୁମର ନିମ୍ନପ୍ରକୃତିରୁ ଉଦ୍ଭୂତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହେଁ । –ଶ୍ରୀମା



# ଗୋରୁ, ଆଇଏଏସ୍

କ୍ଷମତା ଉପଭୋଗ ବିଷୟ ଉଠିଲେ ସାଧାରଣରେ ରାଜନୈତିକ ବ୍ୟକ୍ତିଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ ହୋଇଥାଏ । କିନ୍ତୁ ଭାରତରେ ସର୍ବାଧିକ କ୍ଷମତା ଅମଲାତନ୍ତ୍ରୀମାନେ ଉପଭୋଗ କରୁଥିବା ପ୍ରମାଣିତ । ରାଜନେତା ଏକ ସାମୟିକ ସମୟ ପାଇଁ ଲୋକଙ୍କ ଦ୍ୱାରା ବଛା ହେଉଥିବା ବେଳେ ଅମଲାତନ୍ତ୍ରୀ ସରକାରଙ୍କ ଦ୍ୱାରା ଏକ ଲମ୍ବା ଅବଧି ସକାଶେ ନିଯୁକ୍ତ ହୋଇଥାଆନ୍ତି । କୁହାଯାଏ ଥରେ ଜଣେ ସରକାରୀ ଚାକିରି ପାଇଗଲେ ତାହା ଯିବା ଅତ୍ୟନ୍ତ କଷ୍ଟକର । ଚାକିରି ଯିବାର ଭୟ ନ ଥିବାରୁ ସେମାନେ ଅଧିକ ମନମୁଖି ନିଷ୍ପତ୍ତି ନେଇଥାଆନ୍ତି । ଏହି ଅମଲାତନ୍ତ୍ରୀଙ୍କ ମଧ୍ୟରୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍)ର ଅଧିକାଂଶ ଅଧିକାରୀ ଜନସାଧାରଣଙ୍କୁ ସେବା ଯୋଗାଇବା ଅପେକ୍ଷା ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବାର ଲକ୍ଷ୍ୟ କରାଯାଉଛି । ଗତମାସ ଦିଲ୍ଲୀରେ ଆଇଏଏସ୍ ଅଧିକାରୀ ସଞ୍ଜୀବ ଖିରୱାର ଦିଲ୍ଲୀ ଷ୍ଟାଡିୟମ୍‌ରେ ତାଙ୍କ କୁକୁରକୁ ବୁଲାଇବା ପାଇଁ ସମସ୍ତ ଖେଳାଳିଙ୍କୁ ସନ୍ଧ୍ୟା ୭ଟା ପୂର୍ବରୁ ବିଦା କରିବାର ନିର୍ଦ୍ଦେଶ ଦେଇଥିବା ନେଇ ଖବର ପ୍ରକାଶ ପାଇଥିଲା । ସେ ତାଙ୍କ କୁକୁର ସହ ସମଗ୍ର ଷ୍ଟାଡିୟମ୍‌ରେ ଯେଭଳି ବିନା ବାଧାରେ ବୁଲିପାରିବେ ସେଥିଲାଗି ପ୍ରଶାସନିକ ସ୍ତରରେ ବ୍ୟବସ୍ଥା କରାଯାଇଥିଲା । ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଖିରୱାର ଓ ତାଙ୍କ ସ୍ତ୍ରୀ ରିଙ୍କି ଦୁଗାଙ୍କୁ ରାଜ୍ୟ ବାହାରକୁ ବଦଳି କରାଯାଇଥିଲା । ସ୍ୱାମୀଙ୍କୁ ପଠାଗଲା ଲଦାଖ ଓ ସ୍ତ୍ରୀଙ୍କୁ ପଠାଗଲା ଅରୁଣାଚଳ ପ୍ରଦେଶ । ଏବେ ଉତ୍ତର ପ୍ରଦେଶର ଫତେପୁର ଜିଲାପାଳ ଅନୁପ୍ରିୟା ଦୁବେ ତାଙ୍କ ଅସୁସ୍ଥ ଗାଈର ଚିକିତ୍ସା ସକାଶେ ୭ ଜଣ ପ୍ରାଣୀ ଚିକିତ୍ସକଙ୍କୁ ଦାୟିତ୍ୱ ଦେଇଥିବା ଖବର ମିଳିଛି । ଫତେପୁର ମୁଖ୍ୟ ଭେଟେରିନାରି ଅଫିସର ଡାକ୍ତର ଏସ୍. କେ. ତିୱାରିଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରାଯାଇ ସେଥିରେ ୭ ଜଣ ଡାକ୍ତରଙ୍କ ନାମ ରହିଥିବା ଏକ ନୋଟିସ୍ ବିଷୟରେ ଖବର ପ୍ରକାଶ ପାଇବା ପରେ କଲେକ୍ଟରଙ୍କ ଜନସେବା ପ୍ରତି କେତେ ପ୍ରତିବଦ୍ଧତା ଅଛି ଜଣାପଡ଼ିଯାଇଛି । ଏ କଥା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାପାଳ ଅନୁପ୍ରିୟା ତାଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି ।

ଭାରତରେ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ନିଜ କାର୍ଯ୍ୟ ତୁଲାଇବା ପାଇଁ ଯେଉଁସବୁ ବ୍ୟବସ୍ଥା ଦରକାର ତାହା ନିଶ୍ଚିତ ଭାବେ ଆବଶ୍ୟକ । ତତ୍‌ସହିତ ଆରାମଦାୟକ ଜୀବନ ବିତାଇବାର ସୁବିଧା ବି କରାଯାଏ । କିନ୍ତୁ ଅଳ୍ପ କେତେକଙ୍କୁ ବାଦ୍ ପକାଇଲେ ଅନେକେ ଉଡ଼ୁରୁଛନ୍ତି । ସେମାନେ ସର୍ବଦା ସାହେବୀ ଢଙ୍ଗରେ ସେବା ମିଳୁ ବୋଲି ଚାହିଁଥାଆନ୍ତି । ଏବେ ଅନୁପ୍ରିୟା ଯେଭଳି ଭାବେ ତାଙ୍କ ଗାଈର ଚିକିତ୍ସା ପାଇଁ ୭ ଜଣିଆ ଟିମ୍ ଗଠନ କଲେ ତାହା ଦେଖିବାକୁ ଗଲେ, ତାଙ୍କ କ୍ଷମତା ବହିର୍ଭୂତ ନୁହେଁ । ମାତ୍ର ତାହା ନିଶ୍ଚିତ ଭାବେ ତାଙ୍କ ଦାୟିତ୍ୱ ବହିର୍ଭୂତ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଜିଲାପାଳଙ୍କ କ୍ଷମତା ପରିସର ଭିତରେ ଏଭଳି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିବାର ସମ୍ଭାବନା ରହିଛି । କାରଣ ଜିଲାପାଳ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ (ସିଡିଭିଓ)ଙ୍କ ଗୁପ୍ତ ଚରିତ୍ର ପଞ୍ଜିକା (ସିସିଆର୍) ଲେଖିଥାଆନ୍ତି । ସାଧାରଣରେ ବିଶ୍ୱାସ କରାଯାଏ ଯେ ଅଫିସରମାନେ ନିଜର ଅସରନ୍ତି କ୍ଷମତାକୁ ଅପବ୍ୟବହାର କରିବେ ନାହିଁ । ଅନେକେ ମତ ଦେଇଥାଆନ୍ତି ଯେ, ଯୁବପିଢ଼ିର ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀ ବରିଷ୍ଠଙ୍କ ତୁଳନାରେ ଦୁର୍ନୀତି କିମ୍ବା କ୍ଷମତା ଅପବ୍ୟବହାର କମ୍ କରିଥାଆନ୍ତି । ଏହିଭଳି ଧାରଣା ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ । ମାରି ଖାଇଯିବାରେ ଏହି ଦୁଇ ବର୍ଗଙ୍କର ବୟସ, ଜାତି, ଧର୍ମ, ଲିଙ୍ଗ କିମ୍ବା ଅନ୍ୟ କୌଣସି ବାଟରେ କେହି କାହାଠାରୁ ଊଣା ନୁହନ୍ତି । ସ୍ୱାମୀ ଜିଲାପାଳ ଥିଲେ ସ୍ତ୍ରୀ କହିବେ ଆମେ ଜିଲାପାଳ ଅଛୁ । ସ୍ତ୍ରୀ ଜିଲାପାଳ ଥିଲେ ସ୍ୱାମୀ ସବୁ ଠିକାଦାରଙ୍କ ସେଟିଂରେ ବ୍ୟସ୍ତ ରହନ୍ତି । ଯଦି ଉଭୟ ଆଇଏଏସ୍ ଅଫିସର, ତେବେ କଳାଧଳା ଘୋଡ଼ା ଭଳି ଉଭୟେ ମଉଜରେ ଚରିବୁଲି ଖାଇଯାଆନ୍ତି ।

ମିଳିଥିବା ଖବରରୁ ଜଣାପଡ଼ିଛି ଯେ, ଅନୁପ୍ରିୟାଙ୍କ ନିର୍ଦ୍ଦେଶ ମୁତାବକ ପ୍ରତିଦିନ ଦୁଇଓଳି ଜଣେ ଜଣେ ଡାକ୍ତର ଗାଈର ଚିକିତ୍ସା କରିବା ଲାଗି କୁହାଯାଇଥିଲା । ଗୋଟିଏ ଗାଈ ପାଇଁ ୭ ଜଣ ଡାକ୍ତରଙ୍କୁ ହାତବାନ୍ଧି ରଖି ଦିଆଯିବା ଦ୍ୱାରା ଅନ୍ୟ ପ୍ରାଣୀସମ୍ପଦଙ୍କୁ ସିଡିଭିଓ ଏବଂ ତାଙ୍କ ବିଭାଗ ମାଧ୍ୟମରେ ଯେଉଁ ସେବା ଯୋଗାଇବା କଥା ତାହା ଅଣଦେଖା ହୋଇଛି । ତେବେ ସେଗୁଡ଼ିକୁ କିଏ ପଚାରେ । କଲେକ୍ଟର ହେଲେ ସର୍ବେସର୍ବା । କିଏ ଜଣେ କହିଥିଲେ– ଭାରତକୁ ଶାସନ କରୁଛନ୍ତି ପିଏମ୍ (ପ୍ରଧାନମନ୍ତ୍ରୀ), ସିଏମ୍ (ମୁଖ୍ୟମନ୍ତ୍ରୀ) ଏବଂ ଡିଏମ୍ (ଜିଲାପାଳ) । ଜୀବନରେ ଗୋଟିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ ଏମାନେ ଆଧ୍ୟାତ୍ମିକ ଶକ୍ତିଠାରୁ ଅର୍ଥଶକ୍ତି ପର୍ଯ୍ୟନ୍ତ ସବୁକିଛି ହାସଲ କରିନିଅନ୍ତି । ଜନସାଧାରଣଙ୍କୁ ଛି ଛାକର ବ୍ୟବହାର ଦେଖାଇ ନିଜର ଅନୁଗତ ଗୋଷ୍ଠୀ ସୃଷ୍ଟି କରନ୍ତି । କୌତୂହଳର ବିଷୟ ହେଉଛି ଯେ, ଏମାନଙ୍କ ମଧ୍ୟରୁ ସୀମା ଟପିଗଲା ଭଳି ନିଆଁଗିଳା ମଧ୍ୟ ଅନେକ ଅଛନ୍ତି । ବଦଳି ହେଲେ ଅନୁଗତ ଗୋଷ୍ଠୀଙ୍କୁ ଉତ୍ସାହିତ କରି ପ୍ରତିବାଦ ସଭା ଏବଂ ଛୋଟକାଟିଆ ରାଲି କରିଦେବାର ନଜିର ରହିଛି । ତଥାପି ସାଧାରଣରେ ବଦଳି ବାତିଲ ହୁଏ ନାହିଁ । ଅନୁପ୍ରିୟା ଉତ୍ତରପ୍ରଦେଶର ଜିଲାପାଳ ହୋଇଥିବାରୁ ଧରି ନେଇଛନ୍ତି ସେଠାକାର ଭାଜପା ସରକାର ଗାଈ ପାଇଁ ଯାହା କଲେ ମଧ୍ୟ ସବୁକିଛି କ୍ଷମଣୀୟ । ସମ୍ଭବତଃ ସାହସ କରି ୭ ଜଣ ଡାକ୍ତରଙ୍କୁ ତାଙ୍କ ଗାଈର ସେବା ପାଇଁ ନିୟୋଜିତ କରିଛନ୍ତି ।

ଦେଶବାସୀ ଜାଣିଛନ୍ତି, ଉତ୍ତରପ୍ରଦେଶ ଦାଦ୍ରିରେ ମହମ୍ମଦ ଅଖଲାଖ୍‌ଙ୍କ ଘରେ ଗୋମାଂସ ରହିଥିବା ଗୁଜବ ସୃଷ୍ଟି ହେବା ପରେ କିଭଳି ତାଙ୍କୁ ପିଟି ମାରି ଦିଆଯାଇଥିଲା । ଅର୍ଥାତ୍ ଗୋରୁଙ୍କ ପାଇଁ ସେଠାରେ ମଣିଷଙ୍କ ଜୀବନ ମୂଲ୍ୟହୀନ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା । ସମ୍ଭବତଃ ଇତିହାସକୁ ଦେଖି ଅନୁପ୍ରିୟା ଭାବିଛନ୍ତି ତାଙ୍କ ଗାଈର ସେବା ଲାଗି ୭ ଜଣ ଡାକ୍ତରଙ୍କୁ ଦାୟିତ୍ୱ ଦିଆଯିବାରେ କୌଣସି ଅସ୍ୱାଭାବିକତା ନାହିଁ ।

ଏଠାରେ ଗୋରୁ ବିଶେଷକରି ଗୋରୁ, ଆଇଏଏସ୍‌ଙ୍କ ପ୍ରତି ଅବିଚାର କଲାଭଳି ଯୁକ୍ତି ରଖାଯାଉ ନାହିଁ । କିନ୍ତୁ ଜିଲାରେ ଥିବା ଅନ୍ୟସବୁ ପ୍ରାଣୀଙ୍କ ପ୍ରତି ବିଭାଗୀୟ ଡାକ୍ତର ସୁଦୃଷ୍ଟି ରଖିବା ଦରକାର । ସେହି କାର୍ଯ୍ୟରେ ଜିଲାପାଳ ଯଦି ସହାୟକ ହୋଇପାରନ୍ତେ, ତେବେ ଅନେକ ପରିବର୍ତ୍ତନ ଆସିପାରନ୍ତା ।

# ବିଶ୍ୱ ଅର୍ଥ ବ୍ୟବସ୍ଥା ଟଳମଳ



ଡ. ସନ୍ତୋଷ କୁମାର ମହାପାତ୍ର

ବିଶ୍ୱରେ ରିସେସନ ବା ମାନ୍ଦାବସ୍ଥା ଦେଖାଦେଇଛି ବୋଲି କେହି କହିଲା ବେଳେ ଆଉ କେତେଜଣ କହୁଛନ୍ତି 'ଟେକ୍ନିକାଲ ରିସେସନ' ଆଡ଼କୁ ମୁହାଁଉଛି । କିନ୍ତୁ ଏକ ଦେଶ ପାଇଁ ରିସେସନର ପରିଭାଷା ଏବଂ ବିଶ୍ୱ ଅର୍ଥନୀତି ଲାଗି ପରିଭାଷା ସମାନ ନୁହେଁ । କୌଣସି ଦେଶରେ 'ଟେକ୍ନିକାଲ ରିସେସନ' ଦେଖାଦେଇଛି ବୋଲି କୁହାଯିବ ଯଦି ଲଗାତର ଦୁଇଟି ତ୍ରୟମାସରେ ଜିଡିପି ବିଯୁକ୍ତାତ୍ମକ ହୁଏ । କିନ୍ତୁ ଗ୍ରୋଥ ରିସେସନ ଦେଖାଦେଇଛି ବୋଲି କୁହାଯିବ, ଯେତେବେଳେ ଅର୍ଥନୀତିରେ ସଂଜ୍ଞା ଦୃଷ୍ଟିରୁ ରିସେସନ ନ ଥାଏ ; କିନ୍ତୁ ରିସେସନର ଲକ୍ଷଣ ଯଥା ନିବେଶ ବା ଇନଭେଷ୍ଟମେଣ୍ଟ ହ୍ରାସ, ଅଭିବୃଦ୍ଧି ହାର ହ୍ରାସ, ନିଯୁକ୍ତି ସଙ୍କୋଚନ, ବେକାରି ବୃଦ୍ଧି, ଉତ୍ପାଦନ ହ୍ରାସ ତଥା ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ପାଇଥାଏ । ଏହି ତତ୍ତ୍ୱ ନ୍ୟୁୟର୍କ ୟୁନିଭର୍‌ସିଟିର ପ୍ରଫେସର ଅର୍ଥନୀତିଜ୍ଞ ସୋଲେମାନ ଫ୍ୟାବ୍ରିକାଣ୍ଟ ବାହାର କରିଥିଲେ । ଅପରପକ୍ଷରେ ଆର୍ଥିକ ସ୍ଲୋ ଡାଉନ ବା ମନ୍ଥର ଅଭିବୃଦ୍ଧି କହିଲେ ଆର୍ଥିକ ଅଭିବୃଦ୍ଧି ହାର କ୍ରମଶଃ ହ୍ରାସ ପାଇଥାଏ । ଆମେରିକାର ନ୍ୟାଶନାଲ ଇକୋନୋମିକ ରିସର୍ଚ୍ଚ ବ୍ୟୁରୋ ଅନୁସାରେ ଏକ ଅର୍ଥନୀତିରେ ରିସେସନ ଦେଖାଦେଇଛି ବୋଲି କୁହାଯିବ, ଯେତେବେଳେ ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ପାଏ, ଏହା କିଛି ମାସରୁ ଅଧିକ ସମୟ ଧରି ରହିଥାଏ ।

ବିଶ୍ୱ ଅର୍ଥନୀତିରେ ରିସେସନର ପରିଭାଷା ସାଧାରଣତଃ ଭିନ୍ନ ହୋଇଥାଏ । ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ଅନୁସାରେ ବିଶ୍ୱ ଅର୍ଥନୀତିରେ ରିସେସନ ଦେଖାଦେଇଛି ବୋଲି କୁହାଯିବ ଯଦି ବିଶ୍ୱବାସୀଙ୍କ ହାରାହାରି ଆୟ ହ୍ରାସ ପାଇଥାଏ । ଏହି ସଂଜ୍ଞା ଅନୁସାରେ ବିଶ୍ୱ ଅର୍ଥନୀତିରେ ରିସେସନ ୧୯୭୫, ୧୯୮୨, ୧୯୯୧, ୨୦୦୯ ଓ ୨୦୨୦ ଦେଖାଦେଇଥିଲା । ଆଇଏମ୍‌ଏଫ୍ ଜିଡିପି ହ୍ରାସ ବ୍ୟତୀତ ଅତିରିକ୍ତ କାରଣଗୁଡିକ ଦେଖେ । ସେଗୁଡ଼ିକ ହେଉଛି ବାଣିଜ୍ୟ, ପୁଞ୍ଜି ପ୍ରବାହ, ଶିଳ୍ପ ଉତ୍ପାଦନ, ତୈଳ ବ୍ୟବହାର, ମୁଣ୍ଡପିଛା ବିନିଯୋଗ ଏବଂ ମୁଣ୍ଡପିଛା ବ୍ୟୟ ହ୍ରାସ ପାଇବା ଏବଂ ବେକାରି ହାର ବୃଦ୍ଧି ପାଇବା । ସେହିପରି ଏକ ଦେଶର ଅର୍ଥନୀତିରେ ଡିପ୍ରେସନ ଦେଖାଦେଇଛି ବୋଲି କୁହାଯିବ, ଯଦି ଅଭିବୃଦ୍ଧି ଲଗାତର ଭାବେ ୩ବର୍ଷ ଧରି ବିଯୁକ୍ତାତ୍ମକ ହୁଏ ବା ଜିଡିପି ଏକ ବର୍ଷରେ ୧୦%ରୁ ଊର୍ଦ୍ଧ୍ୱ ହ୍ରାସ ପାଏ ବା ବେକାରି ହାର ୨୫% ବା ତାହାଠାରୁ ଅଧିକ ହୋଇଥାଏ ।

କିନ୍ତୁ ବାସ୍ତବରେ ଭାରତ ସମେତ କିଛି ବୃହତ୍ ଅର୍ଥନୀତିରେ ଭୟାନକ ସ୍ଥାଣୁତ୍ୱଯୁକ୍ତ ମୁଦ୍ରାସ୍ଫୀତି (ଷ୍ଟାଗଫ୍ଲେସନ) ବା ରିସେସନ–ମୁଦ୍ରାସ୍ଫୀତି ଦେଖାଦେବା ସହିତ ବିଶ୍ୱ ଅର୍ଥନୀତି ସାମଗ୍ରିକ ଭାବେ ଭୟଙ୍କର ଏବଂ ଭୟାନକ ସ୍ଥାଣୁତ୍ୱଯୁକ୍ତ ମୁଦ୍ରାସ୍ଫୀତି ଆଡକୁ ମୁହାଁଇଛି । ସାଧାରଣତଃ ମୁଦ୍ରାସ୍ଫୀତି ସହିତ ଅଧିକ ଅଭିବୃଦ୍ଧି, ନିଯୁକ୍ତି ଜଡିତ ରହିଛି , କିନ୍ତୁ ଷ୍ଟାଗଫ୍ଲେସନ ହେଉଛି ଅର୍ଥନୀତିର ସ୍ଥାଣୁତା ଏବଂ ମୁଦ୍ରାସ୍ଫୀତିର ମିଶ୍ରଣ । ଗୋଟିଏ ପଟେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଲା ବେଳେ ଅପରପଟେ ଆର୍ଥିକ ଅଭିବୃଦ୍ଧି ହ୍ରାସ ଘଟେ, ବେରୋଜଗାରି ବୃଦ୍ଧି ପାଏ । ମୁଦ୍ରାସ୍ଫୀତି ୨ରୁ ୪% ଅର୍ଥନୀତି ପାଇଁ ଭଲ, କିନ୍ତୁ ଅଧିକ ହେଲେ, ତାହା ଖରାପ, ହାନିକାରକ । ମୁଦ୍ରାସ୍ଫୀତିର ନିୟନ୍ତ୍ରଣ ପାଇଁ କିଛି ପ୍ରମୁଖ ପଦକ୍ଷେପ ମଧ୍ୟରୁ ସୁଧହାର ବୃଦ୍ଧି ଅନ୍ୟତମ । କାରଣ ସୁଧହାର ବୃଦ୍ଧି ଋଣ ପରିବ୍ୟୟକୁ ଅଧିକ ବ୍ୟୟସାପେକ୍ଷ କରି ଲୋକଙ୍କ କ୍ରୟଶକ୍ତି, ବିଭିନ୍ନ ଦ୍ରବ୍ୟ ଓ ସେବାର ଚାହିଦା ହ୍ରାସ କରିବା ସହ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିଥାଏ । କିନ୍ତୁ ଏହାର କୁପ୍ରଭାବ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ଉପରେ ପଡେ । ଏଣୁ ଷ୍ଟାଗଫ୍ଲେସନ ବହୁତ ଭୟଙ୍କର ।

ନିକଟରେ ବିଶ୍ୱ ବ୍ୟାଙ୍କର ସର୍ବଶେଷ ଗ୍ଲୋବାଲ ଇକୋନୋମିକ ପ୍ରସପେକ୍ଟସ ରିପୋର୍ଟ – ଯାହା ବିଶ୍ୱର ଆର୍ଥିକ ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରେ – ଅନୁଯାୟୀ ବିଶ୍ୱର ଆର୍ଥିକ ଅଭିବୃଦ୍ଧି ୨୦୨୨ରେ ୫.୭% ହେବ ବୋଲି ପୂର୍ବରୁ ଆକଳନ କରାଯାଇଥିଲା ବେଳେ ବର୍ତ୍ତମାନ ୨.୨୨%କୁ ହ୍ରାସ ପାଇବ ବୋଲି ଚେତାବନୀ ଦେଇଛି । ତାହାର ମୁଖ୍ୟ କାରଣ ହେଲା ଯେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ, କରୋନା ମହାମାରୀର ଆର୍ଥିକ ପ୍ରଭାବକୁ ଆହୁରି ଭୟଙ୍କର କରିଛି । ବିଶ୍ୱ ଅର୍ଥନୀତିରେ ରିସେସନ ବା ମାନ୍ଦାବସ୍ଥା ଦେଖାଦେଇଛି ଏବଂ ଆଗାମୀ ଦିନରେ ଏହା ୧୯୭୦ ଦଶକ ପରି ଭୟଙ୍କର ଷ୍ଟାଗଫ୍ଲେସନ ରୂପ ନେବାକୁ ଯାଉଛି ।



ବିଶ୍ୱର ଆମେରିକା ସହିତ ସବୁ ବୃହତ୍ ଅର୍ଥନୀତିରେ ମୁଦ୍ରାସ୍ଫୀତି ଭୟାନକ ଭାବେ ଅଧିକ ଥିଲାବେଳେ, ସେହିସବୁ ଦେଶ ସୁଧହାର ବୃଦ୍ଧି କରୁଛନ୍ତି । ଆମେରିକା ମାର୍ଚ୍ଚ ମାସରେ ସୁଧହାର ୦.୨୫% ଓ ମେ ମାସରେ ୦.୫ ବୃଦ୍ଧି କରିବା ଯୋଗୁଁ ଭାରତ ସମେତ ଅନ୍ୟ ଦେଶ ସୁଧହାର ବୃଦ୍ଧି କରିଛନ୍ତି । ବାସ୍ତବରେ ବିଶ୍ୱରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ମୁଖ୍ୟ କାରଣ ହେଲା ନିଜେ ସରକାର ତାଙ୍କର ଓ କର୍ପୋରେଟଙ୍କ ସୁଧ ଜନିତ ପରିବ୍ୟୟକୁ ଅତ୍ୟଧିକ ନିମ୍ନ ରଖିବା, କମ୍ପାନୀ ଓ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ମହାମାରୀ ସମୟରେ ବଜାରରେ ଅଧିକ ମୁଦ୍ରା ଯୋଗାଣ କରିବା, ଧନୀମାନେ ଅତ୍ୟଧିକ କଳା ଟଙ୍କା ବ୍ୟୟକରି ବିଭିନ୍ନ ଦ୍ରବ୍ୟ ଓ ସେବା ଅତ୍ୟଧିକ ମାତ୍ରାରେ କ୍ରୟ କରିବା ଯୋଗୁ ଭୟଙ୍କର ମୁଦ୍ରାସ୍ଫୀତି ଦେଖାଦେଇଛି ।

ଭାରତରେ ସ୍ଥିତି ଅତ୍ୟନ୍ତ ଭୟଙ୍କର । ଅର୍ଥନୀତି ଭୟଙ୍କର ବିପର୍ଯ୍ୟୟ ଆଡକୁ ଗତି କରୁଛି ଏବଂ ଭୟାନକ ଷ୍ଟାଗଫ୍ଲେସନ ଦେଖାଦେଇଛି । ବେକାରି ହାର ୨୦୨୨ ଏପ୍ରିଲରେ ୭.୮୩% ରହିଛି । ଏପ୍ରିଲରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି (ଉପଭୋକ୍ତା ମୁଦ୍ରାସ୍ଫୀତି) ସର୍ବାଧିକ ୭.୭୯ % କୁ ବୃଦ୍ଧି ପାଇଛି ; ଯାହା ଗତ ୮ ବର୍ଷରେ ସର୍ବାଧିକ । ମେ ୨୦୧୪ରେ ୮.୩୩% ଥିଲା । କ୍ରମାଗତ ଚତୁର୍ଥ ମାସ ଧରି ଏହି ମୁଦ୍ରାସ୍ଫୀତି ୬%ରୁ ଅଧିକ ରହିଛି । ଏପ୍ରିଲ ୨୦୨୨ରେ ଭାରତରେ ପାଇକାରୀ ମୂଲ୍ୟ ମୁଦ୍ରାସ୍ଫୀତି ୧୫.୦୮%ରେ ପହଞ୍ଚିଛି, ଯାହା ରେକର୍ଡ ସର୍ବାଧିକ । ଖାଦ୍ୟ ମୁଦ୍ରାସ୍ଫୀତି ୮.୮୮% ରହିଛି । ବେକାରି ହାର ମେ'ରେ ୭.୧୨ % ରହିଛି । ବର୍ତ୍ତମାନ ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣ ବାହାରେ ରହିଛି । ଗତ କିଛି ବର୍ଷ ମଧ୍ୟରେ ସରକାରୀ ଋଣ –ଜିଡିପି ଅନୁପାତ ବୃଦ୍ଧି ପାଉଛି । ୨୦୧୯–୨୦ରେ ଏହା ୭୨.୨% ଥିଲାବେଳେ ବର୍ତ୍ତମାନ ୯୦% ଅତିକ୍ରମ କଲାଣି । ୨୦୨୦–୨୧ରେ ବାଣିଜ୍ୟ ନିଅଣ୍ଟ ଯାହା ୧୦୨.୬୩ ବିଲିୟନ ଡଲାର୍ ଥିଲା, ତାହା ୨୦୨୧–୨୨ରେ ୧୯୨.୨୪ ବିଲିୟନ ଡଲାରରେ ପହଞ୍ଚିଛି । ଭାରତୀୟ ମୁଦ୍ରା ଖରାପ ପ୍ରଦର୍ଶନକାରୀ ମୁଦ୍ରା ଭାବରେ ପରିଗଣିତ ହୋଇଛି ଓ ରେକର୍ଡ ନିମ୍ନ ଛୁଇଁଛି । ୨୦୨୨ ମେ ୯ରେ ଟଙ୍କାର ମୂଲ୍ୟ ପ୍ରତି ଡଲାର ତୁଳନାରେ ୭୭.୦୫ ଟଙ୍କାକୁ ହ୍ରାସ ପାଇଥିଲା ; ଯାହା ସର୍ବକାଳୀନ ନିମ୍ନ ଥିଲା । ପୁଣି ଜୁନ୍ ୭ରେ ଏହା ସର୍ବକାଳୀନ ନିମ୍ନ ୭୭.୭୭ ଟଙ୍କାରେ ପହଞ୍ଚିଛି । ନିବେଶକମାନେ ୨୦୨୧–୨୨ରେ ଭାରତୀୟ ଇକ୍ୱିଟି/ଅଂଶଧନ ଏବଂ ଋଣ ବଜାରରୁ ୧.୨୨ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି । ଦାରିଦ୍ର୍ୟ, କ୍ଷୁଧା ଓ ବୈଷମ୍ୟ ବୃଦ୍ଧି ପାଉଛି ।

skmohapatra67@gmail.com
ମୋ–୯୪୩୭୨୦୮୭୬୨

# ନିଖୋଜ ପରୀକ୍ଷାର୍ଥୀ



ହରିଶଙ୍କର ମିଶ୍ର

ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରାୟ ୪୭ ହଜାର ଛାତ୍ରୀଛାତ୍ର ଅନୁପସ୍ଥିତ ରହିବାର କାରଣ ସମ୍ପର୍କରେ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ପ୍ରତିବର୍ଷ କିଛି ପରୀକ୍ଷାର୍ଥୀ ଅନୁପସ୍ଥିତ ରହୁଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ଦୃଷ୍ଟି ଆକର୍ଷଣୀୟ ହେବାରୁ ସରକାର ଚଳଚଞ୍ଚଳ ହୋଇଛନ୍ତି । କିନ୍ତୁ ତଦନ୍ତ ଆଧାରିତ କାର୍ଯ୍ୟାନୁଷ୍ଠାନ ଯେ ଶୂନ ହେବ ଏଥିରେ ସନ୍ଦେହ ନାହିଁ । ଏବେ ନବମ ଶ୍ରେଣୀରେ ପଢୁଥିବା ପିଲାଙ୍କ ମଧ୍ୟରୁ ସତର ହଜାର ଛାତ୍ରୀଛାତ୍ର ବାର୍ଷିକ ପରୀକ୍ଷା ଦେଇ ନ ଥିବା ଖବର ପ୍ରକାଶ ପାଇଛି । ଶିକ୍ଷା ବିଭାଗକୁ ଏଥିପାଇଁ ଉତ୍ତରଦାୟୀ କରାଯାଇପାରେ । କିନ୍ତୁ ଏହାର ଠିକ୍ ଉତ୍ତର ଓ କାରଣ କେବଳ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଖରେ ହିଁ ରହିଛି । କୌଣସି ବେସରକାରୀ ସ୍କୁଲ ଛାତ୍ରୀଛାତ୍ର ନିଖୋଜ ହୋଇନାହାନ୍ତି । ସରକାରୀ, ସରକାରୀ ନିୟନ୍ତ୍ରିତ ସ୍କୁଲର ଛାତ୍ରୀଛାତ୍ର ନିଖୋଜ ହେବା ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଆମ ରାଜ୍ୟର ଶିକ୍ଷା ବିଭାଗ ଏବଂ ବ୍ୟବସ୍ଥା ଖାଲି କଳୁଷିତ ଓ କର୍ଦ୍ଦମମୟ ନୁହେଁ ବରଂ ଅଧିକାଂଶ ଶିକ୍ଷକ ଶିକ୍ଷାବୃତ୍ତି ପାଇଁ ଅଯୋଗ୍ୟ ଓ ଅପାରଗ । କୌଣସି ପ୍ରତିଯୋଗିତା ପରୀକ୍ଷାର ସମ୍ମୁଖୀନ ନ ହୋଇ ମଧ୍ୟ ବୈଧୀକରଣ ନିୟମରେ ନିୟମିତ ଦରମା ପାଇ ସରକାରୀ କର୍ମଚାରୀ ମାନ୍ୟତା ପାଇବା ଆମ ରାଜ୍ୟର ଶିକ୍ଷା ବିଭାଗରେ ସମ୍ଭବ ହୋଇପାରେ । ସମୟ ଥିଲା ଯେତେବେଳେ ଶିକ୍ଷକମାନେ ନିଜ ଝିଅ ପୁଅଙ୍କ ଅପେକ୍ଷା ଛାତ୍ରୀଛାତ୍ରଙ୍କ କୃତିତ୍ୱରେ ଆତ୍ମହରା ହେଉଥିଲେ, ସେତେବେଳେ ନିଜ ଛାତ୍ରୀ ଛାତ୍ରଙ୍କ କୃତିତ୍ୱ ପାଇଁ ସ୍କୁଲଗୁଡ଼ିକ ଭିତରେ ଶିକ୍ଷକମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋବୃତ୍ତି ରହୁଥିଲା । କିଛି ଦଶନ୍ଧି ପୂର୍ବରୁ ମଧ୍ୟ ସୀମିତ ସଂଖ୍ୟକ ଥିବା ଶିକ୍ଷା ପରିଦର୍ଶକମାନେ ସ୍କୁଲ ପରିଦର୍ଶନ ବେଳେ ପ୍ରତ୍ୟେକ ଶ୍ରେଣୀରେ ପାଠ ପଢ଼ାଉଥିଲେ ଏବଂ ଶିକ୍ଷକମାନଙ୍କ ଦକ୍ଷତା ଉପରେ ଟିପ୍ପଣୀ ଲେଖୁଥିଲେ । ଏବେ ବିଦ୍ୟାଳୟ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ପଦବୀ ଉନ୍ନୀତ ଓ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ସେମାନେ ନିଜ ଚଉକିର ସୁରକ୍ଷା ପାଇଁ ବ୍ୟସ୍ତ । ସେମାନଙ୍କ ବିଦ୍ୟାଳୟ ପରିଦର୍ଶନ କେବଳ ଶୌଚାଳୟ ଏବଂ ମଧ୍ୟାହ୍ନଭୋଜନ ତଦାରଖରେ ସୀମିତ ହେଉଛି ।

ଅଶୀ ଦଶକ ପ୍ରାରମ୍ଭରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା କିଛି ଶିକ୍ଷା ଦଲାଲଙ୍କ ଦ୍ୱାରା କବଳିତ ହୋଇଗଲା । ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତ୍ୟେକ ନିୟମର ଗଳାବାଟ ସୃଷ୍ଟି କରାଯାଇ ଯାବତୀୟ ସୁଯୋଗ ହାସଲରେ ଶିକ୍ଷକମାନଙ୍କ ଦକ୍ଷତା ବହୁବାର ପ୍ରମାଣିତ ହୋଇ ସାରିଛି । ପ୍ରତିବର୍ଷ ରାଜଧାନୀରେ ଶିକ୍ଷକ ସମାବେଶ ଏକ ନିୟମିତ ଧାରା ହୋଇଯାଇଛି । ଶିକ୍ଷା ଦଲାଲ ଓ ରାଜନୈତିକ ଚାପ ଯୋଗୁ ସରକାର ବାରମ୍ବାର ନିୟମ ପରିବର୍ତ୍ତନ କରୁଥିବାରୁ ତା'ର ସୁଯୋଗ ଶିକ୍ଷକମାନେ ନେଉଛନ୍ତି । ଗତବର୍ଷ କରୋନା ସଂକ୍ରମଣ ଯୋଗୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଲା । ମାଟ୍ରିକ ପରୀକ୍ଷାର ବିକଳ୍ପ ବିଚାରାଧୀନ ଥିବାବେଳେ ହଜାର ହଜାର ପରୀକ୍ଷାର୍ଥୀ ଏକତ୍ରିତ ହୋଇ ବିନା ପରୀକ୍ଷାରେ ପାସ୍ କରାଯିବା ପାଇଁ ଦାବି କଲେ । କିନ୍ତୁ ସମସ୍ତ ପରୀକ୍ଷାର୍ଥୀ ନାବାଳିକା ଓ ନାବାଳକ ହୋଇଥିବା ସତ୍ତ୍ୱେ ସେହି ସମାବେଶ ରାଜ୍ୟ ମାନବାଧିକାର କମିଶନର ଦୃଷ୍ଟିକୁ ନ ଯିବା ଏବଂ ଆଇନର ରକ୍ଷକ ପୋଲିସ ସେମାନଙ୍କୁ ସୁରକ୍ଷା ଦେବା ପଛର ନାୟକ ଶିକ୍ଷକମାନେ ହିଁ ରହିଥିଲେ । ଯେଉଁ ଆଧାରରେ ପରୀକ୍ଷା ଇତିହାସରେ ଆଖି ଝଲସାଇଲା ପରି ୯୮ଶତାଂଶ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେଲେ ଏବଂ ଅର୍ଦ୍ଧାଧିକ ୬୦ ଶତାଂଶ ନମ୍ବର ରଖିଲେ, ତା'ର ମୂଳ କାରଣ ଯାଞ୍ଚ କରିଥିଲେ ଅନେକ ତଥ୍ୟ ସ୍ପଷ୍ଟ ହୋଇଥାନ୍ତା । କାରଣ ସେତେବେଳେ ସରକାରୀ ଓ ସରକାରୀ ନିୟନ୍ତ୍ରିତ ସ୍କୁଲର କର୍ତ୍ତୃତ୍ୱ ସର୍ବାଗ୍ରେ ଥିଲା । ଚଳିତ ବର୍ଷ ସେହି ଧାରା ବଜାୟ ରହିବା ଆଶାରେ ସ୍କୁଲଗୁଡ଼ିକରେ ନିଶ୍ଚିତ କିଛି ବେନିୟମ କାର୍ଯ୍ୟର ସୂଚନା ମିଳୁଛି । ଶିକ୍ଷା ଅଧିକାର ଆଇନରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଫେଲ୍ ବ୍ୟବସ୍ଥା ନାହିଁ । କରୋନା ସଂକ୍ରମଣ ଯୋଗୁ ଗତବର୍ଷ ନବମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ସାଇକେଲ ପ୍ରଦାନ ବ୍ୟବସ୍ଥା ପଛରେ ଥିବା ବାସ୍ତବତାର ତଦନ୍ତ ହେଲେ ନିଖୋଜ ପରୀକ୍ଷାର୍ଥୀଙ୍କ ରହସ୍ୟ ଉନ୍ମୋଚିତ ହୋଇପାରିବ । ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାରେ ମଧ୍ୟାହ୍ନଭୋଜନ, ମାଗଣା ବହି, ପୋଷାକ ଆଦି ପ୍ରଦାନରେ ରହୁଥିବା ଶତପ୍ରତିଶତ ଉପସ୍ଥାନ ପରବର୍ତ୍ତୀ ସମୟରେ କମିବାରେ ଶିକ୍ଷକ ଓ ଅଭିଭାବକଙ୍କୁ ମିଳିତ ଭାବେ ଦାୟୀ କରାଯିବା ଉଚିତ । ଏପରିକି ପିଲାଟି ବିନା କାରଣରେ ପାଠପଢ଼ାରୁ ବିରତ ରହିବାର ତଦନ୍ତ ଗୋଟିଏ ନିରପେକ୍ଷ ସଂସ୍ଥା ଦ୍ୱାରା କରାଯିବା ଉଚିତ । ଏହା ସତ୍ୟ ଯେ ପୂର୍ବରୁ ଶିକ୍ଷା ଗୁଣାତ୍ମକ ଥିଲା ।୧୯୯୨ରୁ ଏହାର ଅବକ୍ଷୟ ଆରମ୍ଭ ହେଲା ।୨୦୧୨ରୁ ଅଧିକରୁ ଅଧିକ ପରୀକ୍ଷାର୍ଥୀ ପାସ୍ କରିବା ପାଇଁ ସରକାର ଅନେକ ସୁବନ୍ଦୋବସ୍ତ କରିଦେଲେ । ସରକାର ଭୁଲି ଯାଉଛନ୍ତି ଯେ ଯୋଗ୍ୟ ପିଲାଟିଏ କୌଣସି କାରଣରୁ ପରୀକ୍ଷାରେ ଅଯୋଗ୍ୟ ହୋଇଗଲେ ପରେ ଯୋଗ୍ୟ ହୋଇପାରିବ । କିନ୍ତୁ ଅଯୋଗ୍ୟ ପିଲାଟି ଯୋଗ୍ୟ ଘୋଷିତ ହୋଇଗଲେ ସେ ସମାଜ ପାଇଁ ବୋଝ ହୋଇଯାଏ ।



ଏବେ ଅନେକ ସ୍କୁଲର ଚେହେରା ବଦଳିଯାଇଛି । ମାତ୍ର ସଂଖ୍ୟାଧିକ ମାଟ୍ରିକ ପରୀକ୍ଷାର୍ଥୀ ବିନା ଅସଦ୍ ଉପାୟରେ ସର୍ବନିମ୍ନ ଯୋଗ୍ୟତା ରଖିବାରେ ଅସମର୍ଥ । ପରୀକ୍ଷା ପରେ ସମାନ ପ୍ରଶ୍ନପତ୍ରରେ ପ୍ରତ୍ୟେକ ସ୍କୁଲର ୫ଜଣ ପରୀକ୍ଷାର୍ଥୀଙ୍କୁ ବ୍ଲକ ବା ଜିଲା ସ୍ତରରେ ସ୍ୱତନ୍ତ୍ର ପରୀକ୍ଷା କରାଗଲେ ଏହାର ସତ୍ୟତା ସ୍ପଷ୍ଟ ହେବ । ଚଳିତ ବର୍ଷ ମଧ୍ୟ ଗତବର୍ଷ ପରୀକ୍ଷାଫଳର ପୁନରାବୃତ୍ତି ହେଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଶିକ୍ଷକଙ୍କ ଆଦର୍ଶରେ ଶିଷ୍ୟମାନେ ଅନୁପ୍ରାଣିତ ହୁଅନ୍ତି । କିନ୍ତୁ ବ୍ୟବସ୍ଥା ଏପରି ହୋଇସାରିଛି ଯେ ତା'ର ନିରାକରଣ ବା ପୁନର୍ବିନ୍ୟାସ ସମ୍ପୂର୍ଣ୍ଣ ଅସମ୍ଭବ । ସରକାର ଯଦି ସବୁ ସୁଯୋଗ ଦେବେ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ମଧ୍ୟ ସରକାରଙ୍କ ଇଚ୍ଛା ସାକାର କରିବା ବାଧ୍ୟତାମୂଳକ ହେବା ଉଚିତ । ତଥାପି ନବମ ଓ ଦଶମ ଶ୍ରେଣୀର ନିଖୋଜ ପରୀକ୍ଷାର୍ଥୀଙ୍କ ପାଇଁ ସାଇକେଲ ବାବଦରେ ଖର୍ଚ୍ଚ କରାଯାଇଥିବା ୧୬କୋଟିରୁ ଅଧିକ ଟଙ୍କା ପାଇଁ କିଏ ଉତ୍ତରଦାୟୀ ତାହା ସ୍ପଷ୍ଟ ହେବା ଜରୁରୀ ।

ଗୁଣ୍ଡିଚା ବିହାର, ପୁରୀ
ମୋ– ୭୯୭୮୭୮୫୪୭୮

## ଏଇ ଭାରତରେ

ପରିବେଶ, ଆର୍ଥିକ ବିକାଶ ଓ ପାନୀୟ ଜଳ ପାଇଁ ଏକ ଝରଣା ସଫେଇ ପରମ୍ପରା ଦେଖିବାକୁ ମିଳେ କଶ୍ମୀରର ପଞ୍ଚାଥ ଗାଁରେ । ଏହି ଗାଁରେ ଥିବା ପଞ୍ଚାଥ ନାଗ ନାମକ ଏକ ଝରଣାକୁ ପ୍ରତିବର୍ଷ ସଫା କରାଯିବା ପରମ୍ପରା ବହୁ ଶତାବ୍ଦୀ ଧରି ପ୍ରଚଳିତ । ପଞ୍ଚାଥ କହିଲେ ୫୦୦ । ଏହି ଗାଁରେ ୫୦୦ ଝରଣା ରହିଥିଲା ବୋଲି ଗାଁ ଲୋକେ ବିଶ୍ୱାସ କରନ୍ତି ଓ ସେଥିପାଇଁ ଜଳାଶୟର ଏଭଳି ନାମ ରଖିଛନ୍ତି । ମେ ମାସ ଦ୍ୱିତୀୟ ସପ୍ତାହକୁ ଉତ୍ସବ ମନାଇବା ଓ ପରିବେଶ ସୁରକ୍ଷା କରିବାର ପ୍ରକୃଷ୍ଟ ସମୟ ବୋଲି ସେଠାକାର ଲୋକମାନେ ବିଚାର କରି ଏଭଳି ସଫେଇ କରିଥାଆନ୍ତି । ଜଳସେଚନ ପାଇଁ ମଧ୍ୟ ଏହି ଝରଣା ଉପରେ ସେଠାକାର ଗାଁଗୁଡ଼ିକ ନିର୍ଭର କରୁଥିବାରୁ ଏହା ସେମାନଙ୍କ ଆର୍ଥିକ ବିକାଶରେ ପ୍ରମୁଖ ଭୂମିକା ନିଏ । କେବଳ ଏତିକି ନୁହେଁ ୨୦ଟି ଗାଁର ଲୋକମାନେ ପାନୀୟ ଜଳ ପାଇଁ ଏହା ଉପରେ ନିର୍ଭର କରିଥାଆନ୍ତି । ଝରଣା ସଫେଇ ଉତ୍ସବରେ ପୁରୁଷ, ମହିଳା ଏବଂ ପିଲାମାନେ ଭାଗ ନେଇଥାଅନ୍ତି ଓ ଝରଣାରୁ ଦଳ, ଘାସ ଓ ପଙ୍କ ସଫା କରି ଜଳ ପ୍ରବାହକୁ ସୁଗମ କରନ୍ତି । ତେବେ ସେହି ଗାଁର ବୟୋବୃଦ୍ଧମାନେ ଉତ୍ସବରେ ଭାଗ ନେବାକୁ ଅକ୍ଷମ ହେଲେ ମଧ୍ୟ ସେମାନେ ନିଶ୍ଚିତ ଭାବେ ସଫେଇ ସମୟରେ ଉପସ୍ଥିତ ରହିବାର ପରମ୍ପରା ଚଳିଆସୁଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜୁନ୍ ୧୯୯୭

- ଦଳରେ ବିଭାଜନ ଏଡ଼ାଇ ନିଜର କର୍ତ୍ତୃତ୍ୱକୁ ଜାହିର କରିବାକୁ ଯାଇ ଜାତୀୟ ପାର୍ଟିର ଅଧ୍ୟକ୍ଷ ତଥା ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଏଚ୍.ଏମ୍. ଏର୍ସାଦ ୪ ଜଣ ସଦସ୍ୟଙ୍କୁ ଦଳରୁ ବହିଷ୍କାର କରିଛନ୍ତି ।
- ଭାରତର ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଧ୍ୟୁଷିତ ଇଲାକାରେ ମ୍ୟାଲେରିଆ ରୋଗର ପ୍ରାଦୁର୍ଭାବ ହ୍ରାସ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ବିଶ୍ୱବ୍ୟାଙ୍କ ଭାରତକୁ ୧୬୫ ନିୟୁତ ଡଲାର ଅର୍ଥ ସହାୟତା ଯୋଗାଇ ଦେବେ ବୋଲି ଘୋଷଣା କରିଛି ।
- ସାହିତ୍ୟର ଅନବଦ୍ୟ କୃତି 'କସ୍ତୁରୀ ମୃଗସମ' ପୁସ୍ତକ ପାଇଁ ମନମୋହନ ଚୌଧୁରୀଙ୍କୁ ସମ୍ମାନଜନକ ଶାରଳା ପୁରସ୍କାର ପ୍ରଦାନ ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | 9 | 7 | | |
| | | | | | 1 | 2 | | |
| | | 2 | | 7 | | | | 6 |
| 1 | | | 2 | 5 | | | | |
| 8 | | 7 | | | 3 | | | |
| 4 | 2 | | | | | | | |
| | | | | | 7 | | | |
| | | | | 1 | 4 | 9 | | 7 |
| | 6 | 4 | | | | 8 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 7 | 1 | 3 | 6 | 4 | 5 | 8 |
| 1 | 5 | 4 | 9 | 8 | 2 | 7 | 3 | 6 |
| 8 | 3 | 6 | 5 | 7 | 4 | 9 | 2 | 1 |
| 2 | 9 | 1 | 6 | 4 | 3 | 5 | 8 | 7 |
| 4 | 8 | 3 | 7 | 5 | 1 | 2 | 6 | 9 |
| 7 | 6 | 5 | 2 | 9 | 8 | 3 | 1 | 4 |
| 6 | 1 | 9 | 4 | 2 | 5 | 8 | 7 | 3 |
| 3 | 7 | 2 | 8 | 6 | 9 | 1 | 4 | 5 |
| 5 | 4 | 8 | 3 | 1 | 7 | 6 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏତେ ହେୟଜ୍ଞାନ କାହିଁକି

ମହାଶୟ,

ଗଞ୍ଜାମ ଜିଲା ଅନ୍ତର୍ଗତ ହିଞ୍ଜିଳି ପଞ୍ଚାୟତ ସମିତି ଅଧୀନସ୍ଥ ବଡ଼ଖଣ୍ଡି ଗ୍ରାମପଞ୍ଚାୟତ ତଥା ଏହାର ଆଖପାଖ ଅନେକ ଗାଁରେ ପାଲନାଟି ତେଲୁଗୁ ୱେଲମା ଜାତୀୟ ଲୋକ ବସବାସ କରି ଆସୁଛନ୍ତି । ଏମାନେ ସମସ୍ତେ ପ୍ରାୟ କୃଷି କାର୍ଯ୍ୟକରି ଜୀବିକା ନିର୍ବାହ କରନ୍ତି । ଏମାନଙ୍କ କୃଷିର ଉନ୍ନତି, ସ୍ୱାସ୍ଥ୍ୟରକ୍ଷା, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ବିଲୁପ୍ତ ପ୍ରାୟ ମାତୃଭାଷା ତେଲୁଗୁକୁ ପୁନଃ ଉଦ୍ଧାର କରାଯାଉ । ଏହା ଉପରେ ବହୁବାର ଦାବି କରାଯାଇଥିଲେ ମଧ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସରକାର ତଥା ସ୍ଥାନୀୟ ଜନ ପ୍ରତିନିଧିମାନେ ଆଦୌ କର୍ଣ୍ଣପାତ କରି ନାହାନ୍ତି । ଅର୍ଥାତ୍ ଏ ଜାତି ପ୍ରତି ତଥା ଏ ସମ୍ପ୍ରଦାୟ ପାଇଁ ସରକାର ହେୟଜ୍ଞାନ କରୁଛନ୍ତି । ବିଶେଷକରି ଏହି ତେଲୁଗୁ ସମ୍ପ୍ରଦାୟ ଓ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏ ଅଞ୍ଚଳର କେନ୍ଦ୍ର ତଥା ପେଣ୍ଠସ୍ଥଳୀ ବଡ଼ଖଣ୍ଡି ଗ୍ରାମରେ ସ୍ଥାପନ କରାଯାଉ । ତେଲୁଗୁ ମାତୃଭାଷାକୁ ପୁନଃ ଉତ୍ଥାପନ ଓ ପ୍ରଚଳନ ପାଇଁ ଏଇ ଅଞ୍ଚଳରେ ଥିବା ସମସ୍ତ ପାଠଶାଳାରେ ତେଲୁଗୁ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରାଯାଉ । ଏ ଜାତିର ଛାତ୍ରୀଛାତ୍ରମାନଙ୍କ ଉଚ୍ଚଶିକ୍ଷା ଆରୋହଣ ପାଇଁ ବଡ଼ଖଣ୍ଡି ଗ୍ରାମରେ ଏକ ଆଦର୍ଶ +୩ ବିଜ୍ଞାନ ମହାବିଦ୍ୟାଳୟ ମଧ୍ୟ ସ୍ଥାପନ କରାଯାଉ । ଏଇ ଗ୍ରାମରେ ପଡ଼ିଆ ପଡ଼ିଥିବା ଏକ ବିସ୍ତୀର୍ଣ୍ଣ ପଦର ବଗଡ଼ ମାଳଠାରେ ଯଦି ଏକ ଗଭୀର ଉଠାଜଳସେଚନ ପଏଣ୍ଟର ବ୍ୟବସ୍ଥା କରାଯାଆନ୍ତା, ତେବେ ଏ ଜାତିର ତଥା ଅଞ୍ଚଳର କୃଷକମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରନ୍ତା ।

–ଅଦଲ ବାବାଜୀ, ବଡ଼ଖଣ୍ଡି, କଞ୍ଚୁର, ଗଞ୍ଜାମ

## ଚିରନ୍ତନୀ

ପୀରତି ବ୍ୟଥାରେ ଅଙ୍ଗ ଅବଶ
ନିବିଡ଼ ଧିଆନେ ଆଖି ମଦାଳସ
ଚନ୍ଦନସମ ଗନ୍ଧ ବିତରି ଯାଅ ପୁଣି ଅପସରି
ଚମ୍ପକ ଚାରୁ ହାସ ହସିଦିଅ
ଆଗୋ ଗୋରଚନା–ଗୋରି! –(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାହୁଲ ଗାନ୍ଧୀଙ୍କୁ ଦ୍ୱିତୀୟ ଦିନ ଜେରା ପୂର୍ବରୁ ଏଆଇସିସି କାର୍ଯ୍ୟାଳୟ ବାହାରେ କଂଗ୍ରେସ କର୍ମୀଙ୍କୁ ପୋଲିସ୍ ଅଟକ ରଖିଛି।

# ରାହୁଲଙ୍କୁ ଦ୍ୱିତୀୟ ଦିନ ଜେରା

## ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲା

ନୂଆଦିଲ୍ଲୀ,୧୪।୬(ପି.ଟି.)

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମଙ୍ଗଳବାର କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଜେରା କରିଛି। ବିରୋଧୀ ଦଳ ନେତାମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିର କାର୍ଯ୍ୟାନୁଷ୍ଠାନକୁ ସରକାରଙ୍କର ରାଜନୈତିକ ଷଡ଼ଯନ୍ତ୍ର ବୋଲି କଂଗ୍ରେସ କହିଛି। ସୋମବାର ପୂର୍ବତନ କଂଗ୍ରେସ ଅଧ୍ୟକ୍ଷଙ୍କୁ ୯ ଘଣ୍ଟା ଜେରା କରାଯିବା ପରେ ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହେବାରୁ ମଙ୍ଗଳବାର ପୁନର୍ବାର ଜେରା ଲାଗି ହାଜର ହେବାକୁ ସମନ କରାଯାଇଥିଲା। ସେହି ଅନୁଯାୟୀ ରାହୁଲ ମଙ୍ଗଳବାର ୧୧ଟା ୫ ମିନିଟରେ ଭଉଣୀ ତଥା ଏଆଇସିସି ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ଏପିଜେ ଅବଦୁଲ କଲାମ ରୋଡ୍‌ସ୍ଥିତ ଇଡି ମୁଖ୍ୟାଳୟରେ ପହଞ୍ଚିଥିଲେ। ୧୧ଟା ୩୦ରୁ ୪ ଘଣ୍ଟା ଜେରା ପରେ ତାଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଛଡ଼ାଯାଇଥିଲା। ୪ଟା ୩୦ରୁ ପୁଣିଥରେ ଜେରା ଆରମ୍ଭ ହୋଇଥିଲା।

ଇଡି କାର୍ଯ୍ୟାଳୟ ବାହାରେ ଦିଲ୍ଲୀ ପୋଲିସ ପକ୍ଷରୁ ୧୪୪ ଧାରା ଜାରି ସହ ବ୍ୟାପକ ଫୋର୍ସ ମୁତୟନ ହୋଇଥିଲେ। ଏହା ବ୍ୟତୀତ ଇଡି କାର୍ଯ୍ୟାଳୟକୁ ଯାଇଥିବା ସମସ୍ତ ଆପ୍ରୋଚ ରୋଡ୍‌କୁ ବ୍ୟାରିକେଡ କରାଯାଇ ସାଧାରଣ ଯାତାୟାତ ବନ୍ଦ କରିଦିଆଯାଇଥିଲା। ୨୪ ଆକବର ରୋଡ୍‌ସ୍ଥିତ ଦଳୀୟ ମୁଖ୍ୟାଳୟ ବାହାରେ ବହୁସଂଖ୍ୟାରେ କଂଗ୍ରେସ ନେତା ଓ କର୍ମୀଙ୍କୁ ଅଟକ ରଖାଯାଇଥିଲା। ନ୍ୟାଶନାଲ ହେରାଲ୍ଡ ମାମଲାରେ କୌଣସି ମନିଲଣ୍ଡରିଂ ହୋଇନାହିଁ। ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ଏଜେନ୍ସି କାର୍ଯ୍ୟ କରୁଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କହିଛନ୍ତି।

# ବିରୋଧୀ ପ୍ରାର୍ଥୀ ହେବାକୁ ମନାକଲେ ପାୱାର

## ରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୧୪।୬(ପି.ଟି.)


ଶରଦ ପାୱାର

ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳ ପକ୍ଷରୁ ମିଳିତ ପ୍ରାର୍ଥୀ ଦେବା ନିମନ୍ତେ ଉଦ୍ୟମ ଜୋର୍ ଧରିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବାମଦଳ ନେତାମାନେ ମଙ୍ଗଳବାର ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଅଲଗା ଅଲଗା ଭେଟି ବିରୋଧୀ ଦଳରୁ ପ୍ରାର୍ଥୀ ହେବା ପାଇଁ ତାଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ। ତେବେ ପାୱାର ପ୍ରାର୍ଥୀ ହେବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି। ମମତାଙ୍କ ବ୍ୟତୀତ ପାୱାର ସିପିଆଇ(ଏମ୍) ନେତା ୟେଚୁରୀ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ ଏବଂ ପି.ସି. ଚାକୋଙ୍କୁ ଭେଟିଥିଲେ। ସେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଚାହାନ୍ତି ନାହିଁ ବୋଲି ସେମାନଙ୍କୁ ଜଣାଇଦେଇଛନ୍ତି। ତେଣୁ ବିରୋଧୀ ପ୍ରାର୍ଥୀ ଭାବେ ଅନ୍ୟ ନେତାଙ୍କ ନାମକୁ ବିଚାରକୁ ନେବାକୁ ପଡ଼ିବ ବୋଲି ୟେଚୁରୀ କହିଛନ୍ତି।

ପାୱାର ତାଙ୍କ ରାଜନୈତିକ କ୍ୟାରିୟରର ଶେଷ ମୁହୂର୍ତ୍ତରେ ପରାଜିତ ହେବାର ସମ୍ଭାବନା ଥିବା ନିର୍ବାଚନୀ ଲଢ଼େଇରେ ପ୍ରବେଶ କରିବାକୁ ଚାହାନ୍ତି ନାହିଁ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଆଗାମୀ ରାଷ୍ଟ୍ରପତି ନିର୍ବାଚନ ପାଇଁ ମିଳିତ ରଣକୌଶଳ ପ୍ରସ୍ତୁତି ଲାଗି ମମତା ବୁଧବାର ଦିଲ୍ଲୀରେ ଅଣଭାଜପା ନେତାମାନଙ୍କ ବୈଠକ ଡାକିଛନ୍ତି। ସହମତିରେ ବିରୋଧୀ ପ୍ରାର୍ଥୀ ଚୟନ ଲାଗି କନ୍‌ଷ୍ଟିଚ୍ୟୁଶନ କ୍ଲବ୍‌ରେ ବସିବାକୁ ଥିବା ବୈଠକରେ ଆଲୋଚନା ହେବ।

# ଆୟୁଷ୍ମାନ ଯୋଜନା ଲାଗୁ ନ ହେବାନେଇ କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟାଙ୍କ ଉଦ୍‌ବେଗ

## ୮ ବର୍ଷ ପୂର୍ତ୍ତିରେ ହିସାବ ଦେବାକୁ ଆସି ରଜ ଶୁଭେଚ୍ଛା ଜଣାଇଲେ

ଭୁବନେଶ୍ୱର, ୧୪।୬(ବ୍ୟୁରୋ): ଓଡ଼ିଶାର ଗଣପର୍ବ ରଜରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କେନ୍ଦ୍ର ସରକାରଙ୍କ ଗତ ୮ ବର୍ଷର ସଫଳତାର ହିସାବ ଦେଇଛନ୍ତି। ଏହାସହ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ପଟେଲ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୮ ବର୍ଷ କାର୍ଯ୍ୟକାଳର ସଫଳତା ବଖାଣିଛନ୍ତି। ସେ କହିଛନ୍ତି, ଦେଶର ସନ୍ତୁଳିତ ବିକାଶକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଦେଶ ସ୍ୱାଧୀନତା ପରଠାରୁ ପୂର୍ବ ଭାରତ ଅବହେଳିତ ହୋଇ ଆସୁଥିଲା। ପ୍ରଧାନମନ୍ତ୍ରୀ ପୂର୍ବ ଭାରତକୁ ପ୍ରାଥମିକତା ଦେଇ ଓଡ଼ିଶା ଭଳି ରାଜ୍ୟର ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ପିଏମ୍ କିଷାନ ଯୋଜନାରେ ଓଡ଼ିଶାର ୪୦ ଲକ୍ଷ ଚାଷୀ ଉପକୃତ ହେଉଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ସରକାର ଲାଗୁ କରୁନାହାନ୍ତି, ଯେଉଁଥିଲାଗି ରାଜ୍ୟର ଗରିବ ପରିବାର ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଜନଔଷଧୀ କେନ୍ଦ୍ର ମାଧ୍ୟମରେ ଲୋକଙ୍କୁ ଶସ୍ତାରେ ଔଷଧ ଯୋଗାଇ ଦିଆଯାଉଛି। ରାଜ୍ୟରେ ୬ ହଜାର କି.ମି. ଜାତୀୟ ରାଜପଥ ନିର୍ମାଣ ହୋଇଛି। ୪୨ ଲକ୍ଷ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଗ୍ରାମାଞ୍ଚଳରେ ୧୭ ଲକ୍ଷ, ସହରାଞ୍ଚଳରେ ୧ ଲକ୍ଷ ଘର ଯୋଗାଇ ଦିଆଯାଇଛି। ଉଜ୍ଜ୍ୱଳା ଯୋଜନାରେ ମହିଳାଙ୍କୁ ମାଗଣା ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯାଇଛି ବୋଲି ପଟେଲ କହିଛନ୍ତି।

# ନବୀନଙ୍କ ଉପରେ ନଜର

## ରାଷ୍ଟ୍ରପତି ନିର୍ବାଚନ

■ଆଜି ପ୍ରକାଶ ପାଇବ ବିଧିବଦ୍ଧ ବିଜ୍ଞପ୍ତି

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଆସନ୍ତା ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ବିଭିନ୍ନ ରାଜ୍ୟର ରିଟର୍ନିଂ ଅଫିସରମାନେ ବିଜ୍ଞପ୍ତି ପ୍ରକାଶ କରିବେ। ଜୁନ୍ ୨୯ରେ ରାଷ୍ଟ୍ରପତି ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯିବ। ୩୦ରେ ଯାଞ୍ଚ ଓ ଜୁଲାଇ ୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ଆବଶ୍ୟକ ହେଲେ ଜୁଲାଇ ୧୮ରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। କେଉଁ ରାଜ୍ୟର କେଉଁଠି ଭୋଟ ଗ୍ରହଣ ହେବ ସେନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ରାଷ୍ଟ୍ରପତି ନିର୍ବାଚନକୁ ନେଇ ବିରୋଧୀ ପ୍ରସ୍ତୁତ ହେଲେଣି। ତେବେ ବିରୋଧୀ କାହାକୁ ପ୍ରାର୍ଥୀ କରିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ବିରୋଧୀ ଦଳଗୁଡ଼ିକର ବୈଠକ ଡାକିଛନ୍ତି। ବୈଠକ ପରେ ବିରୋଧୀଙ୍କ ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହେବ।

ଆସନ୍ତା ଜୁଲାଇ ୨୪ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହାପୂର୍ବରୁ ନୂଆ ରାଷ୍ଟ୍ରପତି ନିର୍ବାଚନ ଶେଷ ହେବ। ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ଯୋଗାଡ଼ କରିବାକୁ ଏବେ ଭାଜପା ଜାତୀୟ ନେତୃତ୍ୱ ଉଦ୍ୟମ ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ପାଇଁ ମୋଟ୍ ଭୋଟ ସଂଖ୍ୟା ୧୦,୯୩,୩୪୭ ହୋଇଥିବା ବେଳେ ଏନ୍‌ଡିଏ ପାଖରେ ଏବେ ଏଥିରୁ ୪୮.୮ ପ୍ରତିଶତ ଭୋଟ୍ ରହିଛି। ଏନ୍‌ଡିଏ ପ୍ରାର୍ଥୀ ଜିତିବା ପାଇଁ ୫,୪୬,୬୭୫ ଖଣ୍ଡ ଭୋଟ ଆବଶ୍ୟକ। ତେବେ ଏନ୍‌ଡିଏ ପାଖରେ ପ୍ରାୟ ୧୩ ହଜାର ଭୋଟ (୧.୨%) ଅଭାବ ରହିଛି । ଏହି ଭୋଟ୍ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ଭାଜପା ଏବେ ନିଜର ସହଯୋଗୀ ବିଜେଡି ଏବଂ ୱାଇଏସ୍‌ଆର କଂଗ୍ରେସ ଉପରେ ନିର୍ଭର କରୁଛି।

ତେବେ କେନ୍ଦ୍ରର ଭାଜପା ନେତୃତ୍ୱ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭରସା କରିଛନ୍ତି। ବିଜେଡି ପାଖରେ ଏବେ ୩ ପ୍ରତିଶତ ଭୋଟ ରହିଛି। ଯଦି ବିଜେଡି ସମର୍ଥନ ଦେବ ତେବେ ଏନ୍‌ଡିଏ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ପ୍ରାର୍ଥୀ ଜିତିବା ଏକପ୍ରକାର ନିଶ୍ଚିତ ହୋଇଯିବ।

# ନବ ସଂକଳ୍ପ ଶିବିରରେ ବିଶୃଙ୍ଖଳା



ଜଗତ୍‌ସିଂହପୁର ଜିଲ୍ଲା କଂଗ୍ରେସର ନବ ସଂକଳ୍ପ ଶିବିରରେ ଉପସ୍ଥିତ ନେତୃବୃନ୍ଦ।

## ଜଗତ୍‌ସିଂହପୁର ଜିଲ୍ଲା

■ଉଠିଗଲେ ବାଲିକୁଦା ନିର୍ବାଚନ ମଣ୍ଡଳୀର ଅନେକ ନେତା

■ଅଗଷ୍ଟ ୯ରେ ୭୫ କି.ମି. ପଦଯାତ୍ରା ଉପରେ ଗୁରୁତ୍ୱ

ଜଗତ୍‌ସିଂହପୁର ଅଫିସ, ୧୪।୬:

ଏଆଇସିସି (ଅଲ୍ ଇଣ୍ଡିଆ କଂଗ୍ରେସ କମିଟି)ର ଉଦୟପୁର ନବ ସଂକଳ୍ପ ଶିବିର ଶିବିର ନିଷ୍ପତ୍ତି ଅନୁଯାୟୀ ପ୍ରତି ଜିଲାରେ ଦଳୀୟ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ସାନବଜାରସ୍ଥିତ ଏକ ମଣ୍ଡପ ପରିସରରେ ମଙ୍ଗଳବାର ନବ ସଂକଳ୍ପ ଶିବିର ଆୟୋଜନ ହୋଇଥିଲା । କିନ୍ତୁ ଏଥିରେ ବିଶୃଙ୍ଖଳା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଯୋଗଦେଇଥିବା ବାଲିକୁଦା ବିଧାନସଭା ନିର୍ବାଚନ ମଣ୍ଡଳୀର ୧୭ ଜଣ ସରପଞ୍ଚ, ସମିତି ସଭ୍ୟ ଉଠି ଯିବା ନେଇ ଚର୍ଚ୍ଚା ଜୋର ଧରିଛି । ଅପରପକ୍ଷରେ ଯେଉଁମାନେ ତୃଣମୂଳସ୍ତରରେ ଦଳ ପାଇଁ କାମ କରୁଛନ୍ତି ସେମାନଙ୍କୁ ମର୍ଯ୍ୟାଦା ମିଳିବା ଆବଶ୍ୟକ କହି ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ର ମଞ୍ଚ ତ୍ୟାଗ କରିଥିଲେ।

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ପ୍ରତି ଜିଲାରେ ଆସନ୍ତା ଅଗଷ୍ଟ ୯ରୁ ୭୫ କିଲୋମିଟର ପଦଯାତ୍ରା ପାଇଁ ଏଆଇସିସି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାରେ ପଦଯାତ୍ରା କରାଯିବ ବୋଲି କାର୍ଯ୍ୟକ୍ରମରେ କୁହାଯାଇଥିଲା। ଏଥିସହ ବିଭିନ୍ନ କମିଟି ଗଠନ କରାଯାଇ ଦଳକୁ ସଙ୍ଗଠିତ ଓ କ୍ରିୟାଶୀଳ ପାଇଁ ଖସଡ଼ା ପ୍ରସ୍ତୁତ ହେବ। ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ଗତ ନିର୍ବାଚନରେ ଦଳୀୟ ଏମ୍‌ପି ପ୍ରାର୍ଥିନୀ ପ୍ରତିମା ମଲ୍ଲିକ, ବାଲିକୁଦା-ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଲଲାଟେନ୍ଦୁ, ପୂର୍ବତନ ଜିଲା କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ଜିଲା ପରିଷଦ ସଦସ୍ୟ ପିନାକୀ ନାରାୟଣ ଦାସ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଦଳୀୟ ନେତା ହିମାଂଶୁ ମଲ୍ଲିକ, ପିସିସି ସମ୍ପାଦକ ନଳିନୀ ସ୍ୱାଇଁ, ପୂର୍ବତନ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ ଓ ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବାଲିକୁଦାର ଜଣେ କଂଗ୍ରେସ ନେତାଙ୍କୁ ମଞ୍ଚକୁ ଡକାଯାଇଥିଲା। ଏହା ପରେ ମଞ୍ଚ ତଳେ ଏହି ନିର୍ବାଚନ ମଣ୍ଡଳୀର ଏକାଧିକ ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ କର୍ମୀ ଅସନ୍ତୋଷ ପ୍ରକାଶ କରିବା ସହ ହୋ ହଲ୍ଲା କରି ସ୍ଥାନ ତ୍ୟାଗ କରିଥିଲେ। ସେମାନଙ୍କୁ ଯେତେ ବୁଝାଶୁଝା କରାଯାଇଥିଲେ ସୁଦ୍ଧା କେହି ଅଟକି ନ ଥିଲେ। ମଞ୍ଚରେ ବସିଥିବା ବାଲିକୁଦାର ଦଳୀୟ ନେତା ମହାପାତ୍ର ତାଙ୍କ ଭାଷଣରେ ସ୍ଥାନ ତ୍ୟାଗ କରିଥିବା ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ କର୍ମୀଙ୍କ ଭାବାବେଗକୁ ସମ୍ମାନ ଜଣାଇବା ଉଚିତ ବୋଲି ମତପ୍ରକାଶ କରିଥିଲେ। ସେ କହିଥିଲେ, ଆଗଧାଡିର ନେତାମାନଙ୍କ ସ୍ୱାର୍ଥରେ ଆଞ୍ଚ ଆସିଲେ ସେମାନେ ଦଳ ବଦଳ କରିବାକୁ ପଛାଉନାହାନ୍ତି। କିନ୍ତୁ ତୃଣମୂଳସ୍ତରରେ ଯେଉଁମାନେ କଂଗ୍ରେସ ପାଇଁ କାମ କରୁଛନ୍ତି ସେମାନଙ୍କୁ ସମ୍ମାନ ଦେବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ସେ ୩ଟି ପ୍ରସ୍ତାବ ରଖିଥିଲେ । ସୋନିଆ ଗାନ୍ଧୀଙ୍କ ଆଶୁ ଆରୋଗ୍ୟ କାମନା, ନବ ନିଯୁକ୍ତ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହ ରାହୁଲ ଗାନ୍ଧୀଙ୍କୁ ରାଜନୈତିକ ଅଭିସନ୍ଧି ରଖି ଯେଉଁଭଳି ମିଛ ମାମଲାରେ ଇଡି ସମନ ଜାରି କରିଛି ସେ ନେଇ ନିନ୍ଦା ପ୍ରସ୍ତାବ ଦେଇଥିଲେ। ଶିବିରରେ କଂଗ୍ରେସ ସମର୍ଥନରେ ନିର୍ବାଚିତ ଜିଲାର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ନଗର କଂଗ୍ରେସ କାଉନ୍‌ସିଲରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲାର ବହୁ ସଂଖ୍ୟକ କଂଗ୍ରେସ ନେତା ଓ କର୍ମୀ ଏଥିରେ ଯୋଗ ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Girls Hostel ପାଇଁ ମହିଳା Warden ଆବଶ୍ୟକ। ରହିବା ଖାଇବା ସୁବିଧା ଅଛି। ସତ୍ୟନଗର, ଭୁବନେଶ୍ୱର।
Contact:
9556514837
7978508564

WANTED
LADY OFFICE ASST.
Nakhara, Cuttack
Free accommodation
Free fooding, 10000 +
7809525452

See Career Appointment on every Wednesday & Saturday

WANTED
Sales/ Accountant Staff (M/F) for Marble & Tile Showroom in Bhubaneswar, Exp./Fresh can apply
WhatsApp- 9040031545

GHANASHYAM HEMALATA VIDYAMANDIR, PURI
(Fully Residential School)
Affiliated to CBSE, New Delhi
R.J Vihar, Bhuan, Chhaitana, Puri-752002
Ph. No: - 7008243964 / 8018399102 / 7735629062 / 7008905242
E-mail: - puri.ghvm@gmail.com
REQUIREMENT OF TEACHERS

| POST | SUBJECTS |
|---|---|
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, SST, COMPUTER |
| PET | MALE AND FEMALE |
| LIBRARIAN & NTT | FEMALE |

- Qualification : - As Per CBSE norms.
- Salary : -
  PGT- Min. Rs.31,000/- (additional increment will be given per year experience basis)
  TGT- Min. Rs.20,000/- ((additional increment will be given per year experience basis)
  PRT/PET- Min. Rs.15,500/- (additional increment will be given per year experience basis)
  LIBRARIAN & NTT- Salary negotiable
- Competent & Experienced teachers having knowledge in Computer are preferable.
- Free Accommodation, Fooding & Laundry for all the above post.
- Interested candidate can apply by sending their resume (with photograph) through post to The Principal, Ghanashyam Hemalata Vidyamandir, R.J.Vihar, At. Bhuan, Post. Chhaitana, Dist. Puri, Pin. 752002 or by mail to puri.ghvm@gmail.com within 07 days of the publication of advertisement.

PRINCIPAL



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୫ ଜୁନ୍, ୨୦୨୨



## ସଂକ୍ଷେପରେ

### ‘ପଟ୍ଟାମୁଣ୍ଡାଇ ବିକାଶକୁ ଆଗେଇ ନିଆଯିବ’

ପଟ୍ଟାମୁଣ୍ଡାଇ,୧୪।୬(ସ୍ୱ.ପ୍ର.): ଓଡ଼ିଆ ସଂସ୍କୃତି ଓ ପରମ୍ପରାର ରଜପର୍ବ ଅବସରରେ ପଟ୍ଟାମୁଣ୍ଡାଇ ବାଇପାସ ବିଜୁ ପଟ୍ଟନାୟକ ଛକଠାରେ ରାଜ୍ୟ ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଦେବ କହିଥିଲେ, ପଟ୍ଟାମୁଣ୍ଡାଇ ବିକାଶକୁ ଆଗେଇ ନିଆଯିବ। ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ସାମିଲ ହେବା ପରେ ପ୍ରଥମଥର ନିଜ ନିର୍ବାଚନମଣ୍ଡଳୀ ଆଳି ଗସ୍ତରେ ଯାଉଥିବା ମନ୍ତ୍ରୀ ଦେବଙ୍କୁ ପଟ୍ଟାମୁଣ୍ଡାଇଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଅଧକ୍ଷ ହେମନ୍ତ ସାହୁ, ଜିଲା ପରିଷଦ ଉପାଧକ୍ଷ ଅଶୋକ ପ୍ରତିହାରୀ, ପ୍ରାକ୍ତନ ଉପାଧକ୍ଷା ପ୍ରତିନିଧି ଜିତୁ ସାହୁ, ରାଜନଗର ବ୍ଲକ ପ୍ରାକ୍ତନ ଅଧକ୍ଷ ସୁରେନ୍ଦ୍ର ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲା ବିଜେଡି ସମ୍ପାଦକ ଶ୍ରୀକାନ୍ତ ରାଉତ, ଜିଲା ସାମ୍ବାଦିକ ୟୁନିୟନ ଉପସଭାପତି ଅକ୍ଷୟ ସାହୁ, ନିରଞ୍ଜନ ପଟ୍ଟନାୟକ, ପଟ୍ଟାମୁଣ୍ଡାଇ ବିକାଶ ମଞ୍ଚ ସଭାପତି ସୁଶାନ୍ତ ପଣ୍ଡା,ନଗର ଯୁବ ବିଜେଡି ସଭାପତି ମନୋଜ ନାୟକ, ସମ୍ପାଦକ ଗୁଡୁ ବିଶ୍ୱାଳ, ଜିଲା ଯୁବବିଜେଡି ଉପସଭାପତି ସୁରେଶ ସାହୁ, ସମ୍ପାଦକ ଅଶୋକ ଧଳ, ବ୍ଲକ ବିଜେଡି ସାଧାରଣସମ୍ପାଦକ କଳାକାର ପ୍ରଧାନ, ସହିରା ସରପଞ୍ଚ ହେମନ୍ତ ମହାନ୍ତି ପ୍ରମୁଖ ବହୁ ବିଜେଡି ନେତା, କର୍ମକର୍ତ୍ତା ଓ ଜନସାଧାରଣ ମନ୍ତ୍ରୀ ଦେବଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମନ୍ତ୍ରୀ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ଧୁମଧାମରେ ପହିଲି ରଜ ପାଳିତ

ଧର୍ମଶାଳା,୧୪।୬(ଡି.ଏନ.ଏ.): ମଙ୍ଗଳବାର ଥିଲା ପହିଲି ରଜ। ଗାଁଠୁ ସହର ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳିଛି। କରୋନା କଟକଣା ଯୋଗୁ ଗତ ୨ ବର୍ଷ ହେଲା ଲଗାତାର ଭାବେ ନିରାଡମ୍ବର ସହକାରେ ଲୋକେ ରଜ ଉତ୍ସବ ପାଳନ କରିଥିଲେ । ହେଲେ ଚଳିତ ବର୍ଷ ଏହି କଟକଣା କୋହଳ ହୋଇଥିବାରୁ ଲୋକେ ରଜପର୍ବକୁ ଆଡମ୍ବର ସହ ପାଳନ କରୁଥିବା ଦେଖିବାକୁ ମିଳିଛି । ଧର୍ମଶାଳା ବ୍ଲକର ବିଭିନ୍ନ ଗ୍ରାମରେ ରଜ ଉତ୍ସବ ଖୁବ୍ ଧୁମଧମରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଘରେ ଘରେ ବିଭିନ୍ନ କିସମର ପିଠାପଣା ତିଆରି ସାଙ୍ଗକୁ ଯୁବତୀମାନେ ନୂତନବସ୍ତ୍ର ପରିଧାନ କରି ବୁଲାବୁଲି କରିବା ସହିତ ଦୋଳି ଓ ଲୁଡୁ ଖେଳର ମଜାନେଉଛନ୍ତି । ସେହିପରି ରଜର ମୁଖ୍ୟ ଆକର୍ଷଣ କବାଡି ଖେଳ କରୋନା ଯୋଗୁ ଗତ ୨ ବର୍ଷ ହେଲା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିବା ବେଳେ ଚଳିତଥର ବିଭିନ୍ନ ଗ୍ରାମରେ ଯୁବକମାନେ ଖୁବ୍ ଉତ୍ସାହର ସହକାରେ କବାଡି ଖେଳୁଥିବା ଦେଖିବାକୁ ମିଳିଛି । ତେବେ ସହରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ବିଭିନ୍ନ କିସମର ଗଛରେ ଭରପୁର ତୋଟାଗୁଡିକ ଏବେ ଗଛ ଶୂନ୍ୟ ହୋଇପଡିଥିବାରୁ ଅନେକସ୍ଥାନରେ ଯୁବତୀମାନେ ଘରେ ଦୋଳି ଲଗାଇ ଖେଳୁଥିବା ଦେଖିବାକୁ ମିଳିଛି ।

# ସ୍ନାନ ପରେ ଶ୍ରୀଜୀଉଙ୍କ ଗଜାନନ ବେଶ

**କେନ୍ଦ୍ରାପଡ଼ା ଅଫିସ, ୧୪।୬:**

ଦୀର୍ଘ ଦୁଇବର୍ଷ ପରେ କେନ୍ଦ୍ରାପଡ଼ା ଜିଲା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ ବ୍ରହ୍ମ ତାଳଧ୍ୱଜ ରଥରେ ମାଉସୀ ମା’ ମନ୍ଦିରକୁ ଯିବେ। କରୋନା ସଂକ୍ରମଣ ପାଇଁ ଏହି ଦେବନୀତି ବନ୍ଦ ରହିଥିବା ବେଳେ ଚଳିତବର୍ଷ ରଥଯାତ୍ରା ପାଇଁ ନବ ଉନ୍ମାଦରେ ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ନୀତି ମଙ୍ଗଳବାର ଶେଷ ହୋଇଛି। ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ପରିସରରୁ ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ନୀତି ସହ ଗଜାନନ ବେଶ ହୋଇଛି। ସେହିପରି ମନ୍ଦିର ବାହାର ରଥଖଳାଠାରେ ବ୍ରହ୍ମ ତାଳଧ୍ୱଜ ରଥର ଦୁଇଟି ନୂତନ ଚକ ଡେରା ଲାଗି ହୋଇଛି। କରୋନା ସଂକ୍ରମଣ କଟକଣା ହଟି ଯାଇଥିବାରୁ ଶ୍ରୀଜୀଉଙ୍କ ସ୍ନାନନୀତି, ଗଜାନନ ବେଶ ଦେଖିବାକୁ ମନ୍ଦିର ପରିସର ଓ ବାହାରେ ସକାଳରୁ ରାତିଯାଏ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ମନ୍ଦିର ପରିସରରେ ଘଣ୍ଟ, ଘଣ୍ଟା, କାହାଳି, ମର୍ଦ୍ଦଳର ଗୁରୁଗମ୍ଭୀର ସ୍ୱର ସହ ମନ୍ତ୍ର ଉଚ୍ଚାରଣ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏ ସମ୍ପର୍କରେ ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି, ସୋମବାର ରାତ୍ରିର ବଡ଼ସିଂହାର ବେଶ ପରେ ୩ ଠାକୁର ଚକା (ରତ୍ନ ସିଂହାସନ) ଛାଡି ଥିଲେ।



ସ୍ନାନବେଦୀରେ ଶ୍ରୀବଳଦେବଜୀଉ, ଜଗନ୍ନାଥଙ୍କ ଗଜାନନ ବେଶ ଓ ମା’ ସୁଭଦ୍ରା ପଦ୍ମ ବେଶରେ ସଜ୍ଜିତ ହୋଇଛନ୍ତି ।

ଶ୍ରୀଜୀଉମାନଙ୍କୁ ଅଣାଯାଇ ମନ୍ଦିର ଭୋଗ ମଣ୍ଡପଠାରେ ବିଜେପଣ୍ଡାଙ୍କ ଦ୍ୱାରା ସେନାପଟା ବେଶରେ ସଜ୍ଜିତ କରାଯାଇଥିଲା। ଏହା ପୂର୍ବରୁ ମନ୍ଦିର ବେଢ଼ା ମଧ୍ୟସ୍ଥ ବାଙ୍ଖିରୁ ସେବାୟତମାନେ ୧୦୮ ଜଳ ସଂଗ୍ରହ କରିଥିଲେ। ଏହାକୁ ରାଜପୁରୋହିତଙ୍କ ଦ୍ୱାରା ଅଭିମନ୍ତ୍ରିତ କରାଯିବା ସହ ହରିଡ଼ା, ଚନ୍ଦନ, ଜାଇଫଳ ଓ ସୁଗନ୍ଧିତ ଅତର ମିଶ୍ରଣ କରାଯାଇଥିଲା। ଏହି କଳସକୁ ମୁକ୍ତିମଣ୍ଡପରେ ରଖାଯାଇଥିଲା। ମଙ୍ଗଳବାର ପ୍ରତ୍ୟୁଷରୁ ରାଜ ପୁରୋହିତଙ୍କ ପୁଷ୍ପାଞ୍ଜଳି ନୀତି ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଠାକୁରଙ୍କୁ ରାଜଭେଟି ଅର୍ପଣ ହୋଇଥିଲା। ପରେ ୩ ଠାକୁରଙ୍କ ଡୋରି ଫିଟାଯାଇ ଧାଡି ପହଣ୍ଡିରେ ସ୍ନାନବେଦିକୁ ବିଜେ କରାଯାଇଥିଲା। ସେଠାରେ ଅଭିମନ୍ତ୍ରିତ ୧୦୮ କଳସ ଜଳ ମହାପ୍ରଭୁଙ୍କ ଶ୍ରୀଚରଣରେ ଲାଗି କରାଯାଇଥିଲା। ଏହି ଅବସରରେ ପୂଜାନୀତି ଅନୁଯାୟୀ, ଚନ୍ଦନ ସ୍ନାନ ହୋଇଥିଲା। ସ୍ନାନବେଦୀ ଉପରେ ଶ୍ରୀଜୀଉଙ୍କୁ ୧୦ ଉପଚାରରେ ବଲ୍ଲଭ ମଣୋହି ହୋଇଥିଲା। ଅପରାହ୍ନ ୨ଟାରେ ଶ୍ରୀବଳଦେବଜୀଉ ଓ ଶ୍ରୀଜଗନ୍ନାଥଙ୍କୁ ଗଜାନନ ବେଶ କରାଯାଇଥିଲା। ମା’ ସୁଭଦ୍ରା ପଦ୍ମବେଶରେ ବିଭୂଷିତ ହୋଇଥିଲେ। ସ୍ନାନବେଦୀରେ ଶ୍ରୀଜୀଉମାନେ କାଠି ନୋଳ ମସ୍ତକରେ ଧାରଣ କରିଥିବା ବେଳେ ଗଜାନନ ବେଶରେ ସୋଲ ମୁକୁଟ ପରିଧାନ କରିଥିଲେ। ଅନ୍ୟପକ୍ଷେ ପାରମ୍ପରିକ ରୀତିନୀତିରେ ରଥଖଳାରୁ ନୂତନ ଚକ ଦୁଇଟିକୁ ଅଖ ନିକଟକୁ ଅଣା ଯାଇଥିଲା। ପୂଜାପଣ୍ଡାମାନେ ଆଜ୍ଞାମାଳ ଦେବା ପରେ ରଥ ଅରରେ ଡେରା ଲାଗି ହୋଇଥିଲା। ମନ୍ଦିର ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ଆସନ୍ତା ୧୫ଦିନ ଧରି ଶ୍ରୀଜୀଉଙ୍କ ଗୁପ୍ତ ନୀତି ଆରମ୍ଭ ହେବ। ମନ୍ଦିର ମଧ୍ୟରେ ପତିଦିଅଁ ଶୁକ୍ରବାରଠାରୁ ପୂଜା ପାଇବେ। ଶାନ୍ତି ଶୃଙ୍ଖଳା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ବଳ ନିୟୁକ୍ତ ହୋଇଥିଲା।

### ପତିତପାବନ ମନ୍ଦିରରେ ସ୍ନାନପୂର୍ଣ୍ଣିମା

**ପଟ୍ଟାମୁଣ୍ଡାଇ,୧୪।୬(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ପତିତପାବନ ମନ୍ଦିରରେ ପବିତ୍ର ସ୍ନାନ ପୂର୍ଣ୍ଣିମା ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜକ ସନ୍ତୋଷ କୁମାର ଦାଶ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମାତ୍ ସୁଭଦ୍ରାଙ୍କ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ପୂର୍ବାହ୍ନ ୯.୧୫ ମିନିଟ୍‌ରେ ଠାକୁରଙ୍କ ପହଣ୍ଡି ବିଜେ ସାଢେ ୧୦ଟାରେ ୧୦୮ କଳସ ଦ୍ୱାରା ମହାସ୍ନାନ କରାଯାଇଥିଲା। ପରେ ଠାକୁରଙ୍କ ନୀତି କରାଯାଇ ଅପରାହ୍ନ ୩ଟା ବେଳେ ହାତୀ ବେଶ କରାଯାଇଥିଲା। ସନ୍ଧ୍ୟା ୬ଟାରେ ଆଳତି ଓ ରାତି ୯ଟାରେ ପହଣ୍ଡି ବିଜେ ପରେ ଠାକୁର ଅଣସର ଘରକୁ ବିଜେ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନଙ୍କ ସହ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ରାଉତ, ଜିଲା ସାମ୍ବାଦିକ ୟୁନିୟନ ଉପସଭାପତି ଅକ୍ଷୟ ସାହୁ, ଖବରଦାତା ପତିତପାବନ ଭଦ୍ର, ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ନରହରି ଲେଙ୍କା, କୋଷାଧକ୍ଷ ଶୁକଦେବ ସ୍ୱାଇଁ, ପ୍ରଫେସର ଅର୍ଜୁନ ନାୟକ, ଇଂ. ତ୍ରିଲୋଚନ ସୂତାର, ବିଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ଦଇତାପତି ସେବକମାନେ ସ୍ନାନ ପୂର୍ଣ୍ଣିମାର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ପହିଲି ରଜର ମଜା ଉଠାଇଲେ ଗ୍ରାମବାସୀ



ରାମଚଣ୍ଡୀ ମନ୍ଦିର ମେଳଣପଡ଼ିଆରେ ଝିଅମାନେ ଦୋଳି ଖେଳୁଛନ୍ତି ।



ଜଣେ ବ୍ୟବସାୟୀ ରଜ ପାନର ପସରା ମେଲାଇଛନ୍ତି।

**ମହାକାଳପଡ଼ା,୧୪।୬(ଡି.ଏନ୍.ଏ.)**

ମଙ୍ଗଳବାର ପହଲି ରଜର ମଜା ଉଠାଇଛନ୍ତି ଗ୍ରାମବାସୀ । ବିଭିନ୍ନ ଗାଁରେ ଏଥିପାଇଁ ଆସର ଚାଲିଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ପ୍ରାଚୀନ ଶକ୍ତିପୀଠ ମା’ରାମଚଣ୍ଡୀ ମନ୍ଦିର ମେଲଣପଡ଼ିଆ ଏଥିପାଇଁ ଉତ୍ସବମୁଖର ହୋଇଉଠିଛି। ସ୍ଥାନୀୟ ଯୁବତୀ ଯୁବକମାନେ ପୁରୁଣା ଚାକୁଣ୍ଡା ଗଛରେ ଦୋଳି ବାନ୍ଧି ଖେଳିଥିଲେ । ସେଠାରେ ଖୋଲିଥିବା ରଜ ପାନ ଦୋକାନରୁ ମିଠା ମସଲାଦିଆ ପାନ ଖାଇଥିଲେ । ସମସ୍ତେ ନୂଆ ପୋଷାକ ଓ ଶାଢ଼ି ଚୁଡ଼ି ପିନ୍ଧିଥିଲେ । ପ୍ରତି ଘରେ ପିଠାପଣାର ଆସର ଜମିଛି । ଏହି ଅବସରରେ ବିଭିନ୍ନ ଗାଁରେ ଦୋଳିଖେଳ ଚାଲିଛି । ଗ୍ରାମବାସୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ରଜପର୍ବ ପାଳନ ପାଇଁ ଆୟୋଜନ କରାଯାଇଛି। ଜମ୍ବୁ, ଛପାଲି, ବିଜୟନଗର, ଦେଉଳପଡା, ଓର, ଆଳାଇଲୋ, ବରକନ୍ଧା, ଓସ୍ତର, ବଡକୂଳ, ତିଖିରି, ଖୁରୁସିଆ, ଗଡରୋମିତ, ଯଦୁପୁର, ଅମେଇପାଳ, ତେରଗାଁ, ମହାକାଳପଡ଼ା, କିଆରବାଙ୍କ ଆଦି ଗ୍ରାମରେ ପାରମ୍ପରିକ ରଜପର୍ବ ପାଳିତ ହେଉଛି । ସେହିପରି ବ୍ଲକର ଆଦିବାସୀ ବହୁଳ ବାରନମ୍ବର, ଶବରପଡ଼ା, ଲୁଣିମାଠିଆ, ସିଂପଡ଼ା, ବାଘୁଆ ମେଦ ଓ ପନ୍ଦରମାଇଲି ଆଦି ଗ୍ରାମରେ ପୁରୁଷ ଓ ମହିଳାମାନେ ନୃତ୍ୟ ସଙ୍ଗୀତରେ ମସ୍‌ଗୁଲ ହୋଇଥିବା ଦେଖିବାକୁ ମିଳିଛି ।

### କେରେଡାଗଡର ଶ୍ରୀଜଗନ୍ନାଥ ଗଜାନନ ବେଶ

**ରାଜନଗର, ୧୪।୬(ଡି.ଏନ.ଏ.)**

ରାଜନଗରର କେରେଡାଗଡ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବା ସହ ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସ୍ନାନ ପୂର୍ଣ୍ଣିମା ପାଇଁ ମନ୍ଦିର ବେଢା ଭିତରେ ଥିବା କୂଅକୁ ସୋମବାର ପଣ୍ଡିତଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ୫୪କଳସ ଜଳ ତୋଳାଯାଇ ଗମ୍ଭୀର ଭିତରେ ରଖାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ସାଢେ ୯ଟାରେ ପହଣ୍ଡି ବିଜେ କରାଯାଇ ମହାପ୍ରଭୁଙ୍କୁ ସ୍ନାନବେଦୀକୁ ନିଆଯାଇଥିଲା। ସ୍ନାନବେଦୀରେ ମହାପ୍ରଭୁଙ୍କ ନୀତିକାନ୍ତି ସହ ୫୪ କଳସ ଜଳରେ ମହାପ୍ରଭୁ ସ୍ନାନ କରିଥିଲେ। ସ୍ନାନ ପରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ମହାପ୍ରଭୁଙ୍କୁ ପୁଣି ପହଣ୍ଡି କରାଯାଇ ଅଣସର ଘରକୁ ନିଆଯାଇଛି। କରୋନା କଟକଣା ପରେ ପ୍ରଥମଥର ପାଇଁ ମହାପ୍ରଭୁଙ୍କୁ ସ୍ନାନବେଦୀରେ ଦେଖିବାକୁ ହଜାର ହଜାର ଭକ୍ତଙ୍କ ଭିଡ ଜମିଥିଲା। ସେହିପରି ରାଜନଗରର ଦଧିବାମନଜୀଉ, ପେଣ୍ଠ ବନବିହାରୀଜୀଉ, ରିଘାଗଡର ଶ୍ରୀଜଗନ୍ନାଥଙ୍କ ପୀଠରେ ଠାକୁରଙ୍କୁ ସ୍ନାନବେଦୀଙ୍କୁ ଅଣାଯାଇ ମହାସ୍ନାନ କରାଯାଇଛି। ସ୍ନାନ ବେଦୀରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।



ସ୍ନାନ ବେଦୀରେ କେରେଡାଗଡ଼ର ଶ୍ରୀଜଗନ୍ନାଥ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**ବାସୁଦେବପୁର,୧୪।୬(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବଚ୍ଛଦା ଗ୍ରାମସ୍ଥିତ ଏକ ଗଛରୁ ମଙ୍ଗଳବାର ବାସୁଦେବପୁର ପୋଲିସ ଜଣେ ଯୁବକଙ୍କର ଝୁଲନ୍ତା ମୃତଦେହକୁ ଜବତ କରିଛି। ମୃତକ ହେଲେ ନୂଆଗାଁ ପଞ୍ଚାୟତର ଉହାଡ଼ ଗାଁର ରତିକାନ୍ତ ନାୟକ। ତାଙ୍କର ମୃତ୍ୟୁକୁ ନେଇ ସନ୍ଦେହ ଦେଖାଦେବା ସହ ବଚ୍ଛଦା ଅଞ୍ଚଳର କେତେଜଣ ବ୍ୟକ୍ତି ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରି ଗଛରେ ଟାଙ୍ଗି ଦେଇଛନ୍ତି ବୋଲି ରତିକାନ୍ତଙ୍କ ବାପା ନାରାୟଣ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୭ଜଣଙ୍କ ନାମରେ ମାମଲା (ନଂ.୨୫୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ମୃତ ରତିକାନ୍ତ କାହିଁକି ଓ କିପରି ବଚ୍ଛଦା ଗ୍ରାମକୁ ଆସିଲେ ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

# ଆଳିରେ ମନ୍ତ୍ରୀ ପ୍ରତାପ ଦେବଙ୍କୁ ସମ୍ବର୍ଦ୍ଧନା

**ଆଳି,୧୪।୬(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଶିଳ୍ପ, ଶକ୍ତି ଓ ଲଘୁଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଆଳିବାସୀଙ୍କ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅପରାହ୍ନରେ ମନ୍ତ୍ରୀ ଦେବ ଆଳିକୁ ପ୍ରଥମଥର ପାଇଁ ଗସ୍ତ ଅବସରରେ ମୁଖଶାଳା ପତ୍ରପୁର ସେତୁ ନିକଟରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ଆଳି ବ୍ଲକର ୩୪ ପଞ୍ଚାୟତର ହଜାର ହଜାର ବିଜେଡି କର୍ମୀ ତାଙ୍କୁ ଶୋଭାଯାତ୍ରା କରି ପାଛୋଟି ଆଣିଥିଲେ। ପତ୍ରପୁର ଛକ, ସିଙ୍ଗିରି ବଜାର, ଚଣ୍ଡିବଜାର, ଡାକବଙ୍ଗଳା ଛକ ଆଦି ବିଭିନ୍ନ ସ୍ଥାନରେ ଅପେକ୍ଷା କରିଥିବା ସାଧାରଣ ଜନତା ଓ ବିଜେଡି କର୍ମୀମାନେ ସ୍ୱାଗତ କରିଥିଲେ। ପରେ ଅନ୍ନପୂର୍ଣ୍ଣା ପଡିଆଠାରେ ଆୟୋଜିତ ସାଧାରଣ ସମ୍ବର୍ଦ୍ଧନା ଉତ୍ସବରେ ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଦେବ ଯୋଗ ଦେଇଥିଲେ। ଏହି ସଭାରେ ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ,ଉପାଧାକ୍ଷା ମିନତୀ ବାରିକ,ଜିଲ୍ଲା ପରିଷଦ ସଭ୍ୟ କନକଲତା ବେହେରା ସ୍ୱାଗତିକା ରାଉତ, ଜୟୀରାମ ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଦେବ ଏହି ସମ୍ବର୍ଦ୍ଧନାର ଶ୍ରେୟ ସେ ଆଳି ନିର୍ବାଚନ ମଣ୍ଡଳୀର ଆଳି ଓ ରାଜକନିକାର ପ୍ରତ୍ୟେକ ଜନସାଧାରଣଙ୍କୁ ଦେଇଛନ୍ତି। କାରଣ ଅଞ୍ଚଳବାସୀ ତାଙ୍କୁ ବିଜୟ କରିଥିବାରୁ ଆଜି ତାଙ୍କୁ ଏହି ପଦୀ ମିଳିଛି। ଜିଲା ପରିଷଦ ସଭ୍ୟ ମହାନ୍ତି ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ପାହ୍ୟାରେ ପ୍ରତାପ ଦେବଙ୍କୁ ସ୍ଥାନ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଗୌଡ଼ପାଟଣା ନିକଟରେ ଆଳି ବସ୍ ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ମନ୍ତ୍ରୀ ଦେବ ଶୁଭ ଦେଇଥିଲେ। ଏହି କାର୍ଯ୍ୟକୁ ସୁବ୍ରତ ଦାଶ, ମନୋଜ ମହାନ୍ତି, କୃଷ୍ଣଚନ୍ଦ୍ର ପରିଡା, ନିର୍ମଳ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ସମ୍ବର୍ଦ୍ଧନା ଅବସରରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ।

# ଭିତରକନିକାରେ ଶୁଭିଲାଣି ଦେଶୀୟ ପକ୍ଷୀଙ୍କ କାକଳି

**ରାଜନଗର, ୧୪।୬(ଡି.ଏନ.ଏ.)**

ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ ବଢିବାରେ ଲାଗିଛି। ଭିତରକନିକାର ମଠଆଡିଆ, ଭିତରକନିକାପାଟିଆ ଓ ଲକ୍ଷ୍ମୀପ୍ରସାଦଡିଆରେ ଦେଶୀୟ ପକ୍ଷୀ ଭିଡ ଜମାଇଲେଣି। ଦେଶୀୟ ପକ୍ଷୀଙ୍କ କାକଳିରେ ଭିତରକନିକା ଏବେ କୋଳାହଳମୟ ହୋଇ ଉଠିଛି।

ଭିତରକନିକାକୁ ଜୁନ୍‌ରୁ ଦେଶୀୟ ପକ୍ଷୀମାନଙ୍କର ଆଗମନ ହୋଇଥାଏ। ମା’ପକ୍ଷୀମାନେ ବସାରେ ଅଣ୍ଡାଦେଇ ଛୁଆ ଫୁଟାଇବା ପରେ ସେମାନଙ୍କୁ ସାଙ୍ଗରେ ଧରି ଅକ୍ଟୋବର ଶେଷ ସୁଦ୍ଧା ଫେରି ଯାଇଥାନ୍ତି। ମୌସୁମୀର ଆଗମନରେ ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶବିସ୍ତାର ଓ ଭିତରକନିକାରେ ରହି ଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି। ଜଳବାୟୁର ପରିବର୍ତ୍ତନ ଓ ବିଶ୍ୱତାପନର ପ୍ରଭାବ ଯୋଗୁ ଭିତରକନିକାର ଜୈବ ବିବିଧତା ପ୍ରଭାବିତ ହୋଇଥିବାରୁ କ୍ରମାଗତ ଭାବେ ଦେଶୀୟ ପକ୍ଷୀ ଠିକଣା ବଦଳାଇବାରେ ଲାଗିଛନ୍ତି। ପୂର୍ବରୁ ବଗଗହନରେ ଦେଶୀୟ ପକ୍ଷୀମାନେ ଭିଡ ଜମାଉଥିଲେ। ଗତ ୫ ବର୍ଷ ହେଲା ବଗଗହନଠାରୁ ୩ କିମି ଦୂର ମଠଆଡିଆରେ ଦେଶୀୟ ପକ୍ଷୀଙ୍କ କଳରବ ଶୁଭୁଛି। ୨୦୧୯ ମସିହାରୁ ମଠଆଡିଆ ସହ ଲକ୍ଷ୍ମୀପ୍ରସାଦଡିଆ ଓ ଦୁର୍ଗାପ୍ରସାଦଡିଆରେ ଦେଶୀୟ ପକ୍ଷୀମାନେ ଭିଡ ଲାଗୁଛି। ଗତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ପ୍ରକାର ପକ୍ଷୀଙ୍କ ସମାଗମ ହୋଇଥିଲା। ପକ୍ଷୀଗୁଡିକ ମଧ୍ୟରେ ଗେଣ୍ଡାଳିଆ ସର୍ବାଧିକ ୭୩,୬୨୭ଟି, ରାଣୀବଗ ୫,୨୫୯ଟି, ମଝିଆ ବଗ ୩,୮୯୬ଟି, ଛୋଟ ବଗ ୨,୩୭୫ଟି, ଖଇରା ବଗ ୩,୦୭୬ଟି, ମାଟିଆ ବଗ ୩,୧୪୯ଟି, ପାଣିକୁଆ ୯,୬୭୭ଟି, ଅନ୍ଧାରିଆ ବଗ ୧୬୩୭ଟି, ଦାବେଂଟିଆ ୪,୪୨୬ଟି, କାପରଖାଇ ୧୫୧୭ଟି ପକ୍ଷୀ ଚିହ୍ନଟ ହୋଇଥିଲେ। ଚଳିତବର୍ଷ ମୌସୁମୀ ବର୍ଷା ଆରମ୍ଭ ହୋଇ ନ ଥିଲେ ମଧ ଦେଶୀୟ ପକ୍ଷୀ ଭିତରକନିକାକୁ ଆସିବାରେ ଲାଗିଛନ୍ତି। ଭିତରକନିକାର ମଠଆଡିଆ ଓ ଲକ୍ଷ୍ମୀପ୍ରସାଦଡିଆରେ ଗେଣ୍ଡାଳିଆ, ଖଇରା, ଅଞ୍ଜନା, ରାଣୀବଗ, ମଝିଆବଗ, ବଡବଗ, ଅନ୍ଧାରିଆବଗ, ମାଛରଙ୍କା ପ୍ରଭୃତି ଦେଶୀୟ ପକ୍ଷୀ ଭିଡ ଜମାଇଲେଣି। ଏହି ଦେଶୀୟ ପକ୍ଷୀମାନେ ବନୀ, ଗୁଆଁ, ସିଙ୍ଗଡା, ରାଇ, ସିନ୍ଦୁକା, କେରୁଆଁ ଆଦି ଗଛରେ ବସା ବାନ୍ଧୁଥିବାର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି।



ରାଜନଗର ଭିତରକନିକାରେ ଦେଶୀ ପକ୍ଷୀଙ୍କ ସମାଗମ।

## ସଂକ୍ଷେପରେ

### ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ: ୫ ଗିରଫ

ଏରସମା,୧୪।୬(ସ୍ୱ.ପ୍ର.):ଏରସମା ଥାନା ଅନ୍ତର୍ଗତ ନୂଆଗିହି ପଞ୍ଚାୟତସ୍ଥିତ ମଠସାହି ଗ୍ରାମରେ ଜମିବାଡି ବିବାଦକୁ ନେଇ ଜଣେ ବୃଦ୍ଧଙ୍କୁ ମଙ୍ଗଳବାର ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ ଗ୍ରାମର ଦିବାକର ଦାସ(୬୫)। ଏନେଇ ଥାନାରେ ଅଭିଯୋଗ ହେବା ପରେ ତଦନ୍ତକାରୀ ଅଧିକାରୀ ଯୋଗେଶ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଦିବାକରଙ୍କ ପୁଅ ପ୍ରକାଶଙ୍କ ଅଭିଯୋଗକୁ ଭିତ୍ତି କରି ମାମଲା (ନଂ. ୨୦୪/୨୨)ରୁଜୁ କରାଯାଇଛି। ଏହି ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ବାସୁଦେବ ରାଉତଙ୍କ ସମେତ ଅମୂଲ୍ୟ ଦାସ, ଅଙ୍କିତ ଦାସ, ଅମିତ ଦାସ, ରବୀନ୍ଦ୍ର ବାରିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ବାସୁଦେବ ଓ ଦିବାକରଙ୍କ ମଧ୍ୟରେ ଜମିବାଡି ବିବାଦ ଲାଗି ରହିଥିଲା। ଏହାକୁ ନେଇ ସକାଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। ବାସୁଦେବ ଓ ତାଙ୍କ ସମର୍ଥକମାନେ ଦିବାକରଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଅପରପକ୍ଷେ ଅମୂଲ୍ୟଙ୍କ ସ୍ତ୍ରୀ ନମିତା ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ମାମଲା (ନଂ. ୨୦୫/୨୨)ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ ବେହେରା କହିଛନ୍ତି।

### ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳି

କୁଜଙ୍ଗ,୧୪।୬ (ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଅଧୀନରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ବଦଳି କରାଯାଇଛି। ଶଶିଭୂଷଣ ବେହେରା, ସ୍ମୃତି ରଞ୍ଜନ ଗୁରୁ, ପ୍ରଦ୍ୟୁମ୍ନ କୁମାର ଖୁଣ୍ଟିଆ, ଅଜୟ କୁମାର ସାହୁ, ସୁଧାଂଶୁ ଶେଖର ଜେନା, ପ୍ରତାପ କୁମାର ମହାପାତ୍ର, ଭୀମସେନ ମୁର୍ମୁ, ଲତିକା ମଞ୍ଜରୀ ରାଉତ, ପରିକ୍ଷିତ ସ୍ୱାଇଁ, ସଂଯୁକ୍ତା ବିଶ୍ୱାଳ, ସହଦେବ ଗୁରୁଙ୍କୁ ବାଲିକୁଦା, ରଘୁନାଥପୁର, ଜଗତ୍‌ସିଂହପୁର, ଏରସମା, ନାଉଗାଁ, ତିର୍ତ୍ତୋଲ ଓ ବିରିଡି ଆଦି ବ୍ଲକକୁ ବଦଳି କରାଯାଇଛି। ସେମାନଙ୍କ ସ୍ଥାନରେ ନାଉଗାଁ ବ୍ଲକରେ କାର୍ଯ୍ୟରତ ରଘୁନାଥ ଚମ୍ପୁଆ, ରଘୁନାଥପୁରର ଗୋବିନ୍ଦ ଚନ୍ଦ୍ର ପରିଡା, ବାଲିକୁଦାର ପ୍ରମୋଦ କୁମାର ବେଉରା, ଧୀରେନ୍ଦ୍ର କୁମାର ସେଠୀ, ତିର୍ତ୍ତୋଲର ନିଖିଲ ପ୍ରଧାନ, ଓକିଲ ପ୍ରଧାନ, ଜଗତ୍‌ସିଂହପୁରର ବିଶ୍ୱଜିତ୍ ମଲ୍ଲିକ, ସମୀର ରଞ୍ଜନ ଦାସ, ଏରସମା ବ୍ଲକର ପ୍ରମୋଦ କୁମାର ପାଳ ଓ ନୀହାର ରଞ୍ଜନ ଜେନାଙ୍କୁ କୁଜଙ୍ଗ ବ୍ଲକକୁ ବଦଳି କରାଯାଇଛି। ଏନେଇ ଜିଲାପାଳଙ୍କ ପତ୍ର ନଂ. ୬୧୦-୧୩/୬ ଜରିଆରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏସବୁ ଅଧିକାରୀମାନଙ୍କୁ ୭ ଦିନରେ କାର୍ଯ୍ୟରେ ଯୋଗଦେବା ପାଇଁ ଜିଲାପାଳ ଉକ୍ତ ପତ୍ରରେ ସମସ୍ତ ବିଡିଓ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଅବିଶ୍ରାନ୍ତ ବର୍ଷାରେ ଜନଜୀବନ ଆଶ୍ୱସ୍ତ

ଧର୍ମଶାଳା,୧୪।୬(ଡି.ଏନ.ଏ.): କିଛିଦିନ ହେଲା ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ମଙ୍ଗଳବାର ଅପରାହ୍ନରେ ଘଡଘଡି ସହ ପ୍ରାୟ ୧ ଘଣ୍ଟା କାଳ ବର୍ଷା ଲାଗିରହିବାରୁ ଜନଜୀବନ ଆଶ୍ୱସ୍ତିଲାଭ କରିଛନ୍ତି। ଏବେ ଜୁନ ମାସର ତୃତୀୟ ସପ୍ତାହ ଚାଲିଥିବା ବେଳେ ଆକାଶରୁ ମେଘ ଉଭାନ ହୋଇଯାଇଥିଲା । ଫଳରେ ପ୍ରବଳ ତାତି ଓ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡିଥିଲେ। ସେହିପରି ଜଳବାୟୁରେ ଆଦ୍ରତା ବୃଦ୍ଧି ପାଇଥିବାରୁ ଗୁଳୁଗୁଳିରେ ଲୋକେ ଆଉଟୁପାଉଟୁ ହେଉଥିଲେ। ହେଲେ ମଙ୍ଗଳବାର ଅପରାହ୍ନରେ କଳାମେଘ ଘୋଟି ଆସିବା ସହିତ ବିଜୁଳି ଘଡଘଡି ସହ ପ୍ରାୟ ୧ ଘଣ୍ଟା କାଳ ଅବିଶ୍ରାନ୍ତ ବର୍ଷା ଲାଗିରହିଥିଲା। ଫଳରେ କିଛି ଦିନ ହେଲା ଲାଗିରହିଥିବା ଗୁଳୁଗୁଳିରୁ ଲୋକଙ୍କୁ ଶାନ୍ତି ପାଇଥିଲେ । ସେହିପରି ରଜ ପୂର୍ବରୁ ଲୋକେ ଧାନ ବୁଣାବୁଣି କାମ ସାରିବା କଥା ହେଲେ ଚଳିତ ବର୍ଷ ବର୍ଷା ଉଭାନ ହୋଇଯିବାରୁ ଚାଷ କାମ ବାଧାପ୍ରାପ୍ତ ହୋଇଥିଲା। ମଙ୍ଗଳବାର ଏହି ଅସରାଏ ଭାରି ବର୍ଷା ହେବା ଫଳରେ ଚାଷୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି ।

# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ବାଲିଆ/ବିରିଡି(ଡି,ଏନ୍.ଏ.)୧୪।୬

ବିରିଡ଼ି ବ୍ଲକ ଅନ୍ତର୍ଗତ ହାଜିପୁରସ୍ଥିତ ପଞ୍ଚସଖାଙ୍କ ଧ୍ୟାନ କ୍ଷେତ୍ର ଧାନକୁଦ ପୀଠରେ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ନାନଯାତ୍ରା ପରେ ଚତୁର୍ଦ୍ଧା ମୂର୍ତ୍ତି ଭକ୍ତମାନଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଛନ୍ତି। ପ୍ରାତଃରୁ ଦ୍ୱାରା ପିଟା, ମଙ୍ଗଳ ଆରତି, ମଙ୍ଗଳା ରୋପଣ ଓ ପହଣ୍ଡି କରାଯିବା ପରେ ଅବକାଶ ନୀତି କରାଯାଇଥିଲା। ପୂର୍ବାହ୍ନରେ ରାଜା ବିଶ୍ୱାବସୁ ବିଭୁଦତ୍ତ ସାହୁଙ୍କ ନେତୃତ୍ୱରେ ଦଇତାପତିମାନେ ଜଳ ଯାତ୍ରା ଓ ସ୍ନାନ ଲାଗି କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ମୁକ୍ତି ମଣ୍ଡପ ପଣ୍ଡିତମାନେ ବେଦ ପାଠ କରିଥିଲେ। ପିଠାଧୀସ ବାବା ଅରକ୍ଷିତ ଦାସ ସ୍ନାନ ମଣ୍ଡପ ପରିଭ୍ରମଣ କରିଥିଲେ। ମନ୍ଦିରର ଠାକୁର ରାଜା ପ୍ରମୋଦ କୁମାର ନନ୍ଦି ଛେରା ପହଁରା କରିବା ପରେ ପୂଜାପଣ୍ଡାଙ୍କ ଦ୍ୱାରା ଗଜାନନ ବେଶ କରାଯାଇଥିଲା। ଏହି ବେଶ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ଭିଡ ଜମିଥିଲା। ସେହିପରି ଏହି ବ୍ଲକ ଅନ୍ତର୍ଗତ ନୂଆପାରି ଜଗତଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଅରୂପାନନ୍ଦଜୀ ମହାରାଜଙ୍କ ପୀଠରେ ମଦନମୋହନ ମଠର ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା'ସୁଭଦ୍ରାଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଦ୍ୱାରଫିଟା, ମଙ୍ଗଳଆଳତି, ମଙ୍ଗଳାରୋପଣ, ପୁଷ୍ପାଞ୍ଜଳୀ, ପହଣ୍ଡି, ଅବକାଶ, ସ୍ନାନଲାଗି ଜଳଯାତ୍ରା, ବେଦପାଠ,ଛେରାପହଁରା ଆଦି କରାଯାଇଥିଲା। ପରେ ଗଜାନନ ବେଶ, ଭୋଗଲାଗି, ସାହାଣମେଲା, ପହଣ୍ଡି, ଅଣସରବିଜେ ପରେ ପଟିବନ୍ଧା ଓ ପଟିଦିଅଁ ବିଜେ କରାଯାଇଥିଲା । ଦର୍ଶନ ଲାଗି ଜଗତ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଅରୂପାନନ୍ଦଜୀ ମହାରାଜ ସ୍ନାନ ମଣ୍ଡପକୁ ଆସିଥିଲେ ।



ଧାନକୁଦ ପୀଠରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

# ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା

ଜଗତସିଂହପୁର ଅଫିସ, ୧୪।୬

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅଭୟଚାନ୍ଦପୁର ଥାନା ଢ଼ିଙ୍କିଆ ତ୍ରିଲୋଚନପୁର ଗ୍ରାମର ପ୍ରଦୀପ ଘଡେଇଙ୍କ ଝିଅ ସଂଯୁକ୍ତା ଓରଫ ଶ୍ରୀୟାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପ୍ରଦୀପଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା ରୁଜୁ କରଯାଇ ଅଭିଯୁକ୍ତ ସ୍ୱାମୀ ସ୍ୱରୂପ ଗୋଛାୟତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ଅଭିଯୋଗ ଅନୁଯାୟୀ, ୨୦୧୩ରେ ଶ୍ରୀୟା ଓ ସ୍ୱରୂପଙ୍କ ମଧ୍ୟରେ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ ହୋଇଥିଲା। ଦାବି ମୁତାବକ ଯୌତୁକ ଦିଆଯାଇଥିଲା। କିନ୍ତୁ ଅଧିକ ୫୦ ହଜାର ଟଙ୍କା ଯୌତୁକ ଦାବି କରି ବିଭିନ୍ନ ସମୟରେ ଅଭିଯୁକ୍ତ ସ୍ୱରୂପ ଓ ତାଙ୍କ ବାପା ଶ୍ରୀୟାଙ୍କୁ ମାରଧର କରୁଥିଲେ । ଏପରି କି ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଭଦ୍ର ଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲା। ଗତ ୧୨ ତାରିଖରେ ଶ୍ରୀୟାଙ୍କୁ ମାଡ ହୋଇଥିବା ସେ ତାଙ୍କ ଭାଇଙ୍କୁ ଫୋନରେ କହିଥିଲେ। ତା'ପରେ ଶ୍ରୀୟା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ବୋଲି ସ୍ୱରୂପ ଶ୍ୱଶୁରଘରକୁ ଫୋନ କଲ କରି ଜଣାଇଥିଲେ। ଏନେଇ ଶ୍ରୀୟାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି ସେ କହିଥିଲେ। ଖବର ପାଇ ପ୍ରଦୀପ ପଡୋଶୀଙ୍କ ସହ ମିଶି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଲା ବେଳକୁ ଶ୍ରୀୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ଜଣାପଡ଼ିଥିଲା। ଶ୍ରୀୟାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଦୀପ ଦାବି କରିଛନ୍ତି। ଶ୍ରୀୟାଙ୍କ ୨ଟି କନ୍ୟା ସନ୍ତାନ ଥିବାବେଳେ ସେମାନଙ୍କ ଜୀବନପ୍ରତି ବିପଦ ଆଶଙ୍କା କରି ସୁରକ୍ଷା ଯୋଗାଇଦେବାକୁ ସେ ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

# ଓ୍ୱାଇସିଙ୍କ ବିରୋଧରେ ଥାନାରେ ଅଭିଯୋଗ

## ବୁଦ୍ଧଦେବଙ୍କ ସୌଧ ଉପରେ ଶ୍ରୀମନ୍ଦିର ନିର୍ମିତ ବିବୃତିକୁ ନେଇ ତୀବ୍ର ପ୍ରତିକ୍ରିୟା

ଜଗତସିଂହପୁର ଅଫିସ, ୧୪।୬

ହାଇଦ୍ରାବାଦ ଏମ୍‌ପି ତଥା ଅଲ ଇଣ୍ଡିଆ ମଜଲିସ୍ ଇ ଇତେହାଦୁଲ ମୁସଲିମ (ଏଆଇଏମ୍‌ଆଇଏମ୍)ର ନେତା ଅସାଦୁଦ୍ଦିନ୍ ଓ୍ୱାଇସି ପୁରୀର ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ମନ୍ଦିରକୁ ନେଇ ବିଭ୍ରାନ୍ତିକର ବକ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି, ବୁଦ୍ଧଦେବଙ୍କ ସୌଧ ଉପରେ ଶ୍ରୀ ମନ୍ଦିର ନିର୍ମିତ ହୋଇଛି। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଭାଇରାଲ ହେବା ପରେ ଏହାକୁ ବିରୋଧ କରି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ଜିଲା ଶାଖା ପକ୍ଷରୁ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଭାରତୀୟ ସଂସ୍କୃତି, ହିନ୍ଦୁ ଧାର୍ମିକ ଭାବନା ଓ ସମାଜକୁ ହିଂସା ଭିତରକୁ ଠେଲିଦେବାକୁ ଓ୍ୱାଇସି ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଛନ୍ତି। ଏଭିଳ ବୟାନ ମିଛ ଓ କପୋଳକଳ୍ପିତ। ଏନେଇ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ଥାନାରେ ଅଭିଯୋଗ ସମୟରେ ବଜରଙ୍ଗ ଦଳ ଜିଲା ସଂଯୋଜକ ଶ୍ୟାମ ସୁନ୍ଦର ସାହୁ, ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ, ଉପସଭାପତି ମାନସ ରଞ୍ଜନ ସ୍ୱାଇଁ, ସତ୍ୟନାରାୟଣ ବାରିକ, ଉମେଶ ଚନ୍ଦ୍ର ସାହୁ, ଜିତେନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ନନ୍ଦ, ଜଗନ୍ନାଥ ବେହେରା, ଓ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଆମ ଗାଁ ମହୋତ୍ସବରେ ୧୩୦ ପ୍ରତିଯୋଗୀ

ରଘୁନାଥପୁର,୧୪।୬(ଡି.ଏନ୍.ଏ.):

ରଘୁନାଥପୁର ବ୍ଲକ ଧରାଧାରପୁର ଗ୍ରାମରେ ରଜ ଉପଲକ୍ଷେ ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ୩ ବ୍ୟାପୀ ପଞ୍ଚମ ବାର୍ଷିକ 'ଆମ ଗାଁ ମହୋତ୍ସବ' ଅନୁଷ୍ଠିତ ହେଉଛି।ଏଥିରେ ୨୦ଟି ପ୍ରତିଯୋଗିତାରେ ୧୩୦ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ରଜ ସଜବାଜ ଉପଲକ୍ଷେ ଅଳତା, କୁଙ୍କୁମ, ମେହେନ୍ଦୀ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ପହିଲି ରଜରେ ଖୋଖୋ, କବାଡି, ଦଉଡ, ଢଗଢମାଳି, ବାହୁନା, ଖଞ୍ଜଣି, ତୁରୀ ଓ ଘଣ୍ଟ ବାଦ୍ୟ ଭଳି ଖେଳ ଅନୁଷ୍ଠିତ ହେବ। ଅବକ୍ଷୟମୁଖୀ ସଂସ୍କୃତି ଓ ପିଲାଙ୍କ ଭିତରେ ଲୁଚିରହିଥିବା କଳାକୁ ଖୋଜି ବାହାର କରିବା ଏହି ମହୋତ୍ସବର ଉଦ୍ଦେଶ୍ୟ ବୋଲି ସଂଘର ସଭାପତି ସରିତ ମହାପାତ୍ର ପ୍ରକାଶ କରିଛନ୍ତି। ରଜ ସଂକ୍ରାନ୍ତିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି ବୋଲି ସମ୍ପାଦକ ରାକେଶ ଦାସ କହିଛନ୍ତି।

# ଜବ୍‌କାର୍ଡଧାରୀଙ୍କ କାମ ମେଶିନ କରୁଛି

## ପ୍ରହସନ ପାଲଟିଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍

କୁଜଙ୍ଗ,୧୪।୬ (ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ କାମ ଧନ୍ଦା ଯୋଗାଇଦେବା ଲକ୍ଷ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା) ପ୍ରଣୟନ କରାଯାଇଥିଲା। ମାତ୍ର କୁଜଙ୍ଗ ବ୍ଲକରେ ଏହି ଯୋଜନା ପ୍ରହସନ ପାଲଟିଛି। ଏହି ବ୍ଲକର ୨୮ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ କାମ ଚାଲିଛି। କିନ୍ତୁ ବର୍ଷା ଦିନ ପୂର୍ବରୁ ଏହି କାର୍ଯ୍ୟକୁ କୌଣସି ପ୍ରକାରେ ସାରିବା ନିମନ୍ତେ ଜବ୍‌କାର୍ଡଧାରୀଙ୍କ ବଦଳରେ ଜେସିବି ମେଶିନ ବ୍ୟବହାର କରାଯାଉଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନୁମୋଦନ ହୋଇଥିବା ଏହି କାମରେ ଜବକାର୍ଡଧାରୀ କାମ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ କାମ ନ ପାଇ ଜବ୍‌କାର୍ଡଧାରୀଙ୍କୁ ହତାଶ ହେବାକୁ ପଡୁଛି। ଏନେଇ କୁଜଙ୍ଗ ଜନଶୁଣାଣିରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହାସତ୍ତ୍ୱେ କୌଣସି ସୁଫଳତା ମିଳୁନାହିଁ। ସେହିପରି ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ଓ ଜିଇଓ ଟ୍ୟାଗିଂ କରିବାର ନିୟମ ଥିଲେ ସୁଦ୍ଧା ଏହାକୁ ଉଲ୍ଲଂଘନ କରଯାଉଛି। ଆଉ କିଛି ବ୍ୟକ୍ତି ଜେସିବି, ଟ୍ରାକ୍ଟର ସହାୟତାରେ ଟ୍ରିପ୍ ଟ୍ରିପ୍ ମାଟି ଉତ୍ତୋଳନ କରି ଉକ୍ତ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏନେଇ ୫-ଟି ସଚିବ, ଜିଲାପାଳ, ଦୁର୍ନୀତି ନିବାରଣ ବିଭାଗ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ୨ ଶହ ୨୦ ଟଙ୍କାରେ କେହି କାମ କରିବାକୁ ରାଜି ହେଉନାହାନ୍ତି। ଏଥିଯୋଗୁ ବହୁ ପରିମାଣର ମାଟି ଉଠା କାର୍ଯ୍ୟରେ ମେଶିନ ବ୍ୟବହାର କରାଯାଉଛି।



ଜେସିବି ମେଶିନ ସାହାଯ୍ୟରେ ପ୍ରକଳ୍ପ କାମ ଚାଲିଛି ।


## UTKAL GRAMEEN BANK
( Sponsored by State Bank of India)
HEAD OFFICE, Doorsanchar Bhawan, Near new bus stand, Dist- Bolangir, PIN-767001
AUDITED FINANCIAL RESULTS FOR THE YEAR 2021-22
BALANCE SHEET AS ON 31.03.2022 (Amount in 000)

| Particulars | Schedule | As on 31.03.2022 | As on 31.03.2021 |
|---|---|---|---|
| **EQUITY & LIABILITIES** | | | |
| Equity Capital | 1 | 97,03,731 | 97,03,731 |
| Perpetual Bond | 1(A) | 81,383 | 81,383 |
| Share Capital Deposit | 1(B) | 47,83,185 | 0 |
| Reserves & Surplus | 2 | 0 | 0 |
| Deposits | 3 | 7,64,30,695 | 7,48,72,500 |
| Borrowings | 4 | 44,65,920 | 35,30,296 |
| Other Liabilities & Provisions | 5 | 42,56,983 | 36,84,777 |
| TOTAL EQUITY & LIABILITIES | | **9,97,21,897** | **9,18,72,687** |
| **ASSETS** | | | |
| Cash and Balances with Reserve Bank of India | 6 | 35,91,497 | 30,91,187 |
| Balances with Banks and Money at Call and Short Notice | 7 | 71,57,395 | 62,72,909 |
| Investments | 8 | 4,71,26,086 | 4,19,54,003 |
| Loans & Advances | 9 | 2,64,60,524 | 2,41,85,410 |
| Fixed Assets | 10 | 49,332 | 61,017 |
| Other Assets | 11 | 1,53,37,063 | 1,63,08,161 |
| TOTAL ASSETS | | **9,97,21,897** | **9,18,72,687** |
| Contingent Liabilities | 12 | 5,47,214 | 5,41,701 |
| Bills for Collection | | NIL | NIL |
| Principal Accounting Policies and Notes on Accounts | 17 & 18 | | |

PROFIT & LOSS STATEMENT FOR THE YEAR 31.03.2022 (Amt in 000)

| Particulars | Schedule | As on 31.03.2022 | As on 31.03.2021 |
|---|---|---|---|
| **I. INCOME** | | | |
| Interest earned | 13 | 63,04,886 | 47,46,110 |
| Other income | 14 | 9,17,094 | 7,09,910 |
| TOTAL | | **72,21,980** | **54,56,020** |
| **II. EXPENDITURE** | | | |
| Interest expended | 15 | 32,04,030 | 31,98,963 |
| Operating expenses | 16(A) | 18,17,196 | 16,05,867 |
| Provisions & contingencies | 16(B) | 21,77,342 | 47,67,469 |
| TOTAL | | **71,98,568** | **95,72,299** |
| **III. PROFIT & LOSS** | | **23,412** | **-41,16,279** |
| Profit before tax | | 23,412 | -41,16,279 |
| **Less : Tax Provision** | | 0 | 0 |
| Provision for Income Tax For the Financial Year | | 4,820 | NIL |
| Provision to Tax Credit Entitlement | | (-)4820 | NIL |
| Profit after Tax | | **23,412** | **-41,16,279** |
| Loss brought forward | | -1,37,50,947 | -96,34,668 |
| TOTAL | | **-1,37,27,535** | **-1,37,50,947** |
| Balance carried over to Balance Sheet | | -1,37,27,535 | -1,37,50,947 |
| TOTAL | | -1,37,27,535 | -1,37,50,947 |

(1)Above financial results have been audited by the Statutory Central Auditors M/s Tej Raj & Pal BBSR in line with the guidelines issued by NABARD and signed by the SCA on 20.04.2022 and approved by the Board of Directors of the Bank
(2) The Financial results have been arrived at as per the standard accounting principles and after considering provisions for Non Performing Assets/Standard Assets as per prudential norms issued by NABARD and other required provisions.

Place: Bolangir
Date:- 20.04.22
( Manmohan Sahoo ) ( General Manager I )
( Alekha Chandra Beura ) ( Chairman )



ବ୍ୟାଙ୍କ ଅଫ୍ ବରୋଦା
Bank of Baroda

## କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା
ପ୍ଲଟ ନଂ.:୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର - ୦୩, ମୋ.: ୭୩୨୮୮୩୪୧୪୨
ଫୋନ୍: ୦୬୭୪-୨୩୮୭୧୦୦, ଇ-ମେଲ୍ : sarbhu@bankofbaroda.com

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଆପେଣ୍ଡିକ୍ସ-୪-ଏ (ରୁଲ୍ସ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"ବିନା ଆଇନଗତ ସହାୟତା ଭିତ୍ତିରେ** ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।**

| କ୍ର ନଂ. | ଋଣଗ୍ରହୀତା/ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ ଯଦି ଥାଏ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD(ରାଶି) / ବିଡ୍ ବର୍ଦ୍ଧିତ ରାଶି |
|---|---|---|---|---|---|---|---|
| ୦୧. | ଋଣଗ୍ରହୀତାମାନେ: (୧) ଶ୍ରୀ ଗୁଣନିଧି ସାହୁ, ପିତା: ଶ୍ରୀ ରାମ ଚନ୍ଦ୍ର ସାହୁ, (୨) ଶ୍ରୀମତୀ ଜାନକୀ ସାହୁ, ପିତା: ୰ ଉଦୟ ନାଥ ସାହୁ, ଉଭୟଙ୍କ ଠିକଣା-ସା: ମଧୁପାଟଣା, କଟକ ସଦର, ଜିଲ୍ଲା: କଟକ, ପିନ୍-୭୫୩୦୧୦। | ଗୁଣନିଧି ସାହୁ ଏବଂ ଜାନକୀ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୬୯୯/୫୩୫, ପ୍ଲଟ୍ ନଂ.: ୨୨୮୮, କ୍ଷେତ୍ର: ଏକର ୦.୦୬୬ ଡିସିମିଲ, କିସମ: ଘରବାଡ଼ି, ଅନୁରୂପ ପୁରୁଣା ଖାତା ନଂ.: ୨୨୨, ପ୍ଲଟ୍ ନଂ.: ୨୨୮୮, ମୌଜା: କଟକ ଟାଉନ, ୟୁନିଟ୍ ନଂ.: ୧୬, କାଠଗଡ଼ା ସାହି, ଥାନା: ପୁରୀଘାଟ, ଥାନା ନଂ.: ୧, ତହସିଲ: କଟକ ସଦର, ତହସିଲ ନଂ.: ୨୧୬, ଜିଲ୍ଲା: କଟକ-୭୫୩୦୧୦, ଚୌହଦୀ-ପୂର୍ବ: ପ୍ଲଟ୍ ନଂ.-୨୮୫୨ ଏବଂ ୨୩୩୮, ପଶ୍ଚିମ: ରାସ୍ତା ଏବଂ ପ୍ଲଟ୍ ନଂ.-୨୨୮୭, ଉତ୍ତର: ପ୍ଲଟ୍ ନଂ.-୨୨୮୯ ଏବଂ ୨୨୯୪, ଦକ୍ଷିଣ: ପ୍ଲଟ୍ ନଂ.-୨୨୮୭। | ୦୧.୦୭.୨୦୧୯/ ୨୧.୦୧.୨୦୨୦/ ତା.୦୧.୦୭.୨୦୧୯ ସୁଦ୍ଧା ୩୭,୯୦,୭୯୫/- ଯୁକ୍ତ ୧୯.୦୬.୨୦୧୯ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତି ଋଣ ଅସୁଲି ଯଦି କିଛି ଥାଏ | ୧୫.୦୭.୨୦୨୨ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୧୨.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୭୮,୬୮,୦୦୦/- / ଟ.୭,୮୬,୮୦୦/- / ଟ.୧୦,୦୦୦/- |
| ୦୨. | ଋଣଗ୍ରହୀତାମାନେ: (୧) ଶ୍ରୀ ଯୁଧିଷ୍ଠିର ପାତ୍ର, ପିତା: ୰ ଦାଶରଥି ପାତ୍ର, (୨) ଶ୍ରୀ ଦେବାଶିଷ ପାତ୍ର, ପିତା: ଯୁଧିଷ୍ଠିର ପାତ୍ର, (୩) ମେସର୍ସ ମହାଲକ୍ଷ୍ମୀ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଯୁଧିଷ୍ଠିର ପାତ୍ର, ପିତା: ୰ ଦାଶରଥି ପାତ୍ର, ସମସ୍ତଙ୍କ ଠିକଣା-ପ୍ଲଟ୍ ନଂ.: ଏସ୍‌ସିଆର୍-୧, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୦/ **ଜାମିନ୍‌ଦାର: ଶ୍ରୀ ପରମାନନ୍ଦ ପାତ୍ର**, ପିତା: ୰ ଦାଶରଥି ପାତ୍ର, ସା: ପ୍ଲଟ୍ ନଂ.: ଏମ୍‌ଏ-୧, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୦। | ଶ୍ରୀ ଯୁଧିଷ୍ଠିର ପାତ୍ର, ପିତା: ୰ ଦାଶରଥି ପାତ୍ରଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାକି ଏସ୍‌ସିଆର୍ ନଂ. ୧, ୧୨୨୩ ବର୍ଗଫୁଟ, ବିଡିଏ ଡ୍ରଇଂ ନଂ.: ଏଆର୍‌ସିଏଚ୍-୫୯୩/୮୬, ଲିଜ୍ ଦଲିଲ୍ ନଂ.: ୩୭୧୯, ତାରିଖ: ୨୫.୦୮.୧୯୯୫, ଗଡ଼ଗୋପିନାଥ ପ୍ରସାଦ (ଜିଜିପି), କର୍ମସିଆଲ୍ କମ୍ପ୍ଲେକ୍ସ, ଥାନା: ମଞ୍ଚେଶ୍ୱର, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦, ଚୌହଦୀ-ପୂର୍ବ: ପ୍ଲଟ୍ ନଂ. ଏସ୍‌ସିଆର, ପଶ୍ଚିମ: ରକ୍ଷଣାବେକ୍ଷଣ ଗୃହ ଏବଂ ଇଲେକ୍ଟ୍ରିକାଲ୍ ସବ୍-ଷ୍ଟେସନ, ଉତ୍ତର: ପିଲାମାନଙ୍କ ଖେଳପଡ଼ିଆ, ଦକ୍ଷିଣ: ରାସ୍ତା। | ୩୧.୦୫.୨୦୧୭/ ୨୮.୦୮.୨୦୧୯/ ତା.୩୧.୦୩.୨୦୧୭ ସୁଦ୍ଧା ୨୫,୦୬,୪୮୬.୦୭/- ଯୁକ୍ତ ୩୦.୦୭.୨୦୧୬ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତି ଋଣ ଅସୁଲି ଯଦି କିଛି ଥାଏ | ୧୫.୦୭.୨୦୨୨ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୧୨.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୪୬,୪୧,୦୦୦/- / ଟ.୪,୬୪,୧୦୦/- / ଟ.୧୦,୦୦୦/- |
| ୦୩. | ଋଣଗ୍ରହୀତା: ମେସର୍ସ ଶ୍ରୀକ୍ରିଷ୍ଣା କନଷ୍ଟ୍ରକସନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶୁଭ୍ରାଂଶୁ ପ୍ରଧାନ, ପିତା: ଶ୍ରୀ ଅନାଦୀ ପ୍ରଧାନ, ସା: ହେମସୁରପଡ଼ା, ପୋ/ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨/ ଜାମିନ୍‌ଦାରମାନେ: (୧) ଶ୍ରୀ ଅନାଦୀ ପ୍ରଧାନ, ପିତା: ଶ୍ରୀ ବୀରବର ପ୍ରଧାନ, ସା: ହେମସୁରପଡ଼ା, ପୋ/ଜିଲ୍ଲା: ଅନୁଗୁଳ, (୨) **ଶ୍ରୀ କ୍ଷୀରୋଦ କୁମାର ପଟ୍ଟନାୟକ**, ପିତା: କାହ୍ନୁ ଚରଣ ପଟ୍ଟନାୟକ, ସା: ଗାନ୍ଧୀମାର୍ଗ, ଅମଲାପଡ଼ା, ଅନୁଗୁଳ-୭୫୯୧୨୨। | ଶ୍ରୀ ଅନାଦୀ ପ୍ରଧାନ, ପିତା: ଶ୍ରୀ ବୀରବର ପ୍ରଧାନଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ବାସୋପଯୋଗି ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୬, ଖାତା ନଂ.: ୪୩୨/୭୦୯, ମୌଜା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଥାନା: ଅନୁଗୁଳ, କ୍ଷେତ୍ର: ଏକର ୦.୦୬୫ ଡିସିମିଲି, ଚୌହଦୀ-ପୂର୍ବ: ବ୍ରହ୍ମାନନ୍ଦ ସ୍ୱାଇଁ, ପଶ୍ଚିମ: ରାସ୍ତା, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ରାସ୍ତା। | ୧୫.୦୧.୨୦୧୮/ ୨୯.୦୫.୨୦୧୯/ ତା.୩୧.୧୨.୨୦୧୭ ସୁଦ୍ଧା ୧୨,୪୩,୩୭୦.୭୫/- ଯୁକ୍ତ ୩୧.୧୨.୨୦୧୭ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତି ଋଣ ଅସୁଲି ଯଦି କିଛି ଥାଏ | ୧୫.୦୭.୨୦୨୨ ଅପରାହ୍ନ ୨ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୧୨.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୩୦,୮୦,୦୦୦/- / ଟ.୩,୦୮,୦୦୦/- / ଟ.୧୦,୦୦୦/- |
| ୦୪. | ଋଣଗ୍ରହୀତାମାନେ: (୧) ଶ୍ରୀମତୀ ଶୁଭ୍ରରାଣୀ ବିଶ୍ୱାଳ, ସ୍ୱାମୀ: ପୁରୁଷୋତ୍ତମ ବିଶ୍ୱାଳ, (୨) ଶ୍ରୀ ପୁରୁଷୋତ୍ତମ ବିଶ୍ୱାଳ, ପିତା: ରାମ ଚନ୍ଦ୍ର ବିଶ୍ୱାଳ, ଉଭୟଙ୍କ ଠିକଣା-ସା: ହାତୀଶାଳମଠ ଲେନ୍, ଜଗନ୍ନାଥ ମନ୍ଦିର ନିକଟ, ଓଲ୍ଡ ଟାଉନ୍, ପୋ: ନୟାଗଡ଼, ଥାନା: ନୟାଗଡ଼, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୬୯। | ଶ୍ରୀମତୀ ଶୁଭ୍ରରାଣୀ ବିଶ୍ୱାଳଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୩୯/୪୭୬୮, ଖାତା ନଂ.: ୧୨୧୯/୧୯୬୮, ମୌଜା: ନୟାଗଡ଼, କ୍ଷେତ୍ର: ଏକର ୦.୦୪ ଡିସିମିଲି, ଚୌହଦୀ-ପୂର୍ବ: ସରକାରୀ ଜମି, ପଶ୍ଚିମ: ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ଛବିରାଣୀ | ୧୦.୦୩.୨୦୧୬/ ୦୩.୦୬.୨୦୨୨/ ତା.୩୦.୦୯.୨୦୧୫ ସୁଦ୍ଧା ୭,୨୬,୦୭୨/- ଯୁକ୍ତ ୩୦.୦୯.୨୦୧୫ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତି ଋଣ ଅସୁଲି ଯଦି କିଛି ଥାଏ | ୧୫.୦୭.୨୦୨୨ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୧୨.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୩୨,୭୭,୦୦୦/- / ଟ.୩,୨୭,୭୦୦/- / ଟ.୧୦,୦୦୦/- |

ନିୟମ ଏବଂ ସର୍ତ୍ତାବଳୀ : ଆଗ୍ରହୀ ନିଲାମଧାରୀମାନେ **www.mstcecommerce.com** ରେ ଲଗଇନ୍ କରି **EMD** (ଅମାନତ ରାଶି) ତା.୧୪.୦୭.୨୦୨୨ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ।

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍ **https://www.bankofbaroda.com/e-auction.htm, www.mstcecommerce.com and https://ibapi.in** ରେ ଦେଖନ୍ତୁ।

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: (୦୬୭୪) ୨୩୮୭୧୦୦, ମୋ: ୭୩୨୮୮୩୪୧୪୨ରେ ଯୋଗାଯୋଗ କରିପାରିବେ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୩୦ ଦିନିଆ ନୋଟିସ୍।

ତାରିଖ : ୧୪.୦୬.୨୦୨୨
ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**୨ ଲଶ୍କର ଆତଙ୍କବାଦୀ ନିହତ**

ଶ୍ରୀନଗରରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ଜଣେ ପାକିସ୍ତାନୀ ସମେତ ୨ ଲଶ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ଶ୍ରୀନଗରର ବେମିନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଏହି ଗୁଳି ବିନିମୟ ହୋଇଥିଲା। ଅଭିଯାନ ବେଳେ ଜଣେ ପୋଲିସ ଆହତ ହୋଇଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ କେତେକ ଦସ୍ତାବିଜ୍ ଓ ଅନ୍ୟାନ୍ୟ ଆପରାଧିକ ସାମଗ୍ରୀ ଜବତ ହୋଇଛି। ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ଅବଦୁଲ୍ଲା ଗୌଜ୍ରି ଓ ତାଙ୍କ ଘର ପାକିସ୍ତାନର ଫୈସଲାବାଦରେ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ଜୁଲାଇ ତୃତୀୟ ସପ୍ତାହରୁ ମୌସୁମୀ ଅଧିବେଶନ



ନୂଆଦିଲ୍ଲୀ,୧୪।୬(ପି.ଟି.): ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ତୃତୀୟ ସପ୍ତାହରୁ ଆରମ୍ଭ ହୋଇ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଶେଷ ହୋଇପାରେ ବୋଲି ମଙ୍ଗଳବାର ଏକ ସୂତ୍ରରୁ କୁହାଯାଇଛି। ତେବେ ଅଧିବେଶନ ଆରମ୍ଭର ଚୂଡ଼ାନ୍ତ ତାରିଖ ସ୍ଥିର ହୋଇନାହିଁ। ରାଷ୍ଟ୍ରପତି ନିର୍ବାଚନ ଜୁଲାଇ ୧୮ରେ ହେବାକୁ ଥିବାବେଳେ ସେହିଦିନଠାରୁ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୧୨ରେ ଶେଷ ହୋଇପାରେ। ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ଉପରୋକ୍ତ ତାରିଖ ସୁପାରିସ କରିଥିବା ଜଣାପଡ଼ିଛି।

### ଭୂସ୍ଖଳନରେ ୪ ମୃତ

**ଗୁଆହାଟୀ,୧୪।୬:** ଆସାମ ଗୁଆହାଟୀର ବୋରାଗାଁଓ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ଭୂସ୍ଖଳନ ଘଟି ୪ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ଦିନ ମଜୁରିଆ। ସୋମବାର ରାତି ୧ଟା ବେଳେ ସେମାନେ ପାହାଡ଼ ପାର୍ଶ୍ୱବର୍ତ୍ତୀ ଘରେ ଶୋଇଥିବାବେଳେ ଭୂସ୍ଖଳନ ହୋଇଥିଲା। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଟିମ୍ ମୃତଦେହଗୁଡ଼ିକୁ ବାହାର କରିଛି। ଗୁଆହାଟୀରେ ସୋମବାରଠାରୁ ଲଗାଣ ବର୍ଷା ଲାଗିରହିଛି। ଫଳରେ ବହୁ ଖାଲୁଆ ଅଞ୍ଚଳ ଜଳମଗ୍ନ ହୋଇଥିବାରୁ ସହରରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି।

### ନୂଆ ସିଡିଏସ୍ ନିଯୁକ୍ତି ଖୁବ୍‌ଶୀଘ୍ର: ରାଜନାଥ

**ନୂଆଦିଲ୍ଲୀ,୧୪।୬(ପି.ଟି.):** ଦେଶର ପରବର୍ତ୍ତୀ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତି ଖୁବ୍‌ଶୀଘ୍ର ହେବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ସୂଚନା ଦେଇଛନ୍ତି। ଭାରତର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କର ଗତବର୍ଷ ଡିସେମ୍ବରରେ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହାର ୬ ମାସ ପରେ ନୂଆ ସିଡିଏସ୍ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସରକାର ସଶସ୍ତ୍ର ବଳ ସେନା ନିୟମରେ ସଂଶୋଧନ କରିଛନ୍ତି। ଯାହା ଦ୍ୱାରା ୩ ବାହିନୀର ମୁଖ୍ୟଙ୍କ ସମେତ ୬୨ ବର୍ଷରୁ କମ୍ କାର୍ଯ୍ୟରତ ଏବଂ ନିକଟରେ ଅବସର ନେଇଥିବା ୩ ତାରକା ଅଫିସର ଯଥା ଲ୍ୟୁଟନାଣ୍ଟ ଜେନେରାଲ, ଏୟାର ମାର୍ଶାଲ ଏବଂ ଭାଇସ୍ ଆଡମିରାଲ ସିଡିଏସ୍ ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

**ମୁସେୱାଲା ହତ୍ୟା ମାମଲା**

### ବିଷ୍ଣୋଇଙ୍କୁ ହାଜତକୁ ନେବା ଲାଗି ପଞ୍ଜାବ ପୋଲିସକୁ ଅନୁମତି

**ନୂଆଦିଲ୍ଲୀ,୧୪।୬:** ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ



ହାଜତକୁ ନେବା ଲାଗି ପଞ୍ଜାବ ପୋଲିସକୁ କୋର୍ଟ ଅନୁମତି ଦେଇଛନ୍ତି। ଦିଲ୍ଲୀର ତିହାର ଜେଲରେ ଥିବା ବିଷ୍ଣୋଇଙ୍କୁ ପଞ୍ଜାବ ଆଣିବା ପାଇଁ ୨ଟି ବୁଲେଟପ୍ରୁଫ୍ କାର, ୫୦ ଜଣିଆ ପୋଲିସ ଟିମ୍ ଓ ୧୨ଟି ଗାଡ଼ିକୁ ନିୟୋଜିତ କରାଯାଇଛି। ସମସ୍ତ ରୁଟ୍‌ର ଭିଡିଓଗ୍ରାଫି କରାଯିବ। ଗ୍ୟାଙ୍ଗଷ୍ଟରଙ୍କ ସୁରକ୍ଷାର ସମସ୍ତ ଦାୟିତ୍ୱ ପଞ୍ଜାବ ପୋଲିସ ନେବ ବୋଲି ଆଡଭୋକେଟ ଜେନେରାଲ ଅନମୋଲ ରତନ ସିଦ୍ଧୁ ପଟିଆଲ ହାଉସ୍ କୋର୍ଟର ମାଜିଷ୍ଟ୍ରେଟ୍‌ଙ୍କୁ ଜଣାଇବା ପରେ ତାଙ୍କୁ ପୋଲିସ ହେପାଜତରେ ଛାଡ଼ିବା ପାଇଁ ଅନୁମତି ମିଳିଛି।

### ତାମିଲନାଡୁ ସ୍କୁଲରେ ମୋବାଇଲ ବ୍ୟାନ୍

**ଚେନ୍ନାଇ, ୧୪।୬:** ତାମିଲନାଡୁ ସ୍କୁଲରେ ଛାତ୍ରୀଛାତ୍ର ମୋବାଇଲ ବ୍ୟବହାର ଉପରେ କଟକଣା ଲଗାଯାଇଛି। ସ୍କୁଲକୁ ମୋବାଇଲ ଆଣିଲେ ଏହାକୁ ଜବତ କରାଯିବ ଏବଂ ଆଉ ଫେରସ୍ତ କରାଯିବ ନାହିଁ ବୋଲି ରାଜ୍ୟ ସ୍କୁଲ ଶିକ୍ଷାମନ୍ତ୍ରୀ ଅନ୍‌ବିଲ୍ ମହେଶ ପୋୟାମୋଝି କହିଛନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଏହି ନିୟମ ଲାଗୁ ହେବ। ମହାମାରୀ ସମୟରେ ପାଠପଢ଼ା ପାଇଁ ମୋବାଇଲ ଫୋନ ଅତ୍ୟାବଶ୍ୟକ ଜିନିଷ ପାଲଟିଥିଲେ ହେଁ ଏହା ଅନେକ ବିଶୃଙ୍ଖଳାର କାରଣ ପାଲଟିଛି।

# ଈଶ୍ୱର ଭିକ୍ଷାରେ ପାଣି ଦିଅନ୍ତୁ

**ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବ**

ସାଣ୍ଟିଆଗୋ, ୧୪।୬

୨୦ ବର୍ଷ ତଳେ ମଧ୍ୟ-ଚିଲିର ଭାଲପାରାଇସୋ ସହରର ପ୍ରମୁଖ ଜଳଉତ୍ସ ଥିବା ପେନୁଲାସ୍ ହ୍ରଦ ଏବେ ଜଳଶୂନ୍ୟ ହୋଇଛି। ଯେଉଁଥିରେ ପୂର୍ବରୁ ୩୮ ହଜାର ଅଲିମ୍ପିକ୍ ସୁଇମିଂ ପୁଲ୍ କ୍ଷମତାର ଜଳ ରହୁଥିଲା ଏବେ ତାହା ମରୁଭୂମି ପାଲଟିଛି। ୩୮ ହଜାର ବଦଳରେ କେବଳ ୨ଟି ପୋଖରୀରେ ରହିପାରୁଥିବା ପାଣି ଏବେ ଉକ୍ତ ହ୍ରଦରେ ବାକି ଅଛି। ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବ ଯୋଗୁ ହ୍ରଦଟି ଏବେ ଜଳଚର ପ୍ରାଣୀଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ହୋଇ ରହିନାହିଁ। ଯେଉଁଠି ଦିନେ ଶତାଧିକ ପ୍ରଜାତିର ମାଛ ତଥା ଜଳଚର ବାସ କରୁଥିଲେ ସେଠାରେ ଚାରିଆଡେ ସେଗୁଡ଼ିକର ଅବଶେଷ ତଥା ହାଡ଼ କଙ୍କାଳ ପଡ଼ିଥିବା ଦେଖିବାକୁ ମିଳିଛି। ହ୍ରଦରୁ ମାଛ ଧରି ପେଟ ପୋଷୁଥିବା ସ୍ଥାନୀୟ ବାସିନ୍ଦା ୫୪ ବର୍ଷୀୟ ଆମାଣ୍ଡା କାରାସ୍କୋ କହିଛନ୍ତି, ଏବେ ଏକମାତ୍ର ଈଶ୍ୱର ହିଁ ଭରସା। ଆମେ ତାଙ୍କୁ ଜଳ ଭିକ୍ଷା କରୁଛୁ। କେବଳ ଆମାଣ୍ଡା ନୁହେଁ ସେଠାକାର ହଜାର ହଜାର ବାସିନ୍ଦାଙ୍କ ସମେତ ଆଖପାଖରେ ଥିବା ପଶୁପକ୍ଷୀ ପାଣି ସନ୍ଧାନରେ ଡହଳବିକଳ ହେଉଛନ୍ତି।

୧୩ ବର୍ଷ ଧରି ମରୁଡ଼ି ଲାଗି ରହିବା ସହ ଏହି ଦକ୍ଷିଣ ଆମେରିକୀୟ ଦେଶରେ ବର୍ଷାର ମାତ୍ରା ଏବେ ବହୁ ପରିମାଣରେ ହ୍ରାସ ପାଇଛି। ଖରା ଓ ବସନ୍ତ ଋତୁ ପାଇଁ ଆଣ୍ଡିସ୍ ହିମବାହରୁ ତରଳିଥିବା ଜଳ ଲୋକଙ୍କ ଆବଶ୍ୟକତା ପୂରଣ କରିଥାଏ। କିନ୍ତୁ ପ୍ରବଳ ଖରା ଯୋଗୁ ହିମବାହରୁ ତରଳୁଥିବା ଜଳ ସିଧାସଳଖ ବାଷ୍ପୀଭୂତ ହୋଇଯାଉଛି। ବିଶ୍ୱର ସର୍ବାଧିକ କପର୍ ବା ତମ୍ବା ଉତ୍ପାଦନକାରୀ ଦେଶ ଚିଲି ଏବେ ଜଳାଭାବ ସମସ୍ୟାରେ ଯୁଝି ହେଉଥିବାବେଳେ ଲିଥିୟମ ପାଇଁ ଆବଶ୍ୟକ ପାଣି ଉପଲବ୍ଧ ହୋଇପାରୁନାହିଁ। ଚାଷ କାର୍ଯ୍ୟ ପ୍ରଭାବିତ ହୋଇଥିବାବେଳେ ପ୍ରତିଦିନ ବହୁ ସଂଖ୍ୟାରେ ପଶୁପକ୍ଷୀ ପାଣି ଅଭାବରୁ ମରୁଛନ୍ତି। ପରିବେଶ ବିଶେଷଜ୍ଞଙ୍କ ମତରେ, ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଜଳସ୍ରୋତଗୁଡ଼ିକ ବ୍ୟାପକ ପ୍ରଭାବିତ ହୋଇଛି। ଚିଲିରେ ପାଣିପାଗ ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଛି। ଆଣ୍ଡିସ୍ ପାହାଡ଼ରୁ ବରଫ ତରଳିବା ଉପରେ ଏଠାକାର ଲୋକେ ନିର୍ଭର କରୁଥିଲେ। ଏବେ ତାହା ମଧ୍ୟ ବନ୍ଦ ହୋଇଯାଇଛି। ଆଗାମୀ ୩୦ ବର୍ଷ ପର୍ଯ୍ୟନ୍ତ ଦେଶରେ ୩୦%ରୁ ଅଧିକ ପରିମାଣର ଜଳ ଅଭାବ ଲାଗି ରହିବ ବୋଲି ଚିଲି ୟୁନିଭର୍ସିଟି ବିଶେଷଜ୍ଞ ଚେତାବନୀ ଦେଇଛନ୍ତି।

**ହ୍ରଦ ପାଲଟିଗଲା ମରୁଭୂମି**



# ୧୮ ମାସରେ ମିଳିବ ୧୦ ଲକ୍ଷ ଚାକିରି

**ମନ୍ତ୍ରଣାଳୟଗୁଡ଼ିକୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ**

**ଜୁମ୍‌ଲେବାଜି କହିଲା କଂଗ୍ରେସ**

ନୂଆଦିଲ୍ଲୀ,୧୪।୬(ପି.ଟି.)

ବିଭିନ୍ନ ମନ୍ତ୍ରଣାଳୟ ଓ ସରକାରୀ ବିଭାଗରେ ଆଗାମୀ ଦେଢ଼ବର୍ଷ ମଧ୍ୟରେ ୧୦ ଲକ୍ଷ ଲୋକଙ୍କୁ ମିଶନ ମୋଡ୍‌ରେ ନିଯୁକ୍ତି ଦିଆଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ମନ୍ତ୍ରଣାଳୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଏହି ଯୋଜନାକୁ ଭାଜପା ପକ୍ଷରୁ ପ୍ରଶଂସା କରାଯାଇଥିବାବେଳେ ବିରୋଧୀ ଏହାକୁ ଜୁମଲେବାଜି ବୋଲି କହିଛନ୍ତି। ବର୍ଷକୁ ୨ କୋଟି ନିଯୁକ୍ତି ପ୍ରଦାନ କରିବାକୁ ମୋଦି ଦେଇଥିବା ପ୍ରତିଶ୍ରୁତିକୁ ସେମାନେ ମନେ ପକାଇ ଦେଇଛନ୍ତି। ମୋଦି ସରକାର ପୁଣିଥରେ କ୍ଷମତାକୁ ଆସିବା ଲକ୍ଷ୍ୟରେ ଏହି ନିଯୁକ୍ତି ଘୋଷଣା କରିଛନ୍ତି। ସମସ୍ତ ବିଭାଗ ଓ ମନ୍ତ୍ରଣାଳୟର ମାନବ ସମ୍ବଳ ସ୍ଥିତି ସମୀକ୍ଷା କରିବା ପରେ ଦେଢ଼ ବର୍ଷ ମଧ୍ୟରେ ୧୦ ଲକ୍ଷ ନିଯୁକ୍ତି ଦେବା ଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ପିଏମ୍‌ଓ ପକ୍ଷରୁ ଟୁଇଟ୍ କରାଯାଇଛି।

ସରକାର ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ସହ ଶ୍ରମଶକ୍ତିର ପ୍ରଭାବୀ ପରିଚାଳନା ଉପରେ ଫୋକସ ରଖିଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ଏହା ଭାରତର ଯୁବବର୍ଗଙ୍କୁ ଶୃଙ୍ଖଳିତ, ଦକ୍ଷ ଓ ଆର୍ଥିକ ସଶକ୍ତିକରଣ ତଥା ଆତ୍ମନିର୍ଭର କରିବାରେ ସହାୟକ ହେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ୍ କରି କହିଛନ୍ତି, କ୍ଷମତାକୁ ଆସିବା ପୂର୍ବରୁ ନରେନ୍ଦ୍ର ମୋଦି ପ୍ରତିବର୍ଷ ୨ କୋଟି ଲୋକଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ଏବେ ୧୦ ଲକ୍ଷକୁ କମାଇଦେଇଛନ୍ତି। ଏହା କେବଳ ଜୁମଲାମାନଙ୍କ ସରକାର ନୁହେଁ ମହାଜୁମଲାଙ୍କ ସରକାର ବୋଲି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟିର ବିଶେଷଜ୍ଞ ନୁହନ୍ତି। ସେ କେବଳ ନିଯୁକ୍ତିକୁ ନେଇ ଖବର ସୃଷ୍ଟି କରୁଛନ୍ତି ବୋଲି ରାହୁଲ କହିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି, ମୋଦି ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ୮ ବର୍ଷରେ ୧୬ କୋଟି ନିଯୁକ୍ତି ପ୍ରଦାନ କରାଯିବା କଥା। ଏବେ ସେମାନେ ୨୦୨୪ ସୁଦ୍ଧା ୧୦ ଲକ୍ଷ ନିଯୁକ୍ତି ଦେବାକୁ କହୁଛନ୍ତି। କେନ୍ଦ୍ର ସରକାରରେ ୧୩ ଲକ୍ଷ ଏବଂ ବିଭିନ୍ନ ରାଜ୍ୟ ସରକାରରେ ୬୦ ଲକ୍ଷ ପଦବୀ ଖାଲି ପଡ଼ିଥିବା ସୁର୍ଜେୱାଲା ସୂଚନା ଦେବା ସହ ଆଉ କେତେଦିନ ଜୁମଲେ-ବାଜି ଚାଲିବ ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ଭାଜପା ଏମ୍‌ପି ବରୁଣ ଗାନ୍ଧୀ କହିଛନ୍ତି, ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ଭାବପୂର୍ଣ୍ଣ ଉଦ୍ୟମ ହେଉ, ଯାହା ଦ୍ୱାରା ୧ କୋଟି ମଞ୍ଜୁରୀପ୍ରାପ୍ତ ତଥା ଖାଲି ପଡ଼ିଥିବା ପଦବୀ ପୂରଣ ହୋଇପାରିବ। ଦେଶରେ ବେରୋଜଗାରୀ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସରକାର ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ବିରୋଧୀଙ୍କ ସମାଲୋଚନାରୁ ବର୍ତ୍ତିବା ଲାଗି ମୋଦି ଦେଢ଼ ବର୍ଷରେ ୧୦ ଲକ୍ଷ ନିଯୁକ୍ତି ଦେବା କଥା ଘୋଷଣା କରିଥିବା ସିପିଏମ୍ କହିଛି। ସରକାରଙ୍କ ଘୋଷଣା ନିର୍ବାଚନୀ ପ୍ରହେଳିକା କି ବୋଲି ବହୁଜନ ସମାଜ ପାର୍ଟି ଅଧ୍ୟକ୍ଷା ମାୟାବତୀ ପ୍ରଶ୍ନ କରିଛନ୍ତି।

## ସେନାରେ ନିଯୁକ୍ତ ହେବେ ଅଗ୍ନିବୀର



ସେନାରେ ଅଗ୍ନିପଥ ନିଯୁକ୍ତି ଯୋଜନା ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। ପାଖରେ ୩ ବାହିନୀ ମୁଖ୍ୟ ଉପସ୍ଥିତ।

**ଅଗ୍ନିପଥ ଯୋଜନା ଆରମ୍ଭ କଲା କେନ୍ଦ୍ର**

ନୂଆଦିଲ୍ଲୀ,୧୪।୬

ଭାରତୀୟ ସେନାର ୩ ବାହିନୀରେ ସୈନ୍ୟ ନିଯୁକ୍ତି ଲାଗି କେନ୍ଦ୍ର ସରକାର ମଙ୍ଗଳବାର ଏକ ନୂଆ ଯୋନଜା 'ଅଗ୍ନିପଥ' ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଯୁବଗୋଷ୍ଠୀଙ୍କୁ ୪ ବର୍ଷ ଲାଗି ଚୁକ୍ତିଭିତ୍ତିକ ନିଯୁକ୍ତି ମିଳିବ। ମୁଖ୍ୟତଃ ସୈନ୍ୟବାହିନୀର ବେତନ ଓ ପେନ୍‌ସନ ବୋଝ କମାଇବା ପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟିର ଅନୁମୋଦନ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନୂଆ ଯୋଜନା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅଗ୍ନିପଥ ନିଯୁକ୍ତି ଯୋଜନା ଏକ ପରିବର୍ତ୍ତନକାରୀ ପଦକ୍ଷେପ, ଯାହା ସଶସ୍ତ୍ର ବଳକୁ ଏକ ଯୁବା ରୂପରେଖ ପ୍ରଦାନ କରିବ ବୋଲି ରାଜନାଥ କହିଛନ୍ତି।

ନିଯୁକ୍ତି ପ୍ରକ୍ରିୟାରେ ଏହା ଏକ ବୈପ୍ଲବିକ ପରିବର୍ତ୍ତନ। ପ୍ରଥମେ ଅଗ୍ନିବୀରମାନଙ୍କୁ ୪ ବର୍ଷ ପାଇଁ ନିଯୁକ୍ତି ଦିଆଯିବ ଏବଂ ସେମାନଙ୍କ ମଧ୍ୟରୁ ଦକ୍ଷତା ଭିତ୍ତିରେ କେତେଜଣଙ୍କୁ ନିୟମିତ କରାଯିବ। ଏହାଦ୍ୱାରା ଯୁବକମାନେ ସଶସ୍ତ୍ର ବଳରେ ରହି ସେବା କରିବାର ସୁଯୋଗ ପାଇବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ସଶସ୍ତ୍ର ବଳରେ ନିଯୁକ୍ତି ପାଇଁ ଏକ ବୃହତ୍ ପ୍ରତିଭା ଭଣ୍ଡାର ସୃଷ୍ଟି ହେବ ବୋଲି ନୌସେନା ମୁଖ୍ୟ ଆଡମିରାଲ ଆର୍. ହରିକୁମାର କହିଛନ୍ତି। ଅଗ୍ନିବୀରମାନେ ଭବିଷ୍ୟତ ପାଇଁ ପ୍ରସ୍ତୁତ ସୈନିକ ହେବେ ବୋଲି ଲ୍ୟୁଟନାଣ୍ଟ ଜେନେରାଲ ଅନୀଲ ପୁରୀ କହିଛନ୍ତି।

### ଭାରତୀୟଙ୍କ ଉପରୁ ଭିଜା ବ୍ୟାନ୍ ହଟାଇଲା ଚାଇନା

ବେଜିଂ,୧୪।୬

କୋଭିଡ୍ ମହାମାରୀ ଯୋଗୁ ଚାଇନା ୨ ବର୍ଷ ହେଲା ଲଗାଇଥିବା ଭିଜା କଟକଣା ହଟାଇଦେବାକୁ ନିଷ୍ପତ୍ତି ନେଇଛି। ଏହି କଟକଣା ଯୋଗୁ ଭାରତରେ ଅଟକି ରହିଥିବା ପେସାଦାର ଓ ସେମାନଙ୍କ ପରିବାରଙ୍କୁ ବେଜିଂ ଭିଜା ଯୋଗାଇଦେବ ବୋଲି ଘୋଷଣା କରିଛି। ସେହିପରି ଚାଇନା ବିଶ୍ୱବିଦ୍ୟାଳୟଗୁଡ଼ିକରେ ପଢୁଥିବା ହଜାର ହଜାର ଭାରତୀୟ ଛାତ୍ରୀଛାତ୍ର ପୁଣିଥରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଯୋଗଦେବା ଲାଗି କରିଥିବା ଆବେଦନକୁ ବେଜିଂ ବିଚାର କରୁଛି। ଭାରତରେ ଥିବା ଚାଇନା ଦୂତାବାସ ଦୁଇବର୍ଷ ପରେ କୋଭିଡ୍-୧୯ ଭିଜା ନୀତିରେ ସଂଶୋଧନ କରିଛି। କାମରେ ଯୋଗଦେବାକୁ ଚାଇନା ଯିବାକୁ ଚାହୁଁଥିବା ବିଦେଶୀ ନାଗରିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଭିଜା ଆବେଦନକୁ ଗ୍ରହଣ କରାଯିବ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି।

### ଛୁଟି ନେଇ ଚାଷ କର

**ଶ୍ରୀଲଙ୍କା ପ୍ରଶାସନିକ ଅଧିକାରୀଙ୍କୁ ସରକାରଙ୍କ ପରାମର୍ଶ**

କଲମ୍ବୋ, ୧୪।୬

ଅର୍ଥ ଓ ଖାଦ୍ୟ ସଙ୍କଟରେ ଯୁଝି ହେଉଥିବା ରାଷ୍ଟ୍ରଦ୍ୱୀପ ଶ୍ରୀଲଙ୍କା ସରକାର ପ୍ରଶାସନିକ ଅଧିକାରୀଙ୍କୁ ଚାଷ କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଅତିରିକ୍ତ ଛୁଟି ନେଇ ସେମାନେ ନିଜ ବାଡ଼ି ବଗିଚାରେ ଚାଷ କରି ଫସଲ ଅମଳ କରିବା ପାଇଁ ପରାମର୍ଶ ଦିଆଯାଇଛି। ବିଦେଶୀ ମୁଦ୍ରା ଅଭାବ ଯୋଗୁ ଏହି ଦେଶ ବାହାରୁ କୌଣସି ସାମଗ୍ରୀ ଆମଦାନୀ କରିବା ସ୍ଥିତିରେ ନାହିଁ। ଖାଦ୍ୟ, ଔଷଧ, ପେଟ୍ରୋଲ ଆଦି ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ମଧ୍ୟ ଦେଶବାସୀ ବଞ୍ଚିତ ହେଉଛନ୍ତି। ତେଣୁ ସରକାରୀ ଅଧିକାରୀମାନେ ସପ୍ତାହକୁ ଆଉ ଗୋଟିଏ ଦିନ ଛୁଟି ନେଇ ଚାଷ କରିବା ଉଚିତ। ଏଥିପାଇଁ ସେମାନଙ୍କୁ ଆବଶ୍ୟକ ସୁବିଧା ଯୋଗାଯିବ ବୋଲି ଶ୍ରୀଲଙ୍କା କ୍ୟାବିନେଟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

## ଦୀର୍ଘଦିନର ଲିଭ୍-ଇନ୍ ବିବାହ ସହ ସମାନ

**ସମ୍ପତ୍ତିରେ ଅଧିକାର ପାଇପାରିବେ ଜନ୍ମିତ ଶିଶୁ: ସୁପ୍ରିମକୋର୍ଟ**

**ନୂଆଦିଲ୍ଲୀ, ୧୪।୬:** ଲିଭ୍-ଇନ୍‌ରେ ରହୁଥିବା ପ୍ରେମୀଯୁଗଳ ଏବଂ ସେମାନଙ୍କ ଔରସରୁ ଜନ୍ମିତ ଶିଶୁର ସମ୍ପତ୍ତି ଉପରେ ଅଧିକାରକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ସ୍ୱାମୀ ଓ ସ୍ତ୍ରୀ ଭଳି ଲିଭ୍-ଇନ୍‌ରେ ରହିଲେ ତାହାକୁ ବିବାହ ଭଳି ଧରାଯିବ ଏବଂ ସେମାନଙ୍କ ପୈତୃକ ସମ୍ପତ୍ତିରେ ଜନ୍ମିତ ଶିଶୁର ଅଧିକାର ରହିବ ବୋଲି ଜଷ୍ଟିସ୍ ଏସ୍. ଅବଦୁଲ ନାଜିର ଏବଂ ବିକ୍ରମ ନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ବିବାହର ପ୍ରମାଣ ନ ଥିବା କ୍ଷେତ୍ରରେ କୌଣସି ଯୁବକ ଏବଂ ମହିଳାଙ୍କ ଶିଶୁ ସେମାନଙ୍କ ସମ୍ପତ୍ତିରେ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ ବୋଲି ୨୦୦୯ରେ କେରଳ ହାଇକୋର୍ଟ ଦେଇଥିବା ରାୟକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଛନ୍ତି। ମାମଲା ଅନୁସାରେ, କେରଳର ଜଣେ ବ୍ୟକ୍ତି ନିଜ ପିତାଙ୍କ ସମ୍ପତ୍ତି ଉପରେ ଅଧିକାର ମାଗିଥିଲେ। କିନ୍ତୁ ତାଙ୍କ ପିତା ପ୍ରପର୍ଟି ଭାଗବଣ୍ଟାବେଳେ ସମ୍ପୃକ୍ତ ଯୁବକଙ୍କୁ ସେଥିରୁ ବଞ୍ଚିତ ରଖିଥିଲେ। ଅବୈଧ ସମ୍ପର୍କରୁ ଜନ୍ମିତ ହୋଇଥିବାରୁ ତାଙ୍କୁ ସମ୍ପତ୍ତି ମିଳିପାରିବ ନାହିଁ ବୋଲି ତାଙ୍କ ପିତା କାରଣ ଦର୍ଶାଇଥିଲେ। ଏହି ମାମଲା କେରଳ ହାଇକୋର୍ଟରେ ପହଞ୍ଚିଥିଲା। କେରଳ ହାଇକୋର୍ଟଙ୍କ ଉପରୋକ୍ତ ରାୟକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପାସ୍‌ପୋର୍ଟ ଫେରିପାଇଲେ ଲାଲୁ

ପାଟନା,୧୪।୬

ପାଟନାର ସିବିଆଇ କୋର୍ଟ ମଙ୍ଗଳବାର ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ପାସ୍‌ପୋର୍ଟ ଫେରାଇ ଦେଇଛି। ଗୋଖାଦ୍ୟ ଦୁର୍ନୀତି ମାମଲାରେ ସିବିଆଇ ତାଙ୍କ ପାସ୍‌ପୋର୍ଟ ଜବତ କରିଥିଲା। ପାସ୍‌ପୋର୍ଟ ଅବଧି ଶେଷ ହୋଇଥିବାରୁ ତାଙ୍କୁ ନବୀକରଣ କରିବାକୁ ହେବ। କିଡ୍‌ନୀ ପ୍ରତିରୋପଣ ଲାଗି ସିଙ୍ଗାପୁର ଯିବାକୁ ଚାହୁଁଥିବା ଲାଲୁ ପାସ୍‌ପୋର୍ଟ ଫେରିପାଇବା ପାଇଁ ଅଦାଲତରେ



ଆବେଦନ କରିଥିଲେ। ଗୋଖାଦ୍ୟ ଦୁର୍ନୀତି ମାମଲାରେ ଜେଲ ଦଣ୍ଡାଦେଶର ଅଧାରୁ ଊର୍ଦ୍ଧ୍ୱ ସମୟ ସଜା କାଟିବା ପରେ ଏବେ ଆର୍‌ଜେଡି ସୁପ୍ରିମୋ ଜାମିନରେ ଅଛନ୍ତି।

# ବୁଲ୍‌ଡୋଜର ଆକ୍ସନ ଆଇନର ପରିହାସ

**ସିଜେଆଇଙ୍କୁ ଚିଠି ଲେଖିଲେ ପୂର୍ବତନ ବିଚାରପତି**

ନୂଆଦିଲ୍ଲୀ, ୧୪।୬

ପ୍ରଫେଟ ବିବାଦକୁ କେନ୍ଦ୍ର କରି ହିଂସାକାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କ ଘର ଉତ୍ତରପ୍ରଦେଶ ପ୍ରଶାସନ ବୁଲ୍‌ଡୋଜରରେ ଭାଙ୍ଗିବାକୁ ନେଇ କେତେଜଣ ପୂର୍ବତନ ବିଚାରପତି ଏବଂ ଆଇନଜୀବୀ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନାଙ୍କୁ ଚିଠି ଲେଖିଛନ୍ତି। ଏପରି କରି ୟୁପି ସରକାର ଆଇନର ପରିହାସ କରୁଥିବା ସେମାନେ କହିଛନ୍ତି। ସର୍ବୋଚ୍ଚ ଅଦାଲତ ଏହି ଘଟଣାରେ ନିଜ ଆଡୁ ମାମଲା କରି ଶୁଣାଣି କରିବାକୁ ସିଜେଆଇଙ୍କୁ ଚିଠିରେ ନିବେଦନ କରାଯାଇଛି। ଏଥିରେ ସୁପ୍ରିମକୋର୍ଟର ୩ ଜଣ ପୂର୍ବତନ ବିଚାରପତି ଜଷ୍ଟିସ୍ ବି. ସୁଦର୍ଶନ ରେଡ୍ଡି, ଜଷ୍ଟିସ୍ ଭି. ଗୋପାଳ, ଗୌଡା, ଜଷ୍ଟିସ୍ ଏ. କେ. ଗାଙ୍ଗୁଲିଙ୍କ ସମେତ ୧୨ ପୂର୍ବତନ ଜଜ୍ ଏବଂ ବରିଷ୍ଠ ଆଇନଜୀବୀ ଦସ୍ତଖତ କରି ୟୁପିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାକୁ ରୋକିବାକୁ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।

ଚିଠିରେ ଦର୍ଶାଯାଇଛି, ଭାଜପା ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଓ ନବୀନ ଜିନ୍ଦଲ ପ୍ରଫେଟ ମହମ୍ମଦଙ୍କ ଉପରେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ର କରି ୟୁପିର ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀ ହିଂସାକାଣ୍ଡ ଘଟାଇଥିଲେ। ଆନ୍ଦୋଳନକାରୀଙ୍କ କଥା ଶୁଣିବା ସହ ସେମାନେ କିପରି ଶାନ୍ତିପୂର୍ଣ୍ଣ ଉପାୟରେ ବିକ୍ଷୋଭ କରିବେ ସେ ଦିଗରେ ପଦକ୍ଷେପ ନ ନେଇ ୟୁପି ସରକାର ଅଭିଯୁକ୍ତଙ୍କ ବିରୋଧରେ ହିଂସାତ୍ମକ ଉପାୟରେ ବୁଲ୍‌ଡୋଜର ଲଗାଇ ଘର ଭାଙ୍ଗୁଛନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶାସନିକ ଅଧିକାରୀଙ୍କୁ ଏପରି ଆକ୍ସନ ନେବାକୁ କହିଥିବା



ଜଣାଯାଇଛି। ଭବିଷ୍ୟତରେ ଯେପରି କେହି ଆଇନକୁ ହାତକୁ ନ ନେବା ସହ ବିଶୃଙ୍ଖଳା ସୃଷ୍ଟି ନ କରିବେ ସେ ଦିଗରେ ଉଦାହରଣ ସୃଷ୍ଟି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ଏଥିସହ ଜାତୀୟ ସୁରକ୍ଷା ଆଇନ, ୧୯୮୦ ଏବଂ ୟୁପି ଗ୍ୟାଙ୍ଗଷ୍ଟର୍ସ ଏବଂ ଆସାମାଜିକ କାର୍ଯ୍ୟ ନିରୋଧୀ ଆଇନ, ୧୯୮୬ ବଳରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ନିର୍ଦ୍ଦେଶ ରହିଛି। ଫଳରେ ପୋଲିସ ଅଧିକାରୀମାନେ ବିକ୍ଷୋଭକାରୀଙ୍କୁ ନିର୍ଯାତନା ଦେବା ସହ ବେଆଇନ କାର୍ଯ୍ୟ କରୁଛନ୍ତି। ଘର ଭାଙ୍ଗିବା ପାଇଁ କୌଣସି ନୋଟିସ୍ ମଧ୍ୟ ସେମାନଙ୍କୁ ନିଆଯାଇନାହିଁ। ଅନ୍ୟପକ୍ଷରେ ବହୁଳ ପ୍ରସାରିତ ହୋଇଥିବା ଏକ ଭିଡିଓରେ ପୋଲିସ କେତେଜଣ ଯୁବକଙ୍କୁ ଥାନାରେ ଲାଠିରେ ମାଡ଼ ମାରୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟର ବହୁ ଯୁବକ ରହିଛନ୍ତି। ଏପରି ବେଆଇନ ଓ ବିବେକହୀନ କାର୍ଯ୍ୟକୁ ନେଇ ଦେଶବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି। ଶାସକ ଦଳର ଏପରି ବେଆଇନ କାର୍ଯ୍ୟ ଯୋଗୁ ଲୋକଙ୍କ ମାନବାଧିକାର ଉଲ୍ଲଂଘନ ହେଉଛି। ଆଇନର ଶାସନରେ ସମ୍ବିଧାନକୁ ପରିହାସ କରାଯାଉଛି। ତେଣୁ ସୁପ୍ରିମକୋର୍ଟ ଘଟଣାକୁ ଗୁରୁତ୍ୱର ସହ ଦେଇ ନିଜ ଆଡୁ ମାମଲାର ବିଚାର କରିବା ସହ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବତନ ବିଚାରପତି ଏବଂ ଆଇନଜୀବୀମାନେ ନିବେଦନ କରିଛନ୍ତି। ପତ୍ରରେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏ. ପି. ଶାହା, ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ କେ. ଚନ୍ଦ୍ରୁ, କର୍ନାଟକ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମହମ୍ମଦ ଅନୱାରଙ୍କ ସମେତ ବରିଷ୍ଠ ଆଇନଜୀବୀ ଶାନ୍ତି ଭୂଷଣ, ଇନ୍ଦିରା ଜୟ ସିଂ, ଚନ୍ଦର୍ ଉଦୟ ସିଂ, ଶ୍ରୀରାମ ପଞ୍ଚୁ, ପ୍ରଶାନ୍ତ ଭୂଷଣ, ଆନନ୍ଦ ଗ୍ରୋଭର ମଧ୍ୟ ପିଟିଶନରେ ଦସ୍ତଖତ କରିଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୧୦ ଆନ୍ଦୋଳନରେ ସାମିଲ ଥିବା ଲୋକଙ୍କ ମଧ୍ୟରୁ ୟୁପି ପୋଲିସ ୮ ଜିଲାରୁ ୩୩୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ୧୨ ଏଫ୍‌ଆଇଆର୍ ରୁଜୁ ହୋଇଛି। ହିଂସାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଅନେକଙ୍କ ଘର ବୁଲ୍‌ଡୋଜର ଦ୍ୱାରା ଭାଙ୍ଗି ଦିଆଯାଇଛି।

# ଜମି ନେଇ କମ୍ପାନୀ ନୀରବ

**ଯାଜପୁର ଅଫିସ,୧୪।୬**

ରାଜ୍ୟ ସରକାର ଶିଳ୍ପ ସହ ନିଯୁକ୍ତିକୁ ଗୁରୁତ୍ୱ ଦେଇ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସ୍ୱତନ୍ତ୍ର ଶିଳ୍ପ ଜୋନ ଭାବେ ପରିଗଣିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପକୁ ମଧ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ 'ଗୋ ସୁଇଫ୍ଟ' ପୋର୍ଟାଲ ଜରିଆରେ ଆବେଦନ କରିଥିବା କେତେକ ଛୋଟବଡ଼ ଶିଳ୍ପ କମ୍ପାନୀକୁ ଜମି ଯୋଗାଇ ଦେବାରେ ଇଡ୍‌କୋ ବିଫଳ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଜମି ପାଇଥିବା ସତ୍ତ୍ୱେ ବର୍ଷ ବର୍ଷ ଧରି କୌଣସି କାରଖାନା ନିର୍ମାଣ ଆରମ୍ଭ ହେଉ ନ ଥିବା ସୂଚନା ମିଳିଛି। ଏନେଇ ଗତ ୯ ତାରିଖରେ ଅନୁଷ୍ଠିତ ଇଣ୍ଡଷ୍ଟ୍ରି କେୟାର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରିନ୍ସିପାଲ ଆଡଭାଇଜର ଉଦ୍‌ବେଗ ପ୍ରକାଶ କରିବା ସହ ଛୋଟବଡ଼ ଶିଳ୍ପ ପ୍ରତିଷ୍ଠା ଉପରେ ତତ୍ପରତା ପ୍ରକାଶ କରିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ନୂଆ ଶିଳ୍ପ କମ୍ପାନୀ ପ୍ରତିଷ୍ଠାରେ ମନ୍ଥରତା ଯୋଗୁ ନିଯୁକ୍ତି ସୃଷ୍ଟି ହୋଇପାରୁ ନ ଥିବା ମତପ୍ରକାଶ ପାଇଛି।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଜାରକା ଶିଳ୍ପାଞ୍ଚଳ ପାଇଁ ପ୍ରାୟ ୧୦୦ ଛୋଟବଡ଼ କମ୍ପାନୀ ଆବେଦନ




କରିଛନ୍ତି। ସେଥିରୁ କେତେକ ହାତଗଣତି କମ୍ପାନୀକୁ ଜମି ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ କେତେକ ପୁରୁଣା କମ୍ପାନୀ ବହୁ ଏକର ଜମି ଅଯଥାରେ ମାଡି ବସିଛନ୍ତି। ଫଳରେ ନୂତନ ଶିଳ୍ପ କମ୍ପାନୀ ପାଇଁ ଜମି ଅଭାବ ଦେଖାଦେଇଛି। ୨୦୧୯ରୁ ବିକେ ଷ୍ଟିଲ ପାୱାର ଲିମିଟେଡ୍‌କୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ୩ କାରଖାନା ପ୍ରତିଷ୍ଠା ପାଇଁ ଇଡ୍‌କୋ ପକ୍ଷରୁ ୬୪.୮୨ ଏକର ଜମି ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ କମ୍ପାନୀ ୧୫୬ କୋଟି ଟଙ୍କା ବିନିଯୋଗ କରି ରତ୍ନମଣି ମେଟାଲ୍ସ ଆଣ୍ଡ ଟ୍ୟୁବ୍‌ସ ଲିଃ ନାମରେ ଷ୍ଟିଲ ପାଇପ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲା। ଏଥିରେ ୧୮୩ ଜଣ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ସେହିପରି ୫୦୪ କୋଟି ବିନିଯୋଗ କରି ଆଇରନ ପାଇପ ପ୍ଲାଣ୍ଟ ପ୍ରତିଷ୍ଠା କରିବ ବୋଲି ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ଏଥିରେ ୨,୧୮୧ ଜଣ ନିଯୁକ୍ତି ପାଇବେ ବୋଲି କୁହାଯାଇଥିଲା। ଏହାବାଦ ୧୯୬ କୋଟି ବିନିଯୋଗ କରି ଷ୍ଟିଲ୍ ବିଲେଟ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା ପାଇଁ ସରକାରୀ ମଞ୍ଜୁରୀ ମିଳି ସାରିଛି। ଏଥିରେ ୫୦୬ ଜଣ ନିଯୁକ୍ତି ପାଇବେ ବୋଲି ପ୍ରସ୍ତାବରେ ଦର୍ଶାଯାଇଥିଲା। କିନ୍ତୁ ୩ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କମ୍ପାନୀ ଏଯାଏ

**କଳିଙ୍ଗନଗର ଶିଳ୍ପାଞ୍ଚଳ**

■ ନିଯୁକ୍ତି ଅପେକ୍ଷାରେ ବେକାର ଯୁବତୀଯୁବକ

ଉକ୍ତ ଜମିରେ କିଛି ବି କରିନାହିଁ। ଏହି ସମସ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରି ନ ଥିବାରୁ ବେକାର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ଆଶା ସପନ ହୋଇରହିଛି। ଏହି କମ୍ପାନୀ ଜମି ପାଇଁ ଆବଶ୍ୟକ ଟଙ୍କା ଦାଖଲ କରିଥିଲେ ହେଁ ଗତ ୨ ବର୍ଷ ହେଲା ବାର୍ଷିକ ଭଡ଼ା ଦେଇନାହିଁ। ହେଲେ କମ୍ପାନୀକୁ ସରକାରୀସ୍ତରରେ ଆବଶ୍ୟକ ସହଯୋଗ ମିଳି ପାରି ନ ଥିବାରୁ ପ୍ରକଳ୍ପ ଆରମ୍ଭରେ ବିଳମ୍ବ ହେଉଥିବା କୁହାଯାଉଛି। ତେଣୁ କଳିଙ୍ଗନଗରଠାରେ ଏହି ଶିଳ୍ପ ପ୍ରତିଷ୍ଠା ଆଶା ମଉଳି ଯାଇପାରେ ବୋଲି ସଂଶୟ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଖଣିଜ ପଦାର୍ଥ ଦର ବୃଦ୍ଧି ଏବଂ ପରିବହନ ବାବଦକୁ ଅଧିକ ଖର୍ଚ୍ଚ ହେଉଥିବାରୁ କାରଖାନା ଚଳାଇବା କଷ୍ଟକର ବୋଲି କେଜେ ଇସ୍ପାତ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଇଣ୍ଡଷ୍ଟ୍ରି କେୟାର ବୈଠକରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ମିଳିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଟିପିଏସ୍ ବ୍ରିୱେରିଜ୍ ଆଣ୍ଡ ଡିସଟେଲେରି ପ୍ରା.ଲି. ଧର୍ମଶାଳା ଜାରକା ଶିଳ୍ପାଞ୍ଚଳରେ ଦୈନିକ ୨୦୦ କିଲୋଲିଟର ବଟଲିଂ ୟୁନିଟ ପ୍ରତିଷ୍ଠା କରିବାକୁ ୨୭.୨୦ ଏକର ଜମି ପାଇଁ ଆବେଦନ କରିଛି। ହେଲେ ଇଡ୍‌କୋ ପକ୍ଷରୁ ଏଯାଏ ଜମି ଯୋଗାଇ ଦିଆଯାଇ ନଥିବା ସୂଚନା ମିଳିଛି। ଏଭଳି ଅନେକ ଅବ୍ୟବସ୍ଥା ଯୋଗୁ ଯାଜପୁର ଜିଲାର ଆଶାୟୀ ବେକାର ଯୁବତୀଯୁବକ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ଶିଳ୍ପ ପ୍ରତିଷ୍ଠା ହେଲେ ସ୍ଥାନୀୟ ନିଯୁକ୍ତି ମିଳିବ ବୋଲି ଯେଉଁ ଆଶା କରାଯାଉଛି ତାହା ଫସର ଫାଟିଛି। ଅନ୍ୟପକ୍ଷେ ଯେତେ ଶିଳ୍ପ ପ୍ରତିଷ୍ଠା ହେଲେ ବି ନୂଆ ଏବଂ ପୁରୁଣା କାରଖାନାରେ ଅଧିକ ସଂଖ୍ୟାରେ ବାହାର ରାଜ୍ୟର ଠିକାସଂସ୍ଥାଙ୍କୁ ନିୟୋଜିତ କରି ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ବିକେ ଷ୍ଟିଲ କମ୍ପାନୀକୁ ଜମି ଯୋଗାଇ ଦିଆଯାଇଛି। କିନ୍ତୁ ଏଯାଏ କାହିଁକି ସେହି କମ୍ପାନୀ ପ୍ରତିଷ୍ଠା ହୋଇନାହିଁ ସେ ନେଇ ଆଲୋଚନା କରାଯାଇଛି।

## ମଧୁପୁରରେ ରଜୋତ୍ସବ ପାଳିତ

**ସିଂହପୁର,୧୪।୬(ଡି.ଏନ୍.ଏ.)**

ସ୍ଥାନୀୟ ମଧୁପୁର ଗ୍ରାମର କେବିକେ ଗ୍ରୁପ ପକ୍ଷରୁ ରଜୋତ୍ସବ ପାଳିତ ହୋଇଯାଇଛି। କେବିକେ ଗ୍ରୁପର ଆବାହକ ଦିନେଶ ମଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷୟିତ୍ରୀ ଟିକିଲତା ବେହେରା, ଶିକ୍ଷକ ଜ୍ଞାନରଞ୍ଜନ ସାମଲ, ସାମାଜିକ କର୍ମୀ ସାଉଁଟି ଚରଣ ମଲିକ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଜଦୋଳି, ପୁଚି ଖେଳ, ଦୌଡଡିଆଁ ଭଳି ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗାୟିକା ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାସ, ସସ୍ମିତା ପାତ୍ର, ପ୍ରିୟଦର୍ଶିନୀ ସାମଲ, ପ୍ରାଚୀ ପ୍ରିୟଦର୍ଶିନୀ ଜେନା, ସ୍ୱପ୍ନାରାଣୀ ମଲିକ, ଶ୍ରୀନିବାସ ପୃଷ୍ଟି, ଶୁଭମ୍ ଜେନା, ମାନସ ସାହୁ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିଲେ। ଶ୍ରେଷ୍ଠ ଓଡିଆଣୀ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ଟିକିଲତା ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଜ ଉପଲକ୍ଷେ କେବିକେ ଗ୍ରୁପର ସମସ୍ତ ସଦସ୍ୟ ରଜଗୀତ ପରିବେଷଣ କରିଥିଲେ। ଏହି ଗୀତଗୁଡିକ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତଜ୍ଞ ଦିନେଶ ମଲିକ, ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସ ରଚନା କରିଥିଲେ।

## ସଂକ୍ଷେପରେ

### ବିରୂପା ନଦୀରେ ବୁଡ଼ି ଯୁବକ ନିଖୋଜ

**ଚଣ୍ଡିଖୋଲ,୧୪।୬(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଥାନା ଅଧୀନ ବେଙ୍ଗପୁର ଘାଟ ବିରୂପା ନଦୀରେ ଗାଧୋଉ ଥିବା ବେଳେ ମଙ୍ଗଳବାର ଜଣେ ଯୁବକ ନିଖୋଜ ହୋଇଛନ୍ତି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀର କର୍ମଚାରୀ ବହୁ ଖୋଜା ଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳିନାହିଁ। ନିଖୋଜ ଯୁବକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ସାଉଡିଆ ପଞ୍ଚାୟତ ଅଧୀନ ମୂକ୍ଷାଟିକିରି ଗ୍ରାମର ଲିପୁନା ମହାପାତ୍ର (୨୧)। ସେ ରଜ ଅବସରରେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିଲେ।। ଗାଧୋଇବା ସମୟରେ ଗଭୀର ଜଳକୁ ଗୋଡ଼ ଖସି ଯିବାରୁ ସେ ନିଖୋଜ ହୋଇଯାଇ ଥିଲେ। ସ୍ଥାନୀୟ ଲୋକ ଏ ସମ୍ପର୍କରେ ଚଣ୍ଡିଖୋଲ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ।

### ବଜ୍ରପାତରେ ୨ ମଇଁଷି ମୃତ

**ରସୁଲପୁର,୧୪।୬(ଡି.ଏନ୍.ଏ.):** ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଫୁଲାଡ଼ି ଗ୍ରାମର ରମେଶ ଦାସଙ୍କ ୨ ମଇଁଷିଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ତେବେ ଘଟଣାସ୍ଥଳରେ ଥିବା ମଇଁଷିଚରାଳି ମଙ୍ଗୁଳି ଦାସ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୋମବାର ମଙ୍ଗୁଳି ଦୁର୍ଗାପୁର ପାଟ ଗହୀରକୁ ୭ରୁ ୮ଟି ମଇଁଷି ଚରାଇବାକୁ ନେଇଥିଲେ। ଅପରାହ୍ନରେ କଳାହାଣ୍ଡିଆ ମେଘ ଢାଙ୍କି ଦେବାରୁ ମଙ୍ଗୁଳି ମଇଁଷିମାନଙ୍କୁ ନେଇ ଘରକୁ ଫେରୁଥିଲେ। ବାଟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୨ ମଇଁଷିଙ୍କ ମୃତ୍ୟୁ ଘଟିଥିଲା। ରମେଶଙ୍କ ପରିବାରକୁ ଏଥିପାଇଁ ସରକାରୀ ସହାୟତା ପ୍ରଦାନ କରିବା ଦାବି କରାଯାଇଛି।

### ୧୧୦ବୋତଲ ମଦ ଜବତ, ଜଣେ ଗିରଫ

**ଚଣ୍ଡିଖୋଲ,୧୪।୬(ଡି.ଏନ୍.ଏ.):** ବାଲିଚନ୍ଦ୍ରପୁର ପୋଲିସ ମଙ୍ଗଳବାର ଚଢ଼ାଉ କରି ବାଲିଚନ୍ଦ୍ରପୁର ଛକ ନିକଟରୁ ୧୧୦ବୋତଲ ମଦ ଜବତ। ଏହି ଘଟଣାରେ କହାକୁ ବି ଗିରଫ କରାଯାଇନାହିଁ। ମାହାଙ୍ଗା ଥାନା ଅନ୍ତର୍ଗତ ବରଅଠା ଗ୍ରାମର ସଞ୍ଜୟ ସେଠୀ ଏକ ମୋଟର ସାଇକେଲରେ ବାଲିଚନ୍ଦ୍ରପୁର ବଜାରରୁ ୧୧୦ ବୋତଲ ବିଦେଶୀ ମଦ ଧରି ନିଜ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ବାଲିଚନ୍ଦ୍ରପୁର ପୋଲିସ ଧରିଥିଲା। ଏ ସଂ ସମ୍ପର୍କ ରେ ୨୨୨/୨୨ରେ ଏକ ମାମଲା ରୁଜୁ କରି ବୁଧବାର ସଞ୍ଜୟ୍ କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

### ଯୁବକଙ୍କ ମୃତଦେହ ଜବତ

**ଧର୍ମଶାଳା,୧୪।୬(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଅଚ୍ୟୁତପୁର ରାସ୍ତା ନିକଟରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ସେବିତିପୁର ଗ୍ରାମର ବିଜୟ୍ କୁମାର ମହାନ୍ତି (୪୫)। ତାଙ୍କ ମୃତହେଦ ଅଚ୍ୟୁତପୁର ଗାଁ ନିକଟରେ ପଡିଥିବା ଦେଖି ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### କ୍ଷୁଦ୍ର ଚଳଚ୍ଚିତ୍ର 'ସମ୍ପର୍କର ବୋଝ'ର ମହୁରତ

**ଯାଜପୁର ଟାଉନ,୧୪।୬(ଡି.ଏନ୍.ଏ.):** ଯାଜପୁର ଟାଉନସ୍ଥିତ ଗୌତମବୁଦ୍ଧ ସଂସ୍କୃତ ଭବନ ପରିସରରେ କ୍ଷୁଦ୍ର ଚଳଚ୍ଚିତ୍ର 'ସମ୍ପର୍କର ବୋଝ'ର ଶୁଭ ମହୁରତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍.ବି. ଟିଭିର ମୁଖ୍ୟ ସମ୍ପାଦକ ହରିହର ସ୍ୱାଇଁ, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ, ଖବରଦାତା ପ୍ରଭାତ ତ୍ରିପାଠୀ, ସୁରେନ୍ଦ୍ର ସାମଲ, ନିର୍ଦ୍ଦେଶକ ସୁରେଶ ରଜା, କାହାଣୀ ଓ ସଂଳାପ ଲେଖକ ଶ୍ରୀକାନ୍ତ ଶ୍ରୀମା, ଶିଶୁ କଣ୍ଠଶିଳ୍ପୀ ଦେବେଶ୍ୱର ସ୍ୱାଇଁ ଓ ସତ୍ୟମ୍ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

### ନୀଳାଦ୍ରି ବିହାରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ

**ସିଂହପୁର,୧୪।୬(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ନଛିପୁର ନୀଳାଦ୍ରି ବିହାରରେ ମଙ୍ଗଳବାର ଦେବସ୍ନାନ ପୂର୍ଣ୍ଣିମା ପାରମ୍ପରିକ ରୀତିନୀତିରେ ପାଳିତ ହୋଇଯାଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଯଥାବିଧିରେ ସ୍ନାନ କରାଯିବା ପରେ ଗଜାନନ ବେଶ କରାଯାଇଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଠାକୁରଙ୍କ ହାତୀବେଶ ଦର୍ଶନ କରିଥିଲେ।

# ରଗଡ଼ି ଅଞ୍ଚଳରେ ମୋରମ ଲୁଟ ଅଣାୟତ୍ତ

**ଯାଜପୁର ଅଫିସ/ରଗଡ଼ି (ଡି.ଏନ୍.ଏ.),୧୪।୬**

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନରେ ମୋରମ ଚୋରି ବଢ଼ିବାରେ ଲାଗିଛି। ରାଜସ୍ୱ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଏବଂ ଅର୍ଥ ଲୋଭ ପାଇଁ ସରକାର ବିପୁଳ ଟଙ୍କାର ରାଜସ୍ୱ ହରାଉଥିଲେ ହେଁ ଏହି ଚୋରିକୁ ରୋକିବା ବ୍ୟାସନଗର ତହସିଲ ପ୍ରତି ଅସମ୍ଭବ ହୋଇପଡ଼ିଛି। ଗତବର୍ଷ ଏବଂ ଚଳିତ ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ରଗଡ଼ି ଅଞ୍ଚଳର ସରକାରୀ ଓ ଜଙ୍ଗଲ ଜମିରୁ ପାଖାପାଖି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମୋରମ ଲୁଟ ହୋଇଥିବା ଅନୁମାନ କରାଯାଉଛି। ମାସକ ପୂର୍ବରୁ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକଙ୍କ ଅତର୍କିତ ଚଢ଼ାଉ କ୍ରମେ ଏହି ବେଆଇନ ଖନନ କିଛିଦିନ ବନ୍ଦ ରହିଥିଲା। ହେଲେ ପୁଣି ଏହି ମୋରମ ଓ ମାଙ୍କଡା ପଥର ଚୋରି ଏବେ ଅଣାୟତ୍ତ ହୋଇଛି। ସୂଚନା ଅନୁଯାୟୀ ଉକ୍ତ ତହସିଲ ଅନ୍ତର୍ଗତ ପଛିକୋଟ ରାଜସ୍ୱ ନିରୀକ୍ଷକ ଅଧୀନ ରଗଡ଼ି କାଜୁ ଜଙ୍ଗଲ ପଛପାର୍ଶ୍ୱ ପରମାନନ୍ଦପୁର ମୌଜାର ଏକ ସରକାରୀ ଜମିରୁ ସ୍ଥାନୀୟ କେତେଜଣ ବ୍ୟବସାୟୀ ରାତି ସମୟରେ ଜେସିବି



ଅନାବାଦୀ ଜମିରୁ ଚାଲାଣ ହୋଇଥିବା ମୋରମ।

**ଅନାବାଦୀ, ଗୋଚର, ଜଙ୍ଗଲ ଜମି ବାଦ୍ ପଡୁନି**

ଲଗାଇ ମୋରମ ଲୁଟ୍ କରୁଛନ୍ତି। କିଛିଦିନ ତଳେ ଏହି ଜମିରୁ ପ୍ରାୟ ୪୫ ଘନମିଟରରୁ ଊର୍ଦ୍ଧ୍ୱ ପରିମାଣର ମୋରମ୍ ଲୁଟ କରି ବିକ୍ରି କରିଥିବା ଅଭିଯୋଗ ହୋଇଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ବ୍ୟବହାର ହେବା ସହ ଟ୍ରିପ୍ ପିଛା ୧ ହଜାର ଟଙ୍କାରେ ବିକ୍ରି ହୋଇଛି। ରାତି ୧୨ଟା ମଧ୍ୟରୁ ଏହି ଲୁଟ ଆରମ୍ଭ ହୋଇ ଭୋର ୪ଟା ଯାଏ ଚାଲୁ ରହୁଛି। ପଛିକୋଟ ରାଜସ୍ୱ କାର୍ଯ୍ୟାଳୟର ଅତି ନିକଟବର୍ତ୍ତୀ ଅଞ୍ଚଳରେ ଏହି ବେଆଇନ କାରବାର ହେଉଥିଲେ ମଧ ଏଯାବତ ଗୋଟିଏ ବି ମୋରମ ବୋଝେଇ ଟ୍ରାକ୍ଟର ଜବତ କରିବାକୁ ବ୍ୟାସନଗର ତହସିଲ ସଫଳ ହୋଇନାହିଁ। ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା କାରଣରୁ ଏହି ମାଫିଆମାନେ ପରମାନନ୍ଦପୁର ଆକାଶିଆ ଜଙ୍ଗଲ ଏବଂ ଖମିଗାଁ କାଜୁ ଜଙ୍ଗଲ ନିକଟରୁ ରୀତିମତ ମୋରମ ଚୋରି କରୁଥିବା ସ୍ଥାନୀୟ ଅଞ୍ଚଳବାସୀ କହୁଛନ୍ତି। ଏହି ଲୁଟ ସମ୍ପର୍କରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝିଙ୍କୁ ପଚାରିବାରେ ସେ କହିଛନ୍ତି, ପଛିକୋଟ ଆର୍‌ଆଇ ଏହାର ରିପୋର୍ଟ ଦାଖଲ କରିଛନ୍ତି ଏବଂ ଖୁବଶୀଘ୍ର ଏଥିରେ ଲିପ୍ତ ଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାସୋଳ ପାକ୍ସରେ ଧାନ ବିକୁଛନ୍ତି ନକଲି ଚାଷୀ

**ସଅଳ ପୂରଣ ହେଲା ଟାର୍ଗେଟ, ଫେରିଲେ ଚାଷୀ**

**କାଳିଆପାଣି,୧୪।୬(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକର ବିଭିନ୍ନ ସ୍ଥାନରେ ନକଲି ଚାଷୀ ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଏଠାରେ ରାସୋଳ ପାକ୍ସକୁ ଉଦାହରଣ ଭାବେ ନିଆଯାଇଛି । ଉକ୍ତ ପାକ୍ସରେ ୧୨ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ପ୍ରଥମ ପର୍ଯ୍ୟାୟରେ ଟାର୍ଗେଟ ଥିଲା । ତେବେ ପ୍ରକୃତ ଚାଷୀମାନେ ଧାନ ଦେବା ପୂର୍ବରୁ ନକଲି ଚାଷୀମାନେ ସେହି ଟାର୍ଗେଟ ପୂରଣ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ରାସୋଳ ପାକ୍ସରେ ୧୨୫ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ନକଲି ଚାଷୀ ବୋଲି କଲରଙ୍ଗୀ ଗ୍ରାମର ବିଜୟ ମହାନ୍ତ ପ୍ରକାଶ କରିଛନ୍ତି । ସେ ଅଭିଯୋଗରେ ଦର୍ଶାଇଛନ୍ତି, ଧାନ ବିକ୍ରି କରିବାକୁ ମୁଁ ବହୁ କଷ୍ଟରେ ଟୋକନ ପାଇଥିଲି। ଧାନ ନେଇ ସମବାୟ ସମିତି ଗୃହ କଙ୍କଡ଼ପାଳରେ ପହଞ୍ଚିଲା ବେଳକୁ ଡିଲର ଧାନ ନେବାକୁ ମନା କରିଦେଇଥିଲେ । ଧାନ ବିକ୍ରି କରିବାକୁ ଅଡ଼ି ବସିବାରୁ ଦାୟିତ୍ୱରେ ଥିବା ସେକ୍ରେଟାରୀ ଧରାଛୁଆଁ ଦେଇ ନ ଥିଲେ । ୧୧ ଦିନ ସେଠାରେ ଧାନବସ୍ତା ରଖିବା ପରେ ଘରକୁ ଫେରେଇ ଆଣିଥିଲି । ଏହାକୁ ନେଇ ଚାଷୀମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ସମବାୟ ସମିତି ସମ୍ପାଦକ ଗୋଲେଖ ବାରିକଙ୍କୁ ପଚାରିବାରୁ ମୁଁ କିଛି ଜାଣିନାହିଁ ବୋଲି କହି ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ ।



ମଙ୍ଗଳବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ହାତୀ ବେଶ।

## ଓୱାଇସିଙ୍କ କୁଶପୁତ୍ତଳିକା ଦାହ



ଯାଜପୁରରୋଡ଼ ଥାନାକୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ବଜରଙ୍ଗ ଦଳର କର୍ମୀ।

**କଳିଙ୍ଗନଗର/ଯାଜପୁର ଟାଉନ, ୧୪।୬(ଡି.ଏନ୍.ଏ.)**

**କଟୁ ମନ୍ତବ୍ୟକୁ ବିରୋଧ, ଆନ୍ଦୋଳନ ଧମକ**

ହାଇଦ୍ରାବାଦର ଏମ୍‌ପି ତଥା ଅଲ୍ ଇଣ୍ଡିଆ ମଜଲିସ୍ ଇ ଇତେହାଦୁଲ ମୁସଲିମ୍ (ଏଆଇଏମ୍‌ଆଇଏମ୍)ର ନେତା ଅସାଦୁଦ୍ଦିନ ଓୱାଇସି କିଛିଦିନ ତଳେ ସାମାଜିକ ଗଣମାଧମରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ ନେଇ କଟୁ ମନ୍ତବ୍ୟ ଦେଇଥିଲେ । ଏହାକୁ ହିନ୍ଦୁ ସମାଜ ବିରୋଧ କରିଛି। ହିନ୍ଦୁ ସମାଜର ସହିବାର ସୀମା ଟପିଯାଇଛି ବୋଲି କହି ବିଶ୍ୱବ୍ୟାପୀ ଆନ୍ଦୋଳନର ଆହ୍ୱାନ ଦେଇଛି ବଜରଙ୍ଗ ଦଳ। ମଙ୍ଗଳବାର ବ୍ୟାସନଗର ବଜରଙ୍ଗ ଦଳ ପକ୍ଷରୁ ଓୱାଇସିଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରାଯିବା ସହିତ ଆଇନ ଅନୁଯାୟୀ ଦଣ୍ଡ ଦେବାକୁ ଏକ ଲିଖିତ ଦାବିପତ୍ର ଯାଜପୁର ରୋଡ ଥାନାରେ ପ୍ରଦାନ କରାଯାଇଛି । ସେହିପରି ଶତାଧିକ ବଜରଙ୍ଗ ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମୀ ଏକ ଶୋଭାଯାତ୍ରାରେ କୁସୁମାଠାରୁ ବାହାରି ଯାଜପୁର ଟାଉନ୍ ଥାନା ନିକଟରେ ପହଞ୍ଚି ଥିଲେ । ସେଠାରେ ଓୱାଇସିଙ୍କ କୁଶପୁତ୍ତଳିକା ଦାହ କରାଯିବା ସହିତ ତାଙ୍କୁ ତୁରନ୍ତ ଗିରଫ କରିବାକୁ କର୍ମୀମାନେ ଦାବି କରିଥିଲେ ।

## ରତ୍ନେଶ୍ୱରୀରେ ଦୋଳି ଖେଳ ପ୍ରତିଯୋଗିତା

**ଧର୍ମଶାଳା,୧୪।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ରତନପୁର ଗ୍ରାମସ୍ଥିତ ରତ୍ନେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଗ୍ରାମର ଯୁବ ଉଦ୍ୟୋଗୀମାନଙ୍କ ସହଯୋଗରେ ରଜ ଉତ୍ସବ ପାଳିତ ହୋଇଯାଇଛି । ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଶିକ୍ଷାବିତ୍ ମନୋଜ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରେସକ୍ଲବର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ଶତପଥୀ ଯୋଗଦେଇ ରଜ ଓଡିଆମାନଙ୍କର ଏକ ଗଣ ପର୍ବ ବୋଲି କହି ଯୁବ ଉଦ୍ୟୋଗୀମାନଙ୍କ ଦ୍ୱାରା ତିଆରୀ ବିଭିନ୍ନ କିସମର ଦୋଳି ବେଶ ଆକର୍ଷଣୀୟ ହୋଇଥିବା କହିଥିଲେ । ସୁରେନ୍ଦ୍ର କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଜୟ ସାହୁ, ବିଜୟ ରାଉତ, ସନ୍ତୋଷ ବେହେରା, ସଞ୍ଜୟ ରାଉତ, ସତ୍ୟଜିତ ରାଉତ, ଅଜୟ ରାଉତ, ବବୁଲ ରାଉତ ପ୍ରମୁଖ ରଜ ଦୋଳି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମଙ୍ଗଳବାର ଆରମ୍ଭ ହୋଇଥିବା ଏହି ଦୋଳି ପ୍ରତିଯୋଗିତା ଶେଷ ରଜ ଦିନ ଉଦ୍‌ଯାପିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। ଗୁରିଆ ସାହୁ, ସୁବାସ ରାଉତ, ଶ୍ରୀଧର ସାହୁ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଛନ୍ତି । ଜିତେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଭିକ ସେଣ୍ଟରରେ ସଙ୍ଗୀତ ବଳୟ କାର୍ଯ୍ୟକ୍ରମ

**ଧର୍ମଶାଳା, ୧୪।୬ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଜାରକା ସିଭିକ ସେଣ୍ଟରରେ ସ୍ୱର ସଙ୍ଗମ କ୍ଷେତ୍ର ପକ୍ଷରୁ ସଂଗୀତ ବଳୟ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାପସ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଶାସ୍ତ୍ରୀୟ ଉପଶାସ୍ତ୍ରୀୟ ସଂଗୀତ ଓ ବାଦ୍ୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀ, ଡ. ଅନୁପ ରାୟ, ରବିନାରାୟଣ କର, କରୁଣାକର ବରାଳ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅମରେଶ ଦାଶ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ସମ୍ପାଦକ କାହ୍ନୁଚରଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୈଳାସ ମହାରଣା, କୈଳାସ ମହାନ୍ତି, ବିପିନ ବିହାରୀ ସ୍ୱାଇଁ, ଗୌରାଙ୍ଗ ଚରଣ ପାଣିଗ୍ରାହୀ, ହୃଷିକେଶ ନାଥ, ଗୌରାଙ୍ଗ ଜେନା ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ପିଲାମାନେ ଦୋଳିର ମଜା ନେଉଛନ୍ତି।

# କୁମ୍ଭୀର ଆତଙ୍କରେ ଯମୁନା ନଦୀ କୂଳବାସୀ

**ଯାଜପୁର ଅଫିସ,୧୪।୬**

ଯାଜପୁର ଜିଲା ଦେଇ ପ୍ରବାହିତ ଖରସ୍ରୋତାର ଶାଖା ଯମୁନା ନଦୀ କୂଳବାସୀ ଗତ ୮ ମାସ ହେବ କୁମ୍ଭୀର ଆତଙ୍କରେ ରହିଛନ୍ତି। ଯାଜପୁର ବ୍ଲକ ଶିମିଳିଆ ପଞ୍ଚାୟତର ଷଠିଆ, ଟିଗିରି, ମେରକାଶନପୁର, ଦରାଜପୁର ପ୍ରଭୃତି ଗ୍ରାମର ଲୋକ ଏଥିପାଇଁ ନାହିଁ ନଥିବାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାଜପୁର ରୋଡ ବନାଞ୍ଚଳ, ଜଙ୍ଗଲ ବିଭାଗ ପକ୍ଷରୁ କୁମ୍ଭୀର ଯାତାୟାତ କରୁଥିବା ଖରସ୍ରୋତା ନଦୀର ଯମୁନା ନାଳ ମଧ୍ୟକୁ ସର୍ବସାଧାରଣ ପ୍ରବେଶ ନିଷେଧ ବୋର୍ଡ ମାରି ନିଜର ଦାୟିତ୍ୱ ସମ୍ପାଦନ କରାଯାଇଛି। କିନ୍ତୁ ଅନେକ ମୌଳିକ ସୁବିଧା ଅପହଞ୍ଚ ହୋଇଥିବାରୁ ଏହି ଗ୍ରାମବାସୀ ଯମୁନା ନାଳ ଉପରେ ନିର୍ଭର ହେବାକୁ ବାଧ ହେଉଛନ୍ତି।

ଲୋକଙ୍କ ଆଖି ଆଗରେ କୁମ୍ଭୀର କୁକୁର ଓ ବାଛୁରୀ ଟାଣି ନେଇଯାଉଛି। ଗ୍ରାମରେ ପାନୀୟ ଜଳ ଓ ଶୌଚାଳୟ ସମସ୍ୟା ରହିଥିବାବେଳେ ତାହାର ସମାଧାନ ହେଉ ନ ଥିବାରୁ ଲୋକେ ଜୀବନକୁ ବାଜି ଲଗାଇ ନଦୀ ପାଣିକୁ ବ୍ୟବହାର କରୁଛନ୍ତି। କେତେବେଳେ କାହାକୁ କୁମ୍ଭୀର ଟାଣିନେବ ତାହା ଉପରେ ଭରସା ନାହିଁ। ମନରେ ଭୟ ଥିଲେ ବି ଜଣକୁ ବାଡ଼ି ଧରାଇ ଜଗୁଆଳ କରି ପିଲାଠୁ ବୟସ୍କ ଯାଏ ନଦୀରେ ଗାଧୋଇବା ସହ ଗୋରୁ ପାର କରୁଛନ୍ତି। ନଦୀ ଆରପଟେ ଗ୍ରାମବାସୀଙ୍କ ଚାଷ ଜମି ରହିଛି। ଏହି ନଦୀ ଉପରେ କୌଣସି ବ୍ରିଜ୍ ନ ଥିବାରୁ ସହଜ ଗମନାଗମନ ସମ୍ଭବ ହୋଇପାରୁନାହିଁ। ହୁଳି ଡଙ୍ଗାରେ ଚାଷୀ ପାର ହେଉଛନ୍ତି। ନଦୀରୁ କୁମ୍ଭୀରକୁ ଉଦ୍ଧାର କରି ଅନ୍ୟତ୍ର ଥଇଥାନ କରିବାକୁ ଗ୍ରାମବାସୀ ଦାବି କରୁଥିଲେ ମଧ ବନ ବିଭାଗ ତାହାକୁ ଗୁରୁତ୍ୱ ଦେଉନାହିଁ। ଏଠାରେ ୩୦୦ ପରିବାର ଲାଗି ମାତ୍ର ୨ଟି ନଳକୂପ ରହିଛି। ଖରାଦିନେ ଆବଶ୍ୟକ ପାଣି ବାହାରୁ ନ ଥିବାରୁ ପାନୀୟ ଜଳ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ କୁମ୍ଭୀରକୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସୂଚନା ମିଳିଛି। ଗ୍ରାମବାସୀ ଅରକ୍ଷିତ ଜେନା କୁହନ୍ତି, ଗୋଟିଏ ପଟେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପ୍ରତ୍ୟେକ ଘରେ ଶୌଚାଳୟ ଯୋଗାଇ ଦିଆଯାଉଛି। କିନ୍ତୁ ଯମୁନା ନଦୀକୂଳ ଗ୍ରାମବାସୀ ଏହି ଯୋଜନାରୁ ବଞ୍ଚିତ ରହିଛନ୍ତି। ଫଳରେ ବାଧ ହୋଇ ଗ୍ରାମବାସୀ ଶୌଚ ପାଇଁ ଯମୁନା ନଦୀକୂଳ ଉପରେ ନିର୍ଭର କରି ଜୀବନକୁ ବିପଦରେ ପକାଉଛନ୍ତି।



ଗ୍ରାମବାସୀ ନଦୀରେ ସ୍ନାନ କରୁଛନ୍ତି।

## ପୁଞ୍ଜିବଜାରରେ ହ୍ରାସ ଜାରି

**ମୁମ୍ବାଇ:** ସୋମବାର ଭଳି ସପ୍ତାହର ୨ୟ କାରବାର ଦିବସ ଅର୍ଥାତ୍ ମଙ୍ଗଳବାର ମଧ ଭାରତୀୟ ପୁଞ୍ଜିବଜାରରେ ହ୍ରାସ ପରିଲକ୍ଷିତ ହୋଇଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୧୫୩ (୦.୨୯%) ଏବଂ ନିଫ୍ଟିରେ ୪୨ (୦.୨୭%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୨,୬୯୪ ଏବଂ ନିଫ୍ଟି ୧୫,୭୩୨ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ମଙ୍ଗଳବାରର ଟପ୍ ଗେନର୍ସ ତାଲିକାରେ ଏନ୍‌ଟିପିସି, ଭାରତୀ ଏୟାରଟେଲ୍, ଏମ୍ ଆଣ୍ଡ ଏମ୍ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ୍, ଟେକ୍ ମହିନ୍ଦ୍ରା, ରିଲାଏନ୍ସ ଏବଂ ମାରୁତି ରହିଛନ୍ତି।

### ସଂକ୍ଷେପରେ

## ଏୟାର ଇଣ୍ଡିଆ ଉପରେ ୧୦ଲକ୍ଷ ଟଙ୍କା ଜରିମାନା

**ନୂଆଦିଲ୍ଲୀ,୧୪।୬ :** ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ୍ ଆଭିଏସନ୍ (ଡିଜିସିଏ) ପକ୍ଷରୁ ମଙ୍ଗଳବାର ଏୟାରଲାଇନ୍ କମ୍ପାନୀ ଏୟାର ଇଣ୍ଡିଆ ଉପରେ ୧୦ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି। ଫ୍ଲାଇଟ୍‌ରେ ଟିକେଟ ହୋଇଥିବା ସତ୍ତ୍ୱେ ଏୟାର ଇଣ୍ଡିଆ ପକ୍ଷରୁ ଯାତ୍ରୀଙ୍କୁ ବୋର୍ଡିଂ ପାଇଁ ମନା କରାଯାଇଥିଲା। ଏଥିସହ ସମ୍ପୃକ୍ତ ଯାତ୍ରୀଙ୍କୁ ଉଚିତ କ୍ଷତିପୂରଣ ମଧ ପ୍ରଦାନ କରାଯାଇ ନ ଥିଲା। ସେମାନେ ଦିଲ୍ଲୀ, ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁର ଯାତ୍ରୀ ଥିଲେ। ଏହି କାରଣରୁ ଡିଜିସିଏ ଏୟାର ଇଣ୍ଡିଆ ଉପରେ ୧୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛି। ଘଟଣା ପରେ ଡିଜିସିଏ ପକ୍ଷରୁ ଏୟାର ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ବ୍ୟକ୍ତିଗତ ଶୁଣାଣି ମଧ ହୋଇଥିଲା।

## ଏୟାର ଏସିଆ ଇଣ୍ଡିଆର ଅଧିଗ୍ରହଣ କରିବ ଟାଟା ଗ୍ରୁପ୍

**ନୂଆଦିଲ୍ଲୀ,୧୪।୬:** ଏୟାର ଏସିଆ ଇଣ୍ଡିଆରେ ଟାଟା ସନ୍ସର ପୂର୍ଣ୍ଣ ମାଲିକାନାରେ ଥିବା କମ୍ପାନୀ 'ଏୟାର ଇଣ୍ଡିଆ' ଦ୍ୱାରା ସମ୍ପୂର୍ଣ୍ଣ ଅଂଶଧନର ଅଧିଗ୍ରହଣ ପାଇଁ କମ୍ପିଟିସନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ପକ୍ଷରୁ ମଞ୍ଜୁରୀ ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଟାଟା ଗ୍ରୁପର ମାଲିକାନାରେ ଥିବା ଏୟାର ଇଣ୍ଡିଆ ପକ୍ଷରୁ ଇକୋନୋମିକାଲ୍ ବିମାନସେବା ଉପଲବ୍ଧ କରାଉଥିବା ଏୟାର ଏସିଆ ଇଣ୍ଡିଆର ଅଧିଗ୍ରହଣ ସମ୍ପର୍କିତ ପ୍ରସ୍ତାବ ରଖିଥିଲା। ଏଥିରେ ଟାଟା ପକ୍ଷରୁ ଏୟାର ଏସିଆ ଇଣ୍ଡିଆର ଅଧିଗ୍ରହଣ ପାଇଁ ସିସିଆଇଠାରୁ ଆବେଦନର ମଞ୍ଜୁରୀ ଦେବାକୁ ଅନୁରୋଧ କରାଯାଇଥିଲା। ଟାଟା ସନ୍ସ ପକ୍ଷରୁ ସିସିଆଇ ନିକଟରେ ଦାୟର କରାଯାଇଥିବା ଆବେଦନରେ କୁହାଯାଇଥିଲା, ଏୟାର ଏସିଆରେ ଟାଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ୮୩.୬୭% ଅଂଶଧନ ରହିଛି।

# ରେକର୍ଡ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

- ଲଗାତର ୧୪ତମ ମାସ ପାଇଁ ୨ଅଙ୍କ ବିଶିଷ୍ଟ ରହିଛି
- ଖାଦ୍ୟପାନୀୟର ଡବ୍ଲ୍ୟୁପିଆଇରେ ହ୍ରାସ



**ନୂଆଦିଲ୍ଲୀ,୧୪।୬**

ଚଳିତ ବର୍ଷ ମେ'ରେ ପାଇକାରୀ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିଛି। ମଙ୍ଗଳବାର ଜାରି ସରକାରୀ ତଥ୍ୟ ଅନୁସାରେ ଗତ ମାସରେ ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ୧୫.୮୮% ରହିଥିଲା। ମାସିକ ଆଧାରରେ ଏହି ମୁଦ୍ରାସ୍ଫୀତି ହାର ୧୫.୦୮%ରୁ ବୃଦ୍ଧି ଘଟି ୧୫.୮୮%ରେ ପହଞ୍ଚିଛି। ମେ ମାସରେ ହୋଲ୍‌ସେଲ୍ ଆଧାରିତ ମୁଦ୍ରାସ୍ଫୀତି ୧୫.୫୦% ରହିବା ନେଇ ପୂର୍ବରୁ ଆକଳନ କରାଯାଉଥିଲା। ଡବ୍ଲ୍ୟୁପିଆଇ ନିର୍ଦ୍ଧାରଣ ହେବା ପରଠାରୁ ଏହି ହାର ସର୍ବାଧିକ ରହିଛି। ସୂଚନାଯୋଗ୍ୟ, ଏହି ସିରିଜ୍ ୨୦୧୨ରେ ଲଞ୍ଚ କରାଯାଇଥିଲା। ପୂର୍ବ ବର୍ଷ ଅର୍ଥାତ୍ ୨୦୨୧ ମେ'ରେ ହୋଲ୍‌ସେଲ୍ ଆଧାରିତ ମୁଦ୍ରାସ୍ଫୀତି ହାର ୧୩.୧୧% ରହିଥିଲା। ଏହି ମୁଦ୍ରାସ୍ଫୀତି ଲଗାତର ୧୪ତମ ମାସ ପାଇଁ ୨ ଅଙ୍କ ବିଶିଷ୍ଟ ରହିଛି। ଗତ ବର୍ଷ ଏପ୍ରିଲରେ ଏହି ମୁଦ୍ରାସ୍ଫୀତି ୧୦.୭୪% ରହିଥିଲା ଏବଂ ଏହା ପରଠାରୁ ଲଗାତର ଭାବରେ ମୁଦ୍ରାସ୍ଫୀତି ଦୁଇ ଅଙ୍କ ବିଶିଷ୍ଟ ରହୁଛି। ମେ' ମାସରେ ଖାଦ୍ୟପଦାର୍ଥର ହୋଲ୍‌ସେଲ୍ ମୁଦ୍ରାସ୍ଫୀତି ଏପ୍ରିଲ ମାସର ୮.୮୮%ରୁ ବୃଦ୍ଧି ଘଟି ୧୦.୮୯%ରେ ପହଞ୍ଚିଛି। ସେହିପରି ଫୁଏଲ୍ ଆଣ୍ଡ ପାୱାର ଡବ୍ଲ୍ୟୁପିଆଇ ଏପ୍ରିଲ ମାସର ୩୮.୬୬%ରୁ ବୃଦ୍ଧି ଘଟି ୪୦.୬୨% ଛୁଇଁଛି। ମେ' ମାସରେ ଖାଇବା ତେଲର ହୋଲ୍‌ସେଲ୍ ମୁଦ୍ରାସ୍ଫୀତି ଏପ୍ରିଲ ମାସର ୧୫.୦୫%ରୁ ହ୍ରାସ ଘଟି ୧୧.୪୧%ରେ ପହଞ୍ଚିଛି। ତେବେ ଆଳୁର ଡବ୍ଲ୍ୟୁପିଆଇ ପୂର୍ବମାସରେ ୧୯.୮୪% ଥିବା ବେଳେ ମେ'ରେ ୨୪.୮୩% ରହିଛି। ଏହି ଅବଧିରେ ପିଆଜର ହୋଲ୍‌ସେଲ୍ ମୁଦ୍ରାସ୍ଫୀତି ଏପ୍ରିଲ ମାସର -୪.୦୪%ରୁ ହ୍ରାସ ହୋଇ -୨୦.୪୦% ରହିଛି। ଏହାଛଡ଼ା ପନିପରିବାର ଡବ୍ଲ୍ୟୁପିଆଇ ଏପ୍ରିଲ ମାସର ୨୩.୨୪%ରୁ ବୃଦ୍ଧି ଘଟି ୫୬.୩୬% ରହିଛି। ମାଂସ ଏବଂ ଅଣ୍ଡାର ଖୁଚୁରା ମୁଦ୍ରାସ୍ଫୀତି ପୂର୍ବମାସର ୪.୫୦%ରୁ ବୃଦ୍ଧି ଘଟି ୭.୭୮% ହୋଇଛି। ସୂଚନାଯୋଗ୍ୟ, ମାର୍ଚ୍ଚର ସଂଶୋଧିତ ହୋଲ୍‌ସେଲ୍ ମୁଦ୍ରାସ୍ଫୀତି ୧୪.୫୫%ରୁ ବୃଦ୍ଧି ଘଟି ୧୪.୬୩% ରହିଛି। ସେହିପରି ମେ'ରେ କୋର୍ ଡବ୍ଲ୍ୟୁପିଆଇ ଏପ୍ରିଲର ୧୧%ରୁ ହ୍ରାସ ଘଟି ୧୦.୫%ରେ ପହଞ୍ଚିଛି। ସୋମବାର ପ୍ରକାଶିତ ସରକାରୀ ତଥ୍ୟାନୁସାରେ ମେ' ମାସରେ ଦେଶର ଖୁଚୁରା ଦରବୃଦ୍ଧି ୭.୦୪% ରହିଛି। ଏପ୍ରିଲର ଖୁଚୁରା ମୁଦ୍ରାସ୍ଫୀତି ୭.୭୯% ରହିଥିବା ବେଳେ ମେ ମାସରେ ଏଥିରେ ସ୍ୱଳ୍ପ ମାତ୍ରାରେ ହ୍ରାସ ପରିଲକ୍ଷିତ ହୋଇଛି।

## ଶ୍ୟାମ୍ ଷ୍ଟିଲ୍‌ର ନୂଆ ପ୍ରଚାର ଅଭିଯାନ




**ନୂଆଦିଲ୍ଲୀ,୧୪।୬**

ପ୍ରାଇମେରି ଟିଏମ୍‌ଟି ବାର୍‌ର ଅନ୍ୟତମ ଅଗ୍ରଣୀ ଉତ୍ପାଦନ ଓ ନିର୍ମାଣକାରୀ କମ୍ପାନୀ ଶ୍ୟାମ୍ ଷ୍ଟିଲ୍ ସୋନୁ ସୁଦ୍‌ଙ୍କୁ ନେଇ ତା'ର ନୂଆ ଟିଭିସି ପ୍ରଚଳନ କରିଛି। ଏହି ନୂଆ ଟିଭିସି ହେଉଛି ଶ୍ୟାମ୍ ଷ୍ଟିଲ୍‌ର ପ୍ରଚାର ଅଭିଯାନ 'ମକ୍‌ସଦ ତୋ ଇଣ୍ଡିଆ କୋ ବନାନା ହୈ'ର ବିସ୍ତାର। ଏହି ପ୍ରଚାର ଅଭିଯାନ ସର୍ବତ୍ର ବ୍ରାଣ୍ଡର ବାର୍ତ୍ତା ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ଶ୍ୟାମ୍ ଷ୍ଟିଲ୍ ଜନସାଧାରଣଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବାରେ ସହଯୋଗ କରିବ। କାରଣ ଇସ୍ପାତ କେବଳ ଏକ ଉତ୍ପାଦ, କିନ୍ତୁ ଏହା ପଛରେ ରାଷ୍ଟ୍ର ନିର୍ମାଣର ଚିନ୍ତାଧାରା ରହିଛି। ଏହି ଟିଭିସି ଜରିଆରେ ଶ୍ୟାମ୍ ଷ୍ଟିଲ୍ ଇସ୍ପାତ କେବଳ ଏକ ଉତ୍ପାଦ କିନ୍ତୁ ରାଷ୍ଟ୍ର ନିର୍ମାଣ ଏହାର ବୃହତ୍ ଲକ୍ଷ୍ୟ ବୋଲି ଚିନ୍ତାଧାରା ସହ ସାମର୍ଥ୍ୟ, ନମନୀୟତା ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ପ୍ରତିନିଧିତ୍ୱ କରୁଛି। ଏ ସମ୍ପର୍କରେ ଶ୍ୟାମ୍ ଷ୍ଟିଲ୍‌ର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି, ଏହି ଅଭିଯାନରେ କରାଯାଇଥିବା ବର୍ଣ୍ଣନାରେ ଶ୍ୟାମ୍ ଷ୍ଟିଲ୍ ଯେଉଁଥିପାଇଁ ଏକ ବ୍ରାଣ୍ଡ ଭାବେ ପ୍ରତିଷ୍ଠା ଲାଭ କରିଛି ସେହି ନୀତିଗୁଡିକ ସେଥିରେ ସ୍ଥାନ ଦିଆଯାଇଛି। ଏହା ଜନସାଧାରଣଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବା ଦିଗରେ ସହଯୋଗ କରିବା ନେଇ ସୋନୁଙ୍କ ଉଦାହରଣ ଯୋଗ୍ୟ କାର୍ଯ୍ୟ ପରିପ୍ରେକ୍ଷୀରେ ବ୍ରାଣ୍ଡର ଚିନ୍ତାଧାରାକୁ ପ୍ରତିଫଳିତ କରୁଛି। ଏହା ଜରିଆରେ ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟ ଦର୍ଶକଙ୍କ ସହ ଗଭୀର ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛୁ। ସେହିଭଳି ସୋନୁ କହିଛନ୍ତି, ଶ୍ୟାମ୍ ଷ୍ଟିଲ୍ ସହ କାର୍ଯ୍ୟ କରିବାରେ ଏକ ଚମତ୍କାର ଅନୁଭୂତି ମିଳିଛି। ଏହି ଟିଭିସି ଜରିଆରେ ଆମେ ଜନସାଧାରଣଙ୍କୁ ସେମାନଙ୍କ ସ୍ୱପ୍ନକୁ ନେଇ ଆଗକୁ ବଢ଼ିବା ଦିଗରେ ସେମାନଙ୍କୁ ପ୍ରେରଣା ଯୋଗାଇବା ଏବଂ ଦର୍ଶକଙ୍କ ସହ ବ୍ରାଣ୍ଡର ସମ୍ପର୍କ ସ୍ଥାପନ କରିବା ଲକ୍ଷ୍ୟ ରଖିଛୁ।

# ସେବି ବିରୋଧରେ ବିଶାଳ ପ୍ରତିବାଦ



**ନୂଆଦିଲ୍ଲୀ,୧୪।୬**

ରାଜ୍ୟ ସଭା ସଦସ୍ୟ ଡ. କିରୋଡି ଲାଲ୍ ମିନାଙ୍କ ଡାକରାରେ ମଙ୍ଗଳବାର ସାହାରା ଇଣ୍ଡିଆ ପରିବାରର ହଜାର ହଜାର ନିବେଶକ, କର୍ମଚାରୀ ଓ ସାଧାରଣ ଜନତା ସେବି ବିରୋଧରେ ବିଶାଳ ପ୍ରତିବାଦ ସଭା ଓ ରାଲି କରିଥିଲେ। ବିଶେଷକରି ସାହାରାର ୨୫,୦୦୦କୋଟି ଟଙ୍କା ସେବି ବିନା କୌଣସି କାରଣରେ ଅଟକାଇ ରଖିଥିବାରୁ ସେବି ବିରୋଧରେ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ସେହିଭଳି ଆନ୍ଦୋଳନକାରୀମାନେ ଆଗ୍ରା-ଜୟପୁର ଜାତୀୟ ରାଜପଥ ସମେତ ବାସିଚୌକ୍‌ରୁ ଜୟପୁରର ଭୱାନି ସିଂହ ରୋଡ଼୍‌ଠାରେ ଥିବା ସେବିର ଆଞ୍ଚଳିକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ରାଲି ଓ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଅପରପକ୍ଷରେ ବିକ୍ଷୋଭକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେବି ଅଧିକାରୀଙ୍କୁ ଦାବିପତ୍ର ହସ୍ତାନ୍ତର କରିଥିଲେ। ସାହାରା ଏହାର ନିବେଶକଙ୍କ ଟଙ୍କା ଫେରାଇବା ପାଇଁ ସେବି ନିକଟରେ ସୁଧ ସମେତ ୨୫,୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଜମା କରିଛି। ଲୋକ ସଭାରେ ମଧ ସେବି ଏହା ସ୍ୱୀକାର କରିଛି। ଗତ ୯ବର୍ଷ ମଧରେ ନିବେଶକଙ୍କୁ କେବଳ ୧୨୫ କୋଟି ଟଙ୍କା ଫେରାଇଛି। ମାର୍ଚ୍ଚ ୨୦୧୮ରେ ସେବି ସ୍ୱଷ୍ଟ ରୂପେ ଘୋଷଣା କରିଥିଲା ଯେ ୨୦୧୮ ଜୁଲାଇ ପରଠାରୁ କୌଣସି ପରିଶୋଧ ଅନୁରୋଧକୁ ଗ୍ରହଣ କରିବ ନାହିଁ। ତେବେ ଏହି ୨୫,୦୦୦ କୋଟି ଟଙ୍କା ନିବେଶକଙ୍କ ଅର୍ଥ ଫେରାଇବା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଥରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସେବି ବଳକା ଅର୍ଥକୁ ସାହାରାକୁ ଫେରାଇବା ଉଚିତ।

## ଡିସେମ୍ବର ସୁଦ୍ଧା ସୁଧ ହାର ୫.୯% ହେବ

**ନୂଆଦିଲ୍ଲୀ,୧୪।୬**

ଆମେରିକୀୟ କ୍ରେଡିଟ୍ ରେଟିଂ ଏଜେନ୍ସି ଫିଚ୍ ରେଟିଂସ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ସୂଚନା ଅନୁସାରେ, ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ରେପୋ ରେଟ୍ (ସୁଧ ହାର)କୁ ୫.୯%କୁ ବୃଦ୍ଧି କରିପାରେ। ଭାରତର ଅର୍ଥବ୍ୟବସ୍ଥାର ସ୍ଥିତିକୁ ଦୃଷ୍ଟିରେ ରଖି ଆର୍‌ବିଆଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇପାରେ। ସେହିପରି ବର୍ଦ୍ଧିତ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଆର୍‌ବିଆଇ ଚଳିତ ବର୍ଷ ଶେଷ ସୁଦ୍ଧା ରେପୋ ଦର ବୃଦ୍ଧିକରି ୫.୯% କରିବା ସମ୍ଭାବନା ରହିଥିବା ବେଳେ ୨୦୨୩ ଶେଷ ସୁଦ୍ଧା ୬.୧୫% କରିପାରନ୍ତି। ତେବେ ୨୦୨୪ ବର୍ଷରେ ଏଥିରେ କୌଣସି ପରିବର୍ତ୍ତନ ହେବା ସମ୍ଭାବନା ନ ଥିବା ଫିଚ୍ ପକ୍ଷରୁ କୁହାଯାଇଛି।

## ଆଇଆଇଏମ୍ କେନ୍ଦୁଝର ଶାଖାର ବାର୍ଷିକ ବୈଠକ

**ଭୁବନେଶ୍ୱର,୧୪।୬**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ (ଆଇଆଇଏମ୍)ର କେନ୍ଦୁଝର ଶାଖା ପକ୍ଷରୁ ପ୍ରଥମ ବାର୍ଷିକ ସାଧାରଣ ବୈଠକ ବଡ଼ବିଲଠାରେ ଆୟୋଜିତ ହୋଇଯାଇଛି। ଧାତୁ ଓ ଖଣିଜ ଶିଳ୍ପ ସହ ଜଡ଼ିତ ଅଧିକାଂଶ ସଂସ୍ଥା ଓ ଶାଖା ଏବଂ କେନ୍ଦୁଝରର ପେସାଦାର ଅନୁଷ୍ଠାନଗୁଡ଼ିକର ପ୍ରତିନିଧିମାନେ ଉକ୍ତ ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ଅପରେଶନ ଓ ମେଣ୍ଟେନାନ୍ସ ବିଭାଗର ବରିଷ୍ଠ ମହାପ୍ରବନ୍ଧକ ମଣିକାନ୍ତ ନାୟକଙ୍କୁ ସର୍ବସମ୍ମତିକ୍ରମେ ଶାଖାର ଅଧକ୍ଷ ଭାବେ ଚୟନ କରାଯାଇଥିଲା। ସେହିଭଳି ମିନ୍‌ମେଟ୍ କନ୍‌ସଲଟାଣ୍ଟସ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସୁରେଶ ଚନ୍ଦ୍ର ଖଟୋଇଙ୍କୁ ଉପାଧକ୍ଷ ଭାବେ ମନୋନୀତ କରାଯାଇଥିଲା। ସେହିପରି ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ୍ ଲିମିଟେଡ୍‌ର ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ ପ୍ରତ୍ୟୁଷ ନନ୍ଦଙ୍କୁ ସଚିବ, ଜେଏସ୍‌ପିଏଲ୍‌ର କାର୍ଯ୍ୟନିର୍ବାହୀ ଭାଇସ ପ୍ରେସିଡେଣ୍ଟ ବ୍ରିଜ୍ ବଧଦ୍ରାଙ୍କୁ ଯୁଗ୍ମ ସଚିବ, ମିନ୍‌ମେଟ୍ କନ୍‌ସଲଟାଣ୍ଟସ୍‌ର ନିର୍ଦ୍ଦେଶକ ପ୍ରତ୍ୟୁଷ ପଟ୍ଟନାୟକଙ୍କୁ କୋଷାଧକ୍ଷ ଭାବେ କାର୍ଯ୍ୟକାରୀ କମିଟିରେ ସାମିଲ କରାଯାଇଛି।

## ଫୁର୍‌ସତ୍

# ଭଗବାନ ମୋ ସହ ଅଛନ୍ତି

**ୱାଶିଂଟନ:**

ଲୋକପ୍ରିୟ କାନାଡିଆନ ସିଙ୍ଗର ଜଷ୍ଟିନ୍ ବିବର ଏବେ ସୁସ୍ଥ ହେବାରେ ଲାଗିଛନ୍ତି। ମଙ୍ଗଳବାର ନିଜ ସ୍ୱାସ୍ଥ୍ୟାବସ୍ଥା ନେଇ ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଥେରାପି ପରେ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ତେବେ ଭଗବାନ ତାଙ୍କ ସହ ଅଛନ୍ତି ବୋଲି ମଧ ସେ ଇନ୍‌ଷ୍ଟାଗ୍ରାମ ଷ୍ଟୋରି ଜରିଆରେ କହିଛନ୍ତି। ଏ ନେଇ ପ୍ରଖ୍ୟାତ୍ ସିଙ୍ଗର ଜଣକ ନିଜର ଆଗାମୀ ପ୍ରୋଗ୍ରାମ୍ ସବୁ ସ୍ଥଗିତ କରି ଦେଇଛନ୍ତି।

ଜଷ୍ଟିନ ବିବରଙ୍କୁ ରାମ୍‌ସେ ହଣ୍ଟ ସିଣ୍ଡ୍ରୋମ୍ ହୋଇଥିବା ଶୁକ୍ରବାର ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଜରିଆରେ ସେ ଜଣାଇଥିଲେ। ଏହା କାରଣରୁ ତାଙ୍କ ମୁଖର ଡାହାଣ ପାର୍ଶ୍ୱ ଅକାମୀ ହୋଇଯାଇଛି। ଡାହାଣ ପଟ ଆଖି ବନ୍ଦ ହେଉ ନ ଥିବାବେଳେ ଓଠ ମଧ କାମ କରିବା ବନ୍ଦ କରିଦେଇଛି। ୧୯୦୭ ମସିହାରେ ପ୍ରଥମ ଥର ପାଇଁ ଏହି ରୋଗର ଉତ୍ପତ୍ତିକ ଜଣାପଡ଼ିଥିଲା। ରାମ୍‌ସେ ହଣ୍ଟ ସିଣ୍ଡ୍ରୋମ୍ ଏକ ନ୍ୟୁରୋଲୋଜିକାଲ ଡିଜ୍‌ଅର୍ଡର, ଯାହାଦ୍ୱାରା ମୁହଁର ନର୍ଭ ସିଷ୍ଟମ ଅଚଳ ହୋଇଯିବା ସହ କାନ ଏବଂ ପାଟିର ବିଭିନ୍ନ ଭାଗରେ ଦାଗ ଦେଖାଯାଏ।


ଜଷ୍ଟିନ୍ ବିବର

## ଡାକ୍ତରଙ୍କୁ ଅପହରଣ କରି ବାହା କରିଦେଲେ ଗ୍ରାମବାସୀ

**ପାଟନା:** ବିହାର ବେଗୁସରାଇ ଜିଲା ପିଢ଼ାଉଲ ଗ୍ରାମବାସୀ ଜଣେ ପଶୁ ଡାକ୍ତର ସତ୍ୟମ କୁମାରଙ୍କୁ ପ୍ରଥମେ ଅପହରଣ କରି ଜଣେ ଯୁବତୀଙ୍କ ସହ ତାଙ୍କ ବାହାଘର କରିଦେଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ପଶୁ ଚିକିତ୍ସା ଆଳରେ ସତ୍ୟମଙ୍କୁ ଅପହରଣ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ପୀଡ଼ିତ ପଶୁ ଡାକ୍ତରଙ୍କ ବାପା ସୁବୋଧ କୁମାର ଝା ଏ ନେଇ ଅଭିଯୋଗ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ସତ୍ୟମଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ତେବେ ସତ୍ୟମଙ୍କ ବାହାଘରର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ପଶୁ ଡାକ୍ତର ସତ୍ୟମ ବର ବେଶ ଧରି କନିଆ ନିକଟରେ ବସିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ଏ ମାମଲା ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତେବେ ଡାକ୍ତରଙ୍କୁ ଅପହରଣ କରାଯାଇଛି କି ସେ ନିଜ ଇଚ୍ଛାରେ ବାହା ହୋଇଛନ୍ତି ସେ ନେଇ କୌଣସି ପ୍ରମାଣ ହସ୍ତଗତ ହୋଇନାହିଁ।

# ଶୁଟିଂବେଳେ ଅସୁସ୍ଥ ହେଲେ ଦୀପିକା

**ହାଇଦ୍ରାବାଦ**

ବଲିଉଡ୍ ସୁନ୍ଦରୀ ଦୀପିକା ପାଦୁକୋନଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଯିବା କାରଣରୁ ମଙ୍ଗଳବାର ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼ିଥିଲା। ହାଇଦ୍ରାବାଦରେ ଦୀପିକା ନିଜ ଆଗାମୀ ଫିଲ୍ମର ଶୁଟିଂରେ ବ୍ୟସ୍ତ ଥିବାବେଳେ ତାଙ୍କ ହୃତ୍‌ସ୍ପନ୍ଦନ ବଢ଼ିଯାଇଥିଲା। ଏହା ପରେ ହାଇଦ୍ରାବାଦ ସିଟି ହସ୍ପିଟାଲରେ ଦୀପିକାଙ୍କ ଟ୍ରିଟ୍‌ମେଣ୍ଟ କରାଯାଇଥିଲା। ତେବେ କିଛି ସମୟ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସେ ସୁସ୍ଥ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଆଗାମୀ ଫିଲ୍ମ ' ପ୍ରୋଜେକ୍ଟ କେ'ର ଶୁଟିଂ ହାଇଦ୍ରାବାଦରେ ଜାରି ରହିଛି। ଏଥିରେ ବିଗ୍ ବି ଅମିତାଭ ବଚ୍ଚନଙ୍କ ସହିତ ବାହୁବଳୀ ଆକ୍ଟର ପ୍ରଭାସ ଅଭିନୟ କରୁଛନ୍ତି। ପ୍ରଥମଥର ପାଇଁ ଦୀପିକା ଏବଂ ପ୍ରଭାସ ବଡ଼ ପରଦାରେ ଏକାଠି ଦେଖାଯିବେ। ୫୦୦ କୋଟି ବିନିମୟରେ ତିଆରି ହେଉଥିବା 'ପ୍ରୋଜେକ୍ଟ କେ' ଏକ ସାଇଣ୍ଟିଫିକ୍ ଫିଲ୍ମ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ନାଗ ଅଶ୍ୱିନୀ। ଉଭୟ ତେଲୁଗୁ ଓ ହିନ୍ଦୀ ଭାଷାରେ ଫିଲ୍ମଟି ମୁକ୍ତିଲାଭ କରିବ ।



# ଅକ୍ଷୟ ସବୁଜ ଶକ୍ତିର ଉତ୍ସ ପବନ

### ବିଶ୍ୱ ପବନ ଦିବସ



**ଏ**କ ଅକ୍ଷୟ ଏବଂ ସବୁଜ ଶକ୍ତି ଉତ୍ସ ଭାବେ ପବନ ଶକ୍ତିର ଗୁରୁତ୍ୱ ରହିଛି। ପବନ ଶକ୍ତି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ବିଶ୍ୱରେ ସବୁଜ ଶକ୍ତିର ପ୍ରୋତ୍ସାହନ ଲାଗି ପ୍ରତିବର୍ଷ ଜୁନ୍ ୧୫ରେ ଗ୍ଲୋବାଲ ପବନ ଦିବସ ବା ବିଶ୍ୱ ପବନ ଦିବସ ପାଳନ କରାଯାଇଥାଏ। ଏହା ହେଉଛି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ, ଯାହା ସମଗ୍ର ବିଶ୍ୱରେ ପାଳିତ ହୋଇଥାଏ। ୫୫ ବର୍ଷ ପୂର୍ବେ ଅର୍ଥାତ୍ ୧୯୬୭ ଜୁନ୍ ୧୫ରେ ଏହି ଦିବସ ପ୍ରଥମେ ପାଳନ ହୋଇଥିଲା। ଏହି ଦିବସ ପାଳନ ଅବସରରେ ପବନ ଶକ୍ତି ସମ୍ପର୍କରେ ସୂଚନା ଆଦାନପ୍ରଦାନ ହୁଏ ଏବଂ ବୟସ୍କ ଓ ପିଲାମାନେ ପବନ ଶକ୍ତିର ବିଭିନ୍ନ ସମ୍ଭାବନା ବିଷୟରେ ଜାଣିବାର ଅବସର ଲାଭ କରିଥାନ୍ତି। ବିଶ୍ୱବ୍ୟାପୀ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଉପକୂଳ ଏବଂ ଅଫ୍‌ଶୋର ପବନ ଫାର୍ମ ପରିଦର୍ଶନ, ସୂଚନା ଅଭିଯାନ, ସହରରେ ସ୍ଥାପିତ ପ୍ରଦର୍ଶନୀ ଟର୍ବାଇନ, ପବନ କର୍ମଶାଳା ଏବଂ ପବନ ପରେଡ ଆଦି ଆୟୋଜିତ ହୋଇଥାଏ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟସ୍ତରରେ ଏବଂ ବିଭିନ୍ନ ସରକାରୀ ତଥା ବେସରକାରୀ ସଂଗଠନରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ।

# ନାଗରିକତ୍ୱ ପ୍ରମାଣ ପାଇଁ ସଂଘର୍ଷ



**ଗୁଆହାଟୀ:** ଆସାମ ସୋନିତପୁର ଜିଲା ବଲିଜନ କଚହରି ଗ୍ରାମରେ ବାସ କରନ୍ତି କାଶିନାଥ ମଣ୍ଡଳଙ୍କ ପରିବାର। ନାଗରିକତ୍ୱ ପ୍ରମାଣ ପାଇଁ ଆସାମ ଫରେନର୍ସ ଟ୍ରିବ୍ୟୁନାଲ ପକ୍ଷରୁ କାଶିନାଥ, ତାଙ୍କ ସ୍ତ୍ରୀ ନାଟ ସୁନ୍ଦରୀ ଏବଂ ପୁଅ ଗୋବିନ୍ଦଙ୍କ ନାମରେ ନୋଟିସ ଜାରି ହୋଇଛି। ଏହାକୁ ମିଶାଇ କାଶିନାଥଙ୍କ ପରିବାରକୁ ତିନିଥର ଟ୍ରିବ୍ୟୁନାଲ ପକ୍ଷରୁ ନୋଟିସ ଜାରି ହୋଇସାରିଲାଣି। ଏହି ପରିବାର ୧୯୬୬ ଜାନୁୟାରୀ ୧ ତାରିଖରୁ ୧୯୭୧ ମାର୍ଚ୍ଚ ୨୩ ମଧରେ ଆସାମରେ ଅନୁପ୍ରବେଶ କରିଥିବା ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। ୨୦୧୬ରେ ଆବଶ୍ୟକୀୟ ଦସ୍ତାବିଜ୍ ଟ୍ରିବ୍ୟୁନାଲରେ ଦାଖଲ କରିବା ପରେ କାଶିନାଥଙ୍କ ପରିବାର ଭାରତୀୟ ନାଗରିକତ୍ୱ ହାସଲ କରିଥିଲେ। କିନ୍ତୁ ଏହାବାଦେ ୨୦୧୮ରେ ତାଙ୍କ ପରିବାରକୁ ନାଗରିକତ୍ୱ ପ୍ରମାଣ ପାଇଁ ନୋଟିସ ଜାରି କରାଯାଇଥିବାବେଳେ ତୃତୀୟ ଥର ପାଇଁ ଜୁନ୍ ୮ରେ ସମାନ ନୋଟିସ୍ ଆସିଥିବା ସେ କହିଛନ୍ତି।

## ମଦ୍ରାସାର ୨୪ ପିଲାଙ୍କର ଗୋଟିଏ ଜନ୍ମ ତାରିଖ

**ଭୋପାଳ**

ମଧ୍ୟପ୍ରଦେଶ ରାଜଧାନୀ ଭୋପାଳର ଦୁଇଟି ମଦ୍ରାସାରେ ଯାଞ୍ଚ କାର୍ଯ୍ୟ ଆରମ୍ଭ କରିଛି ଏମ୍‌ପି କମିଶନ ଫର୍ ପେଆଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍ସ। ଉକ୍ତ ମଦ୍ରାସାରେ ପ୍ରାୟ ୩୫ ଜଣ ମୁସଲମାନ ସମ୍ପ୍ରଦାୟର ପିଲା ଶିକ୍ଷାଗ୍ରହଣ କରୁଥିବାବେଳେ ସେମାନଙ୍କ ମଧରୁ ପ୍ରାୟ ୨୪ ଛାତ୍ରୀଛାତ୍ରଙ୍କର ଗୋଟିଏ ଜନ୍ମ ତାରିଖ ଜାନୁୟାରୀ ୧ ରହିଛି। ଏହି ପିଲାମାନେ ବିହାରର ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ମଦ୍ରାସାରେ ପଢୁଥିବା ଛାତ୍ରୀଛାତ୍ରଙ୍କର କୌଣସି ପ୍ରକାର ପ୍ରମାଣପତ୍ର ନ ଥିବାବେଳେ ମା' ବାପାଙ୍କ ସହମତିର କୌଣସି ପ୍ରକାର ପ୍ରମାଣ ପୋଲିସର ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ। ଗାଁ ମୁଖିଆଙ୍କ ଦସ୍ତଖତ ଥିବା ଏକ ପତ୍ର ଜରିଆରେ ଛାତ୍ରୀଛାତ୍ରଙ୍କ ନାମ ମଦ୍ରାସାରେ ଲେଖାଯାଇଥିବା ପୋଲିସ କହିଛି। ପିଲାମାନଙ୍କ ବୟସ ୧୨ରୁ ୧୫ ବର୍ଷ ବୋଲି ଜଣାପଡ଼ିଛି। ଏଠାକୁ ଆସି ପଢୁଥିବା କେତେଜଣ ଛାତ୍ରୀଛାତ୍ର ବିହାର ସ୍କୁଲରେ ପାଠ ପଢୁଥିବା କହିଛନ୍ତି। ଉକ୍ତ ଛାତ୍ରୀଛାତ୍ରମାନଙ୍କୁ ଧାର୍ମିକ ଶିକ୍ଷା ପ୍ରଦାନ କରିବା ପାଇଁ ବିହାରରୁ ଅଣାଯାଇଥିବା ମଦ୍ରାସା କର୍ତ୍ତୃପକ୍ଷ କହିଛନ୍ତି।

# ସ୍ନାନପୂର୍ଣ୍ଣିମାରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ

ଭୁବନେଶ୍ୱର, ୧୪।୬(ବ୍ୟୁରୋ): ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଦିବ୍ୟ ଅନୁଭବ ପ୍ରଦାନ କରୁଛି। ସେହିପରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ ଟୁଇଟ୍ କରି ଦେବସ୍ନାନ ପୂର୍ଣ୍ଣିମାର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖ ଓ ସମୃଦ୍ଧିମୟ ହେଉ ବୋଲି ସେ ପ୍ରାର୍ଥନା କରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀଜିଉଙ୍କ ଦର୍ଶନ କରିବାକୁ ପୁରୀ ବଡ଼ଦାଣ୍ଡରେ ଜନସମୁଦ୍ର ଲାଗିଛି। ସଭିଏଁ ସ୍ନାନମଣ୍ଡପରେ ଶ୍ରୀଜିଉଙ୍କ ସ୍ନାନନୀତି ଦର୍ଶନ କରୁଛନ୍ତି। ଭୋର୍ ୪ଟାରୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ନୀତିକାନ୍ତି ଜାରି ରହିଛି। ୧୦୮ ଗରା ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରୁଛନ୍ତି। କରୋନା ସକାଶେ ଗତ ୨ ବର୍ଷ ସ୍ନାନଯାତ୍ରା ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଥିଲେ। ଚଳିତ ବର୍ଷ ସଂକ୍ରମଣ ହ୍ରାସ ପାଇଥିବାରୁ ଭକ୍ତଙ୍କୁ ସ୍ନାନଯାତ୍ରାରେ ସାମିଲ ହେବାକୁ ଅନୁମତି ମିଳିଛି। ଅଧିକ ଗହଳିକୁ ନଜର ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଇନଶୃଙ୍ଖଳା, ଭକ୍ତଙ୍କ ସୁରକ୍ଷା, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣକୁ ମଧ ନଜରରେ ରଖାଯାଇଛି।

# ବଜ୍ରପାତରେ ନାବାଳକ ମୃତ, ୪ ଗୁରୁତର

ଆନନ୍ଦପୁର/ଢେଙ୍କିକୋଟ/ପାଟଣା, ୧୪।୬(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବଜ୍ରପାତ ହୋଇ ଜଣେ ୭ବର୍ଷର ବାଳକଙ୍କ ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପଣସଗଡିଆ ଗ୍ରାମର ବୁଧୁରାମ ଗାଗରାଇଙ୍କ ପୁଅ ସୁଶାନ୍ତ। ଗୁରୁତରମାନେ ହେଲେ ସାନ୍ତରାପୁର ଗ୍ରାମର ତାରାମଣି ସିଂହ ଓ କୁଶଧର ନାୟକ, ରଘୁବେଡା ଗ୍ରାମର ବଳରାମ ନାୟକ ଏବଂ କୋଠାଘର ଗ୍ରାମର ସୁବାସନୀ ମହାନ୍ତ। ଆନନ୍ଦପୁର ଥାନା ପଣସଡିହା ପଞ୍ଚାୟତ ପଣସଗଡିଆ ଗ୍ରାମର ସୁଶାନ୍ତ ନିଜ ସ୍କୁଲ ନିକଟରେ ଖେଳୁଥିବାବେଳେ ବଜ୍ରପାତ ହୋଇଥିଲା। ସେ ଅଚେତ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ସୀମାନ୍ତ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ପୋଲିସ ବିଟହାଉସ ଅଧୀନ ସାନ୍ତରାପୁର ଗ୍ରାମର ତାରାମଣି ଓ କୁଶଧର, ରଘୁବେଡା ଗ୍ରାମର ବଳରାମ ତିନିଜଣ ଯାକ ସାନ୍ତରାପୁର ଗ୍ରାମର ତାରାମଣି ସିଂହଙ୍କ ଘର ଅଗଣାରେ ବସି କଥାବାର୍ତ୍ତା ହେଉଥିବା ବେଳେ ବଜ୍ରପାତ ହୋଇଥିଲା। ତାରାମଣିଙ୍କ ଗୋଡ଼ହାତ ପୋଡି ଯାଇଥିବା ବେଳେ ତାଙ୍କ ସ୍ପର୍ଶରେ କୁଶଧର ନାୟକ ଓ ବଳରାମ ନାୟକ ଅଚେତ ହୋଇପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନେଇଯାଇଛନ୍ତି। ସେମାନେ ଚିକିତ୍ସାଧୀନ ଅଛନ୍ତି। ପାଟଣା ବ୍ଲକ ଉପାନ୍ତ ଅଞ୍ଚଳ ଡୁମୁରିଆ ପଞ୍ଚାୟତ କୋଠାଘର ଗ୍ରାମର ସୁବାସିନୀ ଏକ ମହୁଲ ଗଛ ମୂଳରେ ଛିଡା ହୋଇଥିବା ବେଳେ ବଜ୍ରପାତ ହୋଇଥିଲା। ପରେ ସେ ସଂଜ୍ଞାହୀନ ହୋଇ ପୋଖରୀରେ ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ପୂର୍ବ ଉପକୂଳବର୍ତ୍ତୀ ସମୁଦ୍ରରୁ ମାଛ ମରା କଟକଣା ଉଠିଲା

ପାରାଦୀପ, ୧୪।୬(ସ୍ୱ.ପ୍ର.)

ମତ୍ସ୍ୟ ସମ୍ପଦର ବୃଦ୍ଧି ନିମନ୍ତେ ପ୍ରତିବର୍ଷ ପରି ଦେଶର ପୂର୍ବ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଏପ୍ରିଲ୍ ୧୫ରୁ ଜୁନ୍ ୧୪ ପର୍ଯ୍ୟନ୍ତ କଟକଣା ଲଗାଯାଇଥିଲା। ଏହି ୨ ମାସ ପର୍ଯ୍ୟନ୍ତ ସମୁଦ୍ରରୁ ମାଛ ଧରିବା ଉପରେ ନିଷେଧାଦେଶ ଜାରି କରାଯାଇଥିଲା। ମଙ୍ଗଳବାରଠାରୁ ଏହି କଟକଣା ଶେଷ ହୋଇଛି। ପାରାଦୀପ ମାଛଧରା ବନ୍ଦରର ମତ୍ସ୍ୟଜୀବୀମାନେ ସମୁଦ୍ରରୁ ମାଛ ଧରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସବୁବର୍ଷ ପରି ସେମାନେ ଗଙ୍ଗା ଯଜ୍ଞ କରିଛନ୍ତି। ସୂଚନାଯୋଗ୍ୟ, ଏହି ମାଛଧରା ବନ୍ଦର ଉପରେ ୫୦ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ନିର୍ଭରଶୀଳ। ମାତ୍ର ପ୍ରତିବର୍ଷ ୨ମାସ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଯୋଗୁ ସେମାନେ ଏହି ସମୟରେ ଜୀବିକା ହରାଇଥାନ୍ତି। ଏବେ ସମୁଦ୍ରରୁ ଭଲ ମାଛ ଉତ୍ପାଦନ ହେବ ବୋଲି ଓମ୍ଫା ସଭାପତି ଶ୍ରୀକାନ୍ତ ପରିଡା ଆଶାବ୍ୟକ୍ତ କରିଛନ୍ତି। ନଚେତ୍ ପୂର୍ବଭଳି କ୍ଷତି ସହିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସମ୍ପ୍ରତି ତୈଳ ଦର ଓ ଅନ୍ୟାନ୍ୟ ସାମଗ୍ରୀ ବୃଦ୍ଧି ଯୋଗୁ ଅଧିକ ଖର୍ଚ୍ଚ ହେଉଛି। ଗୋଟିଏ ମାଛଧରା ଟ୍ରଲର ବର୍ଷକୁ ଅତି ବେଶିରେ ୨୦ ଥର ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥାଏ। ଏବେ ଅନିୟମିତ ବର୍ଷା, ପବନ ଯୋଗୁ ବର୍ଷକୁ ୧୦ ରୁ ୧୫ ଥର ଯାଉଛନ୍ତି। ଫଳରେ ମାଛ ଉତ୍ପାଦନ ହ୍ରାସ ପାଉଛି ବୋଲି ଓମ୍ଫା ସମ୍ପାଦକ ଅରବିନ୍ଦ ସ୍ୱାଇଁ କହିଛନ୍ତି।

# ଚକ ଫାଟିଯିବାରୁ ହେଲ୍‌ପରଙ୍କ ମୃତ୍ୟୁ

ଜୁନାଗଡ,୧୪।୬(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ବଳଦିଆମାଲ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରକରେ ଚକ ଲଗାଉଥିବା ବେଳେ ହଠାତ୍ ଫାଟିଯିବାରୁ ଘଟଣାସ୍ଥଳରେ ହେଲପରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କମଳା କାନ୍ତ ବନ୍ଧୋଛୋଡ(୨୦)। ତାଙ୍କ ଘର ଜୁନାଗଡ ଥାନା ଅନ୍ତର୍ଗତ ନକଟିଗୁଡା ଗ୍ରାମରେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ବ୍ଲକ ନକଟିଗୁଡା ଗ୍ରାମର ଅନୀଲ ମେହେରଙ୍କ ୧୦ଚକିଆ ଟ୍ରକ (ନଂ.ଓଆର ୧୯କେ–୯୫୩୯)ରେ ହେଲପର ଭାବେ ସେହି ଗ୍ରାମର କମଳା କାନ୍ତ କରୁଥିଲେ। ପୂର୍ବାହ୍ନରେ ସେ ପେଟ୍ରୋଲ ପମ୍ପ ନିକଟରେ ଥିବା ଟାୟାର ଦୋକାନରେ ଏହି ଟ୍ରକର ଏକ ଚକର ପ୍ୟାଚ୍ କାମ ସାରି ଲଗାଉଥିବା ବେଳେ ଚକଟି ଫାଟିଯାଇଥିଲା। ଫଳରେ ଚକର ରିମ୍ ବାହାରକୁ ବାହାରି ଆସି ଜୋରରେ କମଳାଙ୍କ କପାଳରେ ମାଡ ହୋଇଥିଲା। ଏଥିଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ସ୍ଥାନୀୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଜୁନାଗଡ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୨୬୮/୨୨) ରୁଜୁ ହୋଇଛି।

# ହାର୍ଡକୋର ମାଓବାଦୀ ପଡ଼ିଆମୀ ସୋଡ଼ିଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୪।୬ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ଜଣେ ହାର୍ଡକୋର ମାଓବାଦୀ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପଡ଼ିଆମୀ ସୋଡ଼ି। ତାଙ୍କ ନାମରେ ୨ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ପଡ଼ିଆମୀ ମାଓବାଦୀ ସଙ୍ଗଠନରେ ଦୀର୍ଘ ୧୨ବର୍ଷ ଧରି କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। କ୍ରମେ ମାଓବାଦୀ ସଙ୍ଗଠନ ନିଜ ସ୍ଥିତି ହରାଇବା ଏବଂ ସଙ୍ଗଠନରେ ମାଓବାଦୀ ନେତାଙ୍କ ଅତ୍ୟାଚାର ବଢୁଥିବାରୁ ପଡ଼ିଆମୀ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ସେ ସୁକ୍‌ମା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ସରକାରୀ ନିୟମ ଅନୁଯାୟୀ ତାଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ସୁକ୍‌ମା ଏସ୍‌ପି କହିଛନ୍ତି।

## SHORT QUOTATION CALL NOTICE

**No.2286, Dt.09.06.22**

**No.C-547:** The Executive Officer, Jatni Municipality, on behalf of Jatni Municipality invites sealed tender in two bid system (Technical & Financial bid in two separate envelopes) from eligible and qualified Original Equipment Manufacturers/ Authorized Partner for the Supply & Installation of LED Display Board with Structure.

The last date of receipt of the quotation is **Dt.18.06.2022 up to 11.30 AM** and will be **opened on Dt.18.06.2022 at 12.30 PM**

The detailed documents can also be downloaded from the official website of Khorda District (www.Khordha.nic.in) up to **5.00 PM of 17.06.2022.**

**Sd./- Executive Officer, Jatni Municipality**

OIPR-13041/11/0011/2223

## OFFICE OF THE NOTIFIED AREA COUNCIL, SURADA, GANJAM

Main Road, Surada, Ganjam, Odisha, PIN: 761108
Email:officerexecutive14@yahoo.com, Phone/Fax:06819-270129
No.877/NAC, Dtd.13.06.22

**QUOTATION CALL NOTICE**

**No.C-546:** The Executive Officer, NAC Surada, Ganjam invites sealed quotation in prescribed form from the reputed agencies / firms / Contractors for supplying & plantation of following items under Surada NAC.

| Sl. No. | Name and Nature of the Work | Cost of Tender Paper | EMD Cost |
|---|---|---|---|
| 1 | Estimate for the work Road side avenue and Institutional plantation of social and Ornamental plants under Surada NAC for the year 2022-23 | Rs.2,000.00 | 1% of the Rate Quoted |

The quotationers are essentially required to furnish copy of PAN card, GST & Clearance certificate along with copy of previous work experience (if any) or work completion certificate. The quotationer shall be required to produce the original copy of the documents before the under signed at the time of opening of quotation for verification.1. Start date for sale of quotation paper is: 17/06/2022 10.00 AM onwards (during office hours, Except Govt. Holidays). 2. Last date for sale of quotation paper is: 27/06/2022 up to 05.30 PM (Except Govt. Holidays). 3.Last date for receipt of quotation paper is: 27/06/2022 up to 05.30 PM. 4. Date of opening of sealed quotations is: 28/06/2022 at 11.00AM by the Chairperson, Tender Committee / Under-signed in NAC, Surada.

OIPR-13101/11/0001/2223 **Sd./- Executive Officer, NAC, Surada, Ganjam**

## ୱାଟର କର୍ପୋରେସନ ଅଫ ଓଡ଼ିଶା (WATCO)

**ପୁରୀ ସହର ପାନୀୟ ଜଳ ଉପଭୋକ୍ତାମାନଙ୍କ ନିମନ୍ତେ ଜରୁରୀ ସୂଚନା**

No. C-551: ଏତଦ୍ୱାରା ପୁରୀ ସହରର ସମସ୍ତ ପାନୀୟ ଜଳ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଛି କି, ଅଦ୍ୟାବଧି ସମସ୍ତ ଉପଭୋକ୍ତାମାନଙ୍କୁ (୨୪ × ୭) ପାନୀୟ ଜଳଯୋଗାଣ କରାଯାଉଅଛି। ୱାଟକୋ ତରଫରୁ ନିୟୋଜିତ ଜଳ ସାଥୀ ତଥା କର୍ମଚାରୀମାନଙ୍କ ଦ୍ୱାରା ପ୍ରତ୍ୟେକ ୱାର୍ଡ଼ରେ ଘରକୁ ଘର ପହଞ୍ଚି ଏଥି ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଚାଲୁଅଛି।

ଏତଦ୍ ବ୍ୟତୀତ ଯଦି କୌଣସି ଉପଭୋକ୍ତାଙ୍କର ଜଳଯୋଗାଣ ସମ୍ବନ୍ଧୀୟ କିଛି ଆପତ୍ତି ଅଭିଯୋଗ ଥାଏ ତେବେ ସେମାନେ ନିମ୍ନୋକ୍ତ ଟେଲିଫୋନ ମାଧ୍ୟମରେ ଜଣାଇଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରାଯାଉଛି।

ଅଭିଯୋଗ ଜଣାଇବା ନିମନ୍ତେ ଟେଲିଫୋନ ନଂ.: ୦୬୭୫୨–୨୨୩୪୪୭।

ସ୍ୱା./– ଜେନେରାଲ ମ୍ୟାନେଜର
ୱାଟ୍‌କୋ ଡିଭିଜନ, ପୁରୀ

OIPR-13206/11/0004/2223

## GOVERNMENT OF ODISHA
## FOOD SUPPLIES & CONSUMER WELFARE DEPARTMENT

**No. 8791** **Date: 13.06.2022**

**ADVERTISEMENT FOR CONTRACTUAL ENGAGEMENT**

No. H-60: Food Supplies and Consumer Welfare Department, Government of Odisha invites fresh applications from prospective eligible and experienced canddiates for contractual engagement for the Post of State Project Manager, Integrated Management of Public Distribution System (IM-PDS).

Information, in detials, including job description, eligibility criteria & general instructions for submission of application may be seen in the Department's website **www.foododisha.in**. Those who have applied earlier for the Post of State Project Manager, IM-PDS, shall apply afresh. The applications shall be submitted through Speed Post/Registered Post only addressed to **"Additional Secretary to Government (NFSA), Food Supplies & Consumer Welfare Department, Loka Seva Bhawan, Bhubaneswar - 751001"**.

**Closing date for submission of complete application in all respect is 30th June, 2022**

**Sd./- Additional Secretary**

OIPR-07001/11/0005/2223

## POLICE COMMISSIONERATE BHUBANESWAR-CUTTACK
## ODISHA SPECIAL ARMED POLICE 7TH BATTALION, BHUBANESWAR

ପ୍ରାପ୍ତେଷୁ,

ଶ୍ରୀ ବାଦଲ ଦେହୁରୀ, ସୁଇପର
ପିତା: ଅଦର ଦେହୁରୀ,
ଗ୍ରାମ: ସିରିପୁର, ପୋ.ଅ.: ଡେଲ୍ଟା କଲୋନୀ
ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା

No. D-73: ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣ ତା୨୬।୦୫।୨୦୨୨ରିଖ ଅପରାହ୍ଣଠାରୁ ଉପରିସ୍ଥ ଅଫିସରଙ୍କ ବିନା ଅନୁମତିରେ ନିଜ କାର୍ଯ୍ୟରୁ ଫେରାର ଅଛନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୮୪୦/ଆର୍.ଓ., ତା୩୧।୦୫।୨୦୨୨, ୮୪୧/ଆର୍.ଓ., ତା୩୧।୦୫।୨୦୨୨ ଏବଂ ୮୪୨/ଆର୍.ଓ., ତା୩୧।୦୫।୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା, ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।

ଏଣୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର

OIPR-12121/11/0008/2223

## OFFICE OF THE NOTIFIED AREA COUNCIL, ATHMALLIK

**No.2058, Dt.13.06.2022**

**No.C-544:** The sealed tenders are hereby invited for selection of agencies for " Sale of E-Waste Collection from various wards of the ULB and stacked / stored in Materials Recovery Facilities {MRF} of the wealth Centre of Athmallik NAC" only from intending Agencies duly authorized by the Central Pollution Control Board or the State Pollution Control Board. The E-Waste collected from different wards of Athmallik NAC is stored / stacked in Materials Recovery Facility (MRF) of Athmallik NAC. The Limited Tender Call Notice is also published from the District Webportal http:angul.nic.in. The bidder shall quote the buying price of the e-waste already collected and stacked in MRF. The bidder must submit the application along with the financial proposal on or before 28.06.2022 at 5.30 PM through by hand / postal / courier. Applications received after due date and time shall be summarily rejected and Athmallik NAC is not responsible for any delay of postal/ courier delivery. The received applications shall be opened 29.06.2022 at 11.00AM in the Chairperson Chamber on presence of the tenderer or their representative. The Authority has reserved the right to reject any or all tender without assigning any reason thereof.

**Sd./- Executive Officer, N.A.C. Athmallik**

OIPR-13161/11/0003/2223

## WATCO
## OFFICE OF THE GENERAL MANAGER
## WATCO DIVISION-I, VANIVIHAR SQUARE

BHUBANESWAR, ODISHA, PIN-751022
Phone / FAX: - 0674-2542821 / e-Mail:gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
**No.C-552:** GMWATCO-I/22/ 2022-23, Dt.10.06.2022
No.3933, Date:10.06.2022

01 Name of the work : Operation & maintenance of 2nos 1500KVA , 1 no 365 KVA D.G. Set at clear water & 1 no.1250.KVA D.G Set at Raw Water of Water Treatment Plant, Mundali for 365 days
02 Estimate cost : Rs.22.46 Lakh
03 Period of completion : 12 (Twelve Month)
04 Date & Time of availability of bid document in the portal : From 11.00 AM of Dt.13.06.2022 to 5.00 PM of 23.06.2022
05 Last date / time of receipt of bids in the portal : 5.00 PM of 23.06.2022
06 Last date & time of seeking clarification : 5.00 PM of 17.06.2022
07 Date & Time of opening of bids : At 12.30 PM of 24.06.2022
08 Name and Address of the Officer Inviting Bid : General Manager WATCO Division-I, BBSR
**Name & Address of Officer Inviting Bid : The General Manager, WATCO Division-I, BBSR, Odisha,**

Further details can be seen from the e-Procurement portal https://www.tendersodisha.gov.in

**Sd./- General Manager, WATCO Division-I, BBSR**

OIPR-13083/11/0017/2223

## ADVERTISEMENT

No. D-74: Applications are invited from amongst retired Judicial Officer in the cadre of Odisha Superior Judicial Service (OSJS) (District Judge) for re-engagement as Legal Consultant in Home Department on contractual basis.

**1. ELIGIBILITY CONDITIONS:**

i) Officers who have retired from Govt. service on attaining the age of Superannuation and below the age of 65 years having good service records and physically fit shall be eligible to be considered for re-engagement.

ii) Officers against whom departmental proceedings or criminal cases are contemplated/pending or who have been penalised for misconduct during the period of preceding five years will not be eligible for consideration.

iii) All documents in support of retirement/service records must be enclosed with the application.

**2. SELECTION PROCESS:**

Selection will be made through a Departmental Selection Committee.

**3. TENURE, TERMS AND CONDITIONS:**

i) The re-engagement shall be made for a period of one year.

ii) Necessary remuneration will be fixed after the engagement in consultation with Finance Department.

iii) Re-engaged officer shall be governed by the provisions of Odisha Government Servants Conduct Rules, 1959 and shall be liable to be proceeded against for their misconduct omissions any commissions as per the provisions under the Odisha Pension Rules, 1992.

iv) The re-engagement can be terminated at any time due to unsatisfactory performance of the re-engaged officer by giving one month notice. Moreover, if re-engaged officer desires to resign, he shall do so by giving one month's written notice to the competent authority.

The filled in applications should reach this department addressed to the "Additional Secretary to Government, Home (Office Establishment) Department" on or before 24.06.2022.

Applications received after due date will be rejected.

**Sd./- (Sri S. Dhal)**
**Additional Secretary to Government**
**Home Department**

OIPR-12001/11/0003/2223

## OFFICE OF THE EXECUTIVE ENGINEER

**No.A-321:**

**MECHANICAL DIVISION, HIRAKUD-768016, DIST.SAMBALPUR (ODISHA)**
Phone No.0663-2481413, Email: eesmd_hkd@yahoo.com

**AUCTION SALE TENDER CALL NOTICE No.04/2022-23 DT.07.06.2022**
**(FOR DISPOSAL OF UNSERVICIABLE SPECIAL T & P MATERIALS)**

1. Name of the Auction Sale Tender : Survey Reported Condemned Vehicles.
2. No. of condemned Vehicles tendered for : 03(Three)
3. Category of executors : Tenderer having GST Registration/ Clearance Certificate
4. Auction Sale Tender Call Notice No. : 04/2022-23, dt.07.06.2022
5. Approximate Cost/Upset Price : Rs.19,290.00, Rs.20,000.00, and Rs.89,000.00 (Excluding GST)
6. Date & time of sales of Tender Documents in office of the undersigned : From dt.22.06.2022 (10.00 AM) to dt.21.07.2022 up to 5.00 PM
7. Last date/ time for receipt of Tender in the office of the undersigned : dt.21.07.2022 up to 5.30 PM
8. Date and Place of opening of Tender : dt.25.07.2022 at 11.30 am onwards in the O/o the undersigned
9. Name of the Officer inviting Auction : Executive Engineer, Mechanical Division, Hirakud.

Further details of Auction Tender Notice can be obtained from the website of Department of Water Resources, Odisha (www.dowrodisha.gov.in) and in the office of the Executive Engineer, Mechanical Division, Hirakud during office hours.

**Sd./- EXECUTIVE ENGINEER, MECHANICAL DIVISION, HIRAKUD**

OIPR-32444/11/0002/2223

## ZILLA SWASTHYA SAMITI, GANJAM
### Health & Family Welfare Deptt., Govt. of Odisha

**Advt. No. 1** **Date: 13.06.2022**

## WALK-IN-INTERVIEW

No. E-226: Applications are invited from eligible candidates for filling of vacancies of Medical Officer to be engaged in **Urban Health & Wellness Centre** under XV FC Grants in BeMC & others NACs of Ganjam Dist. on contractual basis, for a period of 11 months with monthly remuneration as mentioned below and subject to renewal as per society norms based on the performance and subject to continuance of the programme & XV FC Grants.

| Sl. No. | Name of the Post | No. of Vacancy | Remuneration | Qualification | Date and Time of Regn. & Interview |
|---|---|---|---|---|---|
| 1 | Medical Officer (Berhampur Municipal Corporation) | 06 | Rs.58.343 + P1 25% (Max) | 1. The person should have MBBS Degree. 2. The Doctor should have valid registration from any University approved by MCI 3. Age - 21 to 70 years | Date: 24.06.2022 Regn. Time: 10.00 A.M. to 11.00 A.M. Interview Time: 11.00 A.M. onwards |
| 2 | Medical Officer (Other ULBs & NACs) 1. Aska 2. Bhanjanagar 3. Chatrapur 4. Hinjilicut 5. Kodala 6. Polasara | 06 | Rs.58,343 + P1 25% (Max) | | |

Eligible Candidates for the above post may appear for the Walk-in-Interview, at the **O/o. the CDM & PHO, Ganjam, Berhampur on 24.06.2022**. Registration timing will be from **10.00 A.M. to 11.00 A.M.** only. No application will be received after scheduled timing of registration.

Details regarding eligibility criteria, Age, Selection Process & Application form can be downloaded from district website **www.ganjam.nic.in**. Candidates fulfilling the eligibility criteria are to appear before the undersigned on the scheduled date & time. The undersigned reserves the right to cancel any or all the applications without assigning any reason thereof. Number of vacancies shown above is provisional and it may change at the time of actual appointment/ posting.

**OIPR-10041/11/0005/2223** **Sd./- CDM & PHO, Ganjam**

See Career Appointment on every Wednesday & Saturday

## GOVERNMENT OF ODISHA
## "e"-PROCUREMENT NOTICE
## OFFICE OF THE NOTIFIED AREA COUNCIL, DASPALLA

**Tender Call Notice No.2054 Dt. 10/06/2022**
**E-mail: nacdaspalla@gmail.com**
**Bid Identification No. NAC-Daspalla/01/2022-23**

**No.C-532:** The Executive Officer, NAC, Daspalla, Dist-Nayagarh inviting percentage rate bid in online mode for the works as detailed in the Annexure from eligible contractors for construction of civil works as detailed in the table below:

1. Nature of Work : As per D T C N
2. No of Work : 02 Nos.
3. Tender Cost : To be remitted online through a process as mentioned in DTCN
4. Class of Contractor : D & C Class
5. Available of Bid Document in : From **Dt.13.06.2022** 11.00 AM to **Dt.22.06.2022** Upto 5.00 PM in the website.
6. Date & time of opening of Bid : Dt.23.06.2022 at 11.00 A.M.
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

**Sd./- Executive Officer, NAC, Daspalla**

OIPR-13141/11/0005/2223

E-mail: eemijharsuguda@gmail.com

## GOVERNMENT OF ODISHA
## OFFICE OF THE EXECUTIVE ENGINEER MINOR IRRIGATION DIVISION, JHARSUGUDA

**'e' Procurement Notice**
**Bid Identification No. EE MID JSD 02/2022-23**
**eemijharsuguda@gmail.com**
**No. 873 // MID // date. 06.06.2022**

**No.A-322:** The Executive Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : 03 (Three)Nos.
3. Estimated Cost : Rs.29.24 Lakh to Rs.32.38 Lakh (Detail list of work annexed)
4. Class of Contractor : As mentioned against work
5. Period of completion : As mentioned against work
6. Date & time of Availability of Bid Document in the Portal : 17.06.2022 at 10.00AM to 28.06.2022 upto 5.30PM.
7. Last date/Time for receipt of Bid in the Portal : 28.06.2022 up to 5.30 PM.
8. Date/Time of Opening of Technical Bid : 29.06.2022 at 10.00 AM. at Office of the E.E., MI Divn.Jharsuguda
9. Name & Address of the Officer Inviting Bid : Executive Engineer, M.I.Division, Jharsuguda
10. Mode of Payment of Bid Cost & Bid Security : Online

**Sd./-Executive Engineer, M.I.Division, Jharsuguda**

OIPR-32291/11/0002/2223

# ସିରିଜକୁ ଫେରିଲା ଟିମ୍ ଇଣ୍ଡିଆ

**ବିଶାଖପାଟଣା,୧୪।୬**

ଲଗାତର ଦୁଇ ପରାଜୟ ପରେ ବିଜୟ ସ୍ୱାଦ ଚାଖିଛି ଭାରତୀୟ ଦଳ। ସ୍ଥାନୀୟ ୱାଇ ଏସ୍ ରାଜାଶେଖର ରେଡ୍ଡୀ ଏସିଏ-ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ୪୮ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ବିଜୟ ସହିତ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ଋତୁରାଜ ଗାଏକ୍ୱାଡ ଓ ଇଶାନ କିଶନଙ୍କ ଅର୍ଦ୍ଧଶତକ ଯୋଗୁ ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୩୧ ରନ୍‌ରେ ସୀମିତ ରହିଥିଲା। ସିରିଜ୍‌ରେ କ୍ରମାଗତ ତୃତୀୟ ଥର ପାଇଁ ଟସ୍ ଜିତି ଥିଲେ ଭ୍ରମଣକାରୀ ଦଳର ଅଧିନାୟକ ଟେମ୍ବା ବଭୁମା। ପୂର୍ବ ମ୍ୟାଚ୍ ଭଳି ଏଥର ମଧ୍ୟ ସମାନ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆମନ୍ତ୍ରଣ ପାଇ ବ୍ୟାଟିଂ ପାଇଥିବା ଭାରତୀୟ ଦଳକୁ ବିସ୍ଫୋରକ ଆରମ୍ଭ ଦେଇଥିଲେ ଗାଏକ୍ୱାଡ ଏବଂ କିଶନ। ଦୁହେଁ ୧୦ ଓଭରରେ ୯୭ ରନ୍ ଯୋଡ଼ିଥିଲେ। ପ୍ରଥମ ଦୁଇ ମ୍ୟାଚ୍‌ରେ ବିଫଳ ହୋଇଥିବା ଗାଏକ୍ୱାଡ ୩୫ ବଲରେ ୭ ଚୌକା ଓ ୨ ଛକା ସହାୟତାରେ ୫୭ ରନ୍‌ର ଇନିଂସ ଖେଳିଥିଲେ। ଏହା ଥିଲା ତାଙ୍କ ଅନ୍ତର୍ଜାତୀୟ ଟି୨୦ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ। କିଶନ ୩୫ ବଲରେ ୫୪(୫ ଚୌକା ଓ ୨ ଛକା) ରନ୍ କରି ଆଉଟ୍ ହୋଇଥିଲେ। ମଧ୍ୟକ୍ରମରେ ଶ୍ରେୟାସ ଆୟାର (୧୪ ରନ୍, ୨ ଛକା), ଅଧିନାୟକ ରିଷଭ ପନ୍ତ ୬, ଦୀନେଶ କାର୍ତ୍ତିକ (୬) ବିଫଳ ହୋଇଥିଲେ। ଶେଷ ଆଡ଼କୁ ହାର୍ଦ୍ଦିକ ପାଣ୍ଡ୍ୟା ୨୧ ବଲରେ ୩୧ (୪ ଚୌକା) ରନ୍ କରିବାରୁ ଟିମ୍ ଇଣ୍ଡିଆ ୨୦ ଓଭରରେ ୫ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଭ୍ରମଣକାରୀ ଦଳ ପାଇଁ ଡ୍ୱେନ ପ୍ରିଟୋରିଅସ ୨ ସଫଳତା ପାଇଥିଲେ। ଜବାବରେ ୟୁଜବେନ୍ଦ୍ର ଚହଲ ଓ ହର୍ଷଲ ପଟେଲଙ୍କ ଚମତ୍କାର ବୋଲିଂ ଯୋଗୁ ଭ୍ରମଣକାରୀ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କୌଣସି ବ୍ୟାଟର ଦଳକୁ ସେଥିରୁ ଉଦ୍ଧାର କରିପାରି ନ ଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୧୯.୧ ଓଭରରେ ୧୩୧ ରନରେ ଅଲଆଉଟ୍ ହୋଇଯାଇଥିଲା।



ଆକର୍ଷଣୀୟ ଶର୍ଟ ଖେଳୁଛନ୍ତି ଭାରତୀୟ ବ୍ୟାଟର ଇଶାନ କିଶନ।

**ସଂକ୍ଷିପ୍ତ ସ୍କୋର**

**ଭାରତ:** ୨୦ ଓଭରରେ ୧୭୯/୫(ଋତୁରାଜ ଗାଏକ୍ୱାଡ-୫୭, ଇଶାନ କିଷନ-୫୪, ହାର୍ଦ୍ଦିକ ପାଣ୍ଡ୍ୟା-୩୧ *, ଡ୍ୱେନ ପ୍ରିଟୋରିଅସ-୨/୨୯)। **ଦକ୍ଷିଣ ଆଫ୍ରିକା:** ୧୯.୧ ଓଭରରେ ୧୩୧/ଅଲଆଉଟ୍ (ହେନରିଚ କ୍ଲାସେନ-୨୯, ହର୍ଷଲ ପଟେଲ-୪/୨୫, ୟୁଜବେନ୍ଦ୍ର ଚହଲ-୩/୨୦)।

# ୪୮,୩୯୦ କୋଟିରେ ବିକ୍ରି ହେଲା ଆଇପିଏଲ୍ ମିଡିଆ ରାଇଟ୍

**ନୂଆଦିଲ୍ଲୀ,୧୪।୬**

ଆଗାମୀ ୫ ବର୍ଷ ଲାଗି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରସାରଣ ଅଧିକାର ନିଲାମ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି। ଭାରତରେ ଟିଭି ଓ ଡିଜିଟାଲ ସମେତ ପୂରା ଆଇପିଏଲ ପ୍ରସାରଣ ଅଧିକାର ମୋଟ ୪୮,୩୯୦ କୋଟି ଟଙ୍କାରେ ବିକ୍ରି ହୋଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଘୋଷଣା କରିଛନ୍ତି। ଡିଜ୍‌ନୀ ଷ୍ଟାର ୨୩,୫୭୫ କୋଟିରେ ଟିଭି ପ୍ରସାରଣ ଅଧିକାର ହାତେଇଥିବା ବେଳେ ଡିଜିଟାଲ ରାଇଟ୍‌କୁ ୨୦,୫୦୦ କୋଟିରେ ଅକ୍ତିଆର କରିଛି ଭାଇକମ୍ ୧୮। ଭାଇକମ୍ ୧୮ ପ୍ୟାକେଜ୍ ସି'କୁ ମଧ୍ୟ ୩୨୫୭.୫୨ କୋଟିରେ ହାସଲ କରିନେଇଛି। ପ୍ୟାକେଜ୍ ଡି'କୁ ଭାଇକମ୍ ୧୮ ଏବଂ ଟାଇମ୍ସ ଇଣ୍ଟରନେଟ୍ ମିଳିତ ଭାବେ ଅକ୍ତିଆର କରିଛନ୍ତି। ସବୁଠୁ ଶେଷରେ ନିଲାମ ହୋଇଥିବା ପ୍ୟାକେଜ୍ ଡି'ରୁ ବିସିସିଆଇକୁ ୧,୦୫୮ କୋଟି ମିଳିବ। ଏହି ପ୍ୟାକେଜ୍‌ରେ ୪୧୦ ମ୍ୟାଚ୍‌କୁ ବିଦେଶ ଟିଭି ଏବଂ ଡିଜିଟାଲରେ ପ୍ରସାରଣ ପାଇଁ ପ୍ରତି ମ୍ୟାଚ୍ ପିଛା ୨.୫୮ କୋଟି ମୂଲ୍ୟ ମିଳିଛି। ଯାହାଫଳରେ ଆଇପିଏଲ ମିଡିଆ ରାଇଟ୍ସର ମୋଟ ମୂଲ୍ୟ ୪୮,୩୯୦ କୋଟି ଟଙ୍କାରେ ପହଞ୍ଚିଛି।



ପ୍ୟାକେଜ୍ ଏ' (ଟିଭି ପ୍ରସାରଣ) ଏବଂ ବି' (ଡିଜିଟାଲ)ରେ ଆଗାମୀ ୫ ବର୍ଷରେ ହେବାକୁ ଥିବା ୪୧୦ ମ୍ୟାଚ୍‌କୁ ସାମିଲ କରାଯାଇଛି। ୨୦୨୩ ଓ ୨୦୨୪ରେ ୭୪ ଏବଂ ୨୦୨୫ ଓ ୨୦୨୬ରେ ୮୪ ମ୍ୟାଚ୍ ଖେଳାଯିବ। ୨୦୨୭ ସଂସ୍କରଣରେ ୯୪ ମ୍ୟାଚ୍ ଅନୁଷ୍ଠିତ ହେବ।

"ମୁଁ ଉତ୍ସାହର ସହିତ ଘୋଷଣା କରୁଛି ଯେ, ଷ୍ଟାର ଇଣ୍ଡିଆ ଭାରତ ଟିଭି ପ୍ରସାରଣ ଅଧିକାରକୁ ୨୩,୫୭୫ କୋଟିରେ ଜିତି ନେଇଛି। ଦୁଇ ମହାମାରୀ ବର୍ଷ ସତ୍ତ୍ୱେ ବିସିସିଆଇର ସାଙ୍ଗଠନିକ ସାମର୍ଥ୍ୟକୁ ଏହା ଦର୍ଶାଉଛି। ଆରମ୍ଭ ହେବାଠାରୁ ଆଇପିଏଲ ଅଭିବୃଦ୍ଧିର ଅନ୍ୟ ନାମ ହୋଇ ରହିଛି। ମଙ୍ଗଳବାର ହେଉଛି ଭାରତୀୟ କ୍ରିକେଟ ଇତିହାସରେ ସ୍ୱର୍ଣ୍ଣିମ ଦିନ। ୪୮,୩୯୦ କୋଟି ଟଙ୍କାର ବ୍ରାଣ୍ଡ ଭ୍ୟାଲୁ ସହିତ ଆଇପିଏଲ ନୂଆ ଉଚ୍ଚତା ଛୁଇଁଛି। ଆଇପିଏଲ ଏବେ ଦ୍ୱିତୀୟ ସର୍ବାଧିକ ମୂଲ୍ୟବାନ କ୍ରୀଡ଼ାଭିତ୍ତିକ ଲିଗ୍ ହୋଇପାରିଛି" ବୋଲି ବିସିସିଆଇ ସମ୍ପାଦକ ଶାହା ଟୁଇଟ୍ କରିଛନ୍ତି। ବିଶ୍ୱର ସବୁଠୁ ମୂଲ୍ୟବାନ କ୍ରୀଡ଼ାଭିତ୍ତିକ ଲିଗ୍‌ରେ ଆଇପିଏଲ ଏବେ କେବଳ ନ୍ୟାଶନାଲ ଫୁଟ୍‌ବଲ ଲିଗ୍ (ୟୁଏସ୍‌ଏ) ପଛରେ ରହିଛି। ଉଲ୍ଲେଖଯୋଗ୍ୟ, ଆଇପିଏଲ ପ୍ରସାରଣରେ ଚାଲିଆସୁଥିବା ଏକକ ପ୍ରସାରଣକାରୀ ସଂସ୍ଥାର ରାଜୁତି ଶେଷ ହୋଇଛି। ୨୦୦୮ରୁ ୨୦୧୭ ପର୍ଯ୍ୟନ୍ତ ସୋନି ୧୦ ବର୍ଷ ପାଇଁ ୮୨୦୦ କୋଟିରେ ପ୍ରସାରଣ ଅଧିକାର ହାତେଇଥିଲା। ସେହିଭଳି ୫ ବର୍ଷ ଲାଗି ଷ୍ଟାରକୁ ୧୬,୩୪୭.୫୦ କୋଟି ଦେବାକୁ ପଡ଼ିଥିଲା।

# ଆଗୁଆ ସିରିଜ୍ ଜିତିଲା ଇଂଲଣ୍ଡ

**ନଟିଂହାମ,୧୪।୬**

ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍‌ଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟକୁ ଅପ୍ରତ୍ୟାଶିତ ଭାବେ ଇଂଲଣ୍ଡ ୫ ଉଇକେଟରେ ଜିତି ନେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଦଳ ୨-୦ରେ ଆଗୁଆ ହାତେଇ ନେଇଛି। ପ୍ରଥମ ଇନିଂସ୍‌ରେ ନ୍ୟୁଜିଲାଣ୍ଡ ୫୫୩ ରନ୍ କରିଥିବା ବେଳେ ଇଂଲଣ୍ଡ ୫୩୯ ରନ୍ କରିଥିଲା। ୧୪ ରନ୍‌ର ଅଗ୍ରଣୀ ହାସଲ କରିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୨୮୪ ରନ୍‌ରେ ସୀମିତ ରହିଥିଲା। ପ୍ରଥମ ଇନିଂସରେ ୧୯୦ ରନ୍ କରିଥିବା ଡେର୍ଲି ମିଚେଲ ଦ୍ୱିତୀୟ ପାଳିରେ ୬୨ ରନ୍ କରି ଅପରାଜିତ ଥିଲେ। ଘରୋଇ ଦଳ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ୍ ୩ଉଇକେଟ ନେଇଥିଲେ। ପରେ ୨୯୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଇଂଲଣ୍ଡ ୯୩ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଜନି ବେଆରଷ୍ଟୋ ଓ ଅଧିନାୟକ ଷ୍ଟୋକ୍ସ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ବେଆରଷ୍ଟୋ ୯୨ ବଲରେ ୧୩୬ (୧୪ ଚୌକା ଓ ୭ ଛକା) ରନ୍‌ର ବିସ୍ଫୋରକ ପାଳି ଖେଳିଥିଲେ। ସେ ଅଧିନାୟକ ଷ୍ଟୋକ୍ସଙ୍କ ସହ ମିଶି ଦଳୀୟ ସ୍କୋରରେ ୫ମ ଉଇକେଟରେ ୧୭୯ ରନ ଯୋଡ଼ିଥିଲେ। ତା' ପରେ ଷ୍ଟୋକ୍ସ ଏବଂ ଉଇକେଟକିପର ବେନ ଫୋକ୍ସ ଦଳକୁ ଆବଶ୍ୟକ ଥିବା ରନ୍ ସଂଗ୍ରହ କରି ମ୍ୟାଚ୍ ଜିତି ନେଇଥିଲେ। ଷ୍ଟୋକ୍ସ ୭୫ ଏବଂ ଫୋକ୍ସ ୧୨ ରନ୍ କରି ଅପରାଜିତ ଥିଲେ।



ଟ୍ରେଣ୍ଟବ୍ରିଜ୍‌ଠାରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଏକ ରାଇଜିଂ ଡେଲିଭରିକୁ ଏଡାଇବାକୁ ଯାଇ ତଳେ ପଡ଼ିଯାଇଛନ୍ତି ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନ୍‌ରୀ।

# ସିନ୍ଧୁ, ପ୍ରଣିଥ ପ୍ରଥମ ରାଉଣ୍ଡରେ ପରାସ୍ତ

**ଜାକର୍ତ୍ତା, ୧୪।୬ (ପି.ଟି.):** ଭାରତର ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି. ଭି. ସିନ୍ଧୁ ଓ ସାଇ ପ୍ରଣିଥ ଇଣ୍ଡୋନେସିଆ ଓପନ୍ ସୁପର ୧୦୦୦ ଇଭେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୭ମ ସିଡ୍ ସିନ୍ଧୁ ଏକ ମହିଳା ସିଙ୍ଗଲ୍ସରେ ୧୪-୨୧, ୧୮-୨୧ରେ ଚାଇନାର ହି ବିଙ୍ଗ୍ ଜିଆଓଙ୍କଠାରୁ ହାରିଯାଇଛନ୍ତି। ସିନ୍ଧୁ ହେଉଛନ୍ତି ଜଣେ ପୂର୍ବତନ ବିଶ୍ୱ ଚାମ୍ପିୟନ। ଏହି ସିଜନରେ ସେ ସୁଇଟି ସୁପର ୩୦୦ ଟାଇଟଲ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଓ ସୁଇସ୍ ଓପନ ଜିତିଛନ୍ତି। ସୂଚନାଯୋଗ୍ୟ, ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ସିନ୍ଧୁ ବିଶ୍ୱର ୯ ନମ୍ବର ଖେଳାଳି ବିଙ୍ଗ୍ ଜିଆଓଙ୍କୁ ପରାସ୍ତ କରିଥିଲେ। ଏଠାରେ ହାରିଯିବା ଦ୍ୱାରା ସିନ୍ଧୁଙ୍କ ବିପକ୍ଷରେ ଚାଇନିଜ୍ ଖେଳାଳିଙ୍କ ବିଜୟ ପରାଜୟ ରେକର୍ଡ ୧୦-୮ ସ୍ତରକୁ ଚାଲିଆସିଛି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ବି. ସାଇ ପ୍ରଣିଥ ୧୬-୨୧, ୧୯-୨୧ରେ ଡେନ୍‌ମାର୍କର ହାନ୍ସ-କ୍ରିଷ୍ଟିନା ସୋଲବର୍ଗ ଭିଟିଙ୍ଗ୍‌ସଙ୍କଠାରୁ ୧୬-୨୧, ୧୯-୨୧ରେ ହାରିଯାଇଛନ୍ତି। ମିକ୍ସଡ ଡବଲ୍ସରେ ଇଶାନ ଭଟନାଗର ଓ ତନିଶା କ୍ରାଷ୍ଟୋଙ୍କୁ ମଧ୍ୟ ସମଦଶା ଭୋଗିବାକୁ ପଡ଼ିଛି। ଏହି ଯୋଡ଼ି ହଂକଂର ଚାଙ୍ଗ୍ ତକ୍ ଚିଙ୍ଗ୍ ଓ ଏନ୍‌ଜି ୱିଙ୍ଗ୍ ଅଙ୍ଗ୍ ହଙ୍ଗଙ୍କଠାରୁ ୧୪-୨୧, ୧୧-୨୧ରେ ହାରିଯାଇଛନ୍ତି।

# ଏସିଆନ୍ କପ୍ ପାଇଁ ଭାରତୀୟ ଦଳକୁ ଯୋଗ୍ୟତା

**କୋଲ୍‌କାତା,୧୪।୬:** ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ଏସିଆନ୍ କପ୍ ଫାଇନାଲ୍ସ ପାଇଁ ଯୋଗ୍ୟତା ହାସଲ କରିଛି। ଉଲାନବାତାରଠାରେ ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ ବି'ର ଏକ ମ୍ୟାଚ୍‌ରେ ପାଲେଷ୍ଟାଇନ ୪-୦ ଗୋଲରେ ଫିଲିପାଇନ୍ସକୁ ହରାଇ ଦେଇଛି। ଏଭଳି ଫଳାଫଳ ଯୋଗୁ ଗ୍ରୁପ୍ ବି' ଟପ୍ପର ଭାବେ ପାଲେଷ୍ଟାଇନ ୨୪ ଦଳବିଶିଷ୍ଟ ଫାଇନାଲ୍ସକୁ ସିଧାସଳଖ ଯୋଗ୍ୟତା ହାସଲ କରିଛି। ୪ ପଏଣ୍ଟ ସହିତ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିବା ସତ୍ତ୍ୱେ ଫିଲିପାଇନ୍ସ ବିଦାୟ ନେଇଛି। ଏଥିଯୋଗୁ ଭାରତୀୟ ଦଳ ଲଗାତର ଦ୍ୱିତୀୟ ଓ ମୋଟ ଉପରେ ୫ମ ଥର ପାଇଁ ଏସିଆନ୍ କପ୍ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ପୂର୍ବରୁ ଭାରତ ୧୯୬୪, ୧୯୮୪, ୨୦୧୧ ଓ ୨୦୧୯ରେ ଏସିଆନ୍ କପ୍ ମୁଖ୍ୟ ପର୍ଯ୍ୟାୟରେ ଖେଳିଥିଲା। ପ୍ରତିଯୋଗିତାର ଯୋଗ୍ୟତା ପର୍ଯ୍ୟାୟର ୩ୟ ରାଉଣ୍ଡକୁ ୬ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୪ ଦଳ ରହିଛନ୍ତି। ଏହି ମ୍ୟାଚ୍‌ଗୁଡ଼ିକ ବିଭିନ୍ନ ଭେନ୍ୟୁରେ ଚାଲିଥିବା ବେଳେ ଭାରତ ଗ୍ରୁପ୍ ଡି' ମ୍ୟାଚ୍ ଆୟୋଜନ କରୁଛି। ସମସ୍ତ ଗ୍ରୁପ୍ ବିଜେତା ଏବଂ ଦ୍ୱିତୀୟ ସ୍ଥାନରେ ଥିବା ଶ୍ରେଷ୍ଠ ୫ ଦଳ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଗ୍ରୁପ୍ ଡି'ରେ ହଂକଂ (୬ ପଏଣ୍ଟ) ଭାରତଠାରୁ ଗୋଟିଏ ଗୋଲ ବ୍ୟବଧାନରେ ଆଗରେ ଅଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା କାମ୍ବୋଡ଼ିଆ ଓ ଆଫଗାନିସ୍ତାନ ଖାତା ଖୋଲିପାରିନାହାନ୍ତି।

# ଚେସ୍ ଅଲିମ୍ପିଆଡ୍: ଓଡ଼ିଶାରୁ ୬ ମନୋନୀତ



ପଦ୍ମିନୀ ରାଉତ, ସୁରେଶ ଚନ୍ଦ୍ର ସାହୁ, ଅପରାଜିତା ଗୋଚ୍ଛିକାର, ରଞ୍ଜନ ମହାନ୍ତି, ଗୋବିନ୍ଦଚନ୍ଦ୍ର ମହାପାତ୍ର ଓ ଦେବବ୍ରତ ଭଞ୍ଜ ।

**ଭୁବନେଶ୍ୱର, ୧୪।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ମହାବଲିପୁରମ୍‌ଠାରେ ହେବାକୁଥିବା ୪୪ତମ ଚେସ୍ ଅଲିମ୍ପିଆଡ୍ ଲାଗି ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶାରୁ ୬ଜଣ ମନୋନୀତ ହୋଇଛନ୍ତି। ଜୁଲାଇ ୨୮ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୧୮୭ ଦେଶରୁ ଓପନ୍ ଓ ମହିଳା ବିଭାଗରେ ରେକର୍ଡ ୩୪୩ଟି ଟିମ୍ ଭାଗନେବେ। ଫିଡେ ଚେସ୍ ଅଲିମ୍ପିଆଡ୍ ଭାରତରେ ପ୍ରଥମଥର ଏବଂ ଏସିଆରେ ୩୫ ବର୍ଷ ପରେ ଅନୁଷ୍ଠିତ ହେଉଛି। ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର ପଦ୍ମିନୀ ରାଉତ ଜଣେ ଖେଳାଳି ଭାବେ ଦେଶରୁ ପ୍ରତିନିଧିତ୍ୱ କରିବେ। ଇଣ୍ଟରନ୍ୟାଶନାଲ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଫିଡେ ଆର୍ବିଟର ଅପରାଜିତା ଗୋଚ୍ଛିକାର ଓ ଫିଡେ ଆର୍ବିଟର ରଞ୍ଜନ ମହାନ୍ତି ଏଥିରେ ଆର୍ବିଟର ଭାବେ ଦାୟିତ୍ୱ ତୁଲାଇବେ। ସୂଚନାଯୋଗ୍ୟ, ରଞ୍ଜନ ମହାନ୍ତି ଜଣେ ଇଣ୍ଟରନ୍ୟାଶନାଲ ରେଟିଂପ୍ରାପ୍ତ ଚେସ୍ ଖେଳାଳି। ଏଆଇସିଏଫ୍‌ର ଯୁଗ୍ମ ସମ୍ପାଦକ ଚେନ୍ ଇନ୍ ସ୍କୁଲ (ସିଆଇଏସ୍) କମିଟିରେ ସେ ଜଣେ ସଦସ୍ୟ ରହିଛନ୍ତି।

ଅନ୍ୟପକ୍ଷରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଚେସ୍ ଅଲିମ୍ପିଆଡ୍‌ର ଅତିରିକ୍ତ କାର୍ଯ୍ୟକଳାପ କମିଟିରେ ଜଣେ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଫିଡେ ଚେସ୍ ଅଲିମ୍ପିଆଡ୍‌ର ରିପ୍ରେସ୍‌ମେଣ୍ଟ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

# ଜାତୀୟ କରାଟେରେ ଭାଗନେବ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୪।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ପୁଣେଠାରେ ଚଳିତ ମାସ ୧୭ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଏକ ୫୫ ଜଣିଆ ଓଡ଼ିଶା ଦଳ ପୁଣେ ଅଭିମୁଖେ ଯାତ୍ରା କରିଛି। ବିଶ୍ୱ କରାଟେ ସଂଘ ଓ ଏସୀୟ କରାଟେ ସଂଘ ସହ ଅନୁବନ୍ଧିତ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରୁ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ପ୍ରତିଯୋଗୀମାନଙ୍କୁ ମନୋନୀତ କରାଯିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତା କରାଟେକା ଭାଗ ନେଉଛନ୍ତି। ଏହି ଦଳ ସହ ରାଜୀବ କୁମାର ସିଂ, ଖାରବେଳ ମଲ୍ଲିକ, ଦୀପକ କୁମାର ସାମନ୍ତରା, ସୌମ୍ୟରଞ୍ଜନ ଦାସ, ଦୁର୍ଗା ପ୍ରସାଦ ରଥଙ୍କ ସହ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦିକା ଡ. ଗୌରୀ ମହାନ୍ତି ପୁଣେ ଯାତ୍ରା କରୁଛନ୍ତି।

**ମନୋନୀତ ପ୍ରତିଯୋଗୀ :**

**କ୍ୟାଡେଟ୍ ପୁରୁଷ ବିଭାଗ:** ବେଦାନ୍ତ ଦାସ, ଉଦ୍ଧବ ପ୍ରଧାନ, ସାଇସ୍ୱରୂପ ବେବେର୍ତା, ରିତେଶ ମହାନ୍ତି, ନିଖିଲ ଦାସ ଓ ରଣପ୍ରୀତ ନାୟକ।

**କ୍ୟାଡେଟ୍ ମହିଳା ବିଭାଗ:** ମଧୁପ୍ରିୟା ବାଇ, ଦୀପ୍ତି ନାମଦେ ଓ ଅଦିତି ପାଣିଗ୍ରାହୀ

**ଜୁନିୟର ପୁରୁଷ ବିଭାଗ:** ଜ୍ୟୋତିରଞ୍ଜନ ରାଉତ, ଦିବେଶ ବରାଦ, ଆୟୁଷ ରଥ, ରୀତିକ ବରାଳ ଓ ଶୁଭକାନ୍ତ ବିଶ୍ୱାଳ

**ଜୁନିୟର ମହିଳା ବିଭାଗ:** ସୁରୋମିତ ସିହ୍ନା, ନ୍ୟସା କୁମାରୀ ଓ ପ୍ରିୟଦର୍ଶିନୀ ଦାସ

**୨୧ ବର୍ଷରୁ କମ୍ ପୁରୁଷ ବିଭାଗ:** ତୁଷାର ବିଶ୍ୱାଳ, ଭଗବାନ ରେଡ୍ଡୀ, ତ୍ରିନାଥ ରାଣା, ସୁମନ ଶେଖର ଦାସ, ଆରୟାନ ରାଉତ ଓ ରାହୁଲ ଜାଲ

**୨୧ ବର୍ଷରୁ କମ୍ ମହିଳା ବିଭାଗ:** ବ୍ରତତି ପତି, ଦୀପ୍ତିରାନୀ ନାୟକ

**ବରିଷ୍ଠ ପୁରୁଷ ବିଭାଗ**

ଅଭିଷେକ ପଟ୍ଟନାୟକ, ମହେଶ ଡୋରା, ରାଜେଶ ମହାପାତ୍ର, ରିତେଶ ରାୟ, କାମେଶ ମହାପାତ୍ର, କୃଷ୍ଣ ମହାରଣା, ତୁଷାର ବିଶ୍ୱାଳ ଓ ଭଗବାନ ରେଡ୍ଡୀ

**ବରିଷ୍ଠ ମହିଳା ବିଭାଗ:** ଭାଲେନା ଭଲେଣ୍ଟିନା, ଅନୁପମା ସ୍ୱାଇଁ, ସିନ୍ଧୁ ଖୁଣ୍ଟିଆ, ସୁସ୍ମିନୀ ପାଲଟାସିଙ୍ଗ, ଚିନ୍ମୟୀ ଭୂୟାଁ, ସାଲୋନୀ ଲେଙ୍କା, ଅନୁରାଧା ପାତ୍ର ଓ ବ୍ରତତି ପତିୟ

**ବରିଷ୍ଠ ପୁରୁଷ ଟିମ୍ କାଟା ବିଭାଗ:** କ୍ରୀଷ୍ଣା ଶିକାରୀ, ଯୋଗେଶ ବରିହା, ମହେଶ ଡୋରା ଓ ରଜନୀ ବିଶି

**ବରିଷ୍ଠ ମହିଳା ଟିମ୍ କାଟା ବିଭାଗ**

ଅନୁପମା ସ୍ୱାଇଁ, ସିନ୍ଧୁ ଖୁଣ୍ଟିଆ, ସୁସ୍ମିନୀ ପାଲଟାସିଙ୍ଗ ଓ ନ୍ୟସା କୁମାରୀ

**ଜୁନିୟର ପୁରୁଷ ଟିମ୍ କାଟା ବିଭାଗ:** ବେଦାନ୍ତ ଦାସ, ଜ୍ୟୋତିରଞ୍ଜନ ରାଉତ ଓ ରୁଦ୍ର ପ୍ରସାଦ

**ଜୁନିୟର ମହିଳା ଟିମ୍ କାଟା ବିଭାଗ:** ଅଂଶିତା ସାହୁ, ସାଲୋନୀ ପାତ୍ର ଓ ସୁସ୍ମିତା ବିଶ୍ୱାଳ



ଓଡ଼ିଶା କରାଟେ ଦଳ।

ମନେ ପଡ଼ନ୍ତି

ନବମ ମାସିକ ଶ୍ରାଦ୍ଧ ଉପଲକ୍ଷେ



୰ପ୍ରଭାତ ସୁନ୍ଦର ପାଣିଗ୍ରାହୀ

ଆବିର୍ଭାବ: ୧୩।୦୮।୧୯୪୦
ତିରୋଧାନ: ୨୧।୦୯।୨୦୨୧

ତୁମେ ଛାଡ଼ି ଯାଇଥିବା ତୁମର ପରିବାର ଜ୍ୟେଷ୍ଠପୁତ୍ର: ଜୀତେନ, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି, ନାତୁଣୀ: ରୀମା, ସିତୁନ, ପପ୍‌ଲି, ପୀୟୂଷ, ନିତୁ, ସମସ୍ତ ପରିବାର ସହ ଅଶ୍ରୁପ୍ଳୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମ ଆତ୍ମାର ସଦ୍‌ଗତି ହେଉ ।

ଧ-୭୩୫୦୮

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଧନଞ୍ଜୟ ସ୍ୱାଇଁ

ସପନପୁର, ଚମ୍ପାପୁର, ଯାଜପୁର
ଆବିର୍ଭାବ: ୦୮।୦୩।୧୯୭୧
ତିରୋଧାନ: ୨୬।୦୬।୨୦୨୧

ଏକ ବରଷ ଚାହୁଁଚାହୁଁ ବିତିଗଲା । ସଭିଙ୍କ ଭିତରେ ଜଣକ ଶୂନ୍ୟତା ଅନୁଭବ କରୁଛୁ। ଆଉ ପାରିରେ ଥାଇ ଆମକୁ ଆଶୀର୍ବାଦ କର। ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାକୁ ଶାନ୍ତି ଦିଅନ୍ତୁ ଏତିକି ପ୍ରାର୍ଥନା ।

ଇତି ତୁମର ହତଭାଗ୍ୟ ସାନଭାଇ: ଝୁନିଆ, ପତ୍ନୀ: ଯମୁନା, ପୁତ୍ର: ପିଣ୍ଟୁ, ଚିଣ୍ଟୁ, ସାନବୋହୂ: ଆଶା, ଡଲି, ଝିଅ: ଗୁଡି, ଡେଜି, ବୋଉ: ରେବତୀ ଓ ସ୍ୱାଇଁ ପରିବାର, ବନ୍ଧୁ ପରିଜନ ।

ଧ-୭୪୪

## ଟମାଟୋ ପଟାଳି



ଟମାଟୋ ତଳି ଲଗାଉଥିଲେ ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେ.ମି . ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ଏକ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

## ମଲ୍ଲୀଗଛ ପାଇଁ ମନ୍ଦା ପ୍ରସ୍ତୁତି

ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।



## ମୁଗ ଫସଲରେ ପତ୍ରକଟା ପୋକ ଦମନ



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍+କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ମୌସୁମୀ ବର୍ଷାର ସଦ୍‌ଉପଯୋଗ



ପ୍ର. ସୁବୋଧ କୁମାର ସାହୁ



ଗ୍ରୀଷ୍ମଋତୁର ଶେଷଭାଗ ଏବଂ ବର୍ଷାଋତୁର ପ୍ରଥମ ଭାଗରେ ଯେଉଁ ବର୍ଷା ଆସେ , ଏହାକୁ ମୌସୁମୀ ବର୍ଷା କୁହାଯାଏ । ଏହି ବର୍ଷା ସମୟ ପ୍ରାୟ ୩ ରୁ ୩.୫ ମାସ ପର୍ଯ୍ୟନ୍ତ ରହେ । ଗ୍ରୀଷ୍ମଋତୁର ଅତ୍ୟଧିକ ଉତ୍ତାପ ଯୋଗୁ ସମୁଦ୍ର ଉତ୍ତପ୍ତ ହୋଇ ବାଷ୍ପୀଭୂତ ସାମୁଦ୍ରିକ ଜଳ ବାୟୁମଣ୍ଡଳରେ ଗତିଶୀଳ ହୋଇ ଥଣ୍ଡାହେଲେ ମୌସୁମୀ ବର୍ଷାହୁଏ । ମୌସୁମୀ ବର୍ଷା ଜଳବାୟୁ ପରିବର୍ତ୍ତନର ଏକ ଭିନ୍ନରୂପ । ମୌସୁମୀ ବର୍ଷା କୃଷିକାର୍ଯ୍ୟ ପାଇଁ ଅଶେଷ ସହାୟକ । ଉକ୍ତ ବର୍ଷା ପରେ ପରେ ଚାଷୀ ଚାଷକାର୍ଯ୍ୟ ଆରମ୍ଭ କରନ୍ତି । ଏହି ବର୍ଷାପରେ ଉତ୍ତାପ କମି ବସୁନ୍ଧରା ଶୀତଳ ହୁଏ । ପୃଥିବୀ ସବୁଜିମା ହୁଏ । ତେଣୁ ମୌସମୀ ବର୍ଷା ଚାଷୀଙ୍କ ପାଇଁ ଅମୃତ ସ୍ୱରୂପ । ତେଣୁ ଚାଷୀ ଉକ୍ତ ବର୍ଷାକୁ ଉପଯୁକ୍ତ ପରିଚାଳନା କରିବା ଉଚିତ ।

ମାଟିରେ ଅଗଣିତ ଉପକାରୀ ବୀଜାଣୁ ଓ କବକ ଥାଆନ୍ତି। ଗ୍ରୀଷ୍ମଋତୁରେ ଏହିସବୁ ବୀଜାଣୁ ମାଟିରେ ଶୁପ୍ତ ଅବସ୍ଥାରେ ଥାଆନ୍ତି। ମୌସୁମୀ ବର୍ଷା ପରେ ଏମାନେ ସକ୍ରିୟ ହୋଇ ମାଟିର ଉର୍ବରତା ବଢାନ୍ତି। ମୌସୁମୀ ବର୍ଷା ପରେ ମାଟିରେ ଆକ୍ଟିନୋମାଇଟିସ ନାମକ ଏକ ଏକକୋଷୀ ବୀଜାଣୁ ସକ୍ରିୟହୋଇ ଏକ ସୁଗନ୍ଧି ବାସନା ନିର୍ଗତ କରନ୍ତି, ଯାହା ମାଟିର ଉର୍ବରତା ବଢ଼ିବାର ସୂଚନା ଦିଏ। ବାଲି, ପଟୁ ଓ କର୍ଦ୍ଦମକୁ ନେଇ ମାଟି ଗଠିତ । ଉକ୍ତ ୩ ଗୋଟି ଉପାଦାନର ବିଭିନ୍ନ ଅନୁପାତର ସମଷ୍ଟିରେ ମାଟି ବାଲିଆ, ପଟୁ କିମ୍ବା ଚିକିଟା ହୋଇଥାଏ । ବାଲିଆ ମାଟିରେ ସ୍ଥୂଳ ରନ୍ଧ୍ରମାନ ଥିବାରୁ ମୌସୁମୀ ବର୍ଷାଜଳ ମାଟି ଉପରେ ଠିଆ ନ ହୋଇ ଭୂଗର୍ଭକୁ ଚାଲିଯାଏ। ତେଣୁ ଏହି ମାଟିରେ ବର୍ଷାଜଳରେ ଶୁଷ୍କଜମି ଫସଲ ଯଥା, ଚିନାବାଦାମ, ରାଶି, ବିଭିନ୍ନ ପନିପରିବା, ଡାଲିଜାତୀୟ ଫସଲ, କନ୍ଦମୂଳ ଆଦି ଯଥେଷ୍ଟ ଖତ ପ୍ରୟୋଗକରି ଚାଷ କରାଯାଇପାରିବ । ପଟୁଆ କିସମ ମାଟିରେ ବାଲି, ପଟୁ ଓ କର୍ଦ୍ଦମ ପ୍ରାୟ ସମପରିମାଣରେ ଥିବାରୁ ମାଟିର ମୌସୁମୀ, ବର୍ଷାଜଳ ଧାରଣା ଶକ୍ତି ମଧ୍ୟମ । ମାଟିରେ ଠିଆ ପାଣି ପ୍ରାୟ ୨୦ ରୁ ୨୫ ଘଣ୍ଟା ମଧ୍ୟରେ ଭୂଗର୍ଭକୁ ବହିଯାଏ। ତେଣୁ ଉକ୍ତ ମାଟିରେ ବର୍ଷାଜଳକୁ ସଂରକ୍ଷଣ ରଖି ସମସ୍ତ ପ୍ରକାର ଫସଲ ଚାଷ କରାଯାଇପାରିବ। ଚିକିଟା ମାଟିରେ କର୍ଦ୍ଦମ ଭାଗ ଅଧିକ ଥାଏ। ଉକ୍ତ ମାଟିରେ ବହୁ ସୂକ୍ଷ୍ମରନ୍ଧ୍ର ଥାଏ । ତେଣୁ ଉକ୍ତ ମାଟିରେ ଜଳ ଧାରଣ ଶକ୍ତି ଅଧିକ। ଅଧିକାଂଶ ସମୟରେ ମୌସୁମୀ ବର୍ଷା କର୍ଦ୍ଦମ ମାଟିରେ ଠିଆହୋଇ ରହେ । ମାଟିରୁ ଜଳ ନିଷ୍କାସନ କରି ବିଭିନ୍ନ କିସମ ଧାନ ନିରାପଦରେ ଚାଷ କରାଯାଇପାରିବ।

> "ବାଲି, ପଟୁ ଓ କର୍ଦ୍ଦମକୁ ନେଇ ମାଟି ଗଠିତ। ଉକ୍ତ ତିନିଗୋଟି ଉପାଦାନର ବିଭିନ୍ନ ଅନୁପାତର ସମଷ୍ଟିରେ ମାଟି ବାଲିଆ, ପଟୁ କିମ୍ବା ଚିକିଟା ହୋଇଥାଏ। ବାଲିଆ ମାଟିରେ ସ୍ଥୂଳ ରନ୍ଧ୍ରମାନ ଥିବାରୁ ମୌସୁମୀ ବର୍ଷାଜଳ ମାଟି ଉପରେ ଠିଆ ନ ହୋଇ ଭୂଗର୍ଭକୁ ଚାଲିଯାଏ। ତେଣୁ ଏହି ମାଟିରେ ବର୍ଷାଜଳରେ ଶୁଷ୍କଜମି ଫସଲ ଯଥା, ଚିନାବାଦାମ, ରାଶି, ବିଭିନ୍ନ ପନିପରିବା, ଡାଲିଜାତୀୟ ଫସଲ, କନ୍ଦମୂଳ ଆଦି ଯଥେଷ୍ଟ ଖତ ପ୍ରୟୋଗକରି ଚାଷ କରାଯାଇପାରିବ। ପଟୁଆ କିସମ ମାଟିରେ ବାଲି, ପଟୁ ଓ କର୍ଦ୍ଦମ ପ୍ରାୟ ସମପରିମାଣରେ ଥିବାରୁ ମାଟିର ମୌସୁମୀ, ବର୍ଷାଜଳ ଧାରଣା ଶକ୍ତି ମଧ୍ୟମ।"



ବାୟୁମଣ୍ଡଳରେ ଶତକଡା ୭୮ ଭାଗ ନିଷ୍କ୍ରିୟ ଯବକ୍ଷାରଯାନ ରହିଛି। ଉକ୍ତ ଯବକ୍ଷାରଯାନକୁ ଫସଲ ସିଧାସଳଖ ଗ୍ରହଣକରିପାରେ ନାହିଁ । ଉକ୍ତ ଯବକ୍ଷାରଯାନ ସକ୍ରିୟ ନାଇଟ୍ରେଟ କିମ୍ବା ଆମୋନିୟମରେ ପରିଣତ ହେଲେ, ଗଛ ଏହାକୁ ଚେର ସାହାଯ୍ୟରେ ଗ୍ରହଣ କରେ । ସେଥିପାଇଁ ବହୁକୋଟି ଟଙ୍କା ଖର୍ଚ୍ଚ କରାଯାଇ ଯବକ୍ଷାରଯାନ ସାର କାରଖାନାମାନ ପ୍ରତିଷ୍ଠା କରାଯାଏ। କିନ୍ତୁ ବିନା ଖର୍ଚ୍ଚରେ ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଯାନ ଫସଲକୁ ମୌସୁମୀ ବର୍ଷା ଦ୍ୱାରା ଫସଲକୁ ମିଳିପାରିବ । ମୌସୁମୀ ବର୍ଷା ସମୟରେ ବଜ୍ରପାତ ଓ ଘଡ଼ଘଡ଼ି ଦ୍ୱାରା ନିଷ୍କ୍ରିୟ ଯବକ୍ଷାରଯାନ ସକ୍ରିୟ ନାଇଟ୍ରେଟ୍‌ରେ ପରିଣତ ହୋଇ ବର୍ଷାଜଳ ସହ ମାଟିକୁ ଆସି ଫସଲକୁ ଗ୍ରହଣଯୋଗ୍ୟ ହୁଏ। ପରୀକ୍ଷାରୁ ଜଣାପଡିଛି ଯେ ମୌସୁମୀ ବର୍ଷାରୁ ହେକ୍ଟରକୁ ୧୨ ରୁ ୧୫ କିଲୋଗ୍ରାମ ନାଇଟ୍ରେଟ୍ ଯବକ୍ଷାରଯାନ ମିଳିଥାଏ ।

ଖରାଦିନରେ ବାୟୁମଣ୍ଡଳରେ ବହୁ କ୍ଷୁଦ୍ର ଧୂଳିକଣା ଭାସୁଥାଏ । ଉକ୍ତ ଧୂଳିକଣା ସହ ଫସଲ ପାଇଁ ଆବଶ୍ୟକ କେତେକ ଗୌଣ ଓ ଅଣୁଖାଦ୍ୟ ଉପାଦାନ ସଂଲଗ୍ନ ହୋଇରହିଥାଏ । ଘଡ଼ଘଡ଼ି ସହ ବର୍ଷାଜଳରେ ଉକ୍ତ ଗୌଣ ଓ ଅଣୁଖାଦ୍ୟ ଉପାଦାନ ମାଟିକୁ ଆସେ । ପରୀକ୍ଷାରୁ ଜଣାଯାଇଛି ଯେ ମୌସୁମୀ ବର୍ଷାଜଳରେ ହେକ୍ଟର ପ୍ରତି ୧୬ ରୁ ୨୦ କିଲୋଗ୍ରାମ କ୍ୟାଲ୍‌ସିୟମ, ୪ ରୁ ୫ କିଲୋଗ୍ରାମ ମ୍ୟାଗ୍ନେସିୟମ ନାମକ ଦୁଇ ଗୌଣ ଖାଦ୍ୟ ଉପାଦାନ ସହ ୩ ରୁ ୪ ଗ୍ରାମ ଲୁହା, ୧ ରୁ ୧.୫ ଗ୍ରାମ ମାଙ୍ଗାନିଜ୍, ୦.୨ ରୁ ୦.୩ ଗ୍ରାମ ଦସ୍ତା, ୦.୧ ରୁ ୦.୧୫ ଗ୍ରାମ ତମ୍ବାଏବଂ ୦.୧ ରୁ ୦.୨ ଗ୍ରାମ ଟାଙ୍ଗଣା ଅଣୁଖାଦ୍ୟ ଉପାଦାନ ଫସଲକୁ ଆସେ । ଏହି ପରିମାଣ ଅଣୁଖାଦ୍ୟ ଉପାଦାନ ଏକ ହେକ୍ଟର ଜମିର ଫସଲ ଚାଷ ପାଇଁ ଯଥେଷ୍ଟ ।

ମୌସୁମୀ ବର୍ଷାଜଳର ପିଏଚ୍ ଅମ୍ଳ କିମ୍ବା କ୍ଷାରୀ ନ ହୋଇ ମଧ୍ୟମ ଅର୍ଥାତ୍ ଏହାର ପିଏଚ୍ ୭.୦ ରୁ ୭.୫ ମଧ୍ୟରେ ରହେ । ଉକ୍ତ ପିଏଚ୍‌ର ବର୍ଷାଜଳ ମାଟି ଏବଂ ଫସଲ ପାଇଁ କ୍ଷତିକାରକ ନ ହୋଇ ମାଟିର ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହି ଫସଲ ଉତ୍ପାଦନରେ ସହାୟକ ହୁଏ । କିନ୍ତୁ ବିଭିନ୍ନ ଖଣି ଏବଂ କଳକାରଖାନା ଥିବା ସ୍ଥାନର ବର୍ଷାଜଳର ଗୁଣର କିଛି ପରିବର୍ତ୍ତନ ଘଟିଥାଏ । ଖଣି ଅଞ୍ଚଳର ବର୍ଷାଜଳରେ କିଛି ଗୁରୁ ଧାତବ ପଦାର୍ଥ ଯଥା ଲୁହା, ମାଙ୍ଗାନିଜ, କ୍ରୋମିୟମ, ଶିଶା ଆଦି ରହି ମାଟିର ସ୍ୱାସ୍ଥ୍ୟ ପ୍ରତି କ୍ଷତିହୁଏ । ବୈଜ୍ଞାନିକ ଉପାୟରେ ଉକ୍ତ ପ୍ରଦୂଷିତ ଜଳକୁ ବିଶୋଧନ କରି କୃଷିକାର୍ଯ୍ୟରେ ବ୍ୟବହାର କରାଯାଇପାରିବ । ପରୀକ୍ଷାରୁ ଜଣାଯାଇଛି ଯେ ସାର କାରଖାନା ଥିବା ଅଞ୍ଚଳରେ ବର୍ଷା ପାଣିରେ ଆମୋନିଆ ଏବଂ ଗନ୍ଧକ ଥାଏ । ଉକ୍ତ ଦୁଇ ଉପାଦାନ ଫସଲର ଖାଦ୍ୟ ହୋଇଥିଲେ ମଧ୍ୟ ପାଣିରେ ଏହା ଆବଶ୍ୟକଠାରୁ ଅଧିକ ରହିଲେ ଫସଲ ପାଇଁ କ୍ଷତିକାରକ । ତେଣୁ ଏପରି ସୀମିତ ଅଞ୍ଚଳକୁ ଚାଷକାର୍ଯ୍ୟଠାରୁ ମୁକ୍ତ ରଖିବା ଉଚିତ୍ । ମୌସୁମୀ ବର୍ଷା ଜୁନ୍ ମାସର ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଅପସରିଯାଏ । ଏହି ସମୟର ମୌସୁମୀ ବର୍ଷାଜଳକୁ ସଂରକ୍ଷଣ କରି କୃଷିକାର୍ଯ୍ୟରେ ସୁଚାରୁ ରୂପେ ପରିଚାଳନା କରିପାରିଲେ କମ୍ ଖର୍ଚ୍ଚରେ ଅଧିକ ଫସଲ ଉତ୍ପାଦନ ହୋଇପାରିବ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ସଂକ୍ରାମକ ରୋଗ ଚିକିତ୍ସା



ବର୍ଷାଦିନେ ପ୍ରାଣୀଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ । ସାହାଣା ରୋଗ ପ୍ରାପ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ। ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ ୧୦୬ ଡିଗ୍ରୀ ଫାରେନ୍‌ହିଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ। ଏଥିପାଇଁ ଆକ୍ରାନ୍ତ ପ୍ରାଣୀଙ୍କୁ ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍‌ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩-୫ ଦିନ ପର୍ଯ୍ୟନ୍ତ ଦିଆଗଲେ ସୁଫଳ ମିଳେ। ଅନ୍ୟପକ୍ଷରେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍‌ଏସ୍ ଟିକା ଦେଇଦେବା ଦରକାର।

ପ୍ରାଣୀଙ୍କୁ ଫାଟୁଆ ଚଉଆ ରୋଗ ହେଲେ ସେମାନଙ୍କର ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍‌ହିଟ୍ ହୋଇଥାଏ। ହଠାତ୍ ଗାଈ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ନା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧ୍ୟରେ ଫାଟି ଘା' ସୃଷ୍ଟି ହୁଏ। ଆକ୍ରାନ୍ତ ପ୍ରାଣୀର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହିତ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍‌କ୍ସ ମଲମ ଲଗାନ୍ତୁ। ପାଟିରେ ଘା' ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

## କପାଚାଷରେ ପତ୍ରଡିଆଁ ପୋକ ଦେଖାଦେଲେ...



କପା ଚାଷରେ ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ। ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପାଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।

## ମାଛଚାଷ ଲାଗି ପ୍ରସ୍ତୁତି



ମାଛଚାଷ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀଭାଇମାନେ ପୋଖରୀକୁ ମେ' ମାସ ଶେଷସୁଦ୍ଧା ଶୁଖାଇପାରି ନାହାନ୍ତି ସେମାନେ ଜୁନ୍ ମାସ ଦ୍ୱିତୀୟ ସପ୍ତାହ ମଧ୍ୟରେ ପୋଖରୀରୁ ପାଣି ବାହାରକରି ଶୁଖାଇଦିଅନ୍ତୁ । ଶୁଖାଇଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ। ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ । ଜୁନ୍ ମାସ ୧୫ ତାରିଖ ପରେ ବର୍ଷା ହେଲେ ପୋଖରୀରେ ପାଣି ରହିବ। ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବରେ କଞ୍ଚା ଗୋବର ପାଣିରେ ମିଶାଇ ଦିଅନ୍ତୁ। ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।

# ଢିପଜମିରେ ଧାନଚାଷ



ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ। ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣା ଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ଢିପଜମି ଧାନରେ ପତ୍ରାଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ବିଷଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁନ୍ ୧୫/୨୦୨୨ Bhubaneswar, Wednesday, June 15/ 2022

# ଏସିଆନ୍ ଭଲିବଲ୍ ପାଇଁ ସିଲେକ୍ସନ ଟ୍ରାଏଲ୍ ୧୮ରୁ

**ଭୁବନେଶ୍ୱର, ୧୪।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ଆସନ୍ତା ଅଗଷ୍ଟ ୧୫ରୁ ୨୨ ପର୍ଯ୍ୟନ୍ତ ଇରାନର ଏସ୍‌ଫାହାନ୍‌ଠାରେ ୧୪ତମ ଏସିଆନ ପୁରୁଷ ୧୮ ବର୍ଷରୁ କମ୍ ଭଲିବଲ ଟୁର୍ନାମେଣ୍ଟ ହେବ। ଏଥିରେ ଭାରତର ୧୮ ବର୍ଷରୁ କମ୍ ଭଲିବଲ ଟିମ୍ ଭାଗ ନେବ। ଏସିଆନ ଚାମ୍ପିୟନଶିପ୍‌ରେ ଭାଗ ନେବା ପୂର୍ବରୁ ସମ୍ଭାବ୍ୟ ଖେଳାଳିମାନଙ୍କୁ ନେଇ ଏକ କୋଚିଂ କ୍ୟାମ୍ପ କିଟ୍ ୟୁନିଭର୍ସିଟି ପରିସରରେ ହେବ। ତାମିଲନାଡୁର ଭେଲୋରଠାରେ ଫେବୃୟାରୀ ୨୪ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ୪୩ତମ ଜାତୀୟ ଜୁନିୟର ଭଲିବଲ୍ ଚାମ୍ପିୟନଶିପ୍ ଏବଂ ପଶ୍ଚିମବଙ୍ଗର ବର୍ଦ୍ଧମାନଠାରେ ୨୦୨୧ ଡିସେମ୍ବରରେ ଅନୁଷ୍ଠିତ ଜାତୀୟ ଜୁନିୟର ଚାମ୍ପିୟନଶିପ୍‌ରୁ ଖେଳାଳି ସିଲେକ୍ସନ ଟ୍ରାଏଲ ପାଇଁ ମନୋନୀତ ହୋଇଛନ୍ତି। ଏହାଛଡ଼ା ଅନ୍ୟ ପ୍ରତିଭାସମ୍ପନ୍ନ ଖେଳାଳି ମଧ୍ୟ କୋଚିଂ କ୍ୟାମ୍ପ ପାଇଁ ମନୋନୀତ ହେବେ। ଏଥିରେ ଭାଗ ନେବାକୁଥିବା ଖେଳାଳି ୨୦୦୫ ଜାନୁୟାରୀ ୧ ପରେ ଜନ୍ମଗ୍ରହଣ କରିଥିବା ଆବଶ୍ୟକ। ଖେଳାଳିଙ୍କୁ ନିକଟରେ ବୈଧ ପାସ୍‌ପୋର୍ଟ ଓ ୫ ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ଏବଂ ଓରିଜିନାଲ ଜନ୍ମଗତ ପ୍ରମାଣ ସାର୍ଟିଫିକେଟ ସାଥିରେ ଆଣିବାକୁ ପଡ଼ିବ।




## ଜୟସ୍ୱାଲଙ୍କ ଶତକ, ମୁମ୍ବାଇ ୨୬୦/୫

**ବେଙ୍ଗାଲୁରୁ, ୧୪।୬ (ପି.ଟି.)**

ଭଲ ଫର୍ମରେ ଥିବା ବାମହାତୀ ବ୍ୟାଟର ଯଶସ୍ୱୀ ଜୟସ୍ୱାଲଙ୍କ ଦାୟିତ୍ୱପୂର୍ଣ୍ଣ ଶତକ ସହାୟତାରେ ମୁମ୍ବାଇ ଏଠାରେ ଚାଲିଥିବା ଉତ୍ତର ପ୍ରଦେଶ ବିପକ୍ଷ ରଣ୍‌ଜୀ ଟ୍ରଫି ସେମିଫାଇନାଲରେ ୫ ଉଇକେଟ ବିନିମୟରେ ୨୬୦ ରନ୍ ସଂଗ୍ରହ କରିଛି। ୪୧ଥର ରଣ୍‌ଜୀ ଚାମ୍ପିୟନ ଦଳର ଟପ୍ ଅର୍ଡର ବିଫଳ ହେବାପରେ ଜୟସ୍ୱାଲ ଇନିଂସ ସମ୍ଭାଳିଥିଲେ। ସେ ୨୨୭ ବଲ୍ ସାମ୍ନା କରି ୧୫ ଚୌକା ସହ ତାଙ୍କ ଶତକ ପୂରଣ କରିଥିଲେ। ଟସ୍ ହାରି ବ୍ୟାଟିଂ କରିଥିବା ମୁମ୍ବାଇ ଅଧିନାୟକ ପୃଥ୍ୱୀ ଶ' (୦)ଙ୍କ ଉଇକେଟ ପ୍ରଥମ ଓଭରରେ ହରାଇଥିଲା। ଜୟସ୍ୱାଲ ସୁଭେଦ ପାର୍କର (୩୨) ଓ ସର୍ଫରାଜ ଖାଁ (୪୦)ଙ୍କ ସହ ମିଶି ମୁମ୍ବାଇ ଇନିଂସରେ ସୁଧାର ଆଣିଥିଲେ। **ସଂକ୍ଷିପ୍ତ ସ୍କୋର** ମୁମ୍ବାଇ ପ୍ରଥମ ଇନିଂସ: ୮୭ ଓଭରରେ ୨୬୦/୫ (ଯଶସ୍ୱୀ ଜୟସ୍ୱାଲ-୧୦୦, ହାର୍ଦ୍ଦିକ ତାମୋରେ-୫୧*; ୟାଶ ଦୟାଲ-୨/୩୫, କରନ ଶର୍ମା-୨/୩୯, ଶିବମ ମାଭି-୧/୨୯)।

## ବ୍ରେଡାରିକ୍ ଚେନ୍ନାଇନ୍ ଏଫ୍‌ସି ମୁଖ୍ୟ କୋଚ୍

**ଚେନ୍ନାଇ, ୧୪।୬ (ପି.ଟି.)** ଦୁଇଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଚାମ୍ପିୟନ ଚେନ୍ନାଇନ୍ ଏଫ୍‌ସି ଆଗାମୀ ସିଜନ ପାଇଁ ପୂର୍ବତନ ଜର୍ମାନ ଫୁଟ୍‌ବଲର ଥୋମାସ ବ୍ରେଡାରିକ୍‌ଙ୍କୁ ଦଳର ନୂଆ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଛି। ବ୍ରେଡାରିକ୍ ଜର୍ମାନ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରି ୮ଟିରେ ବିଜୟୀ ହୋଇଛନ୍ତି। ସେ ଗୋଟିଏ ଗୋଲ ମଧ୍ୟ କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରାସ୍ତା କଡ଼କୁ ଓଲଟିଲା ପିକ୍‌ଅପ୍ ଭ୍ୟାନ, ୫ ଆହତ

**ଦଶପଲ୍ଲା,୧୪।୬ ( ଡି.ଏନ.ଏ.):** ଖୋର୍ଦ୍ଧା ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ରଙ୍ଗମାଟିଆଠାରେ ସୋମବାର ରାତି ପ୍ରାୟ ୨ଟାରେ ଏକ ପିକ୍‌ଅପ୍ ଭ୍ୟାନ୍ ରାସ୍ତା କଡକୁ ଓଲଟି ପଡିବାରୁ ୫ ଜଣ ଆହତ ହୋଇଛନ୍ତି। ପିକ୍‌ଅପ୍‌ଟି ଫୁଲବାଣୀରୁ ଓଡ଼ଗାଁ ନିକଟ ମଦନପୁର ଗାଁକୁ ଫେରୁଥିବା ରାସ୍ତା ତଳକୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଗାଡିରେ ଥିବା ଲୋକଙ୍କ ମଧ୍ୟରୁ ବ୍ରଜବନ୍ଧୁ ନାୟକ (୫୫), ଧରଣୀ ନାଏକ (୬୦), ଲୋକନାଥ ସାହୁ (୬୦), ଜିତୁ ନାଏକ (୪୫), କହ୍ନେଇ ବେହେରା (୪୫) ଆହତ ହୋଇଛନ୍ତି। ଅନ୍ୟମାନେ ବର୍ତ୍ତି ଯାଇଥିଲେ। ଡ୍ରାଇଭରଙ୍କୁ ମିଶାଇ ଭ୍ୟାନରେ ୧୧ଜଣ ଥିଲେ। ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି।

### ରଡ଼ ଚୋରି କରି ଜଣେ ଅଟକ

**ନୟାଗଡ଼ ଅଫିସ,୧୪।୬:** ରଡ ଚୋରି କରିବା ଅଭିଯୋଗରେ ରଣପୁର ଥାନା ପୋଲିସ ଇଟାମାଟି ଥାନା ପୋଲିସ ସହାୟତାରେ ପୁରୁଷୋତ୍ତମପୁର ଗାଁର ଟ୍ରକ ଡ୍ରାଇଭର ମାନସ ଜେନାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ରଣପୁର ଥାନା ସୁନାଖଳା ଅଞ୍ଚଳର ଜଣେ ରଡ ସିମେଣ୍ଟ ବ୍ୟବସାୟୀଙ୍କ ରଡ ଆସୁଥିଲା। ପୁରୁଷୋତ୍ତମପୁର ଗାଁର ଡ୍ରାଇଭର ମାନସ ଟ୍ରକ ଯୋଗେ ରଡ ଆଣୁଥିଲେ। ମାନସ ଅଧାବାଟରେ ରଡ ବିକ୍ରି କରି ଟ୍ରକ ଛାଡି ଫେରାର ହୋଇ ଯାଇଥିଲେ। ଏ ନେଇ ରଣପୁର ଥାନାରେ ଅଭିଯୋଗ ପରେ ପୋଲିସ ସୋମବାର ବିଳମ୍ବିତ ରାତିରେ ପୁରୁଷୋତ୍ତମପୁର ଗାଁରେ ଚଢ଼ାଉ କରି ମାନସଙ୍କୁ ଧରିଥିଲା।

### ଖଣ୍ଡପଡ଼ା ଅଞ୍ଚଳରେ ରଜପର୍ବ

**ଖଣ୍ଡପଡ଼ା,୧୪।୬(ସ୍ୱ.ପ୍ର):** ଖଣ୍ଡପଡ଼ା ଅଞ୍ଚଳର ପୁରପଲ୍ଲୀରେ ରଜପର୍ବ ଆନନ୍ଦ ଉଲ୍ଲାସ ସହ ଆରମ୍ଭ ହୋଇଛି। ପ୍ରାତଃ ସମୟରେ ମା’ଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା ନିମନ୍ତେ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରଜଦୋଳି ଖେଳିବା ସହ ରଜ ମହୋତ୍ସବକୁ ଉପଭୋଗ କରିବା ଲାଗି ଆଖପାଖ ଅଞ୍ଚଳରୁ ଶତାଧିକ ଜନସାଧାରଣ ମନ୍ଦିର ପରିସରକୁ ଆସିଥିଲେ ହେଁ ଅପରାହ୍ନରେ କାଳବୈଶାଖୀ ବର୍ଷା ଓ ପବନର ପ୍ରଭାବ ଯୋଗୁ ରଜ ଉତ୍ସବ ସାମାନ୍ୟ ଫିକା ପଡିଯାଇଥିଲା। ଗାଁ ଗାଁରେ ଦୋଳି ସାଙ୍ଗକୁ ଘରେ ଘରେ ପିଠାପଣା, ମିଠା ପାନ ଖାଇ ଝିଅ, ବୋହୂମାନେ ରଜ ଉତ୍ସବକୁ ମନ ଭରି ପାଳନ କରିଥିବା ଜଣାପଡିଛି।

### ବିଶ୍ୱ ରକ୍ତଦାତା ଦିବସ: ୫୫ ୟୁନିଟ୍ ସଂଗ୍ରହ

**ନୟାଗଡ ଅଫିସ,୧୪।୬:** ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ବିଶ୍ୱ ରକ୍ତଦାତା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନୌସାଦ ଅଲ୍ଲୀ ଖାଁ, ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ଶେଖର ଷଡଙ୍ଗୀ, ଜିଲା ଯକ୍ଷ୍ମା ଅଧିକାରୀ ଡା. ଶରତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡା. ଅଜୟ କୁମାର ବାହିନୀପତି ଅଧକ୍ଷତା କରିଥିଲେ। ରକ୍ତଦାତାମାନଙ୍କ ମଧ୍ୟରେ ଲୋକନାଥ ଦାଶ, ଲକ୍ଷ୍ମୀଧର ସାହୁ, ଶ୍ରୀକାନ୍ତ ପଟ୍ଟନାୟକ, ଶେଖ ଅବଦୁଲ ଖାଲିକ, ପ୍ରସନ୍ନ କୁମାର ବସନ୍ତିଆ, ସଞ୍ଜୟ କୁମାର ପାତ୍ର, ତ୍ରିନାଥ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିସହ ରକ୍ତଦାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଏଥିରେ ୫୫ ଜଣ ରକ୍ତଦାତାଙ୍କୁ ମୁଖ୍ୟ ଅତିଥି ମାନପତ୍ର ପ୍ରଦାନ କରିଥିଲେ। ରକ୍ତଦାନ ପାଇଁ ଅଧିକ ସଚେତନତା ଏବଂ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେବା ସହ ରକ୍ତଦାତାମାନଙ୍କୁ ପରିଚୟ ପତ୍ର ପ୍ରଦାନ, ବସ୍ କିମ୍ବା ଟ୍ରେନ ଯାତ୍ରାରେ ରିହାତି, ସ୍ୱାସ୍ଥ୍ୟ ଜୀବନବୀମା, ଚାକିରି ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଆଦି ଯୋଗାଇ ଦେବାକୁ ନିବେଦନ କରାଯାଇଥିଲା।

# ସାଇନ୍‌ବୋର୍ଡରେ ଡାଲି, ଆଖୁ ଗବେଷଣା କେନ୍ଦ୍ର

**ନୟାଗଡ଼ ଅଫିସ,୧୪।୬**

ନୟାଗଡ଼ର ମୁଗଡାଲିକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ପାଇଁ ଦାବି ଉଠିଛି। ହେଲେ ନୟାଗଡ଼ରେ ଥିବା ରାଜ୍ୟର ଏକମାତ୍ର ଡାଲି ଗବେଷଣା କେନ୍ଦ୍ରକୁ ଅଚଳ କରି ଦିଆଯାଇଛି। ସେହିଭଳି ଚିନିକଳ ବନ୍ଦ ହୋଇଯିବା ପରେ ଆଖୁ ଗବେଷଣା କେନ୍ଦ୍ର ଅନୁରୂପ ଭାବେ ସାଇନବୋର୍ଡରେ ରହିଛି। ପ୍ରାୟ ୪ ବର୍ଷ ଧରି ଉଭୟ ଗବେଷଣା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କାନପୁରସ୍ଥିତ ଭାରତୀୟ ଡାଲି ଅନୁସନ୍ଧାନ ସଂସ୍ଥାନର କ୍ଷେତ୍ରୀୟ କେନ୍ଦ୍ର ଭୁବନେଶ୍ୱର ସେକ୍ଟରର ଗୁରୁଜଙ୍ଗସ୍ଥିତ କୃଷି ବିଭାଗର ଖୋର୍ଦ୍ଧା ଫାର୍ମ ହାଉସ୍‌ରେ ୨୦୧୯ରେ କରାଯାଇଛି। ଖୋର୍ଦ୍ଧାରେ ଡାଲି ଫସଲ ଉପରେ ଗବେଷଣା ଆରମ୍ଭ ପରେ ନୟାଗଡ଼ ଡାଲି ଗବେଷଣା କେନ୍ଦ୍ର ଅଚଳ ହୋଇଗଲା। ଖୋର୍ଦ୍ଧାରେ ୫୦ ବର୍ଷ ପାଇଁ ଗବେଷଣା କରାଯିବାକୁ ଓଡ଼ିଶା ସରକାରଙ୍କ ସହ କାନପୁରସ୍ଥିତ ଭାରତୀୟ ଡାଲି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ଏମ୍‌ଓୟୁ ହୋଇଛି। ଏଠାରେ ମୁଗ, ବିରି, କୋଳଥ ପରି ଡାଲି ଜାତୀୟ ଫସଲର ନୂଆ ନୂଆ ଭେରାଇଟି ପାଇଁ ଗବେଷଣା ଚାଲିଛି। କେଉଁ ଜଳବାୟୁରେ କେଉଁ ଡାଲି ଜାତୀୟ ଫସଲ ହେବ ଏଠାରେ ଗବେଷଣା ହେଉଛି। ଭାରତରେ ଖୋର୍ଦ୍ଧା ହେଉଛି ୪ର୍ଥ ସେଣ୍ଟର।

ନୟାଗଡ଼ ମୁଗ ଡାଲିର ବାସ୍ନା, ସ୍ୱାଦ ପାଇଁ ଓ ଗୁଣବତ୍ତାର ସ୍ୱତନ୍ତ୍ରତା ପାଇଁ ୧୯୬୫ ମସିହାରେ ଡାଲି ଗବେଷଣା କେନ୍ଦ୍ର ନୟାଗଡ଼ ସଦର ମହକୁମାରେ ୩୬ ଏକର ଜମି ଉପରେ ପ୍ରତିଷ୍ଠିତ ହୋଇଥିଲା। ଡାଲି ଗବେଷଣା ପାଇଁ ଏହି ଅନୁଷ୍ଠାନକୁ ଉତ୍ତରପ୍ରଦେଶର କାନପୁରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ପଲ୍‌ସ ରିସର୍ଚ୍ଚ ପ୍ରତିଷ୍ଠାନ ପକ୍ଷରୁ ବୁଟପିଣ୍ଡ ବିହନ ଟ୍ରାଏଲ ହେବା ପାଇଁ ଆସୁଥିଲା। ଏଠାରେ ଦୁଇଟି ଉନ୍ନତମାନର ନୂତନ ମୁଗ ବିହନ ଉଦ୍ଭାବିତ ହୋଇଥିଲା, ଯାହାକି ରାଜ୍ୟ ତଥା ଜାତୀୟ ସ୍ତରରେ ଚାଷୀମାନଙ୍କ ଦ୍ୱାରା ବେଶ ଆଦୃତି ଲାଭ କରିଥିଲା। ମାତ୍ର ଏଠାରେ ଗବେଷକ ନ ଥିବାବେଳେ ପଲସ୍ ରିସର୍ଚ୍ଚ ସ୍ପେଶାଲିଷ୍ଟଙ୍କ ପଦବୀ ଖାଲି ପଡିଛି। ଏଠାରେ ନୂଆ ନିଯୁକ୍ତି ନାହିଁ। ତେଣୁ ବୁଟପିଣ୍ଡ ବିହନ ନୟାଗଡ ଆସୁନାହିଁ। ତେବେ ଏହି ବିହନ ପ୍ରାୟ ୪ ବର୍ଷ ତଳେ ଖୋର୍ଦ୍ଧାରେ ଖୋଲିଥିବା ଡାଲି ଗବେଷଣା କେନ୍ଦ୍ରକୁ ଯାଉଛି। ଏଭଳିସ୍ଥଳେ ନୟାଗଡ଼ର ମୁଗ ଡାଲିକୁ ଜିଆଇ ଟ୍ୟାଗର ମାନ୍ୟତା ପାଇଁ ଦାବି ଉଠିଛି। ଯେଉଁଠି ଗବେଷଣା କେନ୍ଦ୍ର ପରିତ୍ୟକ୍ତ ହୋଇପଡିଛି, ସେଠାରେ ଜିଆଇ ଟ୍ୟାଗର ମାନ୍ୟତା ଦାବି କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଲାଣି। ଅନ୍ୟପକ୍ଷେ ୬ ପ୍ରକାରର ଆଖୁ ବିହନର ସଫଳ ଉଦ୍ଭାବନ କରିଥିବା ନୟାଗଡ ପାଣିପୋଇଲାସ୍ଥିତ ଆଖୁ ଗବେଷଣା କେନ୍ଦ୍ର ମଧ୍ୟ ରୁଗ୍‌ଣ ଅବସ୍ଥାରେ। ନୟାଗଡ଼ର ଅର୍ଥକରୀ ଫସଲ ହ୍ରାସ ପାଇ ଚାଲିଛି। ଚିନି ଶିଳ୍ପରୁ ସବୁ ଯନ୍ତ୍ରପାତି ଚୋରି ପରେ ଏଠାରେ ଆଉ କାରଖାନା ଚାଲିବ ନାହିଁ ବୋଲି ସ୍ପଷ୍ଟ ହୋଇସାରିଛି। ନୂଆ ଚିନିକଳ ନେଇ କେବଳ କଂଗ୍ରେସ ଦାବି କରୁଥିବାବେଳେ ଶାସକ ଦଳ ଓ ଭାଜପା ଚୁପ ରହିଛି। ଧୀରେ ଧୀରେ ଆଖୁଚାଷୀ ଆଖୁଚାଷଠାରୁ ଦୂରେଇ ଗଲେଣି। ଏଭଳି ଅବସ୍ଥାରେ ସାଧାରଣ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ କଂଗ୍ରେସ ନେତା ମନୋଜ ସାହୁ କୁହନ୍ତି, ଶିଳ୍ପ ବିହୀନ ନୟାଗଡ଼ ଜିଲାରେ ଚିନିକଳରେ ତାଲା ଝୁଲୁଛି। ଡାଲି ଓ ଆଖୁ ଗବେଷଣା କେନ୍ଦ୍ର ପରିତ୍ୟକ୍ତ ହୋଇ ସାଇନବୋର୍ଡରେ ରହିଲାଣି। ଏହି ଦୁଇ ଗବେଷଣା କେନ୍ଦ୍ରକୁ ନୂତନ ରୂପରେଖ ଦିଆଯିବା ଦରକାର। ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ କୁମାର ପ୍ରଧାନଙ୍କୁ ପଚାରିବାରେ ଡାଲି ଗବେଷଣା କେନ୍ଦ୍ରରେ ଡାଲି ଗବେଷଣା ହେଉନାହିଁ। ଏଠାରେ ପଲ୍‌ସ ରିସର୍ଚ୍ଚ ସ୍ପେଶାଲିଷ୍ଟଙ୍କ ପଦବୀ ଖାଲି ପଡିଛି। କେନ୍ଦ୍ର ଉଠିଥିବାର ଚିଠି ଆସିନି। ତେବେ ମୁଗ ଓ ଧାନଚାଷ ହେଉଛି। ସେହିପରି ଓୟୁଏଟି ପକ୍ଷରୁ ଆଖୁ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି ବୋଲି ସେ କହିଛନ୍ତି।



ବନ୍ଦ ହୋଇ ପଡିଛି ଡାଲି ଗବେଷଣା କେନ୍ଦ୍ର।

- ୪ ବର୍ଷ ହେଲା ଗବେଷଣା ବନ୍ଦ
- ମୁଗ ଡାଲିକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବି ଫସର ଫାଟିଲା

### ଶ୍ରୀଜଗନ୍ନାଥଙ୍କ ହାତୀବେଶ


ମହାପ୍ରଭୁଙ୍କ ହାତୀବେଶ।

**ଦଶପଲ୍ଲା, ୧୪।୬ (ଡି.ଏନ.ଏ.)**

ଦେବସ୍ନାନ ଅବସରରେ ଦଶପଲ୍ଲାରେ ଥିବା ମହାପାଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ଯଥାରୀତି ଅନୁଯାୟୀ କରାଯାଇଥିଲା। ସୋମବାର ରାତିରେ ମହାପ୍ରଭୁଙ୍କୁ ମନ୍ଦିରଠାରୁ ପହଣ୍ଡି କରାଯାଇ ରାଜବାଟୀ ପରିସରରେ ଥିବା ସ୍ନାନ ମଣ୍ଡପକୁ ନିଆଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ପୂଜାନୀତି ସହ ୧୦୮ ଗରା ପାଣିରେ ସ୍ନାନ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରଜଗନ୍ନାଥ ହାତୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଏହା ଦେଖିବା ପାଇଁ ରାଜବାଟୀ ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ସ୍ନାନବେଦୀରେ ଠାକୁରଙ୍କ ଗଜାନନ ବେଶ

**ଖଣ୍ଡପଡ଼ା,୧୪।୬ (ସ୍ୱ.ପ୍ର.)**

ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ଶ୍ରୀଜଗନ୍ନଥ ମନ୍ଦିରରେ ମଙ୍ଗଳବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଜ୍ୟେଷ୍ଠପୂର୍ଣ୍ଣିମା ଅବସରରେ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱ ମନ୍ଦିରରେ ବିରାଜିତ ଶ୍ରୀସୁଦର୍ଶନ, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା’ ସୁଭଦ୍ରାଙ୍କ ସ୍ନାନଯାତ୍ରା ପାରମ୍ପରିକ ରୀତିରେ ଶେଷ ହୋଇଯାଇଛି। ପୂର୍ବାହ୍ନ ସାଢେ ୮ଟାରେ ମଙ୍ଗଳାର୍ପଣ ପରେ ଶ୍ରୀସୁଦର୍ଶନ ଜୀଉ, ପରେ ବଡଠାକୁର ବଳଭଦ୍ର, ମା’ ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥ ଜୀଉଙ୍କୁ ସ୍ନାନମଣ୍ଡପକୁ ଧାଡି ପହଣ୍ଡିରେ ବିଜେ କରାଯାଇଥିଲା। ଚୁଆ, ଚନ୍ଦନ, କର୍ପୂର ଆଦି ପକାଯାଇ ଜଳକୁ ଅଧିବାସ ପୂର୍ବକ ପୂର୍ବାହ୍ନ ସାଢ଼େ ୮ଟାରେ ସ୍ନାନମଣ୍ଡପରେ ବଳଭଦ୍ରଙ୍କୁ ୩୦ ଗଡୁ, ସୁଭଦ୍ରାଙ୍କୁ ୨୭ ଗଡୁ, ଶ୍ରୀଜଗନ୍ନାଥଙ୍କୁ ୩୩ ଗଡୁ ଓ ସୁଦର୍ଶନଙ୍କୁ ୧୮ ଗଡୁ ଜଳରେ ଏପରି ୧୦୮ କୁମ୍ଭ ଜଳ ଦ୍ୱାରା ଠାକୁରମାନଙ୍କୁ ସ୍ନାନ କରାଯାଇଥିଲା। ସ୍ନାନମଣ୍ଡପରେ ନିଯୋଗିଆ ଓ ସେବାୟତମାନେ ଯାଇ ଠାକୁରଙ୍କ ଦାନ୍ତଘଷା ନୀତି କରିବା ପରେ ଯଜ୍ଞାମୃତ କରାଯାଇ ପୁନଶ୍ଚ ସହସ୍ର କୁମ୍ଭଜଳରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ପୂର୍ବାହ୍ନ ୯ଟାରେ ଠାକୁରଙ୍କ ଗଜାନନ ବେଶ କରାଯାଇ ବଲ୍ଲଭ ନୀତି ଅନୁଷ୍ଠିତ ହୋଇଥିଲା। ପରେ ସନ୍ଧ୍ୟା ୬ଟାରେ ପହଡ ଖୋଲା ହୋଇ ଶ୍ରୀନୀଳମାଧବ ଜୀଉଙ୍କ ସନ୍ଧ୍ୟା ଧୂପ ସମ୍ପନ୍ନ ହୋଇଥିଲା।

ଅଧିକ ସ୍ନାନ ଫଳରେ ଅସୁସ୍ଥ (ଜ୍ୱର) ହୋଇପଡିବାରୁ ବିଳମ୍ବିତ ରାତିରେ ଶ୍ରୀଜୀଉମାନଙ୍କୁ ସ୍ନାନବେଦୀରୁ ଅଣସର ଘରକୁ ପହଣ୍ଡିବିଜେ କରାଯାଇ ନିଆଯାଇଛି। ଚଳିତବର୍ଷ ସ୍ନାନଯାତ୍ରା ପାଳନ ନିମନ୍ତେ ପୁରୀ ବାଲିସାହିଜିଆର ସ୍ୱାମୀ ମଠର ମହନ୍ତ ସ୍ୱାମୀ ଇନ୍ଦ୍ରନୀଳମଣି ମହାରାଜ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିବା ସୂଚନା ଦେଇଛନ୍ତି। ସେହିପରି ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ଖଣ୍ଡପଡା, ଖଳିସାହି, ମର୍ଦ୍ଦରାଜପୁର ଓ ଏହାର ଆଖପାଖ ଅଞ୍ଚଳରେ ଦେବସ୍ନାନ ଯାତ୍ରା ପାଳିତ ହୋଇଯାଇଛି। ଖଣ୍ଡପଡା ସହରାଞ୍ଚଳସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ସେବାୟତମାନେ ଏକକ ମୂର୍ତ୍ତି ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଇ ନିକଟସ୍ଥ ସ୍ନାନବେଦୀକୁ ବିଜେ କରାଇଥିଲେ। ପରେ ଶ୍ରୀଜଗନ୍ନାଥଙ୍କୁ ଗଜାନନ ବେଶ କରାଯାଇଥିଲା। ସେହିପରି ରଥଗଡା ଛକ ଶ୍ରୀରଘୁନାଥଙ୍କ ମନ୍ଦିର ପରିସରରେ ପୂଜା ପାଉଥିବା ମହିମା ମେରୁ (ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା)ଙ୍କୁ ପହଣ୍ଡିରେ ସ୍ନାନମଣ୍ଡପକୁ ନିଆଯାଇ ଗଜାନନ ବେଶ କରାଯାଇଥିଲା। ସନ୍ଧ୍ୟା ଦର୍ଶନ ପରେ ପୂଜାର୍ଚ୍ଚନା କରାଯାଇ ଶ୍ରୀଜୀଉମାନଙ୍କୁ ଅଣସର ଗୃହକୁ ବିଜେ କରାଯାଇଥିଲା। ସେହିପରି ଖଳିସାହି ଜଗନ୍ନାଥ ଜୀଉ, ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠସ୍ଥିତ ବିଗ୍ରହମାନଙ୍କ ଏବଂ କଣ୍ଟିଲୋ ନିକଟସ୍ଥ ସିଧାମୂଳା ଗୋକୁଳାନନ୍ଦ ଜୀଉ ମନ୍ଦିରରେ ପାରମ୍ପରିକ ରୀତିରେ ଜୀଉମାନଙ୍କୁ ସ୍ନାନ କରାଯିବା ସହ ଗଜାନନ ବେଶରେ ସଜ୍ଜା ଯାଇଥିଲା।


ଶ୍ରୀନୀଳମାଧବ ମନ୍ଦିରରେ ଥିବା ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ହାତୀବେଶ।

## ଯୁବକଙ୍କ ମୃତ୍ୟୁ ଘଟଣା, ସାଇଣ୍ଟିଫିକ୍ ଟିମ୍‌ର ପରିଦର୍ଶନ

**ଖଣ୍ଡପଡ଼ା,୧୪।୬(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡା ଥାନା ଅଧୀନ କିଆଝର ପଞ୍ଚାୟତର ଭଅଁରପଲ୍ଲୀ ଗ୍ରାମ ନିକଟସ୍ଥ କୁଆଁରିଆ ନଦୀପଠାରେ ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ସମ୍ବଲପୁର ଜିଲାର ହୀରାକୁଦ ଶକ୍ତିନଗର ନିବାସୀ ସୂର୍ଯ୍ୟ କନ୍ଧ(୩୮)। ଆକ୍ରମଣରେ ସୂର୍ଯ୍ୟଙ୍କ ଭଣଜା ରାଜା ସାହୁ(୨୬) ଓ ଗାଡି ଚାଳକ ଅଜୟ ଗୁରୁତର ଆହତ ହୋଇଥିଲେ। ଖଣ୍ଡପଡ଼ା ଥାନାରେ ଏ ନେଇ ନଂ. ୧୫୩/୨୨ରେ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଅଞ୍ଚଳର ୧୦ରୁ ୧୨ ଜଣ ଦୁର୍ବୃତ୍ତ ଏଭଳି ଘଟଣା ଘଟାଇ ଫେରାର ହୋଇଯାଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ସାଇଣ୍ଟିଫିକ୍ ଟିମ୍ ସହିତ ନୟାଗଡ଼ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଦ୍ୟୁତ୍ ପଣ୍ଡା ଘଟଣାସ୍ଥଳ ପରିଦର୍ଶନ କରି ଫେରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଯୋଜନାବଦ୍ଧ ଭାବେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରଚାର ପ୍ରସାର କରି ଦୂରଦୂରାନ୍ତରୁ ଗ୍ରାହକଙ୍କୁ ପ୍ରଲୋଭିତ କରି ଏ ଅଞ୍ଚଳକୁ ଡାକି ହନୁମାନ ପଇସା ର୍‍ୟାକେଟରେ ଦୀର୍ଘବର୍ଷ ଧରି ସମ୍ପୃକ୍ତ ଥିବା ନିର୍ଦ୍ଦିଷ୍ଟ ଏକ ଗ୍ୟାଙ୍ଗ ଏଭଳି ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ପ୍ରାଥମିକ ତଦନ୍ତରୁ ପୋଲିସକୁ ସୂଚନା ମିଳିଛି। ଅଦ୍ୟାବଧି ଅପରାଧୀଙ୍କୁ ପୋଲିସ ଗିରଫ କରିବାରେ ସମର୍ଥ ହୋଇପାରିନାହିଁ। ଖଣ୍ଡପଡ଼ା ଆଇଆଇସି ବିଶ୍ୱଜିତ ରାଉତରାୟ ଓ ଫତେଗଡ଼ ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ ସଦଳବଳ ଘଟଣାସ୍ଥଳରେ ମଙ୍ଗଳବାର ଦିନତମାମ ପଇଁତରା ମାରିବା ସହ ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## କ୍ରିକେଟ୍: ୩ୟ ଦିବସରେ ୨ଟି ଲିଗ୍ ମ୍ୟାଚ

**ଓଡଗାଁ,୧୪।୬ (ସ୍ୱ.ପ୍ର.)**

ଓଡ଼ଗାଁ ରଘୁନାଥ ଅଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୩ ଓଡ଼ଗାଁ କ୍ରିକେଟ ଲିଗ୍‌ର ୩ୟ ଦିବସରେ ବର୍ଷା କାରଣରୁ ୨ ଲିଗ୍ ମ୍ୟାଚ ସମ୍ଭବ ହୋଇଥିଲା। ପ୍ରଥମ ଲିଗ୍ ମ୍ୟାଚ ଦି ଇମୋର୍ଟାଲ ବନାମ ରୟାଲ ନାଇଟ ମଧ୍ୟରେ ହୋଇଥିଲା। ଦି ଇମୋର୍ଟାଲ ବ୍ୟାଟିଂ କରି ୧୧ ଓଭରରେ ୬୭ ରନ ସଂଗ୍ରହ କରିଥିଲା। ରୟାଲ ନାଇଟ ମାତ୍ର ୯ ଓଭରରେ ଆବଶ୍ୟକ ୬୮ ରନ କରି ବିଜୟୀ ହୋଇଥିଲା। ସେହିପରି ୨ୟ ଲିଗ୍ ମ୍ୟାଚ କମାଣ୍ଡୋ ଇଲେଭେନ ଓ ଦଲକ ହ୍ୟାକର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦଲକ ହ୍ୟାକର୍ସ ବ୍ୟାଟିଂ କରି ୧୨ ଓଭରରେ ୧୨୮ ରନ ସଂଗ୍ରହ କରିଥିଲା। କମାଣ୍ଡୋ ଇଲେଭେନ ୧୨ ଓଭର ଖେଳି ୪ ଉଇକେଟ ହରାଇ ୭୨ ରନ କରିଥିଲା। ଦଲକ ହ୍ୟାକର୍ସଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।

# ହଜିଯାଉଛି ରଜ ସଂସ୍କୃତି, ପରମ୍ପରା

**ଅଜୟ କୁମାର ମହାରଣା**
**ଖଣ୍ଡପଡ଼ା,୧୪।୬**

ଉତ୍କଳୀୟ ପରମ୍ପରାରେ ଆମେ ଯେଉଁସବୁ ପର୍ବ ପାଳନ କରୁ, ତନ୍ମଧ୍ୟରୁ କୃଷିଭିତ୍ତିକ ରଜୋତ୍ସବ ଅନ୍ୟତମ। ଅଦ୍ୟାବଧି ଗ୍ରାମ୍ୟ ଜୀବନରେ ରଜ କେବଳ ଏକ ମଉଜ ନୁହେଁ, ମହୋତ୍ସବ ମଧ୍ୟ। ରଜ ସଜବାଜ ସହ ଦୋଳିଖେଳ ପଲ୍ଲୀ ଓ ସହରୀ ଜୀବନରେ ଆଜି ବି ଜୀବନ୍ତ। ଏହି ପର୍ବରେ ପ୍ରକୃତି ଓ ମଣିଷ ଭିତରେ ସୁସମ୍ପର୍କ ପ୍ରତିଷ୍ଠା ହୋଇଥାଏ। ମଣିଷକୁ ସବୁ ଦିଗରୁ ସହାୟତା ଦେଇଥିବା ମାଟି ମା’ର ପୂଜା ଏହି ପର୍ବରେ କରାଯାଏ। ପରମ୍ପରା, ସଂସ୍କୃତି ଓ ଇତିହାସକୁ ନେଇ ରଜୋତ୍ସବର ଏକ ସ୍ୱତନ୍ତ୍ରତା ରହିଛି। ଏହି ସମୟରେ ପୃଥିବୀ ରଜସ୍ୱଳା ହୋଇଥିବାରୁ ମାଟି ମା’କୁ ବିଶ୍ରାମ ଦିଆଯାଇଥାଏ। କେହି ଧରିତ୍ରୀ ମାତାକୁ ସ୍ପର୍ଶ କରନ୍ତିନି। ସେଥିପାଇଁ ପୂର୍ବରୁ ଝିଅବୋହୂମାନେ ଭୂମି ଉପରେ ଖାଲି ପାଦରେ ନ ଚାଲି କଦଳୀ ପଟୁକା, ତାଳପତ୍ର ପାଦରେ ଗୁଡ଼ାଇ ଚାଲୁଥିଲେ। ରଜର ମୁଖ୍ୟ ଆକର୍ଷଣ ହେଉଛି ରଜଦୋଳି ଓ ଏହାସହ ସଂଶ୍ଳିଷ୍ଟ ଥିବା ଗୀତ ‘ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ...’ ସବୁଠି ବେଶ୍ ଜଣାଶୁଣା। ଏହି ଗୀତ ମନେପକାଇ ଦିଏ ଓଡ଼ିଆ ଘରର ଚିରାଚରିତ ପ୍ରଥା, ଚଳଣି ଓ ପରମ୍ପରାକୁ। ତାସ, ପଶାପାଲି, ଲୁଡୁ, କବାଡି, ବାଗୁଡି, ବୋହୂଚୋରି ଖେଳ ବନ୍ଧୁ ଓ ସାଙ୍ଗଙ୍କ ମେଳରେ ଗାଁ ସାହି ବୁଲା ରଜପର୍ବକୁ ଆନନ୍ଦମୟ କରିଥାଏ। ମାତ୍ର ଆଜିକାଲି ମନୁଷ୍ୟର କର୍ମ ବ୍ୟସ୍ତତା, ବିଭିନ୍ନ ପ୍ରକାର ଚାପ ଯୋଗୁ ରଜପର୍ବ ପାଳନରେ କିଛିଟା ବ୍ୟତିକ୍ରମ ଦେଖାଦେଇଛି। ବିଦେଶୀ ସଭ୍ୟତାର ଛାପ ଯୋଗୁ ନୀରବିଯାଉଛି ରଜ ସଂସ୍କୃତି ଓ ପରମ୍ପରା।

### ରଜପର୍ବର ସାମାଜିକ ମୂଲ୍ୟବୋଧ ଅଛି


ରଜପର୍ବରେ ଯେଭଳି ସାମାଜିକ ମୂଲ୍ୟବୋଧ ଅଛି, ସେଭଳି ଏହାର ବିଜ୍ଞାନସମ୍ମତ ପ୍ରାସଙ୍ଗିକତା ମଧ୍ୟ ଅଛି। କିନ୍ତୁ ଆଜିର ଶିକ୍ଷିତା ନାରୀ ସମାଜ ଏସବୁ ଭୁଲି ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରି ଉଗ୍ର ଆଧୁନିକତା ଏବଂ ନଗ୍ନତା ମଧ୍ୟରେ ମାତି ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଭୁଲିବାକୁ ବସିଛି।

**–ବୈଶାଖୀ ସାହୁ, ଛାତ୍ରୀ**

### ରଜପର୍ବ ଏବେ ବୁଡ଼ିବାକୁ ବସିଲାଣି

ପିଲାଦିନରୁ ଦେଖି ଆସୁଥିବା ରଜପର୍ବ ଏବେ ବୁଡ଼ିବାକୁ ବସିଲାଣି। ନୂଆ ଜାମା ପିନ୍ଧି ବୁଲୁଥିବା ପିଲାମାନଙ୍କୁ ମାଟିର କାଞ୍ଚ, କୁଞ୍ଝିଳି କଥା ପଚାରିଲେ ସେମାନେ ଏବେ ବଡ଼ ପ୍ରଶ୍ନବାଚୀ ଆଖିରେ ପରସ୍ପରକୁ ଚାହୁଁଛନ୍ତି। ରଜ ଦୋଳି ଖେଳିବାକୁ ମଧ୍ୟ ଗାଁ ମୁଣ୍ଡରେ ଆଉ ଆମ୍ବତୋଟା କିମ୍ବା ବରଗଛ ନାହିଁ। ଫଳରେ ରଜଦୋଳି ଗୀତ ମଧ୍ୟ କେହି ବୋଲୁଥିବା ଶୁଭୁନି। ଏ ଇଣ୍ଟରନେଟ୍ ଯୁଗରେ ସେ ସବୁ ସାତସପନ ହେଲାଣି।



**–ଜଗଦୀଶ ପ୍ରସାଦ ରଥ,**
**ବିଶିଷ୍ଟ କଣ୍ଠଶିଳ୍ପୀ, କେନ୍ଦୁପଲ୍ଲୀ**

### ଗାଁରେ ଆଗଭଳି ପାଳନ ହେଉନି ରଜ

ରଜପର୍ବ ହେଉଛି ଏକ କୃଷିଭିତ୍ତିକ ପର୍ବ। ଏହାକୁ ୩ଦିନ ଧରି ପାଳନ କରାଯାଏ। ଆମ ଗାଁ ମାଟିରେ ଆଗଭଳି ରଜ ପରମ୍ପରା ନ ଥିଲେ ମଧ୍ୟ ତଥାପି ଘରେ ଘରେ ଆନନ୍ଦ ଉଲ୍ଲାସରେ ପାଳିତ ହୁଏ। ସହରୀ ସଭ୍ୟତାରେ ଏହା ଲୋପ ପାଇବାକୁ ବସିଲାଣି। ପୂର୍ବେ ସହରୀ ଲୋକ ରଜବେଳେ ଗାଁକୁ ଫେରୁଥିଲେ। ଏବେ କିନ୍ତୁ ଗାଁ ଲୋକ ସହରୀ ସଭ୍ୟତାକୁ ଆଦରି ନେଇଛନ୍ତି। ଦେଖାଶିଖା ଦୁନିଆ ପରି ନିଜ ଐତିହ୍ୟ ପରମ୍ପରାକୁ ଗାଁ ଲୋକ ଭୁଲି ଫେଶନ ଦୁନିଆର ପାଦ ତଳେ ଆଜି ନିଜକୁ ସମର୍ପଣ କରି ଦେଇଛନ୍ତି। ଆମେ ଯେତେ ଶିକ୍ଷିତ ହେଲେ ମଧ୍ୟ ଆମ ଓଡ଼ିଆ ଘରର ରୀତି, ନୀତି ପରମ୍ପରାକୁ ସମ୍ମାନ ଦେଇ ଉଚିତ ଭାବେ ପାଳନ କରିବା ଦରକାର।



**–ଅର୍ଚ୍ଚନା ଦାଶ,**
**ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ**

### ଆଗଭଳି ରଜପର୍ବ ପାଳନରେ ଉଦ୍ଦୀପନା ନାହିଁ


ଆଗେ ରଜ କହିଲେ ଆଖି ସାମ୍ନାରେ ଦିଶୁଥିଲା କୁଆଁରୀ ଝିଅର ହଳଦୀ ଗରଗର ଦେହ, ରଜଦୋଳି, ପୋଡ଼ପିଠା ଓ ପାନଖିଆ ଆଉ କବାଡି ଖେଳ। ଓଡ଼ିଆଙ୍କ ତେର ପର୍ବ ଭିତରୁ ଅନ୍ୟତମ ରଜ ସିନା ଆଜିକାଲି ପାଳନ ହେଉଛି, କିନ୍ତୁ ଆଗର ସେ ଉଦ୍ଦୀପନା ନାହିଁ। ରଜ ଏବେ କେମିତି ଫିକାଫିକା, ବିବର୍ଣ୍ଣ ପରି ମନେହେଉଛି। କର୍ପୂର ଉଡିଯାଉଛି, ଖାଲି କନା ପଡି ରହିବା ପରି ମନେହେଉଛି।

**–ହାଡ଼ିବନ୍ଧୁ ମହାଖୁଡ଼,**
**ଦଶପଲ୍ଲା**

### ରଜକୁ ଆନ୍ତରିକତାର ସହ ପାଳୁନାହାନ୍ତି ଝିଅମାନେ


ରଜ ହେଉଛି ଝିଅମାନଙ୍କ ଏକ ମୁଖ୍ୟ ପର୍ବ। ଆଜିର ରଜକୁ ଆଗ ଭଳିଆ ଆନ୍ତରିକତା ସହ କୁମାରୀ ଝିଅମାନେ ପାଳନ କରୁନାହାନ୍ତି। ପାଦରେ ଅଳତା ଲଗାଇ ବୁଲିବାର ମଜା ଅଛି ନା ପାନ ଓ ପୋଡ଼ପିଠାର ସ୍ୱାଦ। ତାହା ବଦଳରେ ବାହାରେ ବୁଲିବା, ସିନେମା ଯିବା ଓ ହୋଟେଲରେ ଖାଇବାକୁ ପସନ୍ଦ କରୁଛନ୍ତି। ଆଜିକାଲି ସହର ବଜାର, ଗାଁ ଗହଳ ଝିଅ ପୁଅମାନେ ରଜପର୍ବର ମୌଳିକ ଲକ୍ଷ୍ୟ ଓ ଆଦର୍ଶକୁ ଭୁଲି ଯାଉଛନ୍ତି।

**–ଦେବଭୂତି ସାହୁ,**
**ଶେଷବର୍ଷ ଛାତ୍ରୀ, ଉତ୍କଳ ବିଶ୍ୱ ବିଦ୍ୟାଳୟ**

### ରଜସ୍ୱଳା ହେତୁ ଚାଷ ଓ ଭୂମି ଖନନ ବନ୍ଦ ରୁହେ


ଆମ ସଂସ୍କୃତି ଓ ପରମ୍ପରା ଅନ୍ୟ ସଂସ୍କୃତିଠାରୁ ଭିନ୍ନ। ଏଠାରେ ନାରୀମାନଙ୍କୁ ସମ୍ମାନ ଦିଆଯାଇ ମା’ ଭାବେ, ବସୁଧାକୁ ମା’ ରୂପରେ ଅଭିହିତ କରି ପୂଜା କରାଯାଏ। ନାରୀ ରଜବତୀ ହେବା ଭଳି ଭୂମି ମଧ୍ୟ ରଜସ୍ୱଳା ହୁଏ। ତାକୁ କଷ୍ଟ ନ ଦେବା ଲାଗି ଚାଷକାର୍ଯ୍ୟ ଓ ଭୂମି ଖନନ ବନ୍ଦ କରାଯାଇଥାଏ। ଏଭଳି ସଂସ୍କୃତି ଅନ୍ୟ କେଉଁଠି ଦେଖିବାକୁ ମିଳି ନଥାଏ। ଏଣୁ ଏଠାରେ କହିବାକୁ ହେବ ଯେ, ପରିବେଶ ସନ୍ତୁଳିତ ରଖିବା ପାଇଁ ଏହି ରଜପର୍ବ ଏକ ଉଦାହରଣ ସଦୃଶ । ଏଥିପାଇଁ ସମସ୍ତେ ଚେଷ୍ଟିତ ହେବା ଦରକାର ।

**–କ୍ଷୀରୋଦ କୁମାର ମହାପାତ୍ର,**
**ମୁଖ୍ୟ ଗ୍ରନ୍ଥାଗାରିକ, ହାଇଟେକ୍ ମେଡିକାଲ କଲେଜ**

# ସ୍ନାନ ବେଦୀରେ ଶ୍ରୀଜିଉ ........................................................................


ଖଲ୍ଲିକୋଟ


ଆସିକା


ଜି.ଉଦୟଗିରି


ଧରାକୋଟ


ପୁରୁଷୋତ୍ତମପୁର


ପାରଳାଖେମୁଣ୍ଡି


ଶେରଗଡ଼


ସୋରଡ଼ା

## ୧୩ ମାମଲାରେ ସମ୍ପୃକ୍ତି ଥାଇ ଫେରାର ଥିଲେ

# ୨୪ ବର୍ଷ ପରେ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

**ଖଲ୍ଲିକୋଟ,୧୪।୬(ଡି.ଏନ.ଏ.)**

ଖଲ୍ଲିକୋଟ ଥାନାର ୧୩ ମାମଲାରେ ସମ୍ପୃକ୍ତି ଥାଇ ଫେରାର ଥିବା ଅଭିଯୁକ୍ତକୁ ଦୀର୍ଘ ୨୪ ବର୍ଷ ପରେ ଖଲ୍ଲିକୋଟ ପୋଲିସ ଗିରଫ କରିଛି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ଶଙ୍କର ବିଶ୍ୱାଳ(୪୨)। ୧୯୯୮ ମସିହାରେ ଶଙ୍କର ବିରୋଧରେ ଖଲ୍ଲିକୋଟ ଥାନାରେ ପ୍ରଥମ ମାମଲା ରୁଜୁ ହୋଇଥିବା ବେଳେ ତା ବିରୋଧରେ ୩ ହତ୍ୟା, ୯ ହତ୍ୟା ଉଦ୍ୟମ ଓ ଗୋଟିଏ ଚୋରି ମାମଲା ରୁଜୁ ହୋଇଥିଲା। ଖଲ୍ଲିକୋଟ ଥାନା ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଶଙ୍କର ଫେରାର ହୋଇଯାଉଥିଲା। ସେ କେରଳରେ କାମ କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲେ ମଧ୍ୟ ପୋଲିସକୁ ଚକମା ଦେଖାଇ ଶଙ୍କର ଫେରାର ହୋଇଥିଲେ। ଗତ ୪ ବର୍ଷ ତଳେ ଶଙ୍କର ଗାଁକୁ ଆସି ବିଲରେ କାମ କରୁଥିବା ବେଳେ ଖଲ୍ଲିକୋଟ ପୋଲିସ ଚଢ଼ାଉ କରି ଧରିଥିଲେ ମଧ୍ୟ ଜଣେ ପୋଲିସ କର୍ମଚାରୀଙ୍କ ମୁଣ୍ଡକୁ କୋଡ଼ି ବେଣ୍ଟରେ ଆଘାତ କରି ଫେରାର ହୋଇଯିବାରେ ସଫଳ ହୋଇଥିଲା ଶଙ୍କର। ତେବେ ଶଙ୍କର ଗାଁକୁ ଆସିଥିବା ଖବର ପାଇ ମଙ୍ଗଳବାର ଘର ଉପରେ ଚଢ଼ାଉ କରି ଶଙ୍କରକୁ ପୋଲିସ ଧରିବାରେ ସଫଳ ହୋଇଥିଲ।


ଗିରଫ ଅଭିଯୁକ୍ତ।

# ମନ୍ତ୍ରୀଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ଉଦ୍‌ଘାଟନ

**ପୋଲସରା,୧୪।୬(ଡି.ଏନ.ଏ.)**

ଗଞ୍ଜାମ ଜିଲାର ପ୍ରସିଦ୍ଧ ଶକ୍ତିପୀଠ ପୋଲସରା ବ୍ଲକ୍ କଷିପଡା ସ୍ଥିତ ମା ସିଂହାସନୀ ପୀଠରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଲୋକାର୍ପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମା' ସିଂହାସନୀ ପୀଠରେ ମା' ସିଂହାସନୀ ମନ୍ଦିର କାର୍ଯ୍ୟାଳୟ, ଶତ ପ୍ରତିଶତ ଘରୋଇ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମା' ସିଂହାସନୀଙ୍କ ପ୍ରସିଦ୍ଧ ରଜ ପର୍ବରେ ସାମିଲ ହୋଇଥିଲେ। ମନ୍ଦିର ପରିପାର୍ଶ୍ୱ ଓ ଭିତ୍ତିଭୂମିର ଉନ୍ନତି ନେଇ ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ସାହୁ, ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା, ଜିଲା ପରିଷଦ ସଭ୍ୟ ବିକ୍ରମ କୁମାର ନାୟକ, ଅଶୋକ କୁମାର ବିଷୋୟୀ, ସଭ୍ୟା ଝୁନୁ ଦାସ, ସ୍ଥାନୀୟ ସରପଞ୍ଚ ରଘୁନାଥ ଭୁୟାଁ, ଯୁବନେତା ମନମୋହନ ଗୌଡ଼, ରାଜେନ୍ଦ୍ର କୁମାର ପ୍ରଧାନ ଓ ମାଁ ସିଂହାସନୀ ଉନ୍ନୟନ କମିଟିର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମନ୍ତ୍ରୀ ଉକ୍ତ ପୀଠରେ ପାଲିସ ସହାୟତା କେନ୍ଦ୍ରକ ଉଦ୍‌ଘାଟନ କରିଛନ୍ତି। ଏଥିରେ ଦକ୍ଷିଣାଞ୍ଚଳ ଆଇଜି ସତ୍ୟତ ଭୋଇ ମୁଖ୍ୟ ଅତିଥି ଭାବେ ଓ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା ଆରକ୍ଷୀ ଅଧିକ୍ଷକ ବ୍ରିଜେଶ ରାୟ ଯୋଗ ଦେଇଥିଲେ।ସ୍ଥାନୀୟ ତହସିଲଦାର ଦିଲ୍ଲିପ କୁମାର ନାୟକ, ଭାରପ୍ରାପ୍ତ ବିଡିଓ ଧର୍ମରାଜ୍ ପରିଡ଼ା, ବ୍ଲକ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା, ଜିଲାପରିଷଦ ସଭ୍ଯ ବିକ୍ରମ କୁମାର ନାୟକ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଆର.ଉଦୟଗିରି,୧୪।୬(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଛେଲାଗଡ ପଞ୍ଚାୟତ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଲିଙ୍ଗରାଜ ପଣ୍ଡା ଉପସ୍ଥିତ ନ ଥିବାରୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ରଞ୍ଜିତ ଅଭିଯୋଗ ଶୁଣିଥିଲେ। ଜିଲା ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀ, ବିଡିଓ, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ଉପସ୍ଥିତିରେ ଏହି ଜନ ଶୁଣାଣିରେ ମୋଟ ୧୧୩ ଅଭିଯୋଗ ଆସିଥିଲା। ସେଥିରୁ ୬୫ ବ୍ୟକ୍ତିଗତ ଓ ୪୮ ସାମୁହିକ ଅଭିଯୋଗର ସମାଧାନ ହୋଇଥିଲା। ଚିକିତ୍ସା ପାଇଁ ଅର୍ଥ ସହାୟତା, ରାସ୍ତା, ପାଣି, ଖାଉଟି କାର୍ଡ ଆଦି ମୁଖ୍ୟ ପ୍ରସଙ୍ଗ ରହିଥିଲା। ଜିଲାପାଳ ଉପସ୍ଥିତ ନ ଥିବାରୁ ଜିଲା ରେଡକ୍ରସ ପାଣ୍ଠିରୁ କିଛି ଅର୍ଥ ଦିଆଯାଇ ନାହିଁ। ଏହି ଅଭିଯୋଗ ଶୁଣାଣିରେ ସମସ୍ତ ସରକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## କାଳୀମନ୍ଦିର ସମ୍ମୁଖରୁ ମୃତଦେହ ଉଦ୍ଧାର

**ଛତ୍ରପୁର,୧୪।୬ (ଡି.ଏନ୍.ଏ.)**

ଛତ୍ରପୁର ଥାନା ଜାତୀୟ ରାଜପଥ ନିକଟ ଏକ ଢାବା-କୁମାରବେଗପଲ୍ଲୀ ରାସ୍ତା କାଳୀ ମନ୍ଦିର ସମ୍ମୁଖରୁ ମଙ୍ଗଳବାର ଜଣଙ୍କ ମୃତଦେହ ଠାବ କରାଯାଇଛି। ମୃତକ ହେଲେ ଛତ୍ରପୁର ବିଦ୍ୟାଧରନଗର ଅଞ୍ଚଳର ବାବୁଲା ବେହେରା ଏବଂ ତାଙ୍କ ଘର ଗଞ୍ଜାମ ବ୍ଲକ କାଇଁଚପୁର ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଅପରପକ୍ଷରେ ମୃତ୍ୟୁର କାରଣ ଜଣାପଡି ନ ଥିଲେ ମଧ୍ୟ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି । ମଙ୍ଗଳବାର ସକାଳୁ କାଳୀ ମନ୍ଦିର ସମ୍ମୁଖରେ ଏକ ମୃତଦେହ ପଡିଥିବା ନେଇ ଛତ୍ରପୁର ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ସେଠାରେ ଗଞ୍ଜାମ ଅତିରିକ୍ତ ଏସ୍‌ପି ପି.କେ. ଦଳେଇ, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍ ଯାଇ ତନାଘନା କରିଛି। ଘଟଣାସ୍ଥଳରୁ ମଦ ପାଉଚ ଓ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଇଛି । ଏହା ହତ୍ୟା ନା ଆତ୍ମହତ୍ୟା ତାହା ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରୁଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୨) ରୁଜୁ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।


**UTKAL GRAMEEN BANK**
( Sponsored by State Bank of India)
HEAD OFFICE, Doorsanchar Bhawan, Near new bus stand, Dist- Bolangir, PIN-767001
AUDITED FINANCIAL RESULTS FOR THE YEAR 2021-22
BALANCE SHEET AS ON 31.03.2022 (Amount in 000)

| Particulars | Schedule | As on 31.03.2022 | As on 31.03.2021 |
|---|---|---|---|
| **EQUITY & LIABILITIES** | | | |
| Equity Capital | 1 | 97,03,731 | 97,03,731 |
| Perpetual Bond | 1(A) | 81,383 | 81,383 |
| Share Capital Deposit | 1(B) | 47,83,185 | 0 |
| Reserves & Surplus | 2 | 0 | 0 |
| Deposits | 3 | 7,64,30,695 | 7,48,72,500 |
| Borrowings | 4 | 44,65,920 | 35,30,296 |
| Other Liabilities & Provisions | 5 | 42,56,983 | 36,84,777 |
| TOTAL EQUITY & LIABILITIES | | **9,97,21,897** | **9,18,72,687** |
| **ASSETS** | | | |
| Cash and Balances with Reserve Bank of India | 6 | 35,91,497 | 30,91,187 |
| Balances with Banks and Money at Call and Short Notice | 7 | 71,57,395 | 62,72,909 |
| Investments | 8 | 4,71,26,086 | 4,19,54,003 |
| Loans & Advances | 9 | 2,64,60,524 | 2,41,85,410 |
| Fixed Assets | 10 | 49,332 | 61,017 |
| Other Assets | 11 | 1,53,37,063 | 1,63,08,161 |
| TOTAL ASSETS | | **9,97,21,897** | **9,18,72,687** |
| Contingent Liabilities | 12 | 5,47,214 | 5,41,701 |
| Bills for Collection | | NIL | NIL |
| Principal Accounting Policies and Notes on Accounts | 17 & 18 | | |

**PROFIT & LOSS STATEMENT FOR THE YEAR 31.03.2022 (Amt in 000)**

| Particulars | Schedule | As on 31.03.2022 | As on 31.03.2021 |
|---|---|---|---|
| **I. INCOME** | | | |
| Interest earned | 13 | 63,04,886 | 47,46,110 |
| Other income | 14 | 9,17,094 | 7,09,910 |
| TOTAL | | **72,21,980** | **54,56,020** |
| **II. EXPENDITURE** | | | |
| Interest expended | 15 | 32,04,030 | 31,98,963 |
| Operating expenses | 16(A) | 18,17,196 | 16,05,867 |
| Provisions & contingencies | 16(B) | 21,77,342 | 47,67,469 |
| TOTAL | | **71,98,568** | **95,72,299** |
| **III. PROFIT & LOSS** | | **23,412** | **-41,16,279** |
| Profit before tax | | 23,412 | -41,16,279 |
| **Less : Tax Provision** | | 0 | 0 |
| Provision for Income Tax For the Financial Year | | 4,820 | NIL |
| Provision to Tax Credit Entitlement | | (-)4820 | NIL |
| Profit after Tax | | **23,412** | **-41,16,279** |
| Loss brought forward | | -1,37,50,947 | -96,34,668 |
| TOTAL | | **-1,37,27,535** | **-1,37,50,947** |
| Balance carried over to Balance Sheet | | -1,37,27,535 | -1,37,50,947 |
| TOTAL | | -1,37,27,535 | -1,37,50,947 |

(1)Above financial results have been audited by the Statutory Central Auditors M/s Tej Raj & Pal BBSR in line with the guidelines issued by NABARD and signed by the SCA on 20.04.2022 and approved by the Board of Directors of the Bank
(2) The Financial results have been arrived at as per the standard accounting principles and after considering provisions for Non Performing Assets/Standard Assets as per prudential norms issued by NABARD and other required provisions.

Place: Bolangir ( Manmohan Sahoo ) ( General Manager I ) ( Alekha Chandra Beura ) ( Chairman )
Date:- 20.04.22



ବ୍ୟାଙ୍କ ଅଫ୍ ବରୋଦା Bank of Baroda

** କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ ନଂ.:୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର - ୦୩, ମୋ.: ୭୩୨୮୮୩୪୧୪୨
ଫୋନ୍: ୦୬୭୪-୨୩୮୭୧୦୦, ଇ-ମେଲ୍ : sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-୪-ଏ (ରୁଲ୍ସ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"ବିନା ଆଇନଗତ ସହାୟତା ଭିତ୍ତିରେ** ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।**

| କ୍ର ନଂ. | ଋଣଗ୍ରହୀତା/ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ ଯଦି ଥାଏ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD(ରାଶି) / ବିଡ୍ ବର୍ଦ୍ଧିତ ରାଶି |
|---|---|---|---|---|---|---|---|
| ୦୧. | ଋଣଗ୍ରହୀତାମାନେ: (୧) ଶ୍ରୀ ଗୁଣନିଧି ସାହୁ, ପିତା: ଶ୍ରୀ ରାମ ଚନ୍ଦ୍ର ସାହୁ, (୨) ଶ୍ରୀମତୀ ଜାନକୀ ସାହୁ, ପିତା: ଵ ଉଦୟ ନାଥ ସାହୁ, ଉଭୟଙ୍କ ଠିକଣା-ସା: ମଧୁପାଟଣା, କଟକ ସଦର, ଜିଲ୍ଲା: କଟକ, ପିନ୍-୭୫୩୦୧୦। | ଗୁଣନିଧି ସାହୁ ଏବଂ ଜାନକୀ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୬୯୯/୫୩୫, ପ୍ଲଟ୍ ନଂ.: ୨୨୮୮, କ୍ଷେତ୍ର: ଏକର ୦.୦୬୬ ଡିସିମିଲ, କିସମ: ଘରବାଡ଼ି, ଅନୁରୂପ ପୁରୁଣା ଖାତା ନଂ.: ୨୨୨, ପ୍ଲଟ୍ ନଂ.: ୨୨୮୮, ମୌଜା: କଟକ ଟାଉନ, ୟୁନିଟ୍ ନଂ.: ୧୬, କାଠଗଡ଼ା ସାହି, ଥାନା: ପୁରୀଘାଟ, ଥାନା ନଂ.: ୧, ତହସିଲ: କଟକ ସଦର, ତହସିଲ ନଂ.: ୨୧୬, ଜିଲ୍ଲା: କଟକ-୭୫୩୦୧୦, ଚୌହଦୀ-ପୂର୍ବ: ପ୍ଲଟ୍ ନଂ.-୨୮୫୨ ଏବଂ ୨୩୩୮, ପଶ୍ଚିମ: ରାସ୍ତା ଏବଂ ପ୍ଲଟ୍ ନଂ.-୨୨୮୭, ଉତ୍ତର: ପ୍ଲଟ୍ ନଂ.-୨୨୮୯ ଏବଂ ୨୨୯୪, ଦକ୍ଷିଣ: ପ୍ଲଟ୍ ନଂ.-୨୨୮୭। | ୦୧.୦୭.୨୦୧୯/ ୨୧.୦୧.୨୦୨୦/ ତା.୦୧.୦୭.୨୦୧୯ ସୁଦ୍ଧା ୩୭,୯୦,୭୯୫/- ଯୁକ୍ତ ୧୯.୦୬.୨୦୧୯ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତି ଋଣ ଅସୁଲି ଯଦି କିଛି ଥାଏ | ୧୫.୦୭.୨୦୨୨ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୧୨.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୭୮,୬୮,୦୦୦/- / ଟ.୭,୮୬,୮୦୦/- / ଟ.୧୦,୦୦୦/- |
| ୦୨. | ଋଣଗ୍ରହୀତାମାନେ: (୧) ଶ୍ରୀ ଯୁଧିଷ୍ଠିର ପାତ୍ର, ପିତା: ଵ ଦାଶରଥି ପାତ୍ର, (୨) ଶ୍ରୀ ଦେବାଶିଶ ପାତ୍ର, ପିତା: ଯୁଧିଷ୍ଠିର ପାତ୍ର, (୩) ମେସର୍ସ ମହାଲକ୍ଷ୍ମୀ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଯୁଧିଷ୍ଠିର ପାତ୍ର, ପିତା: ଵ ଦାଶରଥି ପାତ୍ର, ସମସ୍ତଙ୍କ ଠିକଣା-ପ୍ଲଟ୍ ନଂ.: ଏସ୍‌ସିଆର୍-୧, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୦/ **ଜାମିନ୍‌ଦାର: ଶ୍ରୀ ପରମାନନ୍ଦ ପାତ୍ର,** ପିତା: ଵ ଦାଶରଥି ପାତ୍ର, ସା: ପ୍ଲଟ୍ ନଂ.: ଏମ୍‌ଏ-୧, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୦। | ଶ୍ରୀ ଯୁଧିଷ୍ଠିର ପାତ୍ର, ପିତା: ଵ ଦାଶରଥି ପାତ୍ରଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାକି ଏସ୍‌ସିଆର୍ ନଂ. ୧, ୧୨୨୩ ବର୍ଗଫୁଟ, ବିଡିଏ ଡ୍ରଇଂ ନଂ.: ଏଆର୍‌ସିଏଚ୍-୫୯୩/୮୬, ଲିଜ୍ ଦଲିଲ୍ ନଂ.: ୩୭୧୯, ତାରିଖ: ୨୫.୦୮.୧୯୯୫, ଗଡ଼ଗୋପିନାଥ ପ୍ରସାଦ (ଜିଜିପି), କର୍ମସିଆଲ୍ କମ୍ପ୍ଲେକ୍ସ, ଥାନା: ମଞ୍ଚେଶ୍ୱର, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦, ଚୌହଦୀ-ପୂର୍ବ: ପ୍ଲଟ୍ ନଂ. ଏସ୍‌ସିଆର୍, ପଶ୍ଚିମ: ରକ୍ଷଣାବେକ୍ଷଣ ଗୃହ ଏବଂ ଇଲେକ୍ଟ୍ରିକାଲ୍ ସବ୍-ଷ୍ଟେସନ, ଉତ୍ତର: ପିଲାମାନଙ୍କ ଖେଳପଡ଼ିଆ, ଦକ୍ଷିଣ: ରାସ୍ତା। | ୩୧.୦୫.୨୦୧୭/ ୨୮.୦୮.୨୦୧୯/ ତା.୩୧.୦୩.୨୦୧୭ ସୁଦ୍ଧା ୨୫,୦୬,୪୮୬.୦୭/- ଯୁକ୍ତ ୩୦.୦୭.୨୦୧୬ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତି ଋଣ ଅସୁଲି ଯଦି କିଛି ଥାଏ | ୧୫.୦୭.୨୦୨୨ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୧୨.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୪୬,୪୧,୦୦୦/- / ଟ.୪,୬୪,୧୦୦/- / ଟ.୧୦,୦୦୦/- |
| ୦୩. | ଋଣଗ୍ରହୀତା: ମେସର୍ସ ଶ୍ରୀକ୍ରିଷ୍ଣା କନଷ୍ଟ୍ରକସନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶୁଭ୍ରାଂଶୁ ପ୍ରଧାନ, ପିତା: ଶ୍ରୀ ଅନାଦୀ ପ୍ରଧାନ, ସା: ହେମସୁରପଡ଼ା, ପୋ/ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨/ ଜାମିନ୍‌ଦାରମାନେ: (୧) ଶ୍ରୀ ଅନାଦୀ ପ୍ରଧାନ, ପିତା: ଶ୍ରୀ ବୀରବର ପ୍ରଧାନ, ସା: ହେମସୁରପଡ଼ା, ପୋ/ଜିଲ୍ଲା: ଅନୁଗୁଳ, (୨) ଶ୍ରୀ କ୍ଷୀରୋଦ କୁମାର ପଟ୍ଟନାୟକ, ପିତା: କାହ୍ନୁ ଚରଣ ପଟ୍ଟନାୟକ, ସା: ଗାନ୍ଧୀମାର୍ଗ, ଅମଲାପଡ଼ା, ଅନୁଗୁଳ-୭୫୯୧୨୨। | ଶ୍ରୀ ଅନାଦୀ ପ୍ରଧାନ, ପିତା: ଶ୍ରୀ ବୀରବର ପ୍ରଧାନଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ବାସୋପଯୋଗି ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୬, ଖାତା ନଂ.: ୪୩୨/୭୦୯, ମୌଜା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଥାନା: ଅନୁଗୁଳ, କ୍ଷେତ୍ର: ଏକର ୦.୦୬୫ ଡିସିମିଲି, ଚୌହଦୀ-ପୂର୍ବ: ବ୍ରହ୍ମାନନ୍ଦ ସ୍ୱାଇଁ, ପଶ୍ଚିମ: ରାସ୍ତା, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ରାସ୍ତା। | ୧୫.୦୧.୨୦୧୮/ ୨୯.୦୫.୨୦୧୯/ ତା.୩୧.୧୨.୨୦୧୭ ସୁଦ୍ଧା ୧୨,୪୩,୩୭୦.୭୫/- ଯୁକ୍ତ ୩୧.୧୨.୨୦୧୭ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତି ଋଣ ଅସୁଲି ଯଦି କିଛି ଥାଏ | ୧୫.୦୭.୨୦୨୨ ଅପରାହ୍ନ ୨ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୧୨.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୩୦,୮୦,୦୦୦/- / ଟ.୩,୦୮,୦୦୦/- / ଟ.୧୦,୦୦୦/- |
| ୦୪. | ଋଣଗ୍ରହୀତାମାନେ: (୧) ଶ୍ରୀମତୀ ଶୁଭ୍ରରାଣୀ ବିଶ୍ୱାଳ, ସ୍ୱାମୀ: ପୁରୁଷୋତ୍ତମ ବିଶ୍ୱାଳ, (୨) ଶ୍ରୀ ପୁରୁଷୋତ୍ତମ ବିଶ୍ୱାଳ, ପିତା: ରାମ ଚନ୍ଦ୍ର ବିଶ୍ୱାଳ, ଉଭୟଙ୍କ ଠିକଣା-ସା: ହାତୀଶାଳମଠ ଲେନ୍, ଜଗନ୍ନାଥ ମନ୍ଦିର ନିକଟ, ଓଲ୍ଡ ଟାଉନ୍, ପୋ: ନୟାଗଡ଼, ଥାନା: ନୟାଗଡ଼, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୬୯। | ଶ୍ରୀମତୀ ଶୁଭ୍ରରାଣୀ ବିଶ୍ୱାଳଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୩୯/୪୭୬୮, ଖାତା ନଂ.: ୧୨୧୯/୧୯୬୮, ମୌଜା: ନୟାଗଡ଼, କ୍ଷେତ୍ର: ଏକର ୦.୦୪ ଡିସିମିଲି, ଚୌହଦୀ-ପୂର୍ବ: ସରକାରୀ ଜମି, ପଶ୍ଚିମ: ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ଛବିରାଣୀ | ୧୦.୦୩.୨୦୧୬/ ୦୩.୦୬.୨୦୨୨/ ତା.୩୦.୦୯.୨୦୧୫ ସୁଦ୍ଧା ୭,୨୬,୦୭୨/- ଯୁକ୍ତ ୩୦.୦୯.୨୦୧୫ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତି ଋଣ ଅସୁଲି ଯଦି କିଛି ଥାଏ | ୧୫.୦୭.୨୦୨୨ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୧୨.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୩୨,୭୭,୦୦୦/- / ଟ.୩,୨୭,୭୦୦/- / ଟ.୧୦,୦୦୦/- |

ନିୟମ ଏବଂ ସର୍ତ୍ତାବଳୀ : ଆଗ୍ରହୀ ନିଲାମଧାରୀମାନେ **www.mstcecommerce.com** ରେ ଲଗଇନ୍ କରି **EMD** (ଅମାନତ ରାଶି) ତା.୧୪.୦୭.୨୦୨୨ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ।

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍ **https://www.bankofbaroda.com/e-auction.htm, www.mstcecommerce.com and https://ibapi.in** ରେ ଦେଖନ୍ତୁ।

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: (୦୬୭୪) ୨୩୮୭୧୦୦, ମୋ: ୭୩୨୮୮୩୪୧୪୨ରେ ଯୋଗାଯୋଗ କରିପାରିବେ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୩୦ ଦିନିଆ ନୋଟିସ୍।

ତାରିଖ : ୧୪.୦୬.୨୦୨୨
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ବରୋଦା

# ସହରୀ ସଭ୍ୟତା ପାଇଁ ରଜପର୍ବ ଫିକା

**ନୟାଗଡ଼ ଅଫିସ,୧୪।୬**

ସହରୀ ସଭ୍ୟତାର ପ୍ରଭାବରେ ରଜର ସୌନ୍ଦର୍ଯ୍ୟ ବିରୂପ ଧରିଥିବାବେଳେ ହଜିବାରେ ଲାଗିଛି ସଂସ୍କୃତି ଓ ଫିକା ପଡୁଛି ପରମ୍ପରା। ପରିବର୍ତ୍ତିତ ପରିସ୍ଥିତିରେ ରଜର ମହତ୍ତ୍ୱ କ୍ରମଶଃ ହ୍ରାସ ପାଇ ଆସୁଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଭାବେ ଲୋପ ପାଇପାରିନାହିଁ। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଏହି ପର୍ବ ବଞ୍ଚାଇ ରଖିବାକୁ ଚେଷ୍ଟା କରାଯାଉଛି। ପୁରାତନ ଐତିହ୍ୟ, ପରମ୍ପରା ପ୍ରାୟତଃ ଦେଖିବାକୁ ମିଳୁନାହିଁ। ତଥାପି ରଜପର୍ବ ପାଇଁ ଉତ୍ସବ ମୁଖର ହୋଇ ଉଠିଛି ନୟାଗଡ଼ ଜିଲା।

ରଜ ସମ୍ପର୍କରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରିୟମ୍ବଦା ତ୍ରିପାଠୀ କୁହନ୍ତି, ଦିନ ଥିଲା ଗାଁରୁ ସହରଯାଏଁ ସବୁଠି ଅନୁଭୂତ ହେଉଥିଲା ରଜର ମିଠା ଅନୁଭୂତି। ବୁଢ଼ୀ ମା'ର ପାନ ବଟୁଆ ଭିତରେ ଲୁଚି ରହିଥିଲା ନିୟୁତ ଯୁଗର ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ଭଲ ପାଇବା। ବୋଉର ହାତ ତିଆରି ଆରିଶା ପିଠା ମଧ୍ୟରେ ଭରି ରହିଥିଲା ଆଞ୍ଜୁଳା ଆଞ୍ଜୁଳା ସ୍ନେହ। ତେବେ ବହୁ କାଳରୁ ରହି ଆସିଥିବା ଏ ସ୍ନେହ, ଶ୍ରଦ୍ଧା ଓ ସଦିଚ୍ଛାର ବାତାବରଣ ଏବେ ଲୁପ୍ତ ହୋଇପଡିଛି। ସମାଜରେ ନିଜସ୍ୱ ସଂସ୍କୃତି, ଆଚାର ଓ ଚଳଣୀ ଉଦାସିନତା ପରିଦୃଷ୍ଟ। ଏଭଳି ଏକ ଘଡି ସନ୍ଧି ମୁହୂର୍ତ୍ତରେ ସହରୀ ସଭ୍ୟତାର ପ୍ରଭାବରେ ରଜର ସୌନ୍ଦର୍ଯ୍ୟ ବାଟବଣା ହେବାରେ ଲାଗିଛି। ତଥାପି ରଜପର୍ବ ପାଇଁ ଗାଁଗଣ୍ଡାରେ କିଛିଟା ଆକର୍ଷଣ ରହିଛି। କବି ଚନ୍ଦ୍ରମଣି ମିଶ୍ର କୁହନ୍ତି, ମିଳନ, ମାଦକତା, ଆନନ୍ଦ, ଉଲ୍ଲାସର ଏହି ପର୍ବରେ ଯିଏ ଯେଉଁଠି ଥାଉନା କାହିଁକି ଗାଁକୁ ଫେରିଥାନ୍ତି। ପ୍ରତ୍ୟେକ ପରିବାର ଏଥିପାଇଁ ଆଗଭର। ୩ଦିନ ପୂର୍ବରୁ ପ୍ରସ୍ତୁତି ସାରି ସଜବାଜ ହୋଇ ଏମାନେ ରଜ ପାଳିଥାନ୍ତି। ସମସ୍ତଙ୍କର ନୂଆ ବସ୍ତ୍ର। ପିଲାମାନଙ୍କର ରଙ୍ଗ ବେରଙ୍ଗର ପୋଷାକ। ସମସ୍ତଙ୍କ ଘରେ ପିଠା ପଣା, ରଜ ପୋଡପିଠା ସାଙ୍ଗକୁ ଆରିଶା, କାକରା, ମଣ୍ଡା, ଚକୁଳି ଓ ପାନର ମଜା। ଅନ୍ୟ ଓଷା ପରି ଏଥିରେ ଉପାସ ବ୍ରତ କରିବାକୁ ପଡେ ନାହିଁ କି ଖାଇବାରେ ନ ଥାଏ ପ୍ରତିବନ୍ଧକ। ଖାଇବା-ଖୋଇବା ଏବଂ ସାହି ପଡିଶାରେ ବାଣ୍ଟିବା ଏ ଜିଲାର ଗାଁଉଲି ଲୋକର ପରମ୍ପରା ରହିଛି। ଗୃହିଣୀ ସବିତା ପାଣିଗ୍ରାହୀ କୁହନ୍ତି, ରଜ ସମୟରେ ଗାଁ ଗହଳିରୁ ଶୁଭେ ପ୍ରେମ ଓ ସ୍ନେହର ଭାଷା। ଭଉଣୀ ତା'ର ଗେହ୍ଲା ଭାଇ ପାଇଁ ଗାଇଥାଏ ସଙ୍ଗୀତ।


ଦଉଡି ଦୋଳି ଜାଗା ନେଇଛି ଲୁହା ଦୋଳି।

### ସହରୀ ସଭ୍ୟତା ପାଇଁ ସବୁ ବାଟବଣା

ଅନ୍ୟ ଝିଅ ପୁଅମାନେ ମଧ୍ୟ ଗାଇଥାନ୍ତି ସଙ୍ଗୀତ। ରଜ ଦୋଳି କଟମଟ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ। ସୁନା ମୁକୁଟଲୋ ଦିଶୁଥାଏ ଝଟମଟ। ବନସ୍ତେ ଡାକିଲା ଗଜ,ବରଷକେ ଥରେ ଆସିଛି ରଜ, ଆସିଛି ରଜଲୋ ଘେନି ନୂଆ ସଜବାଜ। ଏଭଳି ଝୁଲିଝୁଲି ରଜ ଦୋଳିରେ କୋମଳ କଣ୍ଠର ମଧୁର ମୂର୍ଚ୍ଛନା ଭାସିଆସେ। ଗାଁ ଝିଅ ବୋହୂମାନେ ଦେହରେ ବଟା ହଳଦୀ ଓ ଚନ୍ଦନର ପ୍ରଲେପ ମାଖି ମୁହଁରେ ଚନ୍ଦନ ଟିପା, କୁଙ୍କୁମ, ଆଖିରେ କଜଳ ଓ ପାଦରେ ଅଳତା ଲଗାଇ ଓଠରେ ତାମ୍ବୁଳର ରଙ୍ଗ ଚହଟାଇ ନୂଆ ଲୁଗା ପିନ୍ଧି ଦଳ ଦଳ ହୋଇ ସାହି ପଡୋଶୀ ବୁଲିବା ଏଠାକାର ଅଞ୍ଚଳରେ ଦେଖାଯାଉଥିଲା। ଯୁବକମାନେ ଲୁଡୁ, ତାସ୍, ପଶାପାଲିରେ ବିଭୋର ଥିବା ଦୃଶ୍ୟ ଦେଖିବାକୁ ମଧ୍ୟ ମିଳୁଥିଲା। ଏହି ପରମ୍ପରା ଏବେ ପ୍ରାୟତଃ ଦେଖିବାକୁ ମିଳୁନାହିଁ। ଏପରିସ୍ଥିତିରେ ଓଡ଼ିଆ ସଂସ୍କୃତି ପ୍ରଚାର ପାଇଁ କରାଯାଉଥିବା ଉଦ୍ୟମ ଏବେ ନିମ୍ନଗାମୀ ହେବାକୁ ବସିଛି। କେବଳ ରଜ ସମୟରେ ସ୍ମୃତିଚାରଣ ବ୍ୟତୀତ ସଂସ୍କୃତି ପ୍ରଚାର ଓ ପୁନରୁଦ୍ଧାର ପାଇଁ କେହି ଆନ୍ତରିକତା ପ୍ରକାଶ କରୁନାହାନ୍ତି।

## ପାହାଡ଼ ଚଢ଼ିଲେ, ରଜର ମଜା ନେଲେ

ଶରଣକୁଳର ମା' ଝାଡେଶ୍ୱରୀଙ୍କ ପୀଠରେ ୩ ଦିନ ଧରି ରଜଯାତ୍ରା ଅନୁଷ୍ଠିତ ହେଉଅଛି। ଏ ଅବସରରେ ଝାଡେଶ୍ୱରୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ମଧ୍ୟ ୩ଦିନ ଧରି ହେବ। ଏଥିପାଇଁ ଝାଡେଶ୍ୱରୀ ପୀଠରେ ବିଭିନ୍ନ ପ୍ରକାରର ଷ୍ଟଲ ପଡିଛି। ମଙ୍ଗଳବାରଠାରୁ ଝାଡେଶ୍ୱରୀ ପୀଠରେ ଗହଳି ବଢୁଛି। ଏଠାକୁ ଆସୁଥିବା ଲୋକମାନେ ରଜଯାତ୍ରାରେ ପାହାଡ଼ ଚଢ଼ି ମଜା ନେଉଥିବାବେଳେ ମା'ଙ୍କ ପୀଠରେ ଯଜ୍ଞରେ ସାମିଲ ହେଉଛନ୍ତି।

## ସଂକ୍ଷେପରେ

### ରାସ୍ତାରୁ ପାଇଥିବା ପର୍ସ, ୨୩ ହଜାର ଫେରାଇଲେ ସେଲ୍ସମ୍ୟାନ



**ଓଡ଼ଗାଁ,୧୪।୬(ସ୍ୱ.ପ୍ର.):** ସାଧାରଣତଃ ସମାଜରୁ ସାଧୁତା ଓ ସଚୋଟତା ବିଲୀନ ହେଉଥିବା ଲୋକେ ଆଲୋଚନା କରୁଥିବା ବେଳେ ଏସବୁ ଏବେବି ବଞ୍ଚି ରହିଛି। ଏଭଳି ଦେଖିବାକୁ ମିଳିଛି ଓଡ଼ଗାଁ ଆଦର୍ଶ ଥାନା ଓ ପାଇକସାହିର ନିବାସୀ ନାୟକଙ୍କ କ୍ଷେତ୍ରରେ। ସେ ଏକ ଲୁଗା ଦୋକାନରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିବା ବେଳେ ସୋମବାର ରାତିରେ ମଠ ଛକରୁ ଏକ ଟଙ୍କା ଥିବା ପର୍ସ ପାଇଥିଲେ। ସେ ତୁରନ୍ତ ପର୍ସ ଖୋଲି ଦେଖିଲାବେଳକୁ ସେଥିରେ ୨୩ ହଜାର ଟଙ୍କା ସହ ଏଟିଏମ୍ କାର୍ଡ, କିଛି ଜରୁରୀ କାଗଜ ରହିଥିଲା। ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପାଇବାରେ ବିଫଳ ହୋଇ ସ୍ଥାନୀୟ ପୋଲିସ ନିକଟରେ ପର୍ସ ଜମା କରିଥିଲେ। ପୋଲିସ ମାଧମରେ ପର୍ସ ମାଲିକ ବେଗୁନିଆ ପାଟଣାର ଭଗବାନ ସାହୁ ଥାନାରେ ପହଞ୍ଚିଲେ। ପରେ ପୋଲିସ ଉପସ୍ଥିତିରେ ନିବାସୀ ଭଗବାନଙ୍କୁ ପର୍ସ ହସ୍ତାନ୍ତର କରିଥିଲେ। ନିବାସୀଙ୍କ ଏହି ସଚୋଟତା ପାଇଁ ସବୁ ମହାଲରୁ ତାଙ୍କୁ ପ୍ରଶଂସା କରାଯାଇଛି।

### ରକ୍ତଦାନ ଶିବିର: ୧୪ ୟୁନିଟ୍ ସଂଗ୍ରହ



**ନୟାଗଡ଼ ଅଫିସ,୧୪।୬:** ନୟାଗଡ଼ସ୍ଥିତ ସୋହମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ତାରିଣୀନଗରସ୍ଥିତ ଏହାର କାର୍ଯ୍ୟାଳୟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ର ସାମାଜିକ କର୍ମୀ ଦାମ ସାହୁ ଓ ଡା. ସଞ୍ଜୟ ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ପରେ ର କ୍ତଦାନର ମହତ୍ୱ ଶୀର୍ଷକ ଆଲୋଚନାରେ ସୋହମର ସଭାପତି କବିତା ମିଶ୍ର, ଉପସଭାପତି ତଥା ପରିବେଶବିତ୍ ଅନାଦି ଚରଣ ମହାନ୍ତି, ଚିକିତ୍ସକ ସଞ୍ଜୟ ଦାସ, ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ ରକ୍ତଦାନ ଉପରେ ଆଲୋକପାତ କରିଥିଲେ। ଶିବିରରେ କୋଭିଡ ନିୟମ ପାଳନ କରାଯାଇ ୧୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସୋହମ ଅନୁଷ୍ଠାନର ସମ୍ପାଦକ କାମାକ୍ଷା ପ୍ରସାଦ ଦାଶ ପରିଚାଳନା କରିଥିଲେ।

# ସ୍ନାନ ସରିଲା, ଶ୍ରୀଜୀଉଙ୍କୁ ଜ୍ୱର

**ନୟାଗଡ଼ ଅଫିସ,୧୪।୬**

ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣମୀ ଅବସରରେ ମଙ୍ଗଳବାର ନୟାଗଡ଼, ଶରଣକୁଳ ଓ ଗୋଡିପଡ଼ାରେ ବିରାଜିତ ଶ୍ରୀଜୀଉମାନଙ୍କ ସ୍ନାନୋତ୍ସବ ପାରମ୍ପରିକ ରୀତିରେ ସମାପନ ହୋଇଛି। ସ୍ନାନ ପରେ ସମସ୍ତ ନୀତି ଶେଷ କରାଯାଇ ଠାକୁରମାନଙ୍କର ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ପରେ ଶ୍ରଦ୍ଧାଳୁଙ୍କ ପାଇଁ ସାହାଣମେଲା ଦର୍ଶନ ହୋଇଥିଲା। ବର୍ଷକୁ ଥରେ ପ୍ରତ୍ୟେକ୍ଷ ସ୍ନାନ କରି ଶ୍ରୀଜୀଉମାନଙ୍କ ଶରୀର ଅସୁସ୍ଥ ହୋଇପଡିଛି। ଉପଚାର ପାଇଁ ତିନି ଠାକୁର ବିଳମ୍ବିତ ରାତିରେ ଅଣସରକୁ ବିଜେ କରିଛନ୍ତି।

ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥଙ୍କ ମନ୍ଦିରରେ ନୀତି ନିର୍ଘଣ୍ଟ ଅନୁସାରେ ମଙ୍ଗଳବାର ଭୋର ୩ଟାରେ ମଙ୍ଗଳାର୍ପଣ କରାଯାଇଥିଲା। ପରେ ତିନି ଠାକୁରଙ୍କୁ ସେନାପଟାରେ ବନ୍ଧାଯାଇ ଜଗନ୍ନାଥ ମହାପ୍ରଭୁଙ୍କ ଚକାଛାଡ (ସିଂହାସନରୁ ଓହ୍ଲାଇ ଅନ୍ୟତ୍ର ରହିବା) ହେବା ପରେ ଶ୍ରୀଜୀଉମାନଙ୍କୁ ଛେକ ଲାଗି କରାଯାଇଥିଲା। ମଙ୍ଗଳାର୍ପଣ ପରେ ସ୍ନାନମଣ୍ଡପକୁ ବିଜେ ହୋଇଥିଲେ।


ନୟାଗଡ଼ରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ହାତୀ ବେଶ।


ଶରଣକୂଳରେ ସ୍ନାନ ମଣ୍ଡପରେ ଶ୍ରୀଜୀଉମାନେ।

ଏଠାରେ ଠାକୁରଙ୍କର ଦୈନନ୍ଦିନ ନିତ୍ୟକର୍ମ ସମ୍ପନ୍ନ ହୋଇଥିଲା। ତଡପଲାଗି (ସୂତା ବସ୍ତ୍ର ପିନ୍ଧିବା) ପରେ ଯାତ୍ରାକଷ୍ଟ ଲାଘବ କରିବାକୁ ଯାଇ ପ୍ରଭୁଙ୍କ ମୁହଁରେ ହୋଇଥିବା ଝାଳକୁ ସେବକମାନେ ପୋଛି ଦେଇଥିଲେ। ଏହାକୁ ଅଧର ପୋଛା କୁହାଯାଏ। ପରେ ଠାକୁରଙ୍କ ଅବକାଶ ନୀତି ହୋଇଥିଲା। ପରେ ସ୍ନାନଯାତ୍ରା ଅବସରରେ ଦାରୁଦେବତାମାନଙ୍କୁ ଜଗନ୍ନାଥ ମନ୍ଦିର ପରିସରରେ ଥିବା କୂପରୁ ଆସି ଅଧିବାସରେ ରହିଥିବା ୧୦୮ କୁମ୍ଭ ପବିତ୍ର ଜଳରେ ପୂର୍ବାହ୍ନ ୧୦.୧୫ରେ ସ୍ନାନ କରାଯାଇଥିଲା। ଏହାପରେ ଶ୍ରୀବିଗ୍ରହମାନେ ଗଜାନନ ବେଶରେ ଭକ୍ତମାନଙ୍କୁ ସ୍ନାନ ବେଦୀରୁ ଦର୍ଶନ ଦେଇଥିଲେ। ଏହି ବେଶ ଦେଖିବାକୁ ପ୍ରବଳ ଭିଡ ହୋଇଥିଲା। ବିଗ୍ରହମାନଙ୍କର ଦ୍ୱିପ୍ରହରରେ ଶଙ୍ଖୁଡି ଭୋଗ ହୋଇଥିଲା। ରାତି ୧୧ଟାରେ ବିଗ୍ରହମାନେ ଅଣସର ଘରକୁ ବିଜେ କରିଛନ୍ତି। ସେହିପରି ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱଦେବତା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏବଂ ଗୋଡିପଡାର ଶ୍ରୀଜୀଉମାନଙ୍କର ମଙ୍ଗଳାର୍ପଣ ଓ ଅବକାଶ ନୀତି ପରେ ସ୍ନାନମଣ୍ଡପକୁ ବିଜେ ହୋଇଥିଲେ। ପୂର୍ବାହ୍ନ ସକାଳ ୧୦.୧୫ ସମୟରେ ଏହି ଦୁଇ ଅଞ୍ଚଳର ଠାକୁରଙ୍କୁ ଭିନ୍ନ ଭିନ୍ନ ସମୟରେ ୧୦୮ କୁମ୍ଭ ଦ୍ୱାରା ସମସ୍ତ ନିଯୋଗୀମାନଙ୍କ ଉପସ୍ଥିତିରେ ସ୍ନାନ କରାଯାଇଥିଲା। ଶରଣକୁଳଠାରେ ଶ୍ରୀବିଗ୍ରହମାନେ ଗଜାନନ ବେଶରେ ଭକ୍ତମାନଙ୍କୁ ସ୍ନାନ ବେଦୀରୁ ଦର୍ଶନ ଦେଇଥିଲେ। ଗୋଡିପଡାଠାରେ ଗଜାନନ ବେଶ ହୋଇ ନ ଥିଲା। ନୟାଗଡ଼ଠାରେ ପ୍ରଭାକର ମିଶ୍ର, ଶରଣକୁଳଠାରେ ତୋଷବନ୍ତ କର ଓ ଗୋଡିପଡାରେ ଗଣେଶ୍ୱର ମିଶ୍ର ସ୍ନାନଯାତ୍ରା ପର୍ବର ମନ୍ଦିର ପରିଛା ଭାବେ ପୂଜା କାର୍ଯ୍ୟ ସମାପନ କରିଥିଲେ। ସେହିପରି ପଞ୍ଚରିଡା ଜଗନ୍ନାଥ ମନ୍ଦିରରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

### ଉପଚାର ପାଇଁ ଅଣସରରେ ତିନି ଠାକୁର

## ଡିମିରିଝରି ପ୍ରିମିୟର ଲିଗ୍ ଖେଳାଳି ଚୟନ

**ନୂଆଗାଁ ୧୪।୬ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବଡଗୋଠ ପଞ୍ଚାୟତ ଡିମିରିଝରିରେ ହେବାକୁ ଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମଙ୍ଗଳବାର ଖେଳାଳି ଚୟନ ପ୍ରକ୍ରିୟା ଶେଷ ହୋଇଛି। ଏହି ଖେଳାଳି ଚୟନ ପ୍ରକ୍ରିୟାରେ ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରୁ ପ୍ରାୟ ୧୬୫ ଜଣ ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଆବେଦନ କରିଥିଲେ। କସ୍ତୁରୀ ଇଲେକ୍ଟ୍ରିକାଲ୍ସ, ଡିମି ଡେଭଲପର୍ସ, ରାମଚଣ୍ଡୀ ଓ୍ୱାରିୟର୍ସ , ଏକ୍ସ ଆଇ ଷ୍ଟ୍ରାଇକର୍ସ ଓ ସୁଲିୟା ଫାଇଟର୍ସ ଆଦି ୫ ଜଣ ମାଲିକ ଖେଳାଳିମାନଙ୍କୁ କିଣି ନେଇଥିଲେ। ପ୍ରତି ଟିମରେ ୧୫ ଜଣ ଲେଖାଏ ଖେଳାଳି ରହିଥିଲେ। ଡିମିରିଝରୀ ପ୍ରିମିୟର ଲିଗ୍‌ର ଆୟୋଜକଙ୍କ ନିଷ୍ପତ୍ତି ଅନୁସାରେ ଏହି ଟୁର୍ଣ୍ଣାମେଣ୍ଟ ବୁଦବାରଠାରୁ ଆରମ୍ଭ ହେବ। ପ୍ରତିଦିନ ଦୁଇଟା ଲେଖାଏ ମ୍ୟାଚ୍ ଖେଳାଯାଇ ୨୧ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ତେବେ ମ୍ୟାଚ ଚମ୍ପିୟାନ ଓ ରନର୍ସ ଅପ୍ ଟିମକୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖେଳାଳି ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମକୁ ପରମେଶ୍ୱର ସାହୁ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ନାୟକ, ଆଲୋକ ନାୟକ, ରଞ୍ଜନ କୁମାର ସ୍ୱାଇଁ, ସରୋଜ କୁମାର ସ୍ୱାଇଁ, ଅଶୋକ କୁମାର ନାୟକ, ରାଜେନ୍ଦ୍ର କୁମାର ନାୟକ, ସୁଧାଂଶୁ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।


ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଖେଳାଳି।

## ଚତୁର୍ଦ୍ଧାମୂର୍ତ୍ତିଙ୍କ ହାତୀବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

**ରଣପୁର,୧୪।୬ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ପ୍ରତ୍ୟକ୍ଷ ସ୍ନାନକୁ ଶ୍ରଦ୍ଧାଳୁ ଦୀର୍ଘ ୨ ବର୍ଷ ପରେ ଦର୍ଶନ କରିଛନ୍ତି। ରତ୍ନ ସିଂହାସନରେ ବର୍ଷତମାମ ମହାପ୍ରଭୁଙ୍କ ସ୍ନାନବିଧି ପାଳନ ହୋଇଥାଏ। ଦେବସ୍ନାନ ପୂର୍ଣ୍ଣିମା ତିଥିରେ ମହାପ୍ରଭୁ ଅଧିବାସିତ ଜଳରେ ସ୍ନାନବେଦୀରେ ଭକ୍ତଙ୍କ ଆଗରେ ସ୍ନାନ କରିଥିଲେ। ମନ୍ଦିର ମଧ୍ୟରୁ ମହାପ୍ରଭୁ ବାହାରି ସ୍ନାନବେଦୀକୁ ଗୋଟି ପହଣ୍ଡିରେ ଆସି ବିଜେ କରିଛନ୍ତି। ଦେବସ୍ନାନ ତିଥିରେ ଅନ୍ୟତମ ମୁଖ୍ୟ ଆକର୍ଷଣ ପ୍ରଭୁଙ୍କ ହାତୀବେଶ। ଭକ୍ତମାନେ ଏହି ଗଜାନନ ବେଶକୁ ସ୍ନାନବେଦୀରେ ଦର୍ଶନ କରୁଛନ୍ତି। ସୂଚନାଯୋଗ୍ୟ, କୋଭିଡ କଟକଣା ଲାଗି ଦୁଇବର୍ଷ ଧରି ଦେବସ୍ନାନ ପୂର୍ଣ୍ଣିମାରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରି ପାରୁ ନ ଥିଲେ। କେବଳ ମନ୍ଦିର ପରିସର ମଧ୍ୟରେ ଠାକୁରଙ୍କ ନୀତି ସମ୍ପନ୍ନ କରାଯାଉଥିଲା। କିନ୍ତୁ ଚଳିତବର୍ଷ ଭକ୍ତମାନେ ସିଧାସଳଖ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ଲାଭ କରିଛନ୍ତି। ସକାଳୁ ଶତାଧିକ ଭକ୍ତଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳୁଛି। ଏ ନେଇ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ଅଞ୍ଚଳର ଭକ୍ତମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ମହାପ୍ରଭୁଙ୍କ ଦର୍ଶନ ରାତି ୧୦ଟା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡିଛି।


ରଣପୁରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗଜାନନ ବେଶକୁ ଶ୍ରଦ୍ଧାଳୁମାନେ ଦେଖୁଛନ୍ତି।

# ଅଗଷ୍ଟରେ ହେବ ୧୦୦ କି.ମି. ପଦଯାତ୍ରା

**ନୟାଗଡ଼ ଅଫିସ,୧୪।୬**

ଅଖିଳ ଭାରତ କଂଗ୍ରେସ କମିଟି ଉଦୟପୁର ନବ ସଂକଳ୍ପ ଶିବିର ନିଷ୍ପତ୍ତିକ୍ରମେ ନୟାଗଡ଼ ଜିଲା କଂଗ୍ରେସ କମିଟି ସଭାପତି ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଜିଲା କଂଗ୍ରେସ ଚିନ୍ତନ ଶିବିର ସ୍ଥାନୀୟ ହୋଟେଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାକୁ ମନ୍ତ୍ରୀ ଶୂନ୍ୟ କରାଯାଇ ୧୨ ଜିଲାବାସୀଙ୍କ ପ୍ରତି ନବୀନ ସରକାର ବିଶ୍ୱାସଘାତ କରିଥିବା ଦଳ ପକ୍ଷରୁ କୁହାଯାଇଛି। ଚିନ୍ତନ ଶିବିରରେ ଜିଲା ପର୍ଯ୍ୟବେକ୍ଷକ ବରିଷ୍ଠ ନେତା ମନୋରଞ୍ଜନ ଦାସ, ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅମୀୟ ପଟ୍ଟନାୟକ, ପିସିସି ସାଧାରଣ ସମ୍ପାଦକ ବିସ୍ମୟ ମହାପାତ୍ର ଓ ହୁସେନ ଖାଁ, କନ୍ଧମାଳ ଜିଲା ସଭାପତି ଅନାମ ଚରଣ ନାୟକ, ବରିଷ୍ଠ ନେତା ସରୋଜ କୁମାର ପରିଡା, ରାଜୀବ ଗାନ୍ଧୀ ୟୁଥ ଫୋରମ ସଭାପତି ସତ୍ୟବ୍ରତ ନାୟକ, ମହିଳା କଂଗ୍ରେସ ନେତ୍ରୀ ନିରୁପମା ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ମକର୍ତ୍ତାମାନେ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ମାନସ ମନ୍ଥନ କରିଥିଲେ।

ଜିଲାରେ ଜଳସେଚନ ପାଇଁ ଗଣିଆର ସୁବଳୟା, ଭାପୁରର ପଦ୍ମାବତୀରେ ବ୍ୟାରେଜ ନିର୍ମାଣ, ନୟାଗଡ଼ରେ ନୂଆ ଚିନିକଳ ସ୍ଥାପନ, ନୟାଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା, ଯୁବକଙ୍କ ପାଇଁ ରୋଜଗାର ଦାବିରେ ଅଗଷ୍ଟ ୯ ତାରିଖରୁ ଗ୍ରାମାଞ୍ଚଳ ସହରାଞ୍ଚଳରେ ୧୦୦ କିମି ଭାରତ ଯୋଡ ପଦଯାତ୍ରା ପାଇଁ ଚିନ୍ତନ ଶିବିରରେ ଘୋଷଣା କରାଯାଇଥିଲା। ଅନ୍ୟପଖେ ଶାସକ ଦଳ ବିରୋଧରେ ଭୋଟର ବୀତସ୍ପୃହ ହୋଇସାରିଲେଣି। ଭୋଟରଙ୍କୁ ହଟେଇବା ପାଇଁ କଂଗ୍ରେସ ତା'ର ପ୍ରସ୍ତୁତି ଆରମ୍ଭ କରିଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ ୯ ରୁ ୯୦ ବିଧାୟକ ନିର୍ବାଚିତ ହୋଇ ଆସିବାକୁ କ୍ଷେତ୍ର ପ୍ରସ୍ତୁତି ଚାଲିଛି ବୋଲି କୁହାଯାଇଛି। ଏଣୁ ୨୦୨୪ ନିର୍ବାଚନରେ କଂଗ୍ରେସ ସରକାର ହେବା ପାଇଁ ଜିଲା ସଙ୍ଗଠନ ରୋଡ଼ମ୍ୟାପ ପାଇଁ ନେତୃତ୍ୱମାନେ ମତାମତ ରଖିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲାର ସମସ୍ତ ବରିଷ୍ଠ ନେତୃବୃନ୍ଦ,ଏଆଇସିସି ସଭ୍ୟ ପିସିସି କାର୍ଯ୍ୟକର୍ତ୍ତା, ପିସିସି ସଭ୍ୟ, ପୂର୍ବତନ ପିସିସି କାର୍ଯ୍ୟକର୍ତ୍ତା, ବ୍ଲକ କଂଗ୍ରେସ ସଭାପତି ଏବଂ କମିଟି, ଦଳୀୟ ଛାମୁଆ ସଙ୍ଗଠନ ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ସଂଖ୍ୟାଲଘୁ ସେଲ, ସୋସିଆଲ ମେଡ଼ିଆ ଟିମ, ଆଇଏନ୍‌ଟିୟୁସି ଜିଲା କାର୍ଯ୍ୟକର୍ତ୍ତା, ଆର୍‌ଜିପିଆର୍‌ଏସ, ଆଦିବାସୀ/ହରିଜନ ସେଲ, କୃଷକ କଂଗ୍ରେସ, ଓବିସି ସେଲ, ସେବାଦଳର କାର୍ଯ୍ୟକର୍ତ୍ତା, ଜିଲା ପରିଷଦ ଏବଂ ସହରାଞ୍ଚଳ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ଶିବିରରେ ଯୋଗ ଦେଇଥିଲେ। ଓଡ଼ଗାଁ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଗଜେନ୍ଦ୍ର ସାହୁଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲୀପ ବିଶୋଇ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।


କଂଗ୍ରେସର ସଂକଳ୍ପ ଶିବିରରେ ମଞ୍ଚାସୀନ ନେତାମାନେ।

### ନୟାଗଡ଼ ଜିଲାସ୍ତରୀୟ କଂଗ୍ରେସ ଚିନ୍ତନ ଶିବିର


ଶିବିରରେ ସାମିଲ ହୋଇଥିବା କର୍ମକର୍ତ୍ତାମାନେ।